ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ (୧୬ ପୃଷ୍ଠା) Bhubaneswar, Friday, March 20/2026 Page 16 ₹ 7.00
୫୨ଶ ଭାଗ ୧୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 114 ମୂଲ୍ୟ ₹୭/-



## ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'

କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'କୁ ନେଇ ଚର୍ଚ୍ଚା ବଢୁଥିବାବେଳେ ଏହା ଅଗଷ୍ଟ ୧୪ରେ ରିଲିଜ ହେବ ସୂଚନା ଦିଆଯାଇଛି।

୦୨

୧୬

## ଘୋଷାଲ ହେଲେ ସ୍ପୋର୍ଟ୍ସ କମିଶନର

ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ।





ମହାରାଷ୍ଟ୍ର ନବବର୍ଷ ଗୁଡ଼ି ପଡ଼ୱା ପାଳନ ଅବସରରେ ଗୁରୁବାର ବାଇକ୍ ଶୋଭାଯାତ୍ରାରେ ଯାଉଛନ୍ତି ମହିଳା। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ପୁଞ୍ଜି ବଜାରରେ ହାହାକାର

- ସେନ୍‌ସେକ୍ସ, ନିଫ୍ଟି ୩.୨୬% ଖସିଲା
- ନିବେଶକ ହରାଇଲେ ୧୨ ଲକ୍ଷ କୋଟି
- ୧ ଡଲାର=୯୨.୬୫ ଟଙ୍କା

ମୁମ୍ବାଇ/ନୂଆଦିଲ୍ଲୀ,୧୯।୩(ପି.ଟି./ରଏଟର୍ସ) ମଧ୍ୟପ୍ରାଚ୍ୟ ଯୁଦ୍ଧର ଦୁଷ୍ପରିଣାମ ଭାରତ ସମେତ ସାରା ବିଶ୍ୱକୁ ଭୋଗିବାକୁ ପଡୁଛି। କ୍ରୁଡ୍ ପରିବହନରେ ବାଧା ଯୋଗୁ ତୈଳ ବଜାରରେ ନିଆଁ ଲାଗିଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହୋଇ ଅବମୂଲ୍ୟାୟନର ରେକର୍ଡ ଭାଙ୍ଗୁଛି। ଗ୍ଲୋବାଲ ମାର୍କେଟରେ ନେଗେଟିଭ୍ ସେଣ୍ଟିମେଣ୍ଟ ଭିତରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରକୁ ନିବେଶ ପାଇଁ ସୁରକ୍ଷିତ ମଣୁନାହାନ୍ତି। ଷ୍ଟକ୍ସ ବିକ୍ରିଦେଇ ବଣ୍ଡ ଓ ମେଟାଲ ଭଳି ସେକ୍ଟରରେ ଅର୍ଥ ଲଗାଇବାକୁ ପସନ୍ଦ ☞ ପୃଷ୍ଠା–୪

## ରାଜ୍ୟରେ ଅକାଳ ମୃତ୍ୟୁ

### ୨ବର୍ଷରେ ଗଲାଣି ୬,୫୭୮ ଜୀବନ

ଭୁବନେଶ୍ୱର,୧୯।୩(ରବିନାରାୟଣ ଜେନା) ରାଜ୍ୟରେ ସାପକାମୁଡ଼ା, ବଜ୍ରପାତ ଓ ପାଣିରେ ବୁଡ଼ି ଭଳି ଅକାଳ ମୃତ୍ୟୁ ଦିନକୁ ଦିନ ବଢ଼ି ଚାଲିଛି। ଗତ ଦୁଇବର୍ଷ ମଧ୍ୟରେ ୬,୫୭୮ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ଗୁରୁବାର ରାଜସ୍ୱମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହିସବୁ ବିପତ୍ତି ଓ ବିପର୍ଯ୍ୟୟରେ ପ୍ରାଣହାନୀ ଘଟୁଥିବା ମୃତକଙ୍କ ପରିବାରକୁ ସରକାରଙ୍କ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥାଏ। ଗତ ୨ବର୍ଷରେ ଏବାବଦକୁ ୨୬୩କୋଟି ୧୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଗଲାଣି ବୋଲି ମନ୍ତ୍ରୀଙ୍କ ତଥ୍ୟରୁ ଜଣାଯାଇଛି। ମନ୍ତ୍ରୀ କହିଛନ୍ତି, ୨୦୨୩–୨୪ରେ କେବଳ ବଜ୍ରପାତରେ ୨୮୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୪–୨୫ରେ ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ସମ୍ଭାବ୍ୟ ଖାଦ୍ୟ ସଙ୍କଟ**







**କରାଚୀରେ ବର୍ଷା ବିପ୍ଲାତ: ୧୯ ମୃତ**

ପାକିସ୍ତାନର କରାଚୀରେ ବର୍ଷା ବିପ୍ଲାତରେ ଅନ୍ୟୂନ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ସହରରେ ପ୍ରବଳ ବର୍ଷା ସାଙ୍ଗକୁ ଜୋର୍‌ଦାର ପବନ ହୋଇଥିଲା। ଛାତ ଓ କାନ୍ଥ ଭୁଶୁଡ଼ିବା ସହ ବଜ୍ରପାତ ଏବଂ ଗଛ ଓ ସାଇନ୍‌ବୋର୍ଡ ପଡ଼ି ଲୋକଙ୍କ ଜୀବନ ଯାଇଛି। ଏକ ଟେଲିଫୋନ୍ ଏକ୍ସଚେଞ୍ଜ କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା କୋରାଙ୍ଗି ଏସ୍‌ଏସ୍‌ପି ସନ୍‌ଘର ମଲିକ କହିଛନ୍ତି।



ଉଗାଦି ଉତ୍ସବ ଅବସରରେ ଗୁରୁବାର ନୂଆଦିଲ୍ଲୀର ଏପି ଭବନରେ କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଆଧାର ଅପ୍‌ଡେଟ୍ ସମୟସୀମା ଧାର୍ଯ୍ୟ କର

## ୟୁଆଇଡିଏଆଇଙ୍କୁ ସିଇସିଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୯।୩(ପି.ଟି.)**

ଆଧାର ସଂକ୍ରାନ୍ତ ବିବରଣୀ ଅପ୍‌ଡେଟ୍ (ଅଧୁନାତନ) କରାଯିବାରେ ବିଳମ୍ବ ଘଟୁଥିବାରୁ ତାହାକୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଇସି) ଚିହ୍ନଟ କରିବା ସହ ଏ ନେଇ ସମୟସୀମା ଧାର୍ଯ୍ୟ କରିବାକୁ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି।

ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଆବେଦନ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ବେଳେ ଆୟୋଗ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଆଧାର କାର୍ଡରେ ଜନ୍ମତାରିଖ ସଂଶୋଧନ ପାଇଁ କରାଯାଇଥିବା ଅନୁରୋଧକୁ ମଧ୍ୟ ଠିକ୍ ସମୟରେ ପ୍ରକ୍ରିୟାକରଣ କରାଯାଇ ନାହିଁ। ଶୁଣାଣି ସମୟରେ ଆବେଦନକାରୀ କହିଥିଲେ ଯେ, ଆବଶ୍ୟକ ଦସ୍ତାବିଜ ଦାଖଲ କରିବା ସତ୍ତ୍ୱେ ତାଙ୍କ ଅନୁରୋଧ ବହୁ ଦିନ ଧରି ପଡ଼ି ରହିବାରୁ ସେ ଦିଲ୍ଲୀ ହାଇକୋର୍ଟରେ ରିଟ୍ ପିଟିଶନ କରିବାକୁ ବାଧ୍ୟ ହୋଇଥିଲେ। ସିଇସି ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀମାନେ ପ୍ରାୟତଃ ଜନ୍ମତାରିଖ, ଲିଙ୍ଗ, ନାମରେ ବନାନଗତ ଅଶୁଦ୍ଧି ଓ ଅନ୍ୟାନ୍ୟ ଜନସାଂଖ୍ୟିକ ବିବରଣୀ ସଂଶୋଧନ ସମ୍ବନ୍ଧୀୟ ଅଭିଯୋଗ ନେଇ ଆସିଥାଆନ୍ତି, ଯାହା ପ୍ରାୟତଃ ବିଳମ୍ବ ଓ ପ୍ରକ୍ରିୟାରେ ସ୍ୱଷ୍ଟତାରେ ଅଭାବ ଯୋଗୁ ଘଟୁଛି। ଏଭଳି ଅସଙ୍ଗତିକୁ ଦେଖି ଆୟୋଗ କହିଛନ୍ତି, ଏପରି ବିଷୟଗୁଡ଼ିକ ମୁଖ୍ୟତଃ ସେବା ପ୍ରଦାନ ଓ ଅଭିଯୋଗ ସମାଧାନ ଏବଂ ବିଶେଷଭାବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରଶାସନିକ ଢାଞ୍ଚା ଭିତରେ ନିଷ୍ପତ୍ତି ନିଆଯିବା କଥା। ଏ କ୍ଷେତ୍ରରେ ନାଗରିକଙ୍କୁ ସୂଚନା ଅଧିକାର (ଆର୍‌ଟିଆଇ) ଆବେଦନ ଦାଖଲ କରିବାକୁ ପଡ଼ିବାର ଆବଶ୍ୟକତା ନ ଥାଏ।

ବ୍ୟବସ୍ଥାଗତ ଉନ୍ନତିର ଆବଶ୍ୟକତାକୁ ଜୋର ଦେଇ ସିଇସି ଜନସାଂଖ୍ୟିକ ବିବରଣୀ ଅପ୍‌ଡେଟ୍ ପାଇଁ ୟୁଆଇଡିଏଆଇ ତା'ର ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ଏକ ସ୍ୱଚ୍ଛ ଓ ଉପଭୋକ୍ତା-ଅନୁକୂଳ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଏହିପରି ଅନୁରୋଧ ସଂକ୍ରାନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବା ଓ ଆବେଦନଗୁଡ଼ିକୁ ପ୍ରଯୁଜ୍ୟ ନିୟମ ଓ ବିଧି ଅନୁଯାୟୀ ସମୟବଦ୍ଧ ଭାବେ ତ୍ୱରାନ୍ୱିତ ହେବାକୁ ସୁନିଶ୍ଚିତ କରିବାକୁ କହିଛନ୍ତି। ଆୟୋଗ ମଧ୍ୟ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ଉନ୍ନତ କରିବା ଉପରେ ଜୋର ଦେଇଛନ୍ତି, ଯାହାଦ୍ୱାରା ନାଗରିକମାନେ ଆର୍‌ଟିଆଇ ଧାରା ଉପଯୋଗ କରିବାର ଆବଶ୍ୟକତା ବିନା ଠିକ୍ ସମୟରେ ଉତ୍ତର ପାଇବେ। ଆଧାର ବିବରଣୀ ଅପ୍‌ଡେଟ୍ ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ଦସ୍ତାବିଜ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି।

ୟୁଆଇଡିଏଆଇ ଶୁଣାଣି ସମୟରେ ଆୟୋଗଙ୍କୁ ଜଣାଇଛନ୍ତି ଯେ, ଆବେଦନକାରୀଙ୍କ ଆବେଦନକୁ ବର୍ତ୍ତମାନ ଗୁରୁତ୍ୱର ସହ ବିଚାରକୁ ନିଆଯାଇ ତାଙ୍କ ଜନ୍ମତାରିଖ ସଂଶୋଧନ ହୋଇସାରିଛି। କର୍ତ୍ତୃପକ୍ଷ କହିଛନ୍ତି, ଆର୍‌ଟିଆଇ ଆବେଦନଟି ସୂଚନା ଅନୁରୋଧ ପରିବର୍ତ୍ତେ ଅଧିକାଂଶ ଅଭିଯୋଗ ସଂକ୍ରାନ୍ତୀୟ ଥିଲା।

ସିଇସି କହିଛନ୍ତି ଯେ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ଯଥୋଚିତ ଥିଲା ଓ ଆବେଦନକୁ ଠିକ୍ ଭାବେ ଗ୍ରହଣ କରାଯାଇଛି। ତଥାପି ଏହାର ପରିଚାଳନା ବ୍ୟବସ୍ଥାରେ ନିରନ୍ତର ଉନ୍ନତି ଆଧାର ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସ ଓ ଆସ୍ଥାକୁ ମଜଭୁତ କରିବ।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧ୍ୟକ୍ଷଙ୍କ ଇସ୍ତଫା




**ନୂଆଦିଲ୍ଲୀ,୧୯।୩**

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପାର୍ଟଟାଇମ୍ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅତନୁ ଚକ୍ରବର୍ତ୍ତୀ ବୁଧବାର ଅଚାନକ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବ୍ୟାଙ୍କର ପ୍ରଶାସନ, ମନୋନୟନ ଓ ବେତନ କମିଟି ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅତନୁ ଦର୍ଶାଇଛନ୍ତି, ଗତ ୨ ବର୍ଷ ହେଲା ସେ ଦେଖିଆସୁଥିବା ବ୍ୟାଙ୍କର ବିଭିନ୍ନ ଘଟଣା ଓ କାର୍ଯ୍ୟଧାରା ତାଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଓ ନୈତିକତା ସହ ମେଳ ଖାଉନାହିଁ। ସେହି କାରଣରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ୨୦୨୧ ମେ'ରେ ଅତନୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବୋର୍ଡରେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ଲିଃର ମିଶ୍ରଣ ଘଟିବାରୁ ଏହା ଦେଶର ଦ୍ୱିତୀୟ ସର୍ବବୃହତ୍ ବ୍ୟାଙ୍କ ପରିଚୟ ହାସଲ କରିଥିଲା। ଅତନୁଙ୍କ ଇସ୍ତଫା ପରେ ରିଜର୍ଭ ବ୍ୟାଙ୍କ ଗୁରୁବାର କେକି ମିସ୍ତ୍ରିଙ୍କୁ ଅନ୍ତରୀଣ ପାର୍ଟଟାଇମ୍ ଅଧ୍ୟକ୍ଷ ଭାବେ ୩ ମାସ ପାଇଁ ନିଯୁକ୍ତ କରିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ମିଶ୍ରଣ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃରେ ମିସ୍ତ୍ରି ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ।

ଭାରତର ସର୍ବବୃହତ୍ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସିର ଅଧ୍ୟକ୍ଷଙ୍କ ଇସ୍ତଫାର କିଛି ଘଣ୍ଟା ମଧ୍ୟରେ ଶେୟାର ବଜାରରେ ନିବେଶକଙ୍କ ଶେୟାର ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଥିଲା। ଷ୍ଟକ୍ ମୂଲ୍ୟ ଗୁରୁବାର ପାଖାପାଖି ୯ ପ୍ରତିଶତ ହ୍ରାସ ପାଇଥିଲା। କାରବାର ଆରମ୍ଭରେ ବ୍ୟାଙ୍କ ଶେୟାର ମୂଲ୍ୟ ୭୭୦ ଟଙ୍କା ଥିବାବେଳେ ତାହା ୮.୬୬ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ୫୨ ସପ୍ତାହ ମଧ୍ୟରେ ସର୍ବନିମ୍ନ।

# ମଧ୍ୟପ୍ରାଚ୍ୟ: ଚରମ ଯୁଦ୍ଧ ଉତ୍ତେଜନା

**ତେହରାନ୍,୧୯।୩**

ଆମେରିକା-ଇରାନ୍ ଯୁଦ୍ଧ ୨୦ ଦିନରେ ପହଞ୍ଚିଥିଲାବେଳେ ଆକ୍ରମଣ-ପ୍ରତ୍ୟାକ୍ରମଣ ଆହୁରି ତୀବ୍ର ହୋଇଛି। ଗୋଟିଏ ପଟେ ଆମେରିକା ଓ ଇସ୍ରାଏଲ ଇରାନକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରିବା ଲକ୍ଷ୍ୟରେ ଆକ୍ରମଣ ଜାରି ରଖିଛନ୍ତି। ଅନ୍ୟପଟେ ଇରାନ୍ ହାର୍ ମାନିବାକୁ ଆଦୌ ପ୍ରସ୍ତୁତ ନୁହେଁ। ଗତ ୪୮ ଘଣ୍ଟା ମଧ୍ୟରେ ଇରାନ୍ ୩ ବରିଷ୍ଠ ନେତାଙ୍କୁ ହରାଇ ସାରିଥିଲେ ମଧ୍ୟ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି। ବିଶେଷକରି କାତାରସ୍ଥିତ ବିଶ୍ୱର ସର୍ବବୃହତ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଇରାନ୍‌ର ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ବିଶ୍ୱଜଗତକୁ ଚିନ୍ତାଗ୍ରସ୍ତ କରିଦେଇଛି। ପାରସ୍ ହେଉଛି ପାରସ୍ୟ ଉପସାଗରରେ ରହିଥିବା ଏକ ଉପଦ୍ୱୀପ ଯାହାର ୪୦ ଭାଗ ଇରାନ୍ ଅଧୀନରେ ରହିଛି। ବାକି ୬୦ ଭାଗ କାତାର ଅଧୀନରେ ରହିଛି। ଏହି ଉପଦ୍ୱୀପରୁ ଉତ୍ପାଦନ ହେଉଥିବା ଏଲ୍‌ଏନ୍‌ଜି ବିଶ୍ୱର ଅଧିକାଂଶ ଭାଗକୁ ରପ୍ତାନି ହୋଇଥାଏ। ହେଲେ ଇସ୍ରାଏଲ ପ୍ରଥମେ ଇରାନ୍ ଅଧୀନ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିବା ପରେ ଇରାନ୍ କାତାର ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଛି। ଏହା ବୈଶ୍ୱିକ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। କେବଳ କାତାର ନୁହେଁ, ଆମେରିକା ବିରୋଧରେ ପ୍ରତିଶୋଧ ନେବା ଲାଗି ଇରାନ୍ ସାଉଦି ଆରବ ଏବଂ କୁଏତ୍ ତୈଳ ବିଶୋଧନାଗାର ଉପରେ ମଧ୍ୟ ଆକ୍ରମଣ କରିଛି। ଇସ୍ରାଏଲ ଯଦି ପୁଣି ଇରାନ୍‌ର ତୈଳ ଠିକଣା ଉପରେ ଆକ୍ରମଣ କରେ ତେବେ କାତାର ପାରସ୍ ଗ୍ୟାସ୍ ଫିଲ୍ଡକୁ ସମ୍ପୂର୍ଣ୍ଣ ଉଡାଇ ଦିଆଯିବ ବୋଲି ଇରାନ୍ ମିଲିଟାରି ଅପରେଶନାଲ କମାଣ୍ଡ ମୁଖ୍ୟ ଖାତମ୍ ଅଲ-ଅନବିୟ ଧମକ ଦେଇଛନ୍ତି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଉତ୍ତେଜନା ଚରମ ଛୁଇଁବା ସହ ବୈଶ୍ୱିକ ଅର୍ଥନୀତି ପାଇଁ ଜଟିଳ ସ୍ଥିତି ଉତ୍ପନ୍ନ କରିଛି। ସାଉଦି ଆରବ, ୟୁଏଇ, କାତାର, କୁଏତ୍, ଜୋର୍ଡାନ ପ୍ରମୁଖ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ଏବେ ଇରାନ୍ ଟାର୍ଗେଟରେ ରହିଥିବାରୁ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବା ଆଶଙ୍କା ବଢ଼ିଛି।



## ଇରାନ୍ ତେଲ ଉପରୁ କଟକଣା ଉଠାଇପାରେ ଆମେରିକା

ମଧ୍ୟପ୍ରାଚ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ଆମେରିକା ତୈଳ ଯୋଗାଣ ନେଇ ଇରାନ୍ ଉପରେ ଲଗାଇଥିବା କଟକଣା ଉଠାଇବାକୁ ଯାଉଛି। ଏ ସମ୍ପର୍କରେ ଗୁରୁବାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। ବର୍ତ୍ତମାନ ସାମୁଦ୍ରିକ ପଥରେ ଇରାନ୍‌ର ପ୍ରାୟ ୧୪୦ ନିୟୁତ ତୈଳ ରହିଛି। ପୂର୍ବରୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବିଭିନ୍ନ ଦେଶ ଇରାନ୍‌ରୁ ତୈଳ ନେବାକୁ ଆମେରିକା ଅନୁମତି ଦେଇଥିଲାବେଳେ ବର୍ତ୍ତମାନ ଉପରୋକ୍ତ ପରିମାଣର ତୈଳ ଉପରୁ କଟକଣା ହଟାଇଛି। ତୈଳ ଓ ଗ୍ୟାସ୍ ଯୋଗାଣକୁ ନେଇ ବର୍ତ୍ତମାନ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ସମସ୍ୟା ପରୋକ୍ଷରେ ଆମେରିକାକୁ ଚିନ୍ତିତ କରିଥିବାରୁ ଏଭଳି ନିଷ୍ପତ୍ତି ନେବାକୁ ଆମେରିକା ବାଧ୍ୟ ହୋଇଥିବା କୁହାଯାଉଛି।

# ୨୦୦ ବିଲିୟନ ଡଲାର ଲୋଡ଼ିଲା ପେଣ୍ଟାଗନ୍

## ଆମେରିକୀୟ କଂଗ୍ରେସରେ ମତଭେଦ

**ୱାଶିଂଟନ୍,୧୯।୩**

ଇରାନ୍ ବିରୋଧରେ ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ଆମେରିକା ଏବେ ଯୁଦ୍ଧ ଖର୍ଚ୍ଚକୁ ନେଇ ହରଡ଼ଘଣାରେ ପଡ଼ିଛି। ଯୁଦ୍ଧ ଖର୍ଚ୍ଚକୁ ନେଇ ଆମେରିକା କଂଗ୍ରେସ୍‌ରେ ମତଭେଦ ଆରମ୍ଭ ହୋଇଛି। ଯୁଦ୍ଧର ପ୍ରଥମ ୭ ଦିନ ମଧ୍ୟରେ ଆମେରିକାକୁ ୧୧ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥିଲାବେଳେ ଏବେ ଆହୁରି ୨୦୦ ବିଲିୟନ ଡଲାର ଆବଶ୍ୟକ ଥିବା ପେଣ୍ଟାଗନ୍ ହ୍ୱାଇଟ୍ ହାଉସକୁ ଜଣାଇଛି। କଂଗ୍ରେସ ଅନୁମୋଦନରେ ଏହି ଅର୍ଥ ଯୋଗାଇ ଦେବାକୁ ପ୍ରତିରକ୍ଷା ସଚିବ ହେଗସେଥ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜଣାଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ | ହେଗସେଥ୍

କିନ୍ତୁ ଏହାକୁ ନେଇ କଂଗ୍ରେସରେ ଫାଟ ସୃଷ୍ଟି ହୋଇଛି। ଯୁଦ୍ଧକୁ ଆମେରିକାର ନ୍ୟାଶନାଲ କାଉଣ୍ଟର ଟେରରିଜମ୍ ସେଣ୍ଟରର ମୁଖ୍ୟ ଜୋ କେଣ୍ଟ୍ ନାପସନ୍ଦ କରି ପଦ ଛାଡିବା ପରେ ଆମେରିକାର ବିଭିନ୍ନ ମହଲରେ ମତଭେଦ ଦେଖାଯାଇଛି।

# ୭୩ ରାଜ୍ୟ ସଭା ସଦସ୍ୟଙ୍କ ନାମରେ ଆପରାଧିକ ମାମଲା

## ଏଡିଆର୍ ରିପୋର୍ଟ

### ୩୧ ଅରବପତି

**ନୂଆଦିଲ୍ଲୀ,୧୯।୩(ପି.ଟି.)**

ରାଜ୍ୟ ସଭାର ମୋଟ ସଦସ୍ୟ ସଂଖ୍ୟାର ପ୍ରାୟ ୩୨ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ରହିଥିଲାବେଳେ ୧୪ ପ୍ରତିଶତ ଅରବପତି ବୋଲି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୨୨୯ ଜଣଙ୍କ ସତ୍ୟପାଠକୁ ବିଶ୍ଳେଷଣ ଆଧାରରେ ଏଡିଆର୍ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛି। ଝାଡ଼ଖଣ୍ଡରୁ ଗୋଟିଏ ରାଜ୍ୟ ସଭା ଆସନ ଖାଲି ପଡ଼ିଥିବାବେଳେ ୩ ଜଣ ଏମ୍‌ପିଙ୍କ ସତ୍ୟପାଠ ମିଳିନାହିଁ। ଉକ୍ତ ରିପୋର୍ଟରେ ନବନିର୍ବାଚିତ ୩୭ ଏମ୍‌ପିଙ୍କ ଘୋଷଣା ମଧ୍ୟ ସ୍ଥାନ ପାଇଛି।

୨୨୯ ଏମ୍‌ପିଙ୍କ ମଧ୍ୟରୁ ୭୩ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ (୧୬%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଥିବା ସେମାନେ ସତ୍ୟପାଠରେ ଦର୍ଶାଇଥିଲେ। ଜଣେ ଏମ୍‌ପିଙ୍କ ନାମରେ ହତ୍ୟା ମାମଲା ରହିଥିବାବେଳେ ୪ ଜଣଙ୍କ ନାମରେ ହତ୍ୟା ଉଦ୍ୟମ, ୩ ଜଣଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଦଳୀୟ ଦୃଷ୍ଟିରୁ ଦେଖିଲେ ଭାଜପାର ୯୯ ଏମ୍‌ପିଙ୍କ ମଧ୍ୟରୁ ୨୭ ଜଣ, କଂଗ୍ରେସର ୨୮ ଜଣଙ୍କ ମଧ୍ୟରୁ ୧୨, ଟିଏମ୍‌ସିର ୧୩ ସଦସ୍ୟଙ୍କ ମଧ୍ୟରୁ ୪, ଆପ୍‌ର ୧୦ ଜଣରୁ ୪ ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ସିପିଆଇଏମ୍‌ର ୩ ଏମ୍‌ପି ଏବଂ ବିଆର୍‌ଏସ୍‌ର ପ୍ରତ୍ୟେକ ଏମ୍‌ପିଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି।

ସେହିପରି ୩୧ ଜଣ ଅରବପତି (୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା) ଏମ୍‌ପିଙ୍କ ମଧ୍ୟରୁ ଭାଜପାରୁ ୧୧, କଂଗ୍ରେସରୁ ୫, ଆପ୍‌ରୁ ୩, ୱାଇଏସ୍‌ଆର୍‌ସିପିରୁ ୫, ବିଆର୍‌ଏସ୍‌ରୁ ୨, ଏନ୍‌ସିପିରୁ ୩ ଜଣ ଏମ୍‌ପିଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ସେମାନେ ଘୋଷଣା କରିଛନ୍ତି। ରାଜ୍ୟ ସଭା ସଦସ୍ୟମାନଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା। ଭାଜପା ଏମ୍‌ପିମାନଙ୍କ ହାରାହାରି ସମ୍ପତ୍ତି ୨୮.୨୯ କୋଟି ହୋଇଥିବାବେଳେ କଂଗ୍ରେସ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୨୮.୬୧ କୋଟି ଟଙ୍କା। ସେହିପରି ଟିଏମ୍‌ସି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୭.୭୦ କୋଟି, ଆପ୍ ୫୭୪.୦୯ କୋଟି, ୱାଇଏସ୍‌ଆର୍‌ସିପି ୫୨୨.୬୩ କୋଟି, ଏସ୍‌ପି ୩୯୯.୭୧ କୋଟି, ବିଜେଡି ୧୦୫.୬୩ କୋଟି ଏବଂ ଡିଏମ୍‌କେ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୧.୯୦ କୋଟି ଟଙ୍କା। ବିଆର୍‌ଏସ୍ ସଦସ୍ୟ ବନ୍ଦିପାର୍ଥ ସାରଧିଙ୍କ ସମ୍ପତ୍ତି ୫,୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଆପ୍ ସଦସ୍ୟ ରାଜିନ୍ଦର ଗୁପ୍ତାଙ୍କ ସମ୍ପତ୍ତି ୫,୦୫୩ କୋଟି ଏବଂ ୱାଇଏସ୍‌ଆର୍‌ସିପିର ଆଲ୍ଲା ଅଯୋଧ୍ୟା ରାମି ରେଡ୍ଡୀଙ୍କ ସମ୍ପତ୍ତି ୨,୫୭୭ କୋଟି ଟଙ୍କା। ଅନ୍ୟପକ୍ଷରେ ଆପ୍ ଏମ୍‌ପି ସନ୍ତ ବଲବୀର ସିଂଙ୍କ ସମ୍ପତ୍ତି ସର୍ବନିମ୍ନ ୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ମଣିପୁରର ମହାରାଜା ସାନଜାଓବା ଲେଇଶେମ୍ବାଙ୍କ ସମ୍ପତ୍ତି ମୂଲ୍ୟ ୫ ଲକ୍ଷ ହୋଇଥିବାବେଳେ ଟିଏମ୍‌ସିର ପ୍ରକାଶ ଚିକ୍ ବାରାଇକ୍‌ଙ୍କ ସମ୍ପତ୍ତି ୯ ଲକ୍ଷ ଟଙ୍କା।

## ୱାର୍ଲ୍ଡ ହାପିନେସ୍ ରିପୋର୍ଟ

# ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର

## ୧୧୬ତମ ସ୍ଥାନରେ ଭାରତ

**ଲଣ୍ଡନ,୧୯।୩**

ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ଭାବେ ନିଜର ମାନ୍ୟତା ବଜାୟ ରଖିଛି। କ୍ରମାଗତ ଭାବେ ୯ମଥର ପାଇଁ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ସୂଚୀ (ୱାର୍ଲ୍ଡ ହାପିନେସ୍ ରିପୋର୍ଟ)ରେ ଏହି ଦେଶ ପୁଣିଥରେ ସର୍ବାଗ୍ରେ ରହିଛି। କେବଳ ଫିନ୍‌ଲାଣ୍ଡ ନୁହେଁ, ନର୍ଡିକ୍ ଦେଶ ଭାବେ ପରିଚିତ ଡେନ୍‌ମାର୍କ, ସୁଇଡେନ ଏବଂ ନରୱେ ଭଳି ଉତ୍ତର ଆଟଲାଣ୍ଟିକ୍‌ର ବିଭିନ୍ନ ଦେଶ ଏହି ରିପୋର୍ଟର ପ୍ରଥମ ୧୦ ସ୍ଥାନରେ ରହିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଙ୍ଗ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ପ୍ରତିବର୍ଷ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ପ୍ରକାଶ କରାଯାଇଥାଏ। ଚଳିତ ବର୍ଷ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଫିନ୍‌ଲାଣ୍ଡ ପୁଣିଥରେ ପ୍ରଥମ ସ୍ଥାନରେ ରହିଛି। ଏହାକୁ ମିଶାଇ ଏହି ଦେଶ ୯ମଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଅର୍ଥାତ୍ ସାମ୍ପ୍ରତିକ ସମୟରେ ବି ଫିନ୍‌ଲାଣ୍ଡବାସୀ ବିଶ୍ୱର ସବୁଠୁ ଖୁସି ନାଗରିକ ହେବାର ସୌଭାଗ୍ୟ ବଜାୟ ରଖିଛନ୍ତି।

ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ସଲ୍ୟୁଶନ ନେଟ୍‌ୱର୍କ ଏବଂ ଗ୍ୟାଲପ୍ ନାମକ ଘରୋଇ ସଂସ୍ଥାର ମିଳିତ ଉଦ୍ୟମରେ ୧୪୦ଟି ଦେଶର ଲୋକଙ୍କ ମତାମତକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପ୍ରତ୍ୟେକ ଦେଶର ପ୍ରାୟ ୧ ଲକ୍ଷ ଲୋକଙ୍କୁ ସେମାନଙ୍କ ଜୀବନ ଶୈଳୀ, ସୁବିଧା ସୁଯୋଗ ଏବଂ ଆର୍ଥିକ ମାନଦଣ୍ଡ ଆଦି ବିଷୟରେ ପ୍ରଶ୍ନ କରାଯାଇ ସେହି ଦେଶର ମାନ ନିର୍ଦ୍ଧାରଣ କରାଯାଇଥାଏ। ଭାରତ ଏହି ତାଲିକାରେ ୧୧୬ତମ ସ୍ଥାନରେ ରହିଥିଲାବେଳେ ଯୁଦ୍ଧ ଲଢୁଥିବା ଇସ୍ରାଏଲ ଏବଂ ଇରାନ୍ ଭାରତ ଠାରୁ ଆହୁରି ଭଲ ସ୍ଥାନରେ ରହିଛନ୍ତି। ଏହି ଦୁଇ ଦେଶର ସ୍ଥାନ ଉକ୍ତ ତାଲିକାରେ ୯୭ ରହିଛି। ଆମେରିକାର ସ୍ଥାନ ଏହି ତାଲିକାରେ ୨୩ ରହିଥିଲାବେଳେ କାନାଡ଼ା ୨୫ ଏବଂ ବ୍ରିଟେନ ସ୍ଥାନ ୨୯ ରହିଛି। ହାପିନେସ୍ ରିପୋର୍ଟ ଅନୁଯାୟୀ ଭାରତରେ ହାରାହାରି ଜୀବନକାଳ ୫୮.୨ ବର୍ଷ ରହିଛି। ସ୍ୱାଧୀନତା ମାପଦଣ୍ଡକୁ ନେଇ ଭାରତର ସ୍ଥାନ ୬୧ ରହିବା ସହ ଦୁର୍ନୀତି କ୍ଷେତ୍ରରେ ସ୍ଥାନ ୬୪ ରହିଛି। ତେବେ ସୋସିଆଲ ମିଡିଆର ପ୍ରଭାବ ଯୁବପିଢ଼ିଙ୍କ ସୁଖ ଏବଂ ଜୀବନଶୈଳୀକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରୁଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ବିଶେଷକରି ଇଂରାଜୀ ଭାଷାଭାଷୀ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକରେ କିଶୋର ବର୍ଗ ସୋସିଆଲ ମିଡିଆ ପ୍ରଭାବରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ନଷ୍ଟକରି ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଅବନତି ମୁହାଁ ହେଉଛନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି।



# ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'



କାର୍ତ୍ତିକ ଆର୍ଯ୍ୟନ

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'ରେ ସେ ଏକ 'ଇଚ୍ଛାଧାରୀ ନାଗ' ଭୂମିକାରେ ନଜର ଆସିବେ, ଯାହାକୁ ଦେଖିବା ପାଇଁ ପ୍ରଶଂସକ ବେଶ୍ ଉତ୍ସାହିତ। ମୃଗଦୀପ ସିଂ ଲାମ୍ବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୪ରେ ରିଲିଜ ହେବ। ନିକଟରେ ମୁମ୍ବାଇରେ ଆୟୋଜିତ ଏକ ବଡ଼ ଇଭେଣ୍ଟରେ ଫିଲ୍ମ ନିର୍ମାତା ଏବଂ ଓଟିଟି ପ୍ଲାଟ୍‌ଫର୍ମ ମଧ୍ୟରେ ହୋଇଥିବା ଚୁକ୍ତି ବିଷୟରେ ଘୋଷଣା କରାଯାଇଛି। ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରେ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମ୍ ହେବ। ଏହି ଅବସରରେ ଫିଲ୍ମର ଏକ ନୂଆ ପୋଷ୍ଟର ମଧ୍ୟ ଉନ୍ମୋଚିତ ହୋଇଛି, ଯେଉଁଥିରେ କାର୍ତ୍ତିକଙ୍କର ଏକ ରହସ୍ୟମୟ ନାଗ ଲୁକ୍ ଦେଖିବାକୁ ମିଳୁଛି।

ଫିଲ୍ମର କାହାଣୀ ଏମିତି ଏକ ଦୁନିଆ ଉପରେ ଆଧାରିତ ଯେଉଁଠି ନାଗନାଗୁଣୀମାନେ ମଣିଷଙ୍କ ଗହଣରେ ବାସ କରନ୍ତି। କିନ୍ତୁ ଜଣେ ଦୁଷ୍ଟ ରାଜନେତା ଯେତେବେଳେ ଜଣେ ବେଫିକର ଇଚ୍ଛାଧାରୀ ନାଗର 'ନାଗମଣି' ଏବଂ ଜୀବନ ପଛରେ ପଡ଼ନ୍ତି, ସେତେବେଳେ ଦୁନିଆରେ ଆରମ୍ଭ ହୁଏ ବିନାଶ। ଏହି ବିପଦରୁ ନିଜକୁ ଏବଂ ଦୁନିଆକୁ ବଞ୍ଚାଇବା ପାଇଁ କାର୍ତ୍ତିକ (ନାଗ ଚରିତ୍ର) କିପରି ସଂଘର୍ଷ କରୁଛନ୍ତି, ତାହା ହିଁ ଫିଲ୍ମର ମୁଖ୍ୟ ଆକର୍ଷଣ। ଚଳଚ୍ଚିତ୍ରରେ ମୁଖ୍ୟ କଳାକାର ଭାବେ କାର୍ତ୍ତିକ ଆର୍ଯ୍ୟନ, ପ୍ରୀତି ମୁକୁନ୍ଦନ, ରବି କିଶନ ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱ କରଣ ଜୋହର (ଧର୍ମା ପ୍ରଡକ୍ସନ) ଏବଂ ମହାବୀର ଜୈନଙ୍କ ଉପରେ ରହିଛି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ | Bhubaneswar, Friday, March 20/2026 

ଦିଲ୍ଲୀରେ ଆଜି



ଆମେରିକା ସହ ଭାରତର ଟ୍ରେଡ୍‌ଡିଲ୍‌କୁ ବିରୋଧ ସହ ଚାଷୀଙ୍କ ଉତ୍ପାଦିତ ଶସ୍ୟର ଏମ୍‌ଏସ୍‌ପି ଦାବିରେ ନୂଆଦିଲ୍ଲୀ ରାମଲୀଳା ମଇଦାନରେ ମହିଳା କୃଷକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ-ଚମନ ଗୌତମ)

# କାତାର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଇରାନ୍‌ର ଆକ୍ରମଣ

- ସାଉଦି ରିଫାଇନେରିରେ ମିଶାଇଲ୍ ମାଡ଼
- ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି

**ଦୁବାଇ, ୧୯।୩**

ଇରାନ୍‌ର ସାଉଥ୍ ପାର୍ସ ଏବଂ ଅସାଲୁୟେହ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ତେହରାନ୍ କାତାରରେ ଥିବା ବିଶ୍ୱର ସର୍ବବୃହତ୍ ଲିକ୍ୱିଫାଏଡ୍ ନ୍ୟାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ପ୍ଲାଣ୍ଟ ଉପରେ ମିଶାଇଲ୍ ମାଡ଼ କରିଛି। ଫଳରେ ରାସ୍ ଲାଫାନ ସିଟିରେ ଥିବା ଉକ୍ତ ପ୍ଲାଣ୍ଟ ଧ୍ୱଂସ ହୋଇଯାଇଛି। ଏଥିସହିତ ଲୋହିତ ସାଗରରେ ଥିବା ସାଉଦି ଆରବର ଏକ ତୈଳ ବିଶୋଧନାଗାର ଉପରେ ମଧ୍ୟ ଇରାନ୍ ଆକ୍ରମଣ କରିଛି। କୁଏତ୍‌ର ୨ଟି ତୈଳ ବିଶୋଧନାଗାର ଜଳୁଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଉପକୂଳରେ ଏକ ଜାହାଜ ଜଳୁଥିବାବେଳେ କାତାର ନିକଟରେ ଅନ୍ୟ ଏକ ଜାହାଜ ଧ୍ୱଂସ ହୋଇଯାଇଛି।

ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ ଯୋଗୁ ଗୁରୁବାର ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଅଏଲ୍ ଦାମ୍ ବ୍ୟାରେଲ ପ୍ରତି ୧୧୮ ଡଲାରରେ ପହଞ୍ଚିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ ତୈଳ ଦର ଯାହା ଥିଲା, ଏବେ ତା'ଠାରୁ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଲାଣି। ବିଶ୍ୱ ବଜାର ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ଉତ୍ସ କୁହାଯାଉଥିବା କାତାରର ଏକ ବୃହତ୍ ଏଲ୍‌ଏନ୍‌ଜି ଫାସିଲିଟି ଜଳୁଥିବାବେଳେ ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ପୂର୍ବରୁ ହୋଇଥିବା ଆକ୍ରମଣ ଯୋଗୁ ଉତ୍ପାଦନ ବନ୍ଦ ରହିଥିବାବେଳେ ସଦ୍ୟ ମିଶାଇଲ୍ ଆକ୍ରମଣ ଯୋଗୁ ଏହା ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି।

ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ଦିନରୁ ଇରାନ ପାରସ୍ୟ ଉପସାଗର ପଡ଼ୋଶୀ ଦେଶଗୁଡ଼ିକର ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏଥିସହିତ ଇନ୍ଧନ ପରିବହନର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। କାତାର ଉପରେ ☞ପୃଷ୍ଠା-୧୩

## 'ଶକ୍ତି ତଥ୍ୟ' ଏବେ 'ରାଷ୍ଟ୍ରୀୟ ସୁରକ୍ଷା'

**ପ୍ରତିଦିନର ତଥ୍ୟ ଦେବେ ତୈଳ ଓ ଗ୍ୟାସ୍ କମ୍ପାନୀ**

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୭% ବୃଦ୍ଧି ଘଟିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ନେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ୍‌ର ସବୁଠାରୁ ବଡ଼ ଗ୍ୟାସ୍ କ୍ଷେତ୍ର 'ସାଉଥ ପାର୍ସ' ଉପରେ ଆକ୍ରମଣ ହେବା ଫଳରେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ସେହିପରି ଇରାନ୍ ପକ୍ଷରୁ କାତାରର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇଛି, ଯାହା ବିଶ୍ୱ ଶକ୍ତି ବଜାରରେ ଆତଙ୍କ ଖେଳାଇ ଦେଇଛି। ବିଶେଷକରି ତୈଳ ପରିବହନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ମାର୍ଗ 'ଷ୍ଟ୍ରେଟ ଅଫ୍ ହର୍ମୁଜ' ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଅଧିକ ଜଟିଳ କରିଛି। ଏହାର ପ୍ରଭାବରେ ତୈଳ ଦର (ବ୍ରେଣ୍ଟ କ୍ରୁଡ୍) ☞ପୃଷ୍ଠା-୧୩

# ଜଙ୍ଗଲରେ କଲେଜ ଛାତ୍ରୀଙ୍କୁ ହତ୍ୟା

## ବଳାତ୍କାର ପରେ ମାରି ଦିଆଯାଇଥିବା ସନ୍ଦେହ

**କାମାକ୍ଷାନଗର/ ଢେଙ୍କାନାଳ, ୧୯।୩ (ସୁଧୀର କୁମାର ପରିଡା /ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀଙ୍କୁ ବଳାତ୍କାର ପରେ ବୀଭସ୍ତ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀ କାମାକ୍ଷାନଗର କନିଷ୍ଠ ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷର ଅଙ୍କିତା ପ୍ରିୟଦର୍ଶିନୀ ବାରିକ ବୋଲି ଜଣାପଡ଼ିଛି। ମୃତଦେହ ସକାଳୁ ଠାବ ହୋଇଥିଲେ ମଧ୍ୟ ଏହାକୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରା ନ ଯାଇ ଘରୋଇ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ସମୟ ପକାଇ ରଖିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଥିଲା। ଛାତ୍ରୀଙ୍କ ପରିବାର ଲୋକ ମାନସିକସ୍ତରରେ ଭାଙ୍ଗି ପଡିଥିବାବେଳେ ☞ପୃଷ୍ଠା-୧୩

Government of India | pfrda | Atal Pension Yojana

ଷାଠିଏ ବର୍ଷ ବୟସ ପରେ ବାର୍ଦ୍ଧକ୍ୟକାଳୀନ ଆୟର ସୁରକ୍ଷା ଏବଂ ଗରିମା ପାଇଁ

ଅଟଳ ପେନ୍‌ସନ ଯୋଜନାରେ
୮.୮୫ କୋଟି
ଉପଭୋକ୍ତା ପଞ୍ଜୀକୃତ



"ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇ ସେମାନଙ୍କୁ ଗରିମାମୟ ଏବଂ ସୁଖରେ ପରିପୂର୍ଣ୍ଣ ଜୀବନଯାପନରେ ସକ୍ଷମ କରିବା ଆମ ସରକାରଙ୍କ ଲକ୍ଷ୍ୟ।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଆଜି ହିଁ ଯୋଗ ଦିଅନ୍ତୁ ଏବଂ ଅନ୍ୟ ଦୁଇଟି ଲାଭ ସମେତ ଗ୍ୟାରେଣ୍ଟି ସହିତ ଆଜୀବନ ପେନ୍‌ସନ ପାଆନ୍ତୁ:-

1. ଆଜୀବନ ₹୧୦୦୦/- କିମ୍ବା ₹୨୦୦୦/- କିମ୍ବା ₹୩୦୦୦/- କିମ୍ବା ₹୪୦୦୦/- କିମ୍ବା ₹୫୦୦୦/- ପେନ୍‌ସନର ଗ୍ୟାରେଣ୍ଟି
2. ଉପଭୋକ୍ତାଙ୍କ ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ/ସ୍ୱାମୀଙ୍କୁ ଆଜୀବନ ସମାନ ପେନ୍‌ସନ
3. ସ୍ୱାମୀ/ସ୍ତ୍ରୀଙ୍କ ମୃତ୍ୟୁ ପରେ ୬୦ ବର୍ଷ ପର୍ଯ୍ୟନ୍ତ ଜମା ହୋଇଥିବା ପାଣ୍ଠି ନୋମିନିଙ୍କୁ ଫେରସ୍ତ କରିଦିଆଯିବ

ଯଦି ଆପଣଙ୍କର ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ, ତେବେ ଆପଣ **ଅଟଳ ପେନ୍‌ସନ ଯୋଜନା**ରେ ଯୋଗ ଦେଇପାରିବେ

| ଆଜି ହିଁ ଯୋଗ ଦିଅନ୍ତୁ, କମ୍ ପୈଠ କରନ୍ତୁ | ବୟସ | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |

ଏପିୱାଇ ଉପରେ ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆପଣଙ୍କ ନିକଟତମ ଡାକଘର/ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯କୁ କଲ୍ କରନ୍ତୁ କିମ୍ବା www.pfrda.org.in ପରିଦର୍ଶନ କରନ୍ତୁ

CBC 15113/13/0002/2526




Carens Clavis
For epic journeys

The new Carens Clavis is thoughtfully designed around your family. With high ground clearance, 3-row comfort, a bold design, next-gen Kia Connect**, and ADAS Level 2, it's built for safe, seamless and epic journeys with the ones who matter. Bring home India's most loved 3-row family car today.

**Built Smart** Styled for the family



Dual Pane Panoramic Sunroof | 67.62 cm (26.62") Dual Panoramic Display Panel | ADAS Level 2# with 20 Autonomous Features | Ventilated Front Seats | Smart Pure Air Purifier with AQI Display | BOSE Premium Sound System with 8 Speakers

Robust 18 Hi – Safety Package (Standard across all variants)
• Front Dual Airbags • Front Seat Side Airbags • Side Curtain Airbags • ABS (Anti-lock Brake System) • BAS (Brake Assist System) • ESC (Electronic Stability Control) • VSM (Vehicle Stability Management) • HAC (Hill-start Assist Control) • ESS (Emergency Stop Signal) • DBC (Downhill Brake Control) • Highline Tyre Pressure Monitor • Rear Parking Sensors • Speed Sensing Auto Door Lock • Impact Sensing Auto Door Unlock • All Seats 3-Point Seat Belts with Reminder • ISOFIX • Rear Occupant Alert • All Wheel Disc Brakes

For more information, visit our dealership or contact:
1800 108 5000 | 093195 91407 | www.kia.com | Carens Clavis | kiacare@kiaindia.net | Look for "Kia India" @

*Terms & Conditions Apply. 3 years standard warranty and 2 years free extended warranty. ^Benefits shown are the combination of exchange, loyalty, scrappage and special benefits, which are applicable on select models of 2025 stock and variants, may vary from model to model and region to region. **Kia Connect comes with 3 years free subscription. Kia Connect features may vary depending on the variant, device compatibility, software and network availability in the both vehicle and Alexa device. Kia Connect skill is only available in India and can be interacted with in English and Hindi. #Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. The product & feature images shown here are for representation purpose only, may not be part of standard fitment and may vary. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications and other details of any model or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads.

**Central Kia:** Pahal, Bhubaneswar, Tel: 7440004288, 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Trupti Kia:** Puri Bypass Road, Tel: 7064414001 **Empreo Kia :** Patia, Tel: 9777064777, 9124401571 **Central Kia:** Near Srusti Hospital, Ring Road, Mangalabag, Cuttack -753001, Tel: 9237304769 **Trupti Kia:** Keonjhar, Tel: 7064414005 **Sanjib Kia:** Panikoili, Jajpur, Tel: 9937689001

# ପ୍ରତି ବ୍ଲକ୍‌ର ୫୦% ଜମିକୁ ଜଳସେଚନ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୩(ସୁନିତ୍ ମିଶ୍ର)

କୁହାଯାଏ, 'ଚାଷ ଅଛି ଯାହାର, କି ଆନନ୍ଦ ତାହାର'। କିନ୍ତୁ ଏକବିଂଶ ଶତାବ୍ଦୀର ପ୍ରଥମ ୨୪ ବର୍ଷ ଏହି ଉକ୍ତି ହୋଇଥିଲା,'ଚାଷ ଅଛି ଯାହାର, କି ଦୁଃଖ ତାହାର'। ଏହି ତଥାକଥିତ ୨୪ ବର୍ଷିଆ ଉତ୍ତମ ଶାସନକାଳରେ ଚାଷୀକୁଳ ୧୦୦ ଟଙ୍କା ବୋନସ ପାଇବା ପାଇଁ ସେମାନଙ୍କ ଆଖିର ଲୁହ ଶୁଖିଗଲା, କିନ୍ତୁ ତାଙ୍କୁ ସେତିକି ମିଳିପାରିଲା ନାହିଁ। ଚାଷୀଙ୍କ ଦୁଃଖର ଅନ୍ୟତମ କାରଣ ଥିଲା, ଜମିକୁ ପାଣି ଯୋଗାଇବା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହି ସାମାନ୍ୟ କାମ ମଧ୍ୟ ଠିକ୍ ଭାବେ କରିପାରିଲେ ନାହିଁ। କାରଣ ଜଳସେଚନ ବିଭାଗ ଓ ରାଜୀବ ଭବନ ଥିଲା ଅଣ ଓଡ଼ିଆ ଠିକାଦାରଙ୍କ ଆଡ୍ଡାସ୍ଥଳୀ। ଖାଲି କାଗଜପତ୍ରରେ ଜଳସେଚନ କାମ ଚାଲିଥିଲା। ଏ କଥା ପ୍ରମାଣିତ କରିବା ପାଇଁ ବେଶି କିଛି କଷ୍ଟ କରିବାକୁ ପଡ଼ିବନାହିଁ। ଏହି ପବିତ୍ର ଗୃହର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୦୦୬ରେ ଘୋଷଣା କରିଥିଲେ, ରାଜ୍ୟର ୩୫% ଚାଷଜମିକୁ ଜଳସେଚନ ଯୋଗାଇଦେବେ। ଏହାପରେ ୨୦୦୮ରେ ଘୋଷଣା କଲେ,ବ୍ଲକ୍ ନୁହେଁ, ପ୍ରତି ଗ୍ରାମରେ ଥିବା ଚାଷଜମିକୁ ଅନ୍ତତଃ ପକ୍ଷେ ୩୫% ଜମିକୁ ଜଳସେଚନ ଯୋଗାଇଦେବେ। ମାତ୍ର ତାହା କଥାରେ ରହିଗଲା। ୨୪ ବର୍ଷର ସରକାର ଦେଇଥିବା ପ୍ରତିଶ୍ରୁତି ୩୫% ଜମିକୁ ଜଳସେଚନର ଧୂଆଁବାଣକୁ ଆମେ ସତରେ ପରିଣତ କରିବୁ। ଆମ ସରକାର ୫ ବର୍ଷରେ ଯେଉଁ ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ପାଇଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ହେଲେ ପ୍ରତି ବ୍ଲକ୍‌ର ୩୫% ନୁହେଁ, ଅନ୍ତତଃ ପକ୍ଷେ ୫୦% ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୋହନ ଚରଣ ମାଝୀ

ଜଳ ସମ୍ପଦ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ସେଥିପାଇଁ ସମସ୍ତ ବିଧାୟକଙ୍କୁ ଅନୁରୋଧ, ଯେପରି ନିଜ ନିଜ ଅଞ୍ଚଳରେ ୫୦% ଜମିକୁ ଜଳସେଚନର ସୁବିଧା ଉପଲବ୍ଧ ହେବ ସେ ଦିଗରେ ପ୍ରସ୍ତାବ ଦିଅନ୍ତୁ ବୋଲି ସେ କହିଛନ୍ତି। ବିରୋଧୀ ଦଳ ଶବ ଉପରେ ଶୋଭାଯାତ୍ରାକରି ପୀଡ଼ିତଙ୍କୁ ପରିହାସ କରନ୍ତୁ, ଆମେ ଲୋକଙ୍କ ପାଇଁ କାମକରି ତାଙ୍କ ଲୁହ ପୋଛିବୁ। ଠିକ୍ ଯେପରି କୃଷକ ସମୃଦ୍ଧି ଯୋଜନା ପ୍ରଣୟନକରି କୃଷକ ସମାଜର ଆଖିରୁ ଲୁହ ପୋଛିପାରିଛୁ। କିଛିଦିନ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଗୃହକୁ ଆସୁ ନ ଥିଲେ। ଏବେ ସବୁଦିନ ଗୃହକୁ ଆସୁଛନ୍ତି। ଅନେକ ଲୋକ ଏହାର ଶ୍ରେୟ ତାଙ୍କୁ(ମୁଖ୍ୟମନ୍ତ୍ରୀ) ଦେଉଛନ୍ତି। ଯେଉଁ କାରଣରୁ ହେଉ ପଛକେ ବିରୋଧୀ ଦଳ ନେତା ସବୁଦିନ ଗୃହକୁ ଆସୁଛନ୍ତି ବଡ଼ କଥା। ସମସ୍ତ ବିଧାୟକଙ୍କୁ ଅନୁରୋଧ, ଯେପରି ନିଜ ନିଜ ଅଞ୍ଚଳରେ ୫୦% ଜମିକୁ ଜଳସେଚନର ସୁବିଧା ଉପଲବ୍ଧ ହେବ ସେ ଦିଗରେ ପ୍ରସ୍ତାବ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭାଜପା ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ

**ବିରୋଧୀ ଶବ ଉପରେ ରାଜନୀତି କରି ପୀଡ଼ିତାଙ୍କୁ ଉପହାସ କରନ୍ତୁ, ଆମେ ସେମାନଙ୍କ ଲୁହ ପୋଛିବୁ**

ରାଜ୍ୟର ସର୍ବବୃହତ୍ ହୀରାକୁଦ ଡ୍ୟାମ୍‌ର ସେଚ ପଦ୍ଧତିର ନବୀକରଣ ପାଇଁ ୮୫୫ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଥିଲେ। ହୀରାକୁଦ ଡ୍ୟାମ୍ ସେଚ ପଦ୍ଧତିର ନବୀକରଣ ପାଇଁ ୮୨୩ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୧୧ ଗୋଟି ପ୍ରକଳ୍ପ ପାଇଁ ଚୁକ୍ତିନାମା ହୋଇ କାର୍ଯ୍ୟ ଚାଲୁଛି । ୨୧ଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଚାଲୁଅଛି ଏବଂ ବାକି ଗୋଟିଏ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ଏହି ଯୋଜନା ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି। ଅନିୟମିତ ବୃଷ୍ଟିପାତ, ଜଳସେଚନ ଓ ଘରୋଇ ତଥା ଶିଳ୍ପକ୍ଷେତ୍ରରେ ବର୍ଦ୍ଧିତ ଜଳ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ନିମନ୍ତେ ଆମ ସରକାର ୧ ହଜାର ୭୯୦ କୋଟି ଟଙ୍କା ବ୍ୟୟ ବରାଦରେ ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି। ଏହା ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବା ପ୍ରସ୍ତାବ ରହିଛି। ଏହା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୬ଟି ନଦୀ ସଂଯୋଗୀକରଣ ପ୍ରକଳ୍ପର ସର୍ବେକ୍ଷଣ ଓ ବୈଷୟିକ କାର୍ଯ୍ୟ ଆରମ୍ଭ କରାଯାଇଛି। ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଗଙ୍ଗୁଆ ନଦୀର ଏକ ସ୍ୱତନ୍ତ୍ର ଐତିହ୍ୟ ରହିଛି। ୧୧ଟି ନାଳ ମାଧ୍ୟମରେ ପ୍ରାୟ ୩୩ କିଲୋମିଟର ଦୀର୍ଘ ଗଙ୍ଗୁଆ ନଦୀରେ ସହରର ସମସ୍ତ ଅଶୋଧିତ ଜଳ ପ୍ରବେଶ କରୁଛି, ଯାହା ଦୟା ନଦୀକୁ ଦୂଷିତ କରୁଛି। ଏଥିପାଇଁ ପ୍ରାୟ ୮ ହଜାର ୭୩୬ କୋଟି ଟଙ୍କା ବ୍ୟୟ ହେବ ଏବଂ ପ୍ରକଳ୍ପଟି ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ କରାଯିବ। ଦ୍ରୁତ ସହରୀକରଣ ଏବଂ ଗ୍ରାମୀଣ ଓ ସହରୀୟ ବିଶେଷତା ଥିବା ଅଞ୍ଚଳର ବୃଦ୍ଧି ହେତୁ ଏହିସବୁ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଓ ବନ୍ୟା ପରିସ୍ଥିତି ବଢୁଛି। ତେଣୁ ସହର ମଧ୍ୟରେ ବର୍ଷାଜଳ ନିଷ୍କାସନ ପାଇଁ ଜଳ ସମ୍ପଦ ବିଭାଗ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସମନ୍ୱୟରେ ସହର ମଧ୍ୟରେ ବର୍ଷାଜଳ ନିଷ୍କାସନ ପରିଚାଳନା ଏବଂ ଉନ୍ନତି ଅର୍ବାନ ଷ୍ଟର୍ମ ୱାଟର ଡ୍ରେନେଜ ମ୍ୟାନେଜମେଣ୍ଟ ଆଣ୍ଡ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ ଆରମ୍ଭ ପାଇଁ ପ୍ରସ୍ତାବ ରହିଛି। ରାଜ୍ୟର ମହାନଦୀ, ବଂଶଧାରା ଜଳ ବିବାଦ ଓ ପୋଲାଭରମ ପ୍ରକଳ୍ପ ଦ୍ୱାରା ଓ ଜଳମଗ୍ନ ଅଂଶ ପାଇଁ ଚାଲିଥିବା ବିବାଦରେ ଗୃହର ସଚେତନ ସଦସ୍ୟମାନଙ୍କର ଉଦ୍‌ବେଗ ସହ ସମ୍ପୂର୍ଣ୍ଣ ସହମତ। ରାଜ୍ୟର ବୃହତ୍ତର ସ୍ୱାର୍ଥ ରକ୍ଷା ନିମନ୍ତେ ଆମ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ବିବାଦଗୁଡିକ ମାନ୍ୟବର ଟ୍ରିବ୍ୟୁନାଲ ଏବଂ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ପବିତ୍ର ଗୃହରେ ବିଶଦ ବିବରଣୀ ଦେବା ପାଇଁ ଉଚିତ ମନେକରୁନାହିଁ। ଗତ ସରକାର କାମ କରନ୍ତୁ କି ନ କରନ୍ତୁ, କିନ୍ତୁ ଭଲ ସ୍ଲୋଗାନ ଦେଉଥିଲେ। ଯେପରିକି 'ଜମିକୁ ଜଳ, ଚାଷୀର ବଳ'। କିନ୍ତୁ, ବହୁ କମ୍ ଦିନରେ ଓଡ଼ିଶା ଚାଷୀକୁଳର ସ୍ୱପ୍ନ ଭଙ୍ଗ ହୋଇଥିଲା, ଯେତେବେଳେ ସେମାନେ ଜାଣିବାକୁ ପାଇଲେ, ଏହା ପ୍ରକୃତରେ ଥିଲା,'ଜମିକୁ ଜଳ, ଠିକାଦାରଙ୍କ ବଳ'। ସେ ପୁଣି ଓଡ଼ିଶା ଠିକାଦାର ନୁହନ୍ତି, କେଉଁ ରାଜ୍ୟର ଠିକାଦାର ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ସେ କହିଛନ୍ତି। ଶେଷରେ ଗୃହରେ ଜଳ ସମ୍ପଦ ବିଭାଗର ଅନୁଦାନ ଦାବି ୧୬ ହଜାର ୪୮୮ କୋଟି ୯୨ଲକ୍ଷ ଟଙ୍କାର ବ୍ୟୟ ବରାଦକୁ ମଞ୍ଜୁର ମିଳିଛି।

# ଓଡ଼ିଆ ଅସ୍ମିତାର ଅନନ୍ୟ ପରିଚୟ: ଆମ ପଖାଳ, ଆମ ଗୌରବ

ଓଡ଼ିଶା କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ହେଉଛି ଭାବ ଓ ଭକ୍ତିର ଏକ ପବିତ୍ର ଭୂମି। ଆମ ସଂସ୍କୃତିର ପ୍ରତିଟି ପରମ୍ପରା ପଛରେ ରହିଛି ସରଳତା ଏବଂ ଗଭୀର ବୈଜ୍ଞାନିକ ଦୃଷ୍ଟିକୋଣ। ସେହିପରି ଏକ ଅମୃତ ପରମ୍ପରା ହେଉଛି 'ପଖାଳ'। ଆଜି 'ବିଶ୍ୱ ପଖାଳ ଦିବସ' ଅବସରରେ ମୁଁ ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଓଡ଼ିଆ ଅସ୍ମିତା ଓ ପରମ୍ପରାର ଏହି ମହାପର୍ବ ପାଇଁ ଅନେକ ଅନେକ ଶୁଭକାମନା ଜଣାଉଛି।

ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପଖାଳ ଅତି ପ୍ରିୟ। ବିଶ୍ୱର ସର୍ବବୃହତ୍ ରୋଷେଇଶାଳ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ପଖାଳ' ଭୋଗ ଲାଗି ହେବା ଆମ ଜାତି ପାଇଁ ସବୁଠାରୁ ବଡ଼ ଗର୍ବର ବିଷୟ। ଯେଉଁ ଖାଦ୍ୟ ଜଗତର ନାଥଙ୍କୁ ତୃପ୍ତି ଦିଏ, ସେ ପଖାଳ ଆମ ପାଇଁ କେବଳ ଖାଦ୍ୟ ନୁହେଁ, ବରଂ ଏକ ଆଶୀର୍ବାଦ।

ଏକଦା ଗରିବର ଖାଦ୍ୟ ଭାବେ ପରିଚିତ ପଖାଳ ଆଜି ବିଶ୍ୱ ଦରବାରରେ ଏକ 'ସୁପରଫୁଡ୍' ଭାବେ ଉଭା ହୋଇଛି। ଏଥିରେ ଥିବା ପ୍ରାକୃତିକ 'ଲାକ୍ଟୋବାସିଲସ୍' ଭଳି ଉପକାରୀ ବ୍ୟାକ୍ଟେରିଆ ଆମର ପାଚନ ପ୍ରକ୍ରିୟା ଓ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ। ଫର୍ମେଣ୍ଟେଶନ ବା କିଣ୍ୱନ ପ୍ରକ୍ରିୟା ମାଧ୍ୟମରେ ଏହା ଶରୀରକୁ ଥଣ୍ଡା ରଖିବା ସହ ଶକ୍ତି ଓ ପୋଷଣ ପ୍ରଦାନ କରିଥାଏ। ପଖାଳ ସହିତ ଖିଆଯାଉଥିବା ବଡ଼ିଚୂରା, ଶାଗ ଓ ଭଜା ଭଳି ପାରମ୍ପରିକ ପାର୍ଶ୍ୱ ଖାଦ୍ୟ ଏହାକୁ ଏକ ସନ୍ତୁଳିତ ଆହାରରେ ପରିଣତ କରେ।



ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ପଖାଳର ସୁବାସ ଓଡ଼ିଶାର ଗାଁ ଗହଳିରୁ ବାହାରି ସୁଦୂର ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆରେ ପହଞ୍ଚିଛି। ପ୍ରବାସୀ ଓଡ଼ିଆ ଭାଇଭଉଣୀମାନେ ବିଦେଶ ମାଟିରେ ପଖାଳ ଦିବସ ପାଳନ କରି ଆମ ସଂସ୍କୃତିର ପତାକା ଉଡ଼ାଉଛନ୍ତି। ଜାପାନର 'କୋଜି ରାଇସ୍' କିମ୍ବା କୋରିଆର 'କିମଚି' ଭଳି ପଖାଳ ମଧ୍ୟ ଆଜି ବିଶ୍ୱ ଖାଦ୍ୟ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଆମ ସରକାର ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏବଂ ପରମ୍ପରାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ବଦ୍ଧପରିକର। ଏହି ପରିପ୍ରେକ୍ଷୀରେ 'ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬' ମାଧ୍ୟମରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ନୀତି ଅନୁଯାୟୀ, ଓଡ଼ିଶା ବାହାରେ ଯେଉଁମାନେ ଓଡ଼ିଆ ରୋଷେଇ ଏବଂ ପାରମ୍ପରିକ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ରେଷ୍ଟୁରାଣ୍ଟ ଖୋଲିବେ, ସେମାନଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶେଷ ସବ୍‌ସିଡି ବା ଆର୍ଥିକ ସହାୟତା ପ୍ରଦାନ କରାଯିବ। 'ଓଡ଼ିଶା ପର୍ବ' ମାଧ୍ୟମରେ ଆଜି ଆମର ବରା, ଚକୁଳି, ପିଠା ଏବଂ ବିଶେଷକରି ପଖାଳର ସ୍ୱାଦ ଦେଶ-ବିଦେଶର ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଆମର ଲକ୍ଷ୍ୟ ହେଉଛି, ପଖାଳ କେବଳ ଓଡ଼ିଆ ଘରର କଂସାରେ ସୀମିତ ନ ରହି ବିଶ୍ୱ ଖାଦ୍ୟ ତାଲିକାର ଶୀର୍ଷରେ ରହୁ।

ପଖାଳ ହେଉଛି ଆମ ମାଟିର ସୁବାସ ଏବଂ ଆମ ଜୀବନର ସରଳତା। ଆସନ୍ତୁ, ଆଜି ପଖାଳ ଦିବସରେ ଆମ ପରମ୍ପରାକୁ ପାଥେୟ କରି 'ଓଡ଼ିଆ' ହେବାର ଗର୍ବକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବା। ପରମ୍ପରାକୁ ସମ୍ମାନ ଦେବା ସହ ନିଜ ଜୀବନଶୈଳୀରେ ଏହାକୁ ଆଦରି ନେବା ହିଁ ଶ୍ରେଷ୍ଠ ଓଡ଼ିଆପଣ।

''ମୁଠେ ପଖାଳରେ ତୃପ୍ତ ହୁଏ ଆତ୍ମା,
ଓଡ଼ିଆ ମାଟିର ଏ ଅମୃତ ଗରିମା।''




ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ।–ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ
ଓ ଜମାତୁଲ-ୱିଡା



# ସମ୍ଭାବ୍ୟ ଖାଦ୍ୟ ସଙ୍କଟ


ବ୍ରାମ୍ ଗୋଭାରଟ୍ସ
ଡାରେକ୍ଟର ଜେନେରାଲ, ସିଆଇଏମ୍‌ଏମ୍‌ୱାଇଟି


ଶାରୋନ ବୁର୍କେ
ଚିଫ୍ ଏନ୍‌ଗେଜ୍‌ମେଣ୍ଟ ଅଫିସର, ସିଆଇଏମ୍‌ଏମ୍‌ୱାଇଟି

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରଠାରୁ ହର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ ଦେଖାଯାଇଛି। ସେହି ସମୁଦ୍ର ପଥ ଦେଇ ପ୍ରତିଦିନ ପାଖାପାଖି ୧୦୦ ଜାହାଜ ଯାଉଥିଲା। ଯୁଦ୍ଧ ଯୋଗୁ ଏବେ ହାତଗଣତି କେତୋଟି ଜାହାଜ ଯାଉଛି। ହର୍ମୁଜ ଷ୍ଟ୍ରେଟ୍ ଏକ ଅଣଓସାରିଆ ସାମୁଦ୍ରିକ ପଥ ହୋଇଥିବାରୁ ଇରାନ୍ ଏବେ ସେଠାରେ ମାଇନ୍ସ ବିଛାଇଛି ଏବଂ ଏହି ପଥ କିଛି ଦିନ କିମ୍ବା ମାସ ମଧ୍ୟରେ ବନ୍ଦ ହୋଇଯିବାର ସମ୍ଭାବନା ଦେଖାଗଲାଣି। ବୈଶ୍ୱିକ ଶକ୍ତି ବଜାରରେ ଆରମ୍ଭରୁ ଝଟକା ଅନୁଭବ ହେଲାଣି। ହେଲେ ଏହି ପଥ ଲମ୍ବା ସମୟ ଧରି ବନ୍ଦ ରହିଲେ ଏକ ବିପଜ୍ଜନକ ପରିଣାମ ସାମ୍ନାକୁ ଆସିପାରେ। ଏହାର ପ୍ରଭାବ ଗ୍ୟାସ୍ ପମ୍ପରେ ପଡ଼ିବ ନାହିଁ ବରଂ ଡାଇନିଂ ଟେବୁଲରେ ଅନୁଭୂତ ହେବ। ହର୍ମୁଜ ଷ୍ଟ୍ରେଟ୍ କେବଳ ତେଲ କିମ୍ବା ଗ୍ୟାସ୍‌ର ନୁହେଁ ବରଂ ଏହା ବିଶ୍ୱ ଖାଦ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ଗହମ, ମକା, ଚାଉଳ, ସୋୟାବିନ, ଚିନି ଏବଂ ପ୍ରାଣୀ ଖାଦ୍ୟ ଏହି ସାମୁଦ୍ରିକ ପଥ ଦେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଯାଇଥାଏ ଏବଂ ରାସାୟନିକ ସାର ଓ ଇନ୍ଧନ ବାହାର ଦେଶକୁ ରପ୍ତାନି ହୋଇଥାଏ।

ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମଦାନୀ ଖାଦ୍ୟ ଉପରେ ନିର୍ଭରଶୀଳ। ଖାଦ୍ୟଶସ୍ୟ, ଚାଉଳ, ପ୍ରାଣୀ ଖାଦ୍ୟ ଏବଂ ଖାଇବା ତେଲ ପାଇଁ ସେମାନେ ଜଳପଥ ଉପରେ ନିର୍ଭର କରନ୍ତି, ଯାହା ବିଦେଶରୁ ଜାହାଜରେ ସେମାନଙ୍କ ଦେଶକୁ ଆସିଥାଏ। ତେବେ ବିଗତ କିଛି ବର୍ଷ ହେଲା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସେମାନଙ୍କ ଖାଦ୍ୟ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେମାନେ ଖାଦ୍ୟ ଭଣ୍ଡାର ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ସହ ଦେଶରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ କରିଛନ୍ତି। ସେମାନେ ମଧ୍ୟ ବିକଳ୍ପ ସାମୁଦ୍ରିକ ପଥ ସନ୍ଧାନ କରିଛନ୍ତି। ହର୍ମୁଜ ଷ୍ଟ୍ରେଟ୍‌କୁ ଛାଡ଼ି ସ୍ଥଳପଥରେ ଯାନରେ କିମ୍ବା ବନ୍ଦର ବାଟ ଦେଇ (ଯଥା ସାଉଦି ଆରବର ଜେଧା ଇସ୍‌ଲାମିକ ପୋର୍ଟରେ) ଲୋହିତ ସାଗରରେ ଯିବାର ପଥ ରହିଛି।

ଏହିସବୁ ପଦକ୍ଷେପ ଭରସାଯୋଗ୍ୟ ହେଲେ ମଧ୍ୟ ପର୍ସିଆନ ଗଲ୍ଫ ଯଦି ଦୀର୍ଘଦିନ ଧରି ବନ୍ଦ ରହେ, ତେବେ କ୍ଷତିଭରଣା କରାଯାଇପାରିବ ନାହିଁ। ହର୍ମୁଜ ଷ୍ଟ୍ରେଟ୍ ଦେଇ ଆସୁଥିବା ପାଖାପାଖି ୭୦% ଖାଦ୍ୟ ବାହାରିନ୍, କୁଏଟ୍, କାତାର, ସଂଯୁକ୍ତ ଆରବ ସଂଘ, ସାଉଦି ଆରବ ଏବଂ ଇରାକର ଲୋକେ ଖାଇଥା'ନ୍ତି। ତେବେ ଖାଦ୍ୟ ଆମଦାନୀଜନିତ ସଙ୍କଟ ଦୂର କରିବାକୁ ହେଲେ ଏଫ୍‌ଏଓଏସ୍‌ଟିଏଟି ତଥ୍ୟ ଅନୁଯାୟୀ, ପାଖାପାଖି ୧୦୦ ମିଲିୟନ ଲୋକ ରହୁଥିବା ଏହିସବୁ



ଦେଶରେ ପ୍ରତିଦିନ ପ୍ରାୟ ୧୯୧.୩ ମିଲିୟନ ପାଉଣ୍ଡ ଖାଦ୍ୟ ଦରକାର। ଏଭଳି ଏକ ଅବରୋଧ ମଧ୍ୟରେ ମଧ୍ୟପ୍ରାଚ୍ୟକୁ ଖାଦ୍ୟ ଯୋଗାଇବା ଲାଗି ପ୍ରତିବନ୍ଧିତ ବାୟୁମାର୍ଗରେ ଏକ ନିଆରା ମାନବୀୟ ଅଭିଯାନ ଆବଶ୍ୟକ ହୋଇପାରେ। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ, ୨୦୨୪ରେ ୭୧ ଦେଶରେ ୮୧ ମିଲିୟନ ଲୋକଙ୍କୁ ପ୍ରତିଦିନ ହାରାହାରି ୧୫ ମିଲିୟନ ପାଉଣ୍ଡ ଖାଦ୍ୟ ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଯୋଗାଇ ଦେଇଥିଲା। ସବୁଦିଗରୁ ସମ୍ପୂର୍ଣ୍ଣ ଭାବେ ଅବରୋଧ ଜାରି ରହିଲେ ଇରାନ୍ ଏହାର ପଡ଼ୋଶୀ ଆରବ ଦେଶଗୁଡ଼ିକ ତୁଳନାରେ ଅଧିକ କ୍ଷତିଗ୍ରସ୍ତ ହେବ। ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହେଲେ ତାହା ଇରାନ୍‌ର ଶକ୍ତି ରପ୍ତାନିକୁ ସୀମିତ କରିବା ସହ ଆମଦାନୀ ଖାଦ୍ୟଶସ୍ୟ ଦର ବୃଦ୍ଧି ପାଇବ। ପୂର୍ବରୁ ମୌଳିକ ଆବଶ୍ୟକତାକୁ ନେଇ ଇରାନୀୟମାନେ ସମସ୍ୟାର ସମ୍ମୁଖୀନ ହୋଇ ସାରିଛନ୍ତି, ଯାହାକୁ ନେଇ ଚଳିତବର୍ଷ ପ୍ରାରମ୍ଭରେ ଗଣ ଆନ୍ଦୋଳନ ଦେଖାଯାଇଥିଲା।

ଖାଦ୍ୟ ମୂଲ୍ୟ ବୃଦ୍ଧି ଓ ଅଭାବ ଯୋଗୁ ରାଜନୈତିକ ଅସ୍ଥିରତା ଦେଖାଯାଇଥିବା ଇତିହାସରୁ ଜଣାଯାଏ। ୨୦୦୮ରେ ଏନର୍ଜି (ଶକ୍ତି) ଏବଂ ରାସାୟନିକ ସାର ମୂଲ୍ୟ ବୃଦ୍ଧି ସହ ଗମ୍ଭୀର ପାଣିପାଗ ସ୍ଥିତି ଓ ଯୋଜନାରେ ବିଫଳତା ଯୋଗୁ ଖାଦ୍ୟଶସ୍ୟର ମୂଲ୍ୟ ପାଖାପାଖି ଦୁଇଗୁଣ ବୃଦ୍ଧି ଘଟିଥିଲା, ଯାହାକୁ ନେଇ ଅନେକ ଦେଶରେ ଆନ୍ଦୋଳନ ଓ ହିଂସା ଦେଖାଯାଇଥିଲା। କିଛି ବର୍ଷ ପରେ, ୨୦୧୦ ଓ ୨୦୧୧ରେ ରୁଷିଆରେ ଭୟଙ୍କର ମରୁଡ଼ି ଓ ଗ୍ରୀଷ୍ମପ୍ରବାହରେ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇଥିଲା। ଫଳରେ ବିଶ୍ୱରେ ଖାଦ୍ୟ ମୂଲ୍ୟ ସବୁଠୁ ଅଧିକ ବୃଦ୍ଧି ହେବା ସହ ଏହାକୁ କେନ୍ଦ୍ରକରି ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ବିଶ୍ୱରେ ଖାଦ୍ୟଶସ୍ୟ, ରାସାୟନିକ ସାର ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଘଟି ଖାଦ୍ୟ ଅସୁରକ୍ଷା ବଢ଼ିଯାଇଛି। ଗୋଟିଏ ପକ୍ଷରେ ଜଳବାୟୁ ବିପର୍ଯ୍ୟୟ ଓ ମହାମାରୀ ପ୍ରଭାବ ଯୋଗୁ ବିଶ୍ୱ ଖାଦ୍ୟ ବ୍ୟବସ୍ଥା ଅଧିକ ଚାପରେ ରହିଛି। ଅନ୍ୟପଟେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରଠାରୁ ବିଶ୍ୱରେ ହିଂସାତ୍ମକ ସଂଘର୍ଷ ଅଧିକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଭବିଷ୍ୟତରେ ହର୍ମୁଜ ଷ୍ଟ୍ରେଟ୍ ଅବରୋଧ ହେଲେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ ବରଂ ବାହାର ଦେଶଗୁଡ଼ିକରେ ଅନୁଭୂତ ହେବ। ଦକ୍ଷିଣ ଏସିଆରୁ ଆରମ୍ଭ କରି ସାହାରା ମରୁଭୂମି, ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଏବଂ ଏପରିକି ୟୁରୋପଠାରୁ ଆରମ୍ଭ କରି ଆମେରିକାଯାଏ ସାରା ବିଶ୍ୱରେ କୃଷକମାନେ ସ୍ଥାୟୀ ଭାବେ ରାସାୟନିକ ସାର ଓ ଇନ୍ଧନ ଉପରେ ନିର୍ଭର କରନ୍ତି। ଆଧୁନିକ କୃଷିରେ ଅଧିକ ଶସ୍ୟ ଉତ୍ପାଦନ ସକାଶେ ଆବଶ୍ୟକ ଯବକ୍ଷାରଯାନ ସାର ପ୍ରସ୍ତୁତିର ମୁଖ୍ୟ ଉପାଦାନ ହେଉଛି ପ୍ରାକୃତିକ ଗ୍ୟାସ୍। ଏକ ଆକଳନରୁ ଜଣାଯାଏ ଯେ, ହର୍ମୁଜ ଷ୍ଟ୍ରେଟ୍ ଦେଇ ବୈଶ୍ୱିକ ଯବକ୍ଷାରଜାନ ସାର ବାଣିଜ୍ୟର ୩୦-୪୦% ଯାଇଥାଏ।

ସାର ମୂଲ୍ୟ ବୃଦ୍ଧି ହେଲେ କୃଷକମାନେ କମ୍ ଫସଲ କରିବେ ଓ କମ୍ ସାର ପ୍ରୟୋଗ କରିବେ। ଫଳରେ ଉତ୍ପାଦନ ହ୍ରାସ ପାଇବ ଏବଂ ତାହାର ପ୍ରଭାବ ଖାଦ୍ୟ ବ୍ୟବସ୍ଥା ଉପରେ ପଡ଼ିବ। କୃଷକ ଏବଂ ପରିବହନରେ ଜଡ଼ିତ ଚାଳକଙ୍କଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାରେ ଜଡ଼ିତ ବ୍ୟକ୍ତି ପ୍ରଭାବିତ ହେବେ। ଯୋଗାଣ ଶୃଙ୍ଖଳ କ୍ଷତିଗ୍ରସ୍ତ ହେବ। ଜାହାଜରେ ଖାଦ୍ୟ, ଇନ୍ଧନ ଏବଂ ସାର ପରିବହନ ବାଧାପ୍ରାପ୍ତ ହେବା ଯୋଗୁ କିଛି ସପ୍ତାହ କିମ୍ବା ମାସ ମଧ୍ୟରେ ଏଗୁଡ଼ିକର ମୂଲ୍ୟ ବୃଦ୍ଧି ହୋଇପାରେ। ଏହାସହ ଜଳସଙ୍କଟ ଦେଖାଦେବାର ସମ୍ଭାବନା ଅଧିକ। ଯୁଦ୍ଧ କାରଣରୁ ଯଦି ମଧ୍ୟପ୍ରାଚ୍ୟର ପାଣି ଦୂଷିତ ହୁଏ କିମ୍ବା ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଅଚଳ ହୋଇଯାଏ, ତେବେ ଏହାର ପରିଣାମ ଭୟଙ୍କର ହୋଇଯିବ। ଗମ୍ଭୀର ଜଳାଭାବର ସମ୍ମୁଖୀନ ହେଉଥିବା ବାହାରିନ୍ ଓ ଇରାନ୍ ଗତ ସପ୍ତାହରେ ଜଣାଇଥିଲେ ଯେ, ସେମାନଙ୍କ ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି। ଯଦି ଲଗାତର ଏଭଳି ଆକ୍ରମଣ ଜାରି ରହେ, ତେବେ ପ୍ଲାଣ୍ଟଗୁଡ଼ିକ ନଷ୍ଟ ହେବ ଏବଂ ଜଳ ଯୋଗାଣ ବ୍ୟବସ୍ଥା ଦୂଷିତ ହୋଇ ଅନେକ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଏହାକୁ ଯୁଦ୍ଧ ଅପରାଧ ଭାବେ ବିଚାର କରାଯିବ। ଯୁଦ୍ଧ ଭିତରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ମରାମତି କରାଯାଇପାରେ ବୋଲି ୟୁକ୍ରେନ୍ ଦର୍ଶାଇଥିଲେ ମଧ୍ୟ ଡିଷ୍ଟିଲେଶନ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଏହାକୁ ଶୀଘ୍ର ସଜାଡ଼ିବା ଲାଗି ଖୁବ୍ କମ୍ ବିକଳ୍ପ ରହିଛି।

ଅନେକ ଦଶନ୍ଧି ଧରି ମଧ୍ୟପ୍ରାଚ୍ୟରେ ଅନ୍ତର୍ଜାତୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ଗଣ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ପ୍ରସାର ରୋକିବା ଉପରେ ଗୁରୁତ୍ୱ ଦେଇଛି। ତେବେ ସମୁଦ୍ରରେ ମାଇନ୍ସ ହେଉ କିମ୍ବା ସ୍ଥାୟୀ ଯୁଦ୍ଧ ଯୋଗୁ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହୋଇଗଲେ ତାହା ବୈଶ୍ୱିକ ଖାଦ୍ୟ ଓ ଶକ୍ତି ବ୍ୟବସ୍ଥାରେ ବାଧା ସୃଷ୍ଟି କରିବ। ଏହାସହ ଜଳସଙ୍କଟ ସୃଷ୍ଟି କରି ନାଗରିକଙ୍କର ବ୍ୟାପକ କ୍ଷତି ଘଟାଇବ। ଯୁଦ୍ଧରେ ଜଡ଼ିତ ସମସ୍ତ ପକ୍ଷ ସହିତ ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ଏଭଳି ପରିଣାମ ଦୂର କରିବା ସକାଶେ ସବୁ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଏହି ସମୟରେ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ବିପଜ୍ଜନକ ସ୍ଥିତିରେ ରହିଛି ଏବଂ ଏହା ଏକ ସତର୍କ ଘଣ୍ଟି ବୋଲି ବିଚାର କରିବାକୁ ପଡ଼ିବ। ଅନେକ ଲକ୍ଷ ଲୋକଙ୍କର ମାନବୀୟ ଅଧୋଗତି ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଖାଦ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ସକାଶେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

## ଏଇ ଭାରତରେ

କୃଷି ସାମ୍ବାଦିକତା ଜୀବନରେ କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ଅନେକ କିଛି ଜାଣିବା ପରେ ସେହି ବୃତ୍ତିରୁ ଓହରି ଆସି ଏବେ ଏମ୍.ଜେ. ପ୍ରବୁ ପାରମ୍ପରିକ ଧାନ ଚାଷ ପାଇଁ କୃଷକଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେ ସିଡ୍ ବ୍ୟାଙ୍କ ମାଧ୍ୟମରେ ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ଧାନ ଚାଷରେ ପାଖାପାଖି ୮୦୦ କୃଷକଙ୍କୁ ସହାୟତା କରିସାରିଲେଣି। ୨୦୧୪ରେ ସେ ଗ୍ରୀନ୍ କଜ୍ ଫାଉଣ୍ଡେଶନ ପ୍ରତିଷ୍ଠା କରିବା ପରେ ୨୦୧୭ରେ ବାୟୋଡାଇଭର୍ସିଟି ଇଣ୍ଟରନ୍ୟାଶନାଲ ସହଭାଗିତାରେ ତାମିଲନାଡୁର ଛେଙ୍ଗାଲପାଟୁ ଜିଲାରେ କମ୍ୟୁନିଟି ସିଡ୍ ବ୍ୟାଙ୍କ ଖୋଲିବା ଆରମ୍ଭ କରିଥିଲେ। ସିଡ୍‌ବ୍ୟାଙ୍କରୁ ଜଣେ ଚାଷୀ ୨ କେ.ଜି. ବିହନ ନେଇ ଅମଳ ପରେ ୪ କେଜି ବିହନ ଦେଉଛନ୍ତି। ସିଡ୍‌ବ୍ୟାଙ୍କ ବଞ୍ଚିରହିବା ଲାଗି ଏଭଳି ଉପାୟ କରାଯାଇଛି। ବିନା ଚୁକ୍ତି ଅର୍ଥାତ୍ କେବଳ ବିଶ୍ୱାସରେ କୃଷକଙ୍କୁ ପାରମ୍ପରିକ ଧାନ ବିହନ ଦିଆଯାଉଛି। ଏବେ ଜିଲାରେ ନଅଟି କମ୍ୟୁନିଟି ସିଡ୍ ବ୍ୟାଙ୍କ ଚାଲିଛି ଓ ସେଠାରୁ ଚାଷୀମାନେ ୧୩ଟି କିସମର ଧାନ ବିହନ ନେଇ ଚାଷ କରୁଛନ୍ତି। ଏହିସବୁ ଧାନରେ କମ୍ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉଛି। ଏପରି କି ଏସବୁ ଅତ୍ୟଧିକ ବର୍ଷାରେ ମଧ୍ୟ ନଷ୍ଟ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୭୭

- ଆଫଗାନିସ୍ତାନର ରାଷ୍ଟ୍ରପତି ମହମ୍ମଦ ଦାଉଦ୍ କାବୁଲରେ ଏକ ନୂତନ ବେସାମରିକ ସରକାର ଗଠନ କରିଛନ୍ତି ବୋଲି କୂଟନୈତିକ ସୂତ୍ରରୁ ଜଣାଯାଇଛି।
- ପୂର୍ବ ଜର୍ମାନୀର ମାଗଜିବର୍ଗଠାରେ ଏକ ଆୟୁର୍ବେଦିକ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 7 | | | | 4 |
| | | | 4 | | | | | 2 |
| | 8 | | | | | 6 | | |
| | 3 | 2 | | | 1 | | | |
| | 5 | 7 | | | | | | 3 |
| | 6 | | 8 | | | | | 1 |
| | | | 9 | 6 | | 7 | | |
| 2 | | | | 4 | | 3 | | 6 |
| | | 5 | | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 7 | 4 | 5 | 9 | 6 | 2 |
| 4 | 9 | 6 | 1 | 8 | 2 | 7 | 5 | 3 |
| 7 | 5 | 2 | 3 | 6 | 9 | 8 | 4 | 1 |
| 2 | 8 | 3 | 6 | 5 | 4 | 1 | 9 | 7 |
| 9 | 4 | 7 | 8 | 1 | 3 | 6 | 2 | 5 |
| 1 | 6 | 5 | 2 | 9 | 7 | 4 | 3 | 8 |
| 8 | 7 | 4 | 5 | 3 | 6 | 2 | 1 | 9 |
| 5 | 2 | 9 | 4 | 7 | 1 | 3 | 8 | 6 |
| 6 | 3 | 1 | 9 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

# ବିଷ ବଳୟର ଧାରା


ଅସିତ୍ ମହାନ୍ତି

ବ୍ରିଟିଶ ଜୀବବିଜ୍ଞାନୀ ତଥା ରିଭର ମନଷ୍ଟର୍ସ ଉପସ୍ଥାପକ ଜେରେମି ୱେଡ୍ ରହସ୍ୟମୟ ମିଠାପାଣି ପ୍ରାଣୀଙ୍କୁ ଖୋଜିବାରେ ପ୍ରସିଦ୍ଧ। ତାଙ୍କର ଯାତ୍ରା କେବଳ ମାଛ ଧରିବା ନୁହେଁ, ପ୍ରକୃତି ଓ ମାନବ ସମାଜର ସମ୍ପର୍କକୁ ବୁଝିବାରେ କେନ୍ଦ୍ରିତ। ଭାରତରେ ଗଙ୍ଗା ପରିଦର୍ଶନ ସମୟରେ ସେ ନଦୀକୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ପ୍ରଦୂଷଣ ଓ ମାନବୀୟ ଅବହେଳାରେ ଜଡ଼ିତ ଏକ କାହାଣୀ ଭାବେ ଦେଖିଥିଲେ।

ବହୁଳ ଭାବରେ ଚର୍ଚ୍ଚିତ ଭିଡିଓରେ ଜେରେମି ୱେଡ୍ ଗଙ୍ଗାନଦୀର ଜଳ ପରୀକ୍ଷା କରିଥିଲେ ଏବଂ ଏହାକୁ ଫେକଲ କୋଲିଫର୍ମ ଜୀବାଣୁ ଦ୍ୱାରା ପ୍ରଦୂଷିତ ବୋଲି ପାଇଥିଲେ, ଯାହା ମାନବ ମଳର ଉପସ୍ଥିତିକୁ ସୂଚିତ କରିଥିଲା। ତାଙ୍କର ସରଳ ରାସାୟନିକ ପରୀକ୍ଷା ଆଶାକରାଯାଇଥିବା ପରିଷ୍କାର ଫଳାଫଳ ବଦଳରେ ହାଲୁକା ବାଦାମୀ ରଙ୍ଗ ଦେଖାଇଥିଲା, ଯାହା ଗୁରୁତର ପ୍ରଦୂଷଣ ସ୍ତରକୁ ଉଜାଗର କରିଥିଲା। ୱେଡ୍‌ଙ୍କ ପରୀକ୍ଷା, ବିଶେଷକରି କାନପୁର ଆଖପାଖ ଅଞ୍ଚଳରେ ମଳ ପ୍ରଦୂଷଣର ଉଚ୍ଚ ସ୍ତର ସୂଚାଇଥିଲା। କିଛି ରିପୋର୍ଟରେ ମଳ କୋଲିଫର୍ମ ସଂଖ୍ୟା ଉଚ୍ଚ ବୋଲି ଉଲ୍ଲେଖ କରାଯାଇଥିଲା, ଯାହା ଏକ ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତିକୁ ଇଙ୍ଗିତ କରିଥିଲା। ସାଧାରଣତଃ ପାନୀୟ ଜଳରେ ଫେକଲ କୋଲିଫର୍ମର ପରିମାଣ ୦ ହେବା ଉଚିତ ଏବଂ ଯଦି ଏହା ୫୦୦ରୁ କମ୍ ଥାଏ ତେବେ ଏଥିରେ ପହଁରିପାରିବେ, କିନ୍ତୁ ଗଙ୍ଗାରେ ଏହାର ପରିମାଣ ୮୨,୦୦୦ ମିଳିଥିଲା। ଏହାର ଅର୍ଥ ହେଉଛି ଏଥିରେ ପହଁରିବା ଭୁଲିଯାଆନ୍ତୁ, ଏହାକୁ ଛୁଇଁବା ମଧ୍ୟ ନିଷେଧ। ପ୍ରକୃତରେ, ଯେତେବେଳେ ଜେରେମି ଗଙ୍ଗା ନଦୀରେ ତାଙ୍କର ରିମୋଟ କଣ୍ଟ୍ରୋଲ ସବ୍‌ମେରାଇନକୁ ତଳକୁ ଓହ୍ଲାଇଥିଲେ, ସେତେବେଳେ ସେ ଜଳପୃଷ୍ଠରେ ଅଳିଆ ସହ କେବଳ ପ୍ଲାଷ୍ଟିକ୍ ପାଇଥିଲେ। ତାଙ୍କ ସବ୍‌ମେରାଇନ ପ୍ଲାଷ୍ଟିକ୍‌ରେ ଫସିଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଜାଣିପାରିଲେ ଯେ ଗଙ୍ଗା କ୍ରୋମିୟମ, ସୀସା ଏବଂ ଆର୍ସେନିକ୍ ଭଳି ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ। ଏହି ରାସାୟନିକ ପଦାର୍ଥଗୁଡ଼ିକ ପ୍ରକୃତରେ ଚମଡ଼ା କାରଖାନାରୁ ଆସିଥାଏ।

ୱେଡ ତାଙ୍କ ମାଇଟ ରିଭର୍ସ ଡକ୍ୟୁମେଣ୍ଟାରିରେ ଦେଖାଇଥିଲେ ଯେ ଅପରିଷ୍କାର ନର୍ଦ୍ଦମା ଏବଂ ଶିଳ୍ପ ନିର୍ଗତ ବର୍ଜ୍ୟ ନଦୀକୁ ଗୁରୁତର ପ୍ରଦୂଷିତ କରୁଛି, ଯାହା ପାଣିର ପବିତ୍ରତାର ଧାରଣାକୁ ଚ୍ୟାଲେଞ୍ଜ କରୁଛି। ଏହି ବୈଜ୍ଞାନିକ ମୂଲ୍ୟାଙ୍କନ ପରିବେଶଗତ ଅବକ୍ଷୟର ସତ୍ୟକୁ ଉଜାଗର କରି ଉନ୍ନତ ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉଲ୍ଲେଖ କରିଥିଲା।

ଭାରତର ପବିତ୍ର ନଦୀ ଭାବରେ ବିବେଚିତ ଗଙ୍ଗାକୁ କେବଳ ଧାର୍ମିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଜୀବନର ପ୍ରତୀକ ଭାବରେ ଦେଖାଯାଏ। ଏହାର କୂଳରେ ଅନେକ ସଭ୍ୟତା ଜନ୍ମ ନେଇଥିଲା। କିନ୍ତୁ ୱେଡ୍‌ଙ୍କ ସମୟରେ ଯେଉଁ ଚିତ୍ର ଦେଖାଯାଇଥିଲା ତାହା ଏକ କଷ୍ଟକର ବାସ୍ତବତା। ସେ ଦେଖିଥିଲେ ଯେ ଚମଡ଼ା କାରଖାନା ଏବଂ



ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ସେମାନଙ୍କର ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକୁ ଗଙ୍ଗାରେ ବିନା କୌଣସି ପ୍ରତିବନ୍ଧକରେ ଛାଡ଼ି ଦେଉଥିଲେ। ଏହି ପ୍ରଦୂଷଣ କେବଳ ଜଳକୁ ପ୍ରଦୂଷିତ କରୁ ନ ଥିଲା, ବରଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ତାଙ୍କ ଅଭିଜ୍ଞତାରେ ୱେଡ୍ ଗଙ୍ଗାରେ ଜୀବମାନଙ୍କୁ ଦେଖିବା ବିଷୟରେ ବର୍ଣ୍ଣନା କରିଥିଲେ, ଯେଉଁମାନେ ସେମାନଙ୍କର ପ୍ରାକୃତିକ ରୂପ ହରାଇ ବସିଥିଲେ। ମାଛ ଉପରେ କ୍ଷତ, ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଏବଂ କିଛି ପ୍ରଜାତି ସମ୍ପୂର୍ଣ୍ଣ ଲୋପପାଇବା ଚିନ୍ତାର କାରଣ ଥିଲା। ଏହିସବୁ ପ୍ରମାଣିତ କରିଥିଲା ଯେ ଚମଡ଼ା କାରଖାନାରୁ ନିର୍ଗତ କ୍ରୋମିୟମ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ପାଣିରେ ମିଶି ସମଗ୍ର ପରିବେଶକୁ ନଷ୍ଟକରୁଥିଲା। ୱେଡ୍ ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରଦୂଷଣ କେବଳ ମାଛ ପାଇଁ ନୁହେଁ, ବରଂ ଏହା ମାନବ ସମାଜ ପାଇଁ ଏକ ବିପଦ ସଙ୍କେତ ଥିଲା। ସେ ଦେଖିଥିଲେ ଯେ ମତ୍ସ୍ୟଜୀବୀମାନେ ଗଙ୍ଗାରୁ ଧରିଥିବା ମାଛ ସ୍ୱାସ୍ଥ୍ୟ ପାଇଁ ଏତେ ଖରାପ ଯେ ବଜାରରେ ସେସବୁ ବିକ୍ରି କରିବା କଷ୍ଟକର। ଏହା ବ୍ୟତୀତ ଚର୍ମରୋଗ, ପେଟରୋଗ ଏବଂ ଅନ୍ୟାନ୍ୟ ସଂକ୍ରମଣ ଭଳି ପ୍ରଦୂଷିତ ଜଳ ଦ୍ୱାରା ହେଉଥିବା ରୋଗ ସାଧାରଣ ହୋଇଯାଇଛି। ୱେଡ୍ ଏହି ସମସ୍ୟାକୁ ଏକ ସତର୍କଘଣ୍ଟି ଭାବରେ ଦେଖିଲେ ଯାହା ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଏବେ ପଦକ୍ଷେପ ନ ନେଉ, ତେବେ ଆମେ ଜୀବନକୁ ବିପଦରେ ପକାଇବୁ। ୱେଡ୍‌ଙ୍କ ଦୃଷ୍ଟିକୋଣ ସର୍ବଦା ଜଣେ ବୈଜ୍ଞାନିକ ଏବଂ କାହାଣୀକାରଙ୍କ ପରି ରହିଆସିଛି। ସେ ଗଙ୍ଗାକୁ ତାଙ୍କର ଯାତ୍ରାର କେବଳ ଏକ ଅଭିଜ୍ଞତା ଭାବରେ ନୁହେଁ ବରଂ ଏକ ବାର୍ତ୍ତା ଭାବରେ ଦେଖିଥିଲେ। ସେ କହିଥିଲେ, ଗଙ୍ଗା ଭଳି ପବିତ୍ର ଜଳକୁ ରକ୍ଷାକରିବା କେବଳ ଭାରତର ଦାୟିତ୍ୱ ନୁହେଁ, ବରଂ ସମସ୍ତ ମାନବ ସମାଜର ଦାୟିତ୍ୱ। ଏହି ନଦୀ କେବଳ ଏକ ଭୌଗୋଳିକ ଧାରା ନୁହେଁ; ଏହା ଏକ ଧାରା ଯାହା ମାନବତାକୁ ସଂଯୋଗକରେ, ଯାହା ସଂସ୍କୃତିକୁ ଜୀବନ୍ତ ରଖେ ଏବଂ ଯାହା ପ୍ରକୃତି ସହ ଆମର ସମ୍ପର୍କକୁ ମଜଭୁତ କରେ। ଯଦି ଆମେ ଏହାକୁ ଅଦୃଶ୍ୟ ହେବାକୁ ଦେଉ, ତେବେ ଆମେ ଆମର ଇତିହାସ, ଆମର ଧର୍ମ ଏବଂ ଆମର ଭବିଷ୍ୟତକୁ ନଷ୍ଟ କରିଦେବୁ।

ସେ ଚମଡ଼ା କାରଖାନାରୁ ପ୍ରଦୂଷଣକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ଯେ ପୁଞ୍ଜିବାଦ ଏବଂ ଶିଳ୍ପ ଲୋଭ କିପରି ପ୍ରକୃତିକୁ ନଷ୍ଟ କରୁଛି। ଏହାର ପ୍ରଦୂଷଣ କେବଳ ପରିବେଶ ପ୍ରତି ନୁହେଁ ବରଂ ଧାର୍ମିକ ଏବଂ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଅପମାନ। ଜେରେମି ୱେଡ୍‌ଙ୍କ ଗପ ଏକ କାହାଣୀ ପାଲଟିଥିଲା ଯାହା ଆମକୁ ଚିନ୍ତା କରିବାକୁ ବାଧ୍ୟକରେ। ସେ ଯାହା ଦେଖିଲେ ତାହା ଏକ ଚିତ୍ର ଯାହା ଆମ ସମସ୍ତଙ୍କୁ ଆମର କାର୍ଯ୍ୟର ପୁନର୍ବିଚାର କରିବାକୁ ପ୍ରେରଣା ଦିଏ। ଗଙ୍ଗାରେ ମାଛଙ୍କ ମୃତ୍ୟୁ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ; ଏହା ଏକ ସଙ୍କେତ ଯାହା ଆମକୁ କହୁଛି ଯେ ଆମେ ଆମର ନିଜ ଜୀବନକୁ ବିପଦରେ ପକାଉଛୁ। ୱେଡ୍‌ଙ୍କ ବାର୍ତ୍ତା ସ୍ପଷ୍ଟ ଥିଲା: ଯଦି ଆମେ ଏବେ ପଦକ୍ଷେପ ନ ନେଉ, ତେବେ ଆମେ କେବଳ ଏକ ନଦୀ ନୁହେଁ ବରଂ ଆମର ଇତିହାସ, ଧର୍ମ ଏବଂ ଭବିଷ୍ୟତ ହରାଇବୁ।

ସୁଜନପୁର, ଯାଜପୁର
ମୋ: ୯୪୩୭୨୮୮୦୨୮

# ସରଳ ଓ ଜଟିଳତାର ଭାଗମାପ


ଯତିଦାନନ୍ଦ ଦାଶ

ସାଧାରଣତଃ ଆମେ ଲୋକଙ୍କଠାରୁ ଏପରି ଶୁଣିବାକୁ ପାଉ ଯଥା ''ଆମ ସାଇର ରାମବାବୁ ଖୁବ୍ ସରଳ, ସିଧାସାଦା ଲୋକ। ତାଙ୍କ ପୁଅ ରମେଶ ମଧ୍ୟ ଠିକ୍ ତାଙ୍କ ପରି''। ସେହିପରି ବିଦ୍ୟାଳୟ ହେଉ ଅବା କାର୍ଯ୍ୟାଳୟ, ଠିକ୍ ଏପ୍ରକାରର ସରଳ ଲୋକ ବାରି ହୋଇପଡ଼ନ୍ତି। ଦେଖାଯାଏ, ସ୍କୁଲରେ ପିଲାଟିଏ ଅନ୍ୟ ଗୋଟିଏ ସାଙ୍ଗଠାରୁ ମାଡ଼ଖାଇ ଘରକୁ ପଳେଇ ଆସିବ, ବରଂ ତା' ବିରୋଧରେ କିଛି କହିବ ନାହିଁ କି ଶ୍ରେଣୀ ଶିକ୍ଷକଙ୍କୁ ଏ ବାବଦରେ ଗୁହାରି କରେ ନାହିଁ। କଲେଜ ପରୀକ୍ଷାରେ ସମସ୍ତେ କପି କରି ଉତ୍ତର ଲେଖି ଯାଉଥିବେ, ମାତ୍ର ଏମିତି କିଛି ସରଳତାସମ୍ପନ୍ନ କିଶୋର ଅଛନ୍ତି, ସେମାନେ କପି କରିବାକୁ ଭୟ କରିବେ। ତା' ଛଡ଼ା ସରଳ ଲୋକମାନେ ଯଦିଓ ଭୟାଳୁ ହୋଇଥାନ୍ତି, ମାତ୍ର ସୁବିଧାବାଦୀ ହୋଇ ନ ଥା'ନ୍ତି। ଉପରୋକ୍ତ ଉଦାହରଣରୁ ଆମେ ଅନୁମାନ କରିପାରୁ ଯେ, କିଛି ନ କହି ନୀରବତା ରକ୍ଷା କଲେ, ସେ ଲୋକକୁ ସରଳ ବୋଲି କୁହାଯିବ। ନା, ତା' ନୁହେଁ। ସରଳତା ସହିତ ଆଉ କିଛି ଉପାଦେୟ ତଥ୍ୟ ଅଛି। କେହି କେହି ଏମାନଙ୍କୁ ନିୟମ ଉପରେ ଆଧାରିତ ନୀତିବାନ ଲୋକ ଭାବେ ଅଭିହିତ କରିଥା'ନ୍ତି। ଆଉ ଏକ ପ୍ରକାର ସରଳ ଲୋକ ଅଛନ୍ତି, ଯେଉଁମାନେ ନିଜକୁ ନ୍ୟୂନ ଭାବିଥାନ୍ତି। ସେମାନେ ନିଜକୁ ଧୈର୍ଯ୍ୟହରା, ଭୀରୁ, ନିକମା ଇତ୍ୟାଦି ଭାବି ନେଇଥାନ୍ତି। ବେଳେ ବେଳେ ନିଜର ବୁଦ୍ଧି ଓ ବିବେକକୁ ଅସ୍ୱୀକାର କରିବାକୁ ପଛାନ୍ତି ନାହିଁ। ଏପରି ନିଜକୁ ଭାବିବା ପ୍ରକୃତ ସରଳତା ନୁହେଁ, ବରଂ ଏହା ଏକ ଆତ୍ମ ଅବମୂଲ୍ୟାୟନ। ଏତାଦୃଶ କାର୍ଯ୍ୟକଳାପ ଆମମାନଙ୍କୁ ଉନ୍ନତିର ପଥରୁ ଦୂରେଇ ରଖେ। ଜୀବନକୁ ବ୍ୟର୍ଥ ଓ ଅର୍ଥହୀନ କରିଦିଏ। ଏହିପରି ସ୍ଥିତିରେ ପରିବାର, ସମାଜ ଓ ସାଙ୍ଗସାଥୀମାନେ ସରଳଲୋକଟିକୁ କହିଚାଲିବେ। ''ତୁଟା ବୋକା, ସରଳିଆଟା, ତୁ ସେ ଅମୁକ ଭଳିଆ ନୁହଁ, ତୋ ଦ୍ୱାରା କିଛି ହୋଇପାରିବ ନାହିଁ ଇତ୍ୟାଦି''। ଏହାଦ୍ୱାରା ସରଳଲୋକଟି ଆତ୍ମବିଶ୍ୱାସ ହରେଇ ବସେ ଏବଂ ଲୋକଟି ନିଜକୁ ଅଯୋଗ୍ୟ ବୋଲି ଭାବିନିଏ।

ସରଳତାର ଠିକ୍ ବିପରୀତରେ ଅଛି ଜଟିଳତା। କେତେଜଣ ଲୋକ ଅଛନ୍ତି, ଅତି କୁଟିଳ ମନୋବୃତ୍ତିର। ସେମାନେ ନିଜକୁ ବା ନିଜର ମନ୍ତବ୍ୟକୁ ଠିକ୍ ଭାବେ ପରିପ୍ରକାଶ କରିପାରନ୍ତି ନାହିଁ। ସବୁକିଛି ନକାରାତ୍ମକ ଚିନ୍ତାଧାରା ରଖିଥାନ୍ତି। କାର୍ଯ୍ୟକ୍ଷେତ୍ରରେ ସବୁ ଓଲଟପାଲଟ୍ କରିଦେଇଥାନ୍ତି। ଏ ପ୍ରକାର ଲୋକ ଜଟିଳତାର ବଶବର୍ତ୍ତୀ ହୋଇଥାନ୍ତି। ଚରିତ୍ର ଓ ବ୍ୟକ୍ତିତ୍ୱର ସଂରକ୍ଷଣ ସେମାନଙ୍କ ପାଖରେ ଫିକା ପଡ଼ିଯାଏ ଏବଂ ଜଟିଳତାକୁ ମନରେ ବାନ୍ଧିରଖି ଅନ୍ୟର କ୍ଷତିକରିବାକୁ ପଛାନ୍ତି ନାହିଁ। ଜଟିଳ ପ୍ରକୃତିର ଲୋକ ଅନ୍ୟଜଣେ ଭଲ ମଣିଷକୁ ଖାଲରେ ପକାଇ ନିଜେ ଖସି ହେବାର ଉପାୟ ମନରେ ପାଞ୍ଚୁଥାଏ ଏବଂ ନିଜ ଦୋଷ ଦୁର୍ବଳତାକୁ ସବୁବେଳେ ଘୋଡ଼ାଇ ରଖିବାକୁ ଚେଷ୍ଟା କରେ। ଏ ପ୍ରକାର ଲୋକଙ୍କ ସମ୍ବନ୍ଧରେ ସାଇ ପଡ଼ିଶାରେ କହିବୁଲନ୍ତି – ''ସେ ଲୋକଟା ପ୍ରଚଣ୍ଡ କୂଟନୀତିପ୍ରବଣ। ତା' ପେଟରୁ ପଦେ ହେଲେ ସତ କଥା ବାହାରିବନି ?'' ଏ ସମାଜ ବା ଜାତିର କଥା ଚିନ୍ତାକଲେ, ଏପରି ହୃଦ୍‌ବୋଧ ହୁଏ ଯେ, ଜଟିଳତାସମ୍ପନ୍ନ ଲୋକମାନେ ଦେଶ ପାଇଁ କ୍ଷତିକାରକ। ଏମାନେ ବାହାରକୁ ଚାକଚକ୍ୟ ଥାନ୍ତି, ମାତ୍ର ଅନ୍ତରରେ ହୀନମନ୍ୟତା ଓ ଖଳ ପ୍ରବୃତ୍ତିର ହୋଇଥାନ୍ତି। ଜଟିଳ ଲୋକମାନେ ଖୋଲା ହୃଦୟରେ ହସି କଥା ହୁଅନ୍ତି ନାହିଁ।

ସରଳତା ଓ ଜଟିଳତା ଗୁଣ ଭିନ୍ନ ଭିନ୍ନ ଭାବେ ମଣିଷଠାରେ ଦେଖାଗଲେ, ତାହା ମଣିଷ ପ୍ରତି ହାନିକାରକ ହୋଇଥାଏ। ତେଣୁ ଆମମାନଙ୍କୁ ଦୈନନ୍ଦିନ ଜୀବନରେ ସରଳତା ଓ ଜଟିଳତାର ସନ୍ତୁଳନକୁ ରକ୍ଷା କରିବାକୁ ପଡ଼ିବ। ଆଜିର ଯୁଗରେ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ରକ୍ଷା କରିବା ପାଇଁ ଏ ମଣିଷକୁ ସରଳ ସଙ୍ଗେ ଜଟିଳ ହେବାକୁ ପଡ଼ିବ। ଏକ ପ୍ରବାଦ ଅଛି – ସରଳ ହୁଅ, ମାତ୍ର ବୋକାଭାବେ ସରଳ ହୁଅନାହିଁ। ବେଳେ ବେଳେ କର୍ମସ୍ଥଳୀ ବା ଯେକୌଣସି ଆନୁଷ୍ଠାନିକ କାର୍ଯ୍ୟରେ କିଛି ନକାରାତ୍ମକ ଲୋକ ଭୁଲ୍ ଲୋକର ସରଳତାର ଫାଇଦା ଉଠାଇ ନିଅନ୍ତି। ଏପରି କ୍ଷେତ୍ରରେ ଭଲ ଲୋକ ଜଟିଳତାକୁ ଆପଣେଇବାର ଆବଶ୍ୟକତା ଅଛି। ଠିକ୍ ସେହିପରି ମଣିଷକୁ ସରଳ ହେବାର ଆବଶ୍ୟକତା ରହିଛି। ଦୈନନ୍ଦିନ ଜୀବନରେ ସରଳ ବ୍ୟବହାର ପ୍ରଦର୍ଶନ ଗ୍ରହଣୀୟ। ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କଠାରୁ ଶିକ୍ଷାଲାଭ କରିଛେ। 'ସିମ୍ପୁଲ ଲିଭିଂ, ହାଇ ଥିଙ୍କିଙ୍ଗ୍'। ସରଳ ଭାବନାରେ ଉଚ୍ଚ ବିଚାର ଶକ୍ତିଥାଏ। ସରଳ ଲୋକ ମନରେ ଉଚ୍ଚ ଆକାଂକ୍ଷା ଓ ଆଶା ଜନ୍ମିତ ହେବାର ପରିଲକ୍ଷିତ ହୁଏ। ସରଳ ମନୋଭାବର ଲୋକ ବିଶ୍ୱାସୀ ଏବଂ ମାନସିକ ସ୍ତରରେ କର୍ମଠ ହୋଇଥାନ୍ତି।

ସଡିଏ, କଟକ
ମୋ : ୭୦୦୮୬୫୦୬୯୩

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲକ୍ଷ୍ୟ ଧାର୍ଯ୍ୟ ଧାନ ଉଠାଯାଉ

ମହାଶୟ,

ଜଗତ୍‌ସିଂହପୁର ଜିଲାରୁ ରାଜ୍ୟ ସରକାର ଚଳିତବର୍ଷ ବିଭିନ୍ନ ମଣ୍ଡିରେ ୧୭ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ଚାଷୀମାନଙ୍କଠାରୁ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । କିନ୍ତୁ ଅଦ୍ୟାବଧି ଜିଲାର ବିଭିନ୍ନ ମଣ୍ଡିରେ ଫେବୃଆରୀ ମାସର ଧାନ ନିଆଯାଉଛି । ଫଳରେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରୁ କ୍ରୟ କରାଯାଇଛି । ଫଳରେ ଜଗତ୍‌ସିଂହପୁର ଜିଲାର ଚାଷୀ ତାଙ୍କ ଧାନ ଦେବା ମଣ୍ଡିରେ ଅନିଶ୍ଚିତତା ଦେଖାଯାଇଛି । ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ,ଜିଲା ଯୋଗଣ ବିଭାଗ ଅଧିକାରୀ ଗୁରୁତ୍ୱର ସହ ପ୍ରତ୍ୟେକ ଧାନ ମଣ୍ଡିର ଲକ୍ଷ୍ୟ ଧାର୍ଯ୍ୟ ମୁତାବକ କ୍ରୟ କରିବ। ବ୍ୟବସ୍ଥା ୩୧।୩।୨୦୨୬ ସୁଦ୍ଧା ବ୍ୟବସ୍ଥା କରା ନ ଗଲେ, ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ ହେବେ। ଏଥି ପ୍ରତି ଜିଲା ପ୍ରଶାସନ ମୁଖ୍ୟତଃ ଜଗତ୍‌ସିଂହପୁର ଜିଲାପାଳ ଦୃଷ୍ଟି ଦେବାକୁ ଅନୁରୋଧ।

– ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶତାଧିକ ଲୋକ ରୋଗରେ ଆକ୍ରାନ୍ତ

## ମାନପୁର ଅଞ୍ଚଳରେ ପ୍ରଦୂଷଣ ନେଇ କୃଷକ ମଞ୍ଚର ବୈଠକ



**କଳିଙ୍ଗନଗର ୧୯।୩ (ଶୁଭାଶିଷ ରାଉତ)**

କଳିଙ୍ଗନଗର ଶିଳ୍ପାଞ୍ଚଳର ମାନପୁର ରେଳ ଷ୍ଟେଶନ ସଂଲଗ୍ନ ଧୂଳିଗଡ ପଞ୍ଚାୟତର ପଡା ଗ୍ରାମ ନୀଳାପଦାଠାରେ ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାନପୁର ରେଳ ପ୍ଲଟକୁ ଲାଗି ରହିଥିବା ନିଳାପଦା, ସୁଆଁଲ, ପାତ୍ର ସାହିର ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିଛି ବୋଲି ଗ୍ରାମବାସୀ କୃଷକ ମଞ୍ଚ ସହିତ ଆଲୋଚନା କରିଥିଲେ। ବିଗତ ବର୍ଷରେ ଏହି ଗ୍ରାମ ସମୂହର ଶତାଧିକ ଲୋକ କିଡିନ, ଯକ୍ଷ୍ମା, ଶ୍ୱାସ, ଫୁସଫୁସ ଓ ଚର୍ମ ଜନିତ ମାରାତ୍ମକ ରୋଗରେ ଅଳ୍ପବୟସରେ ମୃତ୍ୟୁ ହୋଇଛି। ଏବେ ଜନ୍ମ ସମୟରେ ଓ ପରେ ଅନେକ ଶିଶୁ, କିଶୋର ବିକଳାଙ୍ଗ ହୋଇଯାଉଛନ୍ତି। କାରଣ କ୍ଲିଙ୍କର ଏକ ମାରାତ୍ମକ ରାସାୟିନିକ ଦ୍ରବ୍ୟ ଏଠାରେ ଖାଲି କରାଯିବା ସହିତ କୋଇଲା, କ୍ରୋମାଇଟ, ଲୁହାପଥର, ଚୁନ ପଥରେ ଏହି ଗ୍ରାମଗୁଡିକ ନିକଟରେ ରେଳ ବଗିରୁ ଖଲାସ କରାଯାଇଥାଏ। ଅପରପକ୍ଷରେ ଗ୍ରାମ୍ୟ ନିକଟରେ ପ୍ରବାହିତ ଗଣ୍ଡାନାଳ ପାଣିରେ କାରଖାନାଗୁଡିକ ବିଷାକ୍ତ ବର୍ଜ୍ୟ ପଦାର୍ଥ ଦୈନିକ ଛାଡି ଦେବାରୁ ଗାଧୋଇବା ତ ଦୂରର କଥା ଗୃହପାଳିତ ପ୍ରାଣୀମାନେ ସେସବୁ ପିଇବାରୁ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ମହିଳାମାନେ ପ୍ରକାଶ କରିଥିଲେ। ଗୁରୁବାର ସକାଳେ ଗ୍ରାମ ମହିଳା କମିଟିର ସଦସ୍ୟମାନେ ଯାଜପୁର ରୋଡସ୍ଥିତ ଜିଲା ପ୍ରଦୁଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ରେଳ ବିଭାଗର ମାଲ ଖଲସ ପ୍ଲଟଟିକୁ ମାନପୁରଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପୁଣିଥରେ ଲିଖିତ ଦରଖାସ୍ତ ପ୍ରଦାନ କରିଛନ୍ତି। କୃଷକ ମଞ୍ଚ ସେମାନଙ୍କୁ ଅନ୍ୟତ୍ର ସରକାରୀ ସ୍ଥରରେ ବିସ୍ଥାପିତ କରିବା କିମ୍ବା ମାଲ ଖଲାସି ସ୍ଥାନ ସେଠାରୁ ସ୍ଥାନାନ୍ତର କରିବାକୁ ସ୍ୱର ମିଳାଇଛି। ଆଗାମୀଦିନରେ ମଞ୍ଚ ଧୂଳିଗଡର ସମସ୍ତ ପ୍ରକାର ଜମି ବନ୍ଦୋବସ୍ତ କାର୍ଯ୍ୟ ସହିତ ପ୍ରଦୂଷଣରୁ ଗ୍ରାମବାସୀଙ୍କୁ ଉଦ୍ଧାର କରିବା ପାଇଁ ଆଇନଗତ ଓ ଆନ୍ଦୋଳାତ୍ମକ ଉପାୟରେ ସହଯୋଗ ଜାରି ରଖିବ ବୋଲି ମଞ୍ଚର ସଂଯୋଜକ ମୃତ୍ୟୁଞ୍ଜୟ ଦେଓ, ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଉପସଭାପତି ରବିନାରାୟଣ ଧୀର ସାମନ୍ତ, ପରାମର୍ଶଦାତା ମଟାଇ ଜାମୁଦା, ବରିଷ୍ଠ କର୍ମକର୍ତ୍ତା ଚୁନା ପୃଷ୍ଟି, ଆଦିବାସୀ ନେତା ହିନ୍ଦୁ ଜାମୁଦା ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଉମାକାନ୍ତ ମହାପାତ୍ର, ବିଶ୍ୱାମିତ୍ର ଦାସ, ସନ୍ତୋଷ ପାତ୍ର, ବିଜୟ ପାତ୍ର, ଜଗନ୍ନାଥ ସୂତାର, ରାଜେଶ ମୁଣ୍ଡା, ରଙ୍ଗଲତା ନାୟକ, ଝରଣା ବାରିକ, ପୁଷ୍ପାଞ୍ଜଳି ନାୟକ, ବେବି ପ୍ରଧାନ, ତୁଳସୀ ବେହେରା, ଗାୟତ୍ରୀ ନାୟକ, ସୁଫଳା ନାୟକ, ମଞ୍ଜୁ ନାୟକ ଝିଲ୍ଲି ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାସ୍ତା କିସମ ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ଅଭିଯୋଗ



**ଦଶରଥପୁର, ୧୯।୩ (ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତରେ ଲୋକଙ୍କ ଗମନାଗମନ ପାଇଁ ଥିବା ରାସ୍ତାରେ ବ୍ଲକ ପ୍ରଶାସନ ଅଙ୍ଗନୱାଡି ଗୃହ ନିର୍ମାଣ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ନିଜାମପୁର ମୌଜା ଖାତା ନଂ. ୨୯୮ ପ୍ଲଟ ନଂ. ୪୧୩ କିସମ ରାସ୍ତା ଉପରେ ନିଜାମପୁର-୧ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ଏ ବିଷୟରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଭାତ କୁମାର ବିଶ୍ୱାଳ ଜିଲାପାଳ, ଦଶରଥପୁର ତହସିଲଦାର ଓ ବିଡିଓଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏ ସମ୍ପର୍କରେ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଦଶରଥପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପି. ହାଁସଦାଙ୍କୁ ପଚାରିବାରେ ପୂର୍ବରୁ ଏଠାରେ ଅଙ୍ଗନୱାଡି ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଅସମ୍ପୂର୍ଣ୍ଣ ଭାବେ ପଡି ରହିଥିଲା। ବର୍ତ୍ତମାନ ଏହି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ବ୍ଲକ ପକ୍ଷରୁ ୧୦ ଲକ୍ଷ ଟାଙ୍କର ଅନୁଦାନ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ତେବେ କେମିତି ରାସ୍ତା କିସମ ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଛି ତଦନ୍ତ ସାପେକ୍ଷ।

## ଜୟରାଷ୍ଟ୍ର ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

**କେନ୍ଦ୍ରାପଡା, ୧୯।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲାର ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟରାଷ୍ଟ୍ର ଚାରିଟେବୁଲ ପକ୍ଷରୁ ହିନ୍ଦୁ ନବବର୍ଷ ଗୁରୁବାର ପାଳନ କରାଯାଇଛି। ସହରର ତଳବାରଙ୍ଗସ୍ଥିତ ସିଦ୍ଧ ମରିଚିଆଣୀ ମନ୍ଦିର ପରିସରରେ ସଦସ୍ୟ ମାତୃଦତ୍ତ ମହାନ୍ତିଙ୍କ ଆବାହକତ୍ୱରେ ବିଶ୍ୱ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା ଓ ଯଜ୍ଞାନୁଷ୍ଠାନ ହୋଇଥିଲା। ଏଥିସହିତ ଜ୍ୟୋତିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଶାନ୍ତି ସ୍ଥାପନରେ ଭାରତର ଭୂମିକା ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କର୍ମକର୍ତ୍ତା ବୀରେନ୍ଦ୍ର କୁମାର ଦାସ କହିଛନ୍ତି, ସନାତନ ସଂସ୍କୃତିରେ ନବ ବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷ ପ୍ରତିପଦାରେ ଅନୁଷ୍ଠିତ ହୋଇଥାଏ। ଏଥିସହିତ ଭୂ ସୃଷ୍ଟି ଦିବସ ଆଜିର ଦିନରେ ହୋଇଥିଲା। ଭଗବାନ ରାମଙ୍କ ରାଜ୍ୟାଭିଷେକ ଏହି ତିଥିରେ ହୋଇଥିଲା। ସନାତନ ସଂସ୍କୃତି ଜୀବନର ପ୍ରବାହ ଧାରା ବୋଲି ବିଶ୍ୱବିଦିତ। ଏହି ଧାରାରେ ବିଶ୍ୱ ହିତ ଚିନ୍ତା କରାଯାଇଛି। ସମସ୍ତଙ୍କ ସୁଖ ଶାନ୍ତି ପାଇଁ ଜୟ ରାଷ୍ଟ୍ର ପକ୍ଷରୁ ଏହି ନବବର୍ଷ ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ବିଭିନ୍ନ ଅଞ୍ଚଳରେ ଦେବଦେବୀଙ୍କ ପୂଜାର୍ଚ୍ଚନା ପାଇଁ ଗୃହ ଦ୍ୱାରରେ କଳସ ସ୍ଥାପନ କରାଯାଇ ଏହି ବର୍ଷକୁ ସ୍ୱାଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମଳୟ ସାହୁ, ରାଜେନ୍ଦ୍ର ମହାପାତ୍ର, ଜ୍ଞାନରଞ୍ଜନ ଦାସ, ଦୁର୍ଗା ପ୍ରସାଦ ପତି, ସୁଶାନ୍ତ କୁମାର ନାୟକ ଓ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ବରୀ କଂଗ୍ରେସ ପକ୍ଷରୁ ଗଣଧାରଣା



ଶୋଭାଯାତ୍ରାରେ ବାହାରିଥିବା ବରୀ କଂଗ୍ରେସ କର୍ମୀମାନେ।

**ବରୀ, ୧୯।୩ (ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ କଂଗ୍ରେସ ପକ୍ଷରୁ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦେବ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ନାୟକ ଯୋଗଦେଇ ବର୍ତ୍ତମାନର ସରକାରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଜନ ବିରୋଧୀ କାର୍ଯ୍ୟକ୍ରମ ଏବଂ କୃଷକ ମାରଣ ନୀତି, ଗ୍ୟାସର କଳା ବଜାର, ଧାନ ମଣ୍ଡିରେ କଟନିଛଟନି ଯୋଗୁ କେବଳ ବରୀ ଅଞ୍ଚଳ ନୁହେଁ ସାରା ଭାରତ ବର୍ଷରେ ଲୋକମାନେ ଅତିଷ୍ଠ ହେଲେଣି। ଏହି ପରିପ୍ରେକ୍ଷୀରେ ହାତରେ ପ୍ଲାକାର୍ଡ ଓ ଗ୍ୟାସ୍ ଟାଙ୍କି ଧରି ସରକାର ବିରୋଧୀ ନାରାବାଜି କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ବରୀ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସମୀର ନାୟକଙ୍କ ସମେତ ଉପସ୍ଥିତ କର୍ମୀମାନେ ବରୀର ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ନନ୍ଦ ସେନାପତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଜିଲା ସଭାପତି ମାଗୁଣି ଜେନା, ନାରୀ ନେତ୍ରୀ କଳ୍ପନା ପଣ୍ଡା, ଲିପିକା ପାତ୍ର, ମାନବାଧିକାର କର୍ମୀ ଅଧିର କୁମାର ଜେନା, ମାନସ ସାହୁ, ସୁବାସ ସେଠୀ, ଶରତ ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଦେମାଳ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଆଳି, ୧୯।୩ (ବନମାଳୀ ସେନାପତି)**

ଆଳି ବ୍ଲକ ଦେମାଳ ପଞ୍ଚାୟତ ମୂଳସାହି ଖେଳପଡିଆଠାରେ ଦେମାଳ ପ୍ରିମିୟର ଲିଗ ସିଜିନ -୩ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରିମିୟର ଲିଗକୁ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ସମ୍ବିତ ଦାସ ଓ ସ୍ୱାସ୍ଥ୍ୟକର୍ମୀ ବିଜୟ କୁମାର ଘଡ଼ାଇ ଉପସ୍ଥିତ ଥିଲେ। ଅତିଥିମାନେ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରିମିୟର ଲିଗ୍ ଯୁବପିଢ଼ିମାନଙ୍କ ମଧ୍ୟରେ ଏକ ନିଆରା ଭାଇଚାରା ସୃଷ୍ଟି କରୁଛି ବୋଲି ଅତିଥିମାନେ ଦେଇଥିଲେ। ଏହି ପ୍ରିମିୟର ଲିଗରେ ପାଞ୍ଚଟି ଟିମ୍ ଭାଗ ନେଇଛନ୍ତି। ରାକେଶ ରାୟଙ୍କ ସାଲିନି ରୁଦ୍ର ଇଲେଭେନ, ସିପୁନ ପଣ୍ଡାଙ୍କ ଫାଇପ ହଣ୍ଡ୍ରେଡ୍ ଚ୍ୟାଲେଞ୍ଜର୍ସ, କଳିଙ୍ଗ ସେନାପତିଙ୍କ କଳିଙ୍ଗ ୱାରିୟର୍ସ, ଦୀପକ ସାମଲଙ୍କ ରିବେଲ ଷ୍ଟାର ଓ ରାଜେଶ ଘଡ଼ାଇ ମାଇଟି ସିଂଘମ ଟିମ ଏହି ଲିଗରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ତିନିଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଏହି ପ୍ରିମିୟର ଲିଗ ୭ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଖେଳକୁ ଅମ୍ପାୟାର ଭାବେ ପ୍ରତାପ ସାମଲ ଓ ପ୍ରଭାତ ସାମଲ ପରିଚାଳନା କରିଥିବା ବେଳେ ମହାବୀର ସ୍ପୋର୍ଟ୍ସର ଆଶିଷ ସାମଲ ଲିଗ ପରିଚାଳନାରେ ସହଯୋଗ କରିଥିଲେ।

## ସିହପଡ଼ା ଦାଣ୍ଡ ପୋଖରୀରୁ ମାଟି ଖୋଳି ନେଉଛନ୍ତି ମାଫିଆ

**ରାଜକନିକା, ୧୯।୧ (ସଞ୍ଜୟ କୁମାର ଦାଶ)**

କନିକା ତହସିଲ ଅଧୀନରେ ଥିବା ଗୋଚର, ଅନାବାଦୀ ଓ ଗାଁ ପୋଖରୀରୁ ବେଧଡକ ଭାବେ ଦିନ ଦ୍ୱିପ୍ରହରରେ ମାଟି ଖୋଳି ବିକ୍ରି କରୁଛନ୍ତି ମାଫିଆମାନେ। ଚୁପ ବସିଛି ତହସିଲ ପ୍ରଶାସନ।

ସୂଚନା ଅନୁସାରେ ସିହପଡା ପଞ୍ଚାୟତ ସିହପଡା ଗାଁ ଦଣ୍ଡା ପୋଖରୀରୁ ମାଫିଆମାନେ ୮ ଦିନ ହେବ ଜେସିବି ଲଗାଇ ଟ୍ରାକ୍ଟରରେ ମାଟି ବୋହି ବିକ୍ରି କରୁଛନ୍ତି। କନିକା ତହସିଲଦାର ଭାନୁମତି ମାଝି ଏହି ଖବରପାଇ ମାଟି ଖୋଳା ବନ୍ଦ କରିଥିଲେ, ହେଲେ ଦୁଇ ଦିନ ବନ୍ଦ ହେବା ପରେ ଏବେ ପୁଣି ଖୋଳା ହୋଇ ବିକ୍ରି ହେଉଛି। ତହସିଲଦାରଙ୍କ ତାଗିଦା ପରେ ବି ମାନୁ ନାହାନ୍ତି ମାଫିଆ। ଜନ ସାଧାରଣ ଅଭିଯୋଗ କଲେ ବି ଶୁଣି ତହସିଲ ପ୍ରଶାସନ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତହସିଲଦାରଙ୍କ ଭୂମିକା ସନ୍ଦେହ ଘେରରେ ବୋଲି ଅଭିଯୋଗ କରୁଛନ୍ତି ସ୍ଥାନୀୟବାସିନ୍ଦା। କାହା ନିର୍ଦ୍ଦେଶରେ ମାଟି ଖୋଳି ବିକ୍ରି କରୁଛନ୍ତି, ସ୍ଥାନୀୟ ଆରଆଇ କାହିଁକି ଯାଉ ନାହାନ୍ତି ସେଠାକୁ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ଏହି ସ୍ଥାନରେ ମାଟି ଖୋଳା ହେଉଛି ତାହା ନୁହେଁ, କନିକା ତହସିଲ ଅଧୀନରେ ଥିବା ଗୋଚର, ସରକାରୀ ଜମିରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟରରେ ଜେସିବି ଲଗାଇ ମାଟି ବିକ୍ରି ହେଉଛି, ହେଲେ ସ୍ଥାନୀୟ ତହସିଲ ପ୍ରଶାସନ ଚୁପ ବସିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିକା ତହସିଲଦାର ଭାନୁମତି ମାଝିଙ୍କୁ ପଚାରିବାରୁ ସେ ସଫେଇ ଦେଇ କହିଛନ୍ତି ମୁଁ ଜାଣିନି ଖୋଳା ଯାଉଛି, ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବି। ଏ ସମ୍ପର୍କରେ ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକ କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କର୍ଯ୍ୟ କରାଯାଉ ନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।



ଜେସିବିରେ ମାଟି ଖୋଳି ବୁହାଯାଉଛି।

## ଟାଟା ଷ୍ଟିଲ୍ କଳିଙ୍ଗନଗର ଆନ୍ତଃ-କମ୍ପାନୀ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା



ଅତିଥି ଏବଂ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।

**କଳିଙ୍ଗନଗର, ୧୯।୩ (ଶୁଭାଶିଷ ରାଉତ)**

ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସ୍‌କେ) ପକ୍ଷରୁ ଅନ୍ତର୍ଭୁକ୍ତୀକରଣ, ବିବିଧତା ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ପ୍ରୋତ୍ସାହିତ କରିବାକୁ ଟ୍ରାନ୍ସଜେଣ୍ଡର କର୍ମଚାରୀ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହୋଇଯାଇଛି। ଏହି ୨ ଦିନିଆ ଚାମ୍ପିୟନଶିପ କମ୍ପାନୀର ବିଭିନ୍ନ ସ୍ଥାନରୁ ଯଥା ଟାଟା ଷ୍ଟିଲ୍ କଳିଙ୍ଗନଗର, ହଳଦିଆ, ଓଏମ୍‌କ୍ୟୁ ଡିଭିଜନ, ୱେଷ୍ଟ ବୋକାରୋ, ଜାମସେଦପୁର ଏବଂ ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଭଳି ବିଭିନ୍ନ ୟୁନିଟର ପ୍ରାୟ ୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବ୍ୟାଡ୍‌ମିଣ୍ଟନ (ସିଙ୍ଗଲ୍ସ, ଡବଲ୍ସ ଏବଂ ରିଭର୍ସ ସିଙ୍ଗଲ୍ସ), ୮-ଏ-ସାଇଡ୍ ଫୁଟ୍‌ବଲ ଏବଂ ଆଥ୍‌ଲେଟିକ୍ସର ବିଭିନ୍ନ ବିଭାଗ ଯଥା ଶଟପୁଟ୍, ୧୦୦ ମିଟର, ୪୦୦ ମିଟର, ୧୦୦ ମିଟର ରିଲେ ଏବଂ ଟଗ୍ ଅଫ୍ ୱାର୍ ସାମିଲ ଥିଲା।

ଟାଟା ଷ୍ଟିଲ୍ କଳିଙ୍ଗନଗର ଘରୋଇ ଦଳ ଏହି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିଲା। ବିଶେଷକରି ଆଥ୍‌ଲେଟିକ୍ସ ବିଭାଗରେ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। କଳିଙ୍ଗନଗରର ଆଥ୍‌ଲେଟ୍ କାମଲି ୧୦୦ ମିଟର, ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଦଳ ପାଇଁ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି କଳିଙ୍ଗନଗର ଫୁଟ୍‌ବଲ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ୮-ଏ-ସାଇଡ୍ ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଥିଲା। ଏହା ବ୍ୟତୀତ ଟାଟା ଷ୍ଟିଲ୍ କଳିଙ୍ଗନଗର ୧୦୦ ମିଟର ରିଲେରେ ତୃତୀୟ ସ୍ଥାନ ଏବଂ ବ୍ୟାଡମିଣ୍ଟନରେ ଦ୍ୱିତୀୟ ରନର୍ସ ଅପ୍ ସ୍ଥାନ ହାସଲ କରି ସଫଳତା ପାଇଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଟାଟା ଷ୍ଟିଲର ଚିଫ୍ ସ୍ପୋର୍ଟସ୍ ମୁକୁଲ ବିନାୟକ ଚୌଧୁରୀ, ଟିଏସ୍‌କେ ଏବଂ ଆଉଟଲୋକେଶନର ସ୍ପୋର୍ଟସ ମୁଖ୍ୟ କ୍ୟାପଟେନ ମନୀଷ ସିହ୍ନା, ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ଏବଂ ସାଧାରଣ ସମ୍ପାଦକ ଜଗବନ୍ଧୁ ମହାନ୍ତିଙ୍କ ସମେତ ସୁମିତା ନୁପୁର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ ଚରିତ ମାନସ ଉଦ୍‌ଯାପିତ

**ଡେରାବିଶ, ୧୯।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ମେଲଣ ପଡ଼ିଆ ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ କୃପା ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୀଠରେ ଘଟସ୍ଥାପନ କରାଯିବା ସହ ବ୍ୟାସଜୀ ପଣ୍ଡିତ ହୃଷୀକେଶ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେହ ପ୍ରତ୍ୟୁଷରେ ହନୁମାନ ଚାଳିଶା ପାଠ କରାଯିବା ସହ ତୁଳସୀ ଦାସଙ୍କ ରଚିତ ଶ୍ରୀରାମ ଚରିତ ମାନସ ପାଠ କରାଯାଉଥିଲା। ସନ୍ଧ୍ୟାରେ ପ୍ରତିଷ୍ଠିତ ପ୍ରବଚକ ସୁଶ୍ରୀ ସୋନାଲି ଦାସ, ପଣ୍ଡିତ ପ୍ରଦୀପ୍ତ କାନୁନଗୋ, ସନ୍ଥ ପୁରୁଷୋତ୍ତମ ମହାରାଜ, ଅଧ୍ୟାପକ ସାରଦା ପ୍ରସନ୍ନ କର ଓ ସନ୍ଥ ଆଶୀର୍ବାଦ ମହାରାଜ ପ୍ରମୁଖ ଆଶ୍ରୀବଚନ ପ୍ରଦାନ କରିଥିଲେ। ମଙ୍ଗଳବାର ଏହି କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି ହୋଇଥିବା ବେଳେ ଅନୁଷ୍ଠାନ ସଭାପତି ସାମାଜକକର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ହରିଅଙ୍କ ଗ୍ରାମବାସୀ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**OFFICE OF THE MUNICIPAL COUNCIL:RAYAGADA**
DIST- RAYAGADA, PIN CODE-765001, ODISHA
E-mail ID- raygadam.hud@nic.in, raygadam.hud@gmail.com
Letter No.1266, Date 17.03.26

**QUOTATION CALL NOTICE**

No.13001/698/2526: Sealed quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before Dt.31.03.2026 by 1.00 P.M. through Speed Post/ Courier or by hand and will be open on same day at 4.00 PM in the presence of Quotationer or their authorized agent if present. The Quotationer should submit the PAN Card & GST Registration certificate enclosing with the Quotation paper alongwith covering letter. The Quotation received after due date and time will not be entertained. The paper cost of Rs.1000/- (Non-Refundable) and EMD Rs.10,000/- (Refundable) should be furnished in shape of Bank Draft/ Bankers Cheque from any Nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper alongwith annexure available in office website www.rayagadamunicipality.in for wide publication and download.

The undersigned reserves the right to cancel/ reject any or all the quotations without assigning any reason thereof.

OIPR-13001/13150/1/25-26/0006
Sd./- Executive Officer
Rayagada Municipality

# ମକୁନ୍ଦବିନ୍ଧା ଅଗ୍ନିକାଣ୍ଡରେ ୮ ବଖରା ଭସ୍ମୀଭୂତ

**ରସୁଲପୁର, ୧୯।୩ (ରଞ୍ଜିତ ରାଉତ)**

ରସୁଲପୁର ଓ କୋରେଇ ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳର ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମକୁନ୍ଦବିନ୍ଧା ଗାଁରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଉକ୍ତ ଅଗ୍ନିକାଣ୍ଡରେ ୬ ପରିବାରର ୮ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ଘରେ ଥିବା ସୁନାରୁପା ଅଳଙ୍କାର ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅଗ୍ନିବିପନ୍ନ ପରମାନନ୍ଦ ପଣ୍ଡା, ନୃସିଂହ ଚରଣ ପଣ୍ଡା, ନିରଞ୍ଜନ ପଣ୍ଡା, ଆନନ୍ଦ ପଣ୍ଡା, ଗୋବିନ୍ଦ







ପୋଡ଼ିଯାଉଥିବା ଘର। ଫାୟାର ମ୍ୟାନ୍ ନିଆଁକୁ ଆୟତ୍ତ କରୁଛନ୍ତି।

**୬ ପରିବାରର ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ**

ପଣ୍ଡା, ବାଇଧର ପଣ୍ଡାଙ୍କ ପରିବାର ଅଭିଯୋଗ କରିଛନ୍ତି। ନିଆଁ ଲିଭାଇବାରେ ରସୁଲପୁର ଦମକଳକେନ୍ଦ୍ରରୁ ୪ ଗାଡି ଓ ଯାଜପୁର ଦମକଳକେନ୍ଦ୍ରର ଗୋଟିଏ ଗାଡି ନିୟୋଜିତ ହୋଇଥିଲେ। ନିଆଁର ପ୍ରକୋପର ତୀବ୍ର କାରଣରୁ ତାହାକୁ ଆୟତ କରିବାରେ ଅଗ୍ନିଶମ ବାହିନୀକୁ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ କସରତ କରିବାକୁ ପଡିଥିଲା। ଘର ଓ ପାଖକୁ ଲାଗି ରହିଥିବା ବାଡି ଧାନ ଖଳାରେ ଗଦା ହୋଇଥିବା ପାଳ ଓ ଧାନ ଗଦା ଜଳିଯାଇଛି। ଏଭଳି ୬ ପରିବାର ବର୍ଷକର ଭାତହାଣ୍ଡି ନିଆଁ କବଳକୁ ଚାଲିଯାଇଛି। ମକୁନ୍ଦବିନ୍ଧା ଗ୍ରାମରେ ଅଗ୍ନିକାଣ୍ଡ ଘଟିଥିବା ନେଇ ରସୁଲପୁର ଦମକଳ କେନ୍ଦ୍ରକୁ ଖବର ଆସିଥିଲା। ଖବର ପାଇ ଦମକଳବାହିନୀର ଅଗ୍ନିକମାନେ ସଦଳବଳେ ନିଆଁ ଲିଭାଇବାକୁ ଘଟଣାସ୍ଥଳରେ ପହଞ୍ଚି ଆଶ୍ଚର୍ଯ୍ୟ ହୋଇଥିଲେ। ତୁରନ୍ତ ଅଗ୍ନିକାଣ୍ଡକୁ ଆୟତ କରିବାକୁ ଅଧିକ ଗାଡି ପଠାଇବାକୁ କେନ୍ଦ୍ରକୁ ଖବର ଦିଆଯାଇଥିଲା। ୧୦ ରୁ ଉର୍ଦ୍ଧ୍ୱ ଅଗ୍ନିକ ୫ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ କରିଥିଲେ। ସେତେବେଳକୁ ବାସଗୃହରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିବିପନ୍ନ ପରିବାର ସେମାନଙ୍କ ଝିଅ ବାହାଘର ପାଇଁ ରଖିବା ସୁନାଗହଣା ପୋଡି ପାଉଁଶ ହୋଇଯାଇଛି। ସେମାନଙ୍କ କ୍ଷତିକୁ ପ୍ରଶାସନ ଆକଳନ କରି ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରଭାବିତ ପରିବାରଙ୍କ ପକ୍ଷରୁ ଦାବି ହେଉଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com
**'e' Procurement Notice**
Bid Identification No.SE MID JSD 14/2025-26
No.569// MID // date 17.03.2026

No.32001/219/2526: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. Name of the Works | : | Civil Construction Work |
| 2. Total No. of Works | : | 01 (One) No. |
| 3. Estimated Cost (Detail List of work annexed) | : | Rs.51.60 Lakh |
| 4. Class of Contractor | : | As mentioned against work |
| 5. Period of Completion | : | As mentioned against work |
| 6. Date & time of Availability of Bid document in the portal | : | 20.03.2026 to 30.03.2026 during office hours |
| 7. Last date/time for receipt of bid in the Portal | : | 30.03.2026 during office hours |
| 8. Date/Time of Opening of Technical Bid | : | 31.03.2026 at 10.00 AM at Office of the S.E. MI Divn. Jharsuguda |
| 9. Date/Time of Opening of Financial Bid | : | 06.04.2026 at 10.00 AM |
| 10. Name & Address of the Officer Inviting the Bid | : | Superintending Engineer, M.I. Division, Jharsuguda |
| 11. Mode of Payment of Bid Cost & Bid Security | : | Online |

OIPR-32001/32291/1/25-26/0016
Sd./- Superintending Engineer
M.I. Division, Jharsuguda

## ଶାଳକଙ୍କୁ ଆକ୍ରମଣ, ଭିଣୋଇ ଗିରଫ

ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ପୋଡଙ୍ଗି ଗ୍ରାମରେ ବୁଧବାର ରାତିରେ କୌଣସି କାରଣରୁ ଶ୍ୱଶୁର ଘର ଲୋକଙ୍କୁ ଗାଳିଗୁଲଜ କରିବା ସହ ଶାଳକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତ ଭିଣୋଇ ଗିରଫ ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରାଜକୁଲୁ ଗ୍ରାମର ଦିପ୍ତିମୟ ମହାରଣା (୨୬) । ଆକ୍ରମଣରେ ଆହତ ହୋଇଥିବା ମନମୋହନ ବେହେରାଙ୍କୁ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୩୮/୨୬ରେ ମାମଲା ରୁଜୁ କରି ପୋଲିସ ଗୁରୁବାର ଦିପ୍ତୀମୟଙ୍କୁ କୋର୍ଟ ଚାଲାଣ କରିଛି

**ସଂକ୍ଷେପରେ**

### ୨ ବସ୍ ମୁହାଁମୁହିଁ ଧକ୍କା, ୪ ଆହତ

ମୋହନା,୧୯।୩(ମନ୍ମଥ ମିଶ୍ର): ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଆଲିଗଣ୍ଡା ନିକଟରେ ଏକ ସରକାରୀ ବସ୍ ଓ ଘରୋଇ ବସ ମୁହାଁମୁହିଁ ଧକ୍କା ହେବାରୁ ୪ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଅଡବା ମେଡ଼ିକାଲରେ ଚିକିତ୍ସା କରାଯାଉଛି। ସରକାରୀ ଲକ୍ଷ୍ମୀ ବସ (ନଂ. ଓଡ଼ି ୨୦ ସି ୫୮୦୧)ଟି ଦୁର୍ଗମ ଅଞ୍ଚଳର ଗରଡମାରୁ ମୋହନା ଆସୁଥିବା ବେଳେ ଆଲିଗଣ୍ଡା ଗାଁ ନିକଟରେ ବ୍ରହ୍ମପୁରରୁ କନ୍ଧମାଳ ଜିଲାକୁ ଯାଉଥିବା ପଦ୍ମାଳୟ ନାମକ ଘରୋଇ ବସ୍ ( ଓଡ଼ି ୦୭ ପି ୪୪୮୯ ) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଲକ୍ଷ୍ମୀ ବସରେ ଥିବା ୬ ଯାତ୍ରୀଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଛନ୍ତି। ଘରୋଇ ବସରେ ଥିବା ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅଡବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ମନୋରଞ୍ଜନ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ



ଖଲ୍ଲିକୋଟ,୧୯।୩(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାବୁଲିଆ ଗ୍ରାମର ଯୁବନେତା ମନୋରଞ୍ଜନ ବେହେରାଙ୍କୁ ଦଳୀୟ ହାଇକମାଣ୍ଡଙ୍କ ଅନୁମୋଦନରେ ଭାଜପା ଓଡ଼ିଶା ଶାଖା ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ରୂପେ ମନୋନୀତ କରାଯାଇଛି। ସେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ଭାଜପାର ଜଣେ ଦୃଢ଼ ସଙ୍ଗଠକ ରୂପେ ପରିଚିତ। ତାଙ୍କରି ଏହି ନୂତନ ନିଯୁକ୍ତିକୁ ସ୍ୱାଗତ କରାଯିବା ସହ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟର ଅନୁସୂଚିତ ଜାତି ତଥା ଜନସାଧାରଣଙ୍କ ଉନ୍ନତି ପାଇଁ ଆଗାମୀ ଦିନରେ ଉଦ୍ୟମ ଜାରି ରଖିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### ବାଇକ୍ ଚୋରି ଧରାପଡ଼ିଲା, ଅଭିଯୁକ୍ତ ଗିରଫ

ଖଜୁରିପଡ଼ା,୧୯।୩( ବିଦୁର ବେହେରା): ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ଅଞ୍ଚଳରୁ ଏକ ବାଇକ ଚୋରି କରି ଫେରାର ହୋଇ ଯାଉଥିବା ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ଚୋରି ବାଇକ୍ ଉଦ୍ଧାର କରିବା ସହ ଅଭିଯୁକ୍ତ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ସୈକ ଅସିଫ ମହମ୍ମଦଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗୁଦାରୀ ଗ୍ରାମରୁ ବାଇକ୍ (ନଂ.ଓଡି ୧୨ ଡି ୨୪୧୫) ଚୋରି ହେଉଥିବା ନେଇ ପୋଲିସ ପାଖରେ ବିଶ୍ୱସ୍ତ ସୂତ୍ରରୁ ଖବର ପହଞ୍ଚିଥିଲା। ଖଜୁରୀପଡ଼ା ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାରେ ଚଢ଼ାଉ କରି ବାଇକ୍ ନେଇ ଚମ୍ପଟ ମାରୁଥିବା ଅଭିଯୁକ୍ତ ସୈକ ଅସିଫଙ୍କୁ କାବୁ କରିଥିଲା। ଖଜୁରିପଡ଼ା ଅଞ୍ଚଳରେ ବଢୁଥିବା ଚୋରି ଘଟଣାକୁ ରୋକିବା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

# ଖୋଲା ଆକାଶ ତଳେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ

### ଦୂତିମେଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

ଖଜୁରିପଡ଼ା, ୧୯।୩ (ବିଦୁର ବେହେରା)



ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ବାଲିରେ ବସି ମଧ୍ୟାହ୍ନଭୋଜନ କରୁଛନ୍ତି।

ଖଜୁରିପଡ଼ା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଦୂତିମେଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ବସି ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି। ହେଲେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ବାରଣ୍ଡାରେ ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଏହି ବିଦ୍ୟାଳୟ ୧୫୭ ନଂ. ଜାତୀୟ ରାଜପଥ କଡ଼ରେ ରହିଥିଲେ ସୁଦ୍ଧା ଏହା ଉପରେ କାହାର ନଜର ପଡୁନି। ଫଳରେ ଛାତ୍ରୀଛାତ୍ରମାନେ ଧୂଳିବାଲିରେ ମଧ୍ୟାହ୍ନ ଭୋଜନ ଖାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିଛି। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ଦେବରାଜ ମୁଖୀ କହିଛନ୍ତି ଯେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜର ମାନବିକତା ହରାଇ ବସିଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ କହିଛନ୍ତି, ଶିକ୍ଷକମାନେ ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ମୁଁ ଶୀଘ୍ର ବିଇଓ, ଡିଇଓ ଏବଂ ଜିଲାପାଳଙ୍କ ସହ ଆଲୋଚନା କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବି। ଅଭିଭାବକମାନେ କହିଛନ୍ତି ଯେ, ଯଦି ଶିକ୍ଷକମାନେ ବାରଣ୍ଡାରେ ବସି ଖାଇପାରୁଛନ୍ତି ତେବେ ଛାତ୍ରୀଛତ୍ରଙ୍କୁ କାହିଁକି ବାହାରେ ବସାଯାଉଛି। ଏହା ଶିକ୍ଷକମାନଙ୍କର ପାତରଅନ୍ତର ମନୋଭାବକୁ ସ୍ପଷ୍ଟ କରୁଛି। ଛାତ୍ରୀଛାତ୍ରମାନଙ୍କୁ ଏଭଳି ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ। ବିଇଓ ବିନୋଦ ବିହାରୀ ଦିଗାଲ କହିଛନ୍ତି ଯେ, ଏ ବିଷୟରେ ସୂଚନା ମିଳିଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିକ୍ଷକ ହେଉଛନ୍ତି ସମାଜର ମାର୍ଗଦର୍ଶକ। ଯଦି ସେମାନେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସୁବିଧା ପ୍ରତି ଦୃଷ୍ଟି ନ ଦେବେ ତେବେ ଶିକ୍ଷା ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଭରସା ତୁଟିଯିବ। ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ପଟ୍ଟନାୟକ କହିଛନ୍ତି ଯେ, ଆପଣ ମାନେ ଦେଖିଲେ ଭଲ ହେଲା, ଆପଣମାନଙ୍କ ମାଧ୍ୟମରେ ବିଡ଼ିଓ ଓ ଜିଲାପାଳ ଜାଣିଲେ ଆମକୁ ଡାଇନିଂ ହଲ ଗୋଟେ ମିଳିବ। ବାରଣ୍ଡାରେ ବସାଇଲେ ଖାଇବାକୁ ଦେଲେ ଅଇଠା ହେବ। ଆମ ବିଦ୍ୟାଳୟରେ ପାଣିର ସମସ୍ୟା ଯୋଗୁ ରୋଷେଇରେ ବାଧା ସୃଷ୍ଟି ହେଉଛି ପୁଣି ବାରଣ୍ଡା କିଏ ଧୋଇବ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଡିଓଙ୍କୁ ଟିଣଛପର କରିବାକୁ କହିଥିଲୁ ହେଲେ ହେଲାନି ତେଣୁ ଏଭଳି ସମସ୍ୟା ଦେଖାଦେଉଛି।

# ମା' ପାଟଖଣ୍ଡାଙ୍କ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ



କଳସ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

ଦାରିଙ୍ଗବାଡି,୧୯।୩(ଅରୁଣ ସାହୁ): ଦାରିଙ୍ଗବାଡିର ପ୍ରସିଦ୍ଧ ମା'ପାଟଖଣ୍ଡାଙ୍କ ପୀଠରେ ଗୁରୁବାରଠାରୁ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀରେ ପହଞ୍ଚିଥିଲେ। ସେଠାରେ ଇନ୍ଦ୍ରପୁଜା, ଗଙ୍ଗା ପୂଜା ଆଦି ପରେ ଶତାଧିକ ମହିଳା ଜଳ କଳସ ଧରି ଶୋଭାଯାତ୍ରାରେ ମା'ଙ୍କ ପୀଠକୁ ଆସି ସ୍ଥାପନା କରିଥିଲେ। ନବରାତ୍ର ପୂଜା ଅବସରରେ ପ୍ରତ୍ୟେକ ଦିନ ଭୋରରୁ ଆଳତୀ, ସୂର୍ଯ୍ୟପୂଜା ସହ ହୋମଯଜ୍ଞ କରାଯିବ। ମା'ଙ୍କୁ ନବଦିନ ୯ ଆଦି ଶକ୍ତିର ପ୍ରତିନିଧି ରୂପେ ପୂଜାର୍ଚ୍ଚନା କରାଯିବ। ପ୍ରଥମ ଦିନ ଶୈଳ ପୁତ୍ରୀ, ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡ, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନୀ, ସପ୍ତମ ଦିନ କାଳରାତ୍ରି, ଅଷ୍ଟମରେ ମହାଗୌରୀ ଏବଂ ନବମୀ ତଥା ଉଦଯାପନୀ ଦିବସରେ ସିଦ୍ଧିଦାତ୍ରୀ ରୂପେ ପୂଜାର୍ଚ୍ଚନା କରାଯିବ। ଉଦଯାପନୀ ଦିବସରେ ରାବଣପୋଡି ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବାସନ୍ତିକ ପୂଜା କମିଟି ପକ୍ଷରୁ କୁହାଯାଇଛି।

# ଗୋଦାମ ଗୃହ ନାହିଁ, ଗଞ୍ଜାମରୁ ଚାଉଳ କିଣିବାକୁ ନିର୍ଦ୍ଦେଶ

### ସରକାରଙ୍କ ଅଜବ ନୀତି

ପାରଳାଖେମୁଣ୍ଡି,୧୯।୩(ଗିରିଧାରୀ ପରିଛା): ଚଳିତବର୍ଷ ଗଞ୍ଜାମ ଜିଲାରୁ ୪୨ ହଜାର କୁଇଣ୍ଟାଲ ଚାଉଳ କ୍ରୟ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ଗଜପତି ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହାଦ୍ୱାରା ଦୁଇ ବର୍ଷ ପୂର୍ବେ ଜିଲା ପ୍ରଶାସନ ଯେଉଁ ଭୁଲ ତାହାର ପୁନରାବୃତ୍ତି ହେବାକୁ ଯାଉଥିବା ଆଶଙ୍କା କରାଯାଉଛି। ଗୋଟିଏ ପଟେ ଜିଲାରେ ଚାଉଳ ଓ ଧାନ ରଖିବା ନିମନ୍ତେ ଆବଶ୍ୟକ ସଂଖ୍ୟାରେ ଗୋଦାମ ଗୃହ ନ ଥିବା ବେଳେ ଅତିରିକ୍ତ ଚାଉଳ କ୍ରୟ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଚାଷୀ ମହଲରେ ଆଲୋଚନା ଜୋର୍ ଧରିଛି । ଜିଲାରେ ଉତ୍ପାଦିତ ହେଉଥିବା ଧାନ ଚାଉଳ ଜିଲାବାସୀଙ୍କ ଲାଗି ବଳକା ହେଉଛି । ସେପଟେ ଧାନ ବା ଚାଉଳ ଗଚ୍ଛିତ ରଖିବାପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନାହିଁ । ଯାହାଦ୍ୱାରା ଧାନ କିମ୍ବା ଚାଉଳ ମିଲରମାନଙ୍କ ନିକଟରେ ପଡିରହୁଛି। ଅନ୍ୟପକ୍ଷରେ ବାହାର ଜିଲ୍ଲାରୁ ଅତିରିକ୍ତ ଚାଉଳ କ୍ରୟ କରିବା ଦ୍ୱାରା ଖରିଫରେ ଧାନ କ୍ରୟ ବେଳେ ସମସ୍ୟା ଉପୁଜୁଛି । ଗତ ଖରିଫ ଋତୁରେ ପ୍ରାୟ ୭ଲକ୍ଷ କୁଇଣ୍ଟାଲ ଧାନକ୍ରୟ ହୋଇଛି। ମିଲିଂ ପରେ ଯେଉଁଥିରୁ ପାଖାପାଖି ୪ଲକ୍ଷ କୁଇଣ୍ଟାଲ ଚାଉଳ ଅମଳ ହେବ। ଯାହାକି ଜିଲ୍ଲାରେ ଖାଉଟିଙ୍କ ପାଇଁ ଉଦ୍ଦିଷ୍ଟ ହେଉଥିବାର ଜଣାପଡିଛି । ଏପରି ସ୍ଥଳେ ଅବଶିଷ୍ଟ ଚାଉଳ ଜିଲ୍ଲା ବାହାରୁ କ୍ରୟ କଲେ ଜିଲ୍ଲାରେ ମହଜୁଦ ଥିବା ଚାଉଳ ରହିଯାଉଛି। ଯାହାର ପ୍ରଭାବ ଖରିଫରେ ଧାନକ୍ରୟ ସମୟରେ ପଡୁଛି। ମିଲର୍‌ମାନଙ୍କ ଠାରେ ଅତ୍ୟାଧିକ ଧାନ ବା ଚାଉଳ ଗଚ୍ଛିତ କରିବାପାଇଁ ସ୍ଥାନ ଅଭାବ ଥିବା ବେଳେ ୪୨ ହଜାର କୁଇଣ୍ଟାଲ ଚାଉଳ କ୍ରୟ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଏହା ଜିଲ୍ଲା ଯୋଗାଣ ବିଭାଗ ତଥା ପ୍ରଶାସନ କ୍ରୟ କରିବ କି ନାହିଁ ତାହା ସେମାନଙ୍କ ଉପରେ ନିର୍ଭର କରିଥାଏ । ଏହି ପ୍ରକ୍ରିୟା ରାଜ୍ୟସ୍ତରରେ ପ୍ରତ୍ୟେକ ମାସ ଅନ୍ତରାଳେ ହୋଇଥାଏ ବୋଲି ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୧୯।୩(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଡିଗ୍ରୀ କଲେଜରେ ଗୁରୁବାର ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ଯୋଗ ଦେଇଥିଲେ। ଆଇନଜୀବୀ ହରପ୍ରସାଦ ରଥ, କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା କୁମାରୀ ମେକାପ, ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼, ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସଂଯୋଜିକା ସସ୍ମିତା କୁମାରୀ ପ୍ରଧାନ, ଅଧ୍ୟାପକ ଦେବଦତ୍ତ ପଣ୍ଡା, ଟୁନା ବେହେରା ଏବଂ ଆତ୍ମରକ୍ଷା ତାଲିମ୍ ପ୍ରଶିକ୍ଷିକା ରାକ୍ଷୀ କୁମାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବର୍ତ୍ତମାନ ସମାଜରେ ଛାତ୍ରୀ ଆତ୍ମରକ୍ଷାର ଅନିବାର୍ଯ୍ୟତା ସମ୍ପର୍କରେ ଅତିଥିମାନେ ଉଦବୋଧନ ଦେଇଥିଲେ। ୮ ଦିନ ଧରି ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀ ଉପସ୍ଥିତ ରହି ପ୍ରଥମ ଦିବସରେ ଆତ୍ମରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳର ତାଲିମ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ଜରଡ଼ା ପଞ୍ଚାୟତରେ କିଶୋରୀ ମେଳା



ପାତ୍ରପୁର,୧୯।୩ (ଉମା ଚରଣ ନେପାକ) ପାତ୍ରପୁର ବ୍ଲକ୍ ଜରଡା ପଞ୍ଚାୟତ ସମ୍ମିଳନୀକକ୍ଷରେ ଗୁରୁବାର କିଶୋରୀ ମେଳା ଆୟୋଜିତ ହୋଇଛି। ଏଥିରେ ପଞ୍ଚାୟତର ଅନେକ କିଶୋରୀ ଭାଗ ନେବା ସହିତ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ସ୍ୱୟଂରକ୍ଷା ବିଷୟରେ ବକ୍ତୃତା, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜରଡା ନାଏବ ସରପଞ୍ଚ ମାଧବ ବାଡତ୍ୟା, ଜରଡା ସେକ୍ଟର ସୁପରଭାଇଜର ଶୁଭାଶୀନି ସେଠୀ, ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କିଶୋରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ମେଳା ଦ୍ୱାରା ଯୁବତୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବା ସହିତ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ବୋଲି ଅତିଥିମାନେ କହିଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିଲେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର

ବେଲଗୁଣ୍ଠା,୧୯।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)



ବେଲଗୁଣ୍ଠା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ମହା ସମାରୋହରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ବିଜୟ ସ୍ୱାଇଁ, ଉପ ସଭାପତି କାଳୀଚରଣ ପାଢ଼ୀ, ଉପଦେଷ୍ଟା ରବୀନ୍ଦ୍ର ନାଥ ରଥ, ମଧୁସୂଦନ ମହାପାତ୍ର, ଚିଦାନନ୍ଦ ପାତ୍ର, ସମ୍ପାଦକ ଡ.ପବିତ୍ର ସାହୁ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ସୁବୁଦ୍ଧି, ସଦସ୍ୟା ସୁଜାତା ସୁବୁଦ୍ଧି, ରାଧାରାଣୀ ସେଠୀ ପ୍ରମୁଖ ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ସ୍ୱୟଂସେବକ ଦିଲ୍ଲୀପ ରେଡ୍ଡୀ ଗୈରିକ ଧ୍ୱଜ ଓ ଆଦ୍ୟ ସରସଂଘ ଚାଳକଙ୍କ ଉଦ୍ଦେଶ୍ୟରେ ଆଦ୍ୟ ପ୍ରଣାମ ଜ୍ଞାପନ କରି ଥିବା ବେଳେ ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମସ୍ତ ସେବାବ୍ରତୀ, ଶିଶୁ ତଥା ପରିଚାଳନା ସମିତି ସଦସ୍ୟା, ସଦସ୍ୟ ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ବିଶାଳ ପଥ ସଞ୍ଚାଳନ କରି ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ଓ ଆଦର୍ଶର ବାର୍ତ୍ତା ପ୍ରଚାର କରାଯାଇଥିଲା। ବ୍ରହ୍ମା, ଶ୍ରୀରାମ ପରିବାର, ଶ୍ରୀ ଯୁଧିଷ୍ଠିର ପରିବାର, ଭାରତ ମାତା, ଲକ୍ଷ୍ମୀବାଈ, ଡକ୍ଟର୍ ଜୀ, ଶ୍ରୀଗୁରୁଜୀ ତଥା ନର୍ତ୍ତକ ନର୍ତ୍ତକୀ ଆଦିଙ୍କ ପ୍ରଦର୍ଶନ ଏବଂ ବିଦ୍ୟାଳୟ ଘୋଷ ଦଳ ଦ୍ୱାରା ରଥ ଶୋଭାଯାତ୍ରା କରି ବର୍ଣ୍ଣାଢ୍ୟ ପରିବେଶରେ ବେଲଗୁଣ୍ଠା ସହର ପରିକ୍ରମା କରିଥିଲା। ଶିକ୍ଷା ସହ ଏଭଳି ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରି ଅନୁଷ୍ଠାନର ସେବାବ୍ରତୀମାନେ ଲୋକମାନଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଗୁରୁମା ଓ ଗୁରୁଜୀ ମା' ମାନେ ସହଯୋଗ କରିଥିଲେ।

## ଜଳଛତ୍ର ଖୋଲିବାକୁ ଦାବି

ଶେରଗଡ଼, ୧୯।୩ (ସୂର୍ଯ୍ୟ ନାରାୟଣ ଦାଶ) ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢିବାରେ ଲାଗିଛି। ୨୨ଟି ପଞ୍ଚାୟତକୁ ନେଇ ଗଠିତ ଶେରଗଡ଼ ବ୍ଲକରେ ଏପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ। ପ୍ରତିବର୍ଷ ଫେବୃଆରୀ ଶେଷ ବେଳକୁ ଜଳଛତ୍ର ଖୋଲିଯାଉ ଥିଲା। ଚଳିତବର୍ଷ ଏପର୍ଯ୍ୟନ୍ତ ଜଳଛତ୍ର ଖୋଲିବାକୁ ପ୍ରଶାସନ ଦୃଷ୍ଟି ଦେଇନି। ତୁରନ୍ତ ବ୍ଲକର ସବୁ ପଞ୍ଚାୟତ ଓ ବିଶ୍ରାମଗାରରେ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ଜଙ୍ଗଲ ନିଆଁ ରୋକିବାକୁ ସାଇକେଲ ରାଲି

### କଣ୍ଟେଇପଲ୍ଲୀ ଭିଏସଏସ ଅନ୍ୟମାନଙ୍କ ପାଇଁ ଉଦାହରଣ

ଭଞ୍ଜନଗର,୧୯।୩(ବାବୁଲା ପ୍ରଧାନ) ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ରୋକିବା ପାଇଁ ବୁଧବାର ଏକ ସାଇକେଲ ରାଲି କଣ୍ଟେଇପଲିରୁ ବାହାରିଥିଲା। ଏହାକୁ ଏସିଏଫ ବିବେକ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ରେଞ୍ଜର ପୃଥିବୀରାଜ ପ୍ରଧାନ ଓ କଣ୍ଟେଇପଲି ଭିଏସ୍‌ଏସ୍ ସଭାପତି ଶରତ ସ୍ୱାଇଁ ସଂଯୋଜନା କରିଥିଲେ। ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ବନ କର୍ମଚାରୀ ଦୀର୍ଘ ୧୨ କି.ମି. ସାଇକେଲ ଓ ବାଇକ୍‌ରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ପରେ ଲାଲସିଂ ନର୍ସରୀ ପରିସରରେ ସଭା ହୋଇଥିଲା। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ନିଆଁକୁ ରୋକିବାରେ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କଣ୍ଟେଇପଲ୍ଲି ବନ ସୁରକ୍ଷା ସମିତି ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ବୋଲି କହିଥିଲେ। ଏସିଏଫ ବିବେକ ଦାସ, ଏସିଏଫ୍ ବିମଳ ପ୍ରଧାନ, ମୁଜାଗଡ ରେଞ୍ଜର ବିଦ୍ୟାଧର ସାହୁ, ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ସାହୁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ବନ୍ୟପ୍ରାଣୀ ପ୍ରେମୀ ରମେଶ ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଜଙ୍ଗଲ ନିଆଁ ରୋକିବାରେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ।


**OFFICE OF THE MUNICIPAL COUNCIL:RAYAGADA**
DIST- RAYAGADA, PIN CODE-765001, ODISHA
E-mail ID- raygadam.hud@nic.in, raygadam.hud@gmail.com
Letter No.1266, Date 17.03.26

**QUOTATION CALL NOTICE**

No.13001/698/2526: Sealed quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before Dt.31.03.2026 by 1.00 P.M. through Speed Post/ Courier or by hand and will be open on same day at 4.00 PM in the presence of Quotationer or their authorized agent if present. The Quotationer should submit the PAN Card & GST Registration certificate enclosing with the Quotation paper alongwith covering letter. The Quotation received after due date and time will not be entertained. The paper cost of Rs.1000/- (Non-Refundable) and EMD Rs.10,000/- (Refundable) should be furnished in shape of Bank Draft/ Bankers Cheque from any Nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper alongwith annexure available in office website www.rayagadamunicipality.in for wide publication and download.

The undersigned reserves the right to cancel/ reject any or all the quotations without assigning any reason thereof.

OIPR-13001/13150/1/25-26/0006
Sd./- Executive Officer
Rayagada Municipality


# ପିଏମ୍‌ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କବିସୂର୍ଯ୍ୟନଗର,୧୯।୩(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ପିଏମ୍‌ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲରେ ବର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଇଓ ତଥା ମର୍ଦ୍ଦରାଜ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଡ଼. ରବୀନ ଚର୍ଚ୍ଚିଲ ମିଶ୍ର ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୀମସେନ ସାମଲ ସ୍ୱତନ୍ତ୍ର ଅତିଥି, ଆସିକା ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ମାଧବ ଚନ୍ଦ୍ର ମାଝୀ,ବିଆରସିସି ରବି ନାରାୟଣ ବେହେରା, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, କାଉନସିଲର ଆଶା ବିବି, ପରିଚାଳନା ସଭାପତି ମାର୍କଣ୍ଡ ନାହାକ ଉପସ୍ଥିତ ଥିଲେ। ଅବସର ପ୍ରଧାନ ଶିକ୍ଷକ ପୃଥୀରାଜ ବିଷୋୟୀ, ବିଜୟ ଚନ୍ଦ୍ର ନାୟକ, ରାମନାଥ ମାଝୀ ସମେତ ପୂର୍ଣଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ସୱାଇଁ, ସନ୍ତୋଷ ମାଝୀ, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ଅତିଥି ପରିଚୟ ପ୍ରଦାନ ସହ ସ୍କୁଲ ବିବରଣୀ ପାଠ କରିଥିଲେ । ଶିକ୍ଷୟତ୍ରୀ ବିଜୟଶ୍ରୀ ପାଣିଗ୍ରାହୀ କାର୍ଯକ୍ରମ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସିଲ, ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା।

# ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କଲେ ବିଧାୟକ

## ୩ ମାସ ତଳେ ସମସ୍ୟା ଅବଗତ ହୋଇଥିଲେ

ପାରଳାଖେମୁଣ୍ଡି,୧୯।୩(ଗିରିଧାରୀ ପରିଛା):



ବିଧାୟକ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ୩ ମାସ ତଳେ କାଶୀନଗର ବ୍ଲକ କେ. ସୀତାପୁର ପଞ୍ଚାୟତ ଅନ୍ତର୍ଗତ ବିସିରିଂ ଗ୍ରାମକୁ ଯାଇଥବା ବେଳେ ଗ୍ରାମବାସୀ ତାଙ୍କୁ ରାସ୍ତା ସମସ୍ୟା ଅବଗତ କରାଇଥିଲେ। ପକ୍କା ରାସ୍ତା ହୋଇ ନ ଥିବାରୁ କାଦୁଅ ରାସ୍ତାରେ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଥିସହ ଡ୍ରେନ ନଥିବାରୁ ଗାଁର ଦୂଷିତ ପାଣି ରାସ୍ତା ଉପର ଦେଇ ପୋଖରୀରେ ମିଶୁଛି ବୋଲି ଗ୍ରାମବାସୀ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ପାଣିଗ୍ରାହୀ ଏହି ସମସ୍ୟାକୁ ଗୁରୁତର ସହ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ପ୍ରଶାସନ ସହ ଆଲୋଚନା କରି ପ୍ରକଳ୍ପ ମଞ୍ଜୁର କରାଇଛନ୍ତି। ନିଜେ ଦାୟିତ୍ୱ ନେଇ ବିସିରିଂ ଗ୍ରାମର ରାସ୍ତା ନିର୍ମାଣ ପାଇଁ ୧୦ ଲକ୍ଷ, ୩ଟି କଲଭର୍ଟ ଓ ନାଳ ନିର୍ମାଣ ପାଇଁ ୧୦ ଲକ୍ଷ ଏବଂ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ମଞ୍ଜୁର କରାଇଛନ୍ତି । ଗୁରୁବାର ସେ ଉକ୍ତ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଦେବଦଳା ଗ୍ରାମର ସେହି ସମାନ ସମସ୍ୟା ଥିବା ଗାଁ ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାର୍ଯ୍ୟର ଆରମ୍ଭ କରିଛନ୍ତି । ବିଧାୟକ ଲୋକଙ୍କ ସମସ୍ୟା ତଥା ଆବଶ୍ୟକତାକୁ ଅନୁଭବ କରି ଉନ୍ନୟନ ମୂଳକ କାର୍ଯ୍ୟ କରିଆସୁଥିବାରୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି । ଲୋକଙ୍କ ସମସ୍ୟା ସମାଧାନ କଲେ ଆତ୍ମ ସନ୍ତୋଷ ମିଳୁଛି ବୋଲି ବିଧାୟକ ପାଣିଗ୍ରାହୀ କହିଛନ୍ତି ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com

**'e' Procurement Notice**

Bid Identification No.SE MID JSD 14/2025-26
No.569// MID // date 17.03.2026

No.32001/219/2526: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the Works | : Civil Construction Work |
| 2. | Total No. of Works | : 01 (One) No. |
| 3. | Estimated Cost (Detail List of work annexed) | : Rs.51.60 Lakh |
| 4. | Class of Contractor | : As mentioned against work |
| 5. | Period of Completion | : As mentioned against work |
| 6. | Date & time of Availability of Bid document in the portal | : 20.03.2026 to 30.03.2026 during office hours |
| 7. | Last date/time for receipt of bid in the Portal | : 30.03.2026 during office hours |
| 8. | Date/Time of Opening of Technical Bid | : 31.03.2026 at 10.00 AM at Office of the S.E. MI Divn. Jharsuguda |
| 9. | Date/Time of Opening of Financial Bid | : 06.04.2026 at 10.00 AM |
| 10. | Name & Address of the Officer Inviting the Bid | : Superintending Engineer, M.I. Division, Jharsuguda |
| 11. | Mode of Payment of Bid Cost & Bid Security | : Online |

OIPR-32001/32291/1/25-26/0016
Sd./- Superintending Engineer
M.I. Division, Jharsuguda

# ଭତ୍ତା ବଣ୍ଟନରେ ଆର୍ଥିକ ଅନିୟମିତତା, ଏଡିଇଓ ନିଲମ୍ବିତ

**ବଡ଼କଇଁଚି ପଞ୍ଚାୟତ**

**▪ଥାନାରେ ଏତଲା ଦେଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ**


ହରିହର ବେହେରା

ରସୁଲପୁର, ୧୯।୩ (ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ପୂର୍ବତନ ତଥା ବର୍ତ୍ତମାନ ଗନ୍ଧଣ ପଞ୍ଚାୟତ ଦାୟିତ୍ୱରେ ଥିବା ଏଡିଇଓ (ଆକାଉଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର) ହରିହର ବେହେରାଙ୍କୁ ଭତ୍ତା ବଣ୍ଟନରେ ଆର୍ଥିକ ଅନିୟମିତତା ପାଇଁ ଜିଲାପାଳ ନିଲମ୍ବନ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୯/୧୩।୩।୨୦୨୬ରେ ଏଡିଇଓଙ୍କୁ ନିଲମ୍ବନ କରିବା ପାଇଁ ରସୁଲପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ଅର୍ଥ ତୋଷରପାତ ଆଧାରରେ ତାଙ୍କ ନାମରେ ଥାନାରେ ଏତଲା ଦେବାକୁ କୁହାଯାଇଛି। ଉକ୍ତ ଚିଠିର ନିର୍ଦ୍ଦେଶ ମୁତାବକ, ବିଡିଓଙ୍କ କାର୍ଯ୍ୟାଳୟରୁ ଏଡିଇଓ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। ତାଙ୍କ ସହ ଯୋଗାଯୋଗ ସମ୍ଭବପର ନ ହେବାରୁ ନିଲମ୍ବନ ପତ୍ରକୁ ୧୭ ତାରିଖରେ ତାଙ୍କ ଘର କାନ୍ଥରେ ଝୁଲାଇ ଦିଆଯାଇଛି। ଚିଠିର ଫଟୋ କପିରେ ତାଙ୍କ ସ୍ତ୍ରୀଙ୍କ ଦସ୍ତଖତ କରାଯାଇଛି। ଏଥିସହ ସେହିଦିନ ରସୁଲପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହୃଷୀକେଶ ସାହୁ ନିଲମ୍ବିତ ଏଡିଇଓ ବେହେରାଙ୍କ ନାମରେ କୁଆଖିଆ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ମାମଲାକୁ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତର ସହ ନିଆଯାଇଛି। ସେ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

ଏଡିଇଓ ବେହେରା ବଡକଇଁଚି ପଞ୍ଚାୟତ ଦାୟିତ୍ୱରେ ଥିବା ସମୟରେ ଭତ୍ତା ବଣ୍ଟନରେ ଆର୍ଥିକ ଅନିୟମିତା କରିଥିଲେ। ସେ ୨୦୨୫ ଅଗଷ୍ଟରେ ଗନ୍ଧଣ ପଞ୍ଚାୟତକୁ ବଦଳି ହୋଇଯାଇଥିଲେ। ସେହି ମାସରେ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅଗଷ୍ଟରେ ୧୯ଜଣ ଭତ୍ତା ହିତାଧିକାରୀ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟରେ ଦର୍ଶାଇଥିଲେ। ଏ ନେଇ ବଡକଇଁଚି ସରପଞ୍ଚ ଅଶୋକ କୁମାର ମଲ୍ଲିକଙ୍କ ସନ୍ଦେହଜାତ ହୋଇଥିଲା। ସେ ଉକ୍ତ ଘଟଣାର ତଦନ୍ତ କରିବାକୁ ରସୁଲପୁର ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବିତ୍ତ ଅଧିକାରୀଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ୧୯ଜଣଙ୍କ ମଧ୍ୟରୁ ବାସ୍ତବରେ ୬ଜଣ ଭତ୍ତା ହିତାଧିକାରୀ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଅନ୍ୟ ୧୩ଜଣ ହିତାଧିକାରୀଙ୍କ ନାମରେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ୫ ମାସର ଭତ୍ତା ବାବଦକୁ ୬୫ହଜାର ଟଙ୍କା ହଡପ ହୋଇଥିବା ନେଇ ଜଣାପଡିଥିଲା। ଟଙ୍କା ହଡପ ହୋଇଥିବା ହିତାଧିକାରୀ ପଞ୍ଚାୟତର ବ୍ୟକ୍ତି ନ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଫେବୃଆରୀ ୨୫ରେ ଖବର ପ୍ରକାଶିତ ହୋଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ଯାଜପୁର ଜିଲାପାଳ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଡିଇଓ ବେହେରାଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବନଠାରୁ ୬ ମାସ ଅବଧି ମଧ୍ୟରେ ସେ ଯାଜପୁର ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗଦେବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଏହି ସମୟରେ ତାଙ୍କୁ ଦରମାର ଅଧା ପ୍ରଦାନ କରିବା ଭଳି ନିୟମରେ ଦଣ୍ଡିତ କରାଯାଇଛି।

# ରାସ୍ତା ମଝି ଡିଭାଇଡର ଉପରେ ଓଲଟିଲା କାର୍



ପାଣିକୋଇଲି, ୧୯।୩ ( ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ବୁଧବାର ରାତିରେ ଭାରସାମ୍ୟ ହରାଇ ଏକ କାର ରାସ୍ତା ମଝି ଡିଭାଇଡର ଉପରେ ଓଲଟି ପଡ଼ିଥିବା ବେଳେ ଚାଳକ ବର୍ତ୍ତି ଯାଇଛନ୍ତି। ଏକ କାର କଟକରୁ ଯାଜପୁରରୋଡ଼ ଅଭିମୁଖେ ଯାଉଥିବା ବେଳେ ନୂଆପଦା ଛକ ନିକଟରେ ଅନ୍ୟ ଏକ ଗାଡ଼ି ସାଇଡ୍ ମାରିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡର ଉପରେ ଚଢ଼ି ଓଲଟି ପଡ଼ିଥିଲା। ଚାଳକ ଗାଡ଼ି ଭିତରେ ଥିବା ବେଳେ ସ୍ଥାନୀୟ ଦୋକାନୀମାନେ ଯାଇ ଗାଡ଼ି ମଧ୍ୟରୁ ଚାଳକଙ୍କୁ ବାହାର କରିଥିଲେ। ପରେ ଗାଡ଼ିଟିକୁ ସେଠାରୁ ଉଠାଯାଇଥିଲା।

# ରାତିରେ ଘରେ ପଶି ନାବାଳକଙ୍କୁ ଅପହରଣ ଉଦ୍ୟମ

**ବିଞ୍ଝାରପୁରରେ ଆତଙ୍କ, ଠେଙ୍ଗା ଧରି ଗାଁ ଲୋକ ଜଗୁଛନ୍ତି**

ସିଂହପୁର, ୧୯।୩ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଲେଇ ଗ୍ରାମର ଦଳିତ ସାହିରୁ ଜଣେ ୯ ବର୍ଷୀୟ ନାବାଳକଙ୍କୁ ବିଳମ୍ବିତ ରାତିରେ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପ୍ରକାଶ ମଲ୍ଲିକ ଓ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିବାବେଳେ କେତେଜଣ ଦୁର୍ବୃତ୍ତ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ପରିବାରର ଶିଶୁପୁତ୍ରଙ୍କୁ ଅପହରଣ କରିବାକୁ ଉଦ୍ୟମ କରୁଥିବା ସମୟରେ ପିଲାଟି ଜୋରରେ ଚିତ୍କାର କରିଥିଲା। ପାଟି ଶୁଣି ପରିବାର ଲୋକେ ଉଠି ପଡ଼ିଥିଲେ। ଫଳରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଶିଶୁ ଚୋର ରାକେଟ ସକ୍ରିୟ ଥିବା ଆଶଙ୍କାରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ୨ ରାତି ଧରି ଗ୍ରାମବାସୀ ହାତରେ ଠେଙ୍ଗା ଧରି ଗାଁ ଓ ସାହିରେ ପହରା ଦେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏପରି ଘଟଣା ପୁଣି ଘଟିବା ଆଶଙ୍କା ଥିବାରୁ ସେମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାକୁ ନେଇ ଗ୍ରାମବାସୀ ପୋଲିସ ପ୍ରଶାସନଙ୍କୁ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି।

# ଧର୍ମଶାଳା ଭାଜପାର ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀମାନେ।

କାଏମା, ୧୯।୩ ( ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକା କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନହିତକର କାର୍ଯ୍ୟ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅନୁପ୍ରାଣିତ ହୋଇ ବ୍ଲକର ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ସାହୁ, ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ, ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରେଇ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଭାଜପା ନେତା ପ୍ରିୟନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏଥିରେ ପୂର୍ବତନ କୁମାରୀ ପଞ୍ଚାୟତ ବିଜେଡି ସଭାପତି ସଂଗ୍ରାମ ଜେନା, ବିଜେଡି ଜିଲା ସମ୍ପାଦିକା ରାଜଶ୍ରୀ ଦାଶ, ପବିତ୍ର ମୋହନ ନାୟକ, ବିଶ୍ୱନାଥ ମହରଣା ପ୍ରମୁଖ ଶତାଧିକ କର୍ମୀ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିବା କର୍ମୀମାନଙ୍କୁ କେବେହେଲେ ଅବହେଳା କରାଯିବ ନାହିଁ। ଧର୍ମଶାଳାର ଉନ୍ନତି ପ୍ରକଳ୍ପେ ୨୪ ଘଣ୍ଟା ସେବା ଯୋଗାଇଦେବେ ବୋଲି ବିଧାୟକ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜେଶ କୁମାର ପାଳ, ଶ୍ରୀବତ୍ସ ଧୀର, ତୀର୍ଥରାଜ ପଣ୍ଡା, ଜିତେନ୍ଦ୍ର ରାଉତ, ଦେବରାଜ ମିଶ୍ର, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କୁମାର କର, ଆଲୋକ ଲେଙ୍କା, ଆଲୋକ ମହାନ୍ତି, ପ୍ରଦୀପ ପରିଡ଼ା, ଗୋତମ ସାହୁ, ଅଂଶୁମାନ୍ ରଥ ପ୍ରମୁଖ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ବଡ଼ଚଣା, ୧୯।୩ (ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରସ୍ଥ ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହାକୁ ଯାଜପୁର ଜିଲାର ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ୍ ଦାନ, ଏହି ରକ୍ତ ଅନ୍ୟର ଜୀବନ ବଞ୍ଚାଇବା ସହିତ ଏହା ଏକ ପୁଣ୍ୟ କାର୍ଯ୍ୟ ବୋଲି କହିବା ସହ ଶିଶୁ ବିଦ୍ୟାମନ୍ଦିରର ଗୁରୁମା'ଗୁରୁଜୀ ଓ ବିଦ୍ୟାମନ୍ଦିର ପରିଚାଳନା କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ସୌମ୍ୟ ପ୍ରକାଶ ଦାସ, ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା, ଗୁରୁଜୀ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା'ଗୁରୁଜୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଟକସ୍ଥିତ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟିର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ସାଇକେଲ, ବାଇକ୍ ଚୋରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ଯାଜପୁରଟାଉନ, ୧୯।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ପୋଲିସ ସାଇକେଲ ଓ ବାଇକ୍ ଚୋରି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି ଯାଜପୁର କୋର୍ଟକୁ ଚାଲାଣ କରିଛି। ଗତ ୧୩ ତାରିଖରେ ପ୍ରଶାନ୍ତ କୁମାର ସେଠୀ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୦୭/୨୬ରେ ମାମଲା ରୁଜୁ କରିବା ସହ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାର ତଦନ୍ତ ଜାରି ରଖିଥିଲେ। ବାଇକ୍ ଚୋରି ହୋଇଥିବା ସ୍ଥାନରେ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଭଦ୍ରକ ଧୁଷିରିଆ ଥାନା ଶାଳପୁର ଅଞ୍ଚଳର ସଞ୍ଜୀବ କୁମାର ସେନାପତି (୩୨)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ ସାଇକେଲ ଓ ଗୋଟିଏ ବାଇକ୍‌କୁ ଜବତ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସଞ୍ଜୀବ ଦୀର୍ଘ ୯ ବର୍ଷ ହେବ ଯାଜପୁର ଜଗନ୍ନାଥ ମନ୍ଦିର ନିକଟରେ ଭଡ଼ା ଘରେ ରହି ଆସୁଥିଲେ।

# ଧର୍ମଶାଳାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ


ଧର୍ମଶାଳାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଅବସରରେ ମଞ୍ଚସ୍ଥ ଅତିଥିଗଣ।

ଧର୍ମଶାଳା, ୧୯। ୩ (ବଟକୃଷ୍ଣ ପରିଡ଼ା)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଧର୍ମଶାଳା ପକ୍ଷରୁ ଧର୍ମଶାଳା ଅନ୍ତର୍ଗତ ତାରାପୁର ନିକଟସ୍ଥ କେଶସ୍ଥୁପଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଓ ବନ୍ଧୁମିଳନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦ, ଯାଜପୁର ଜିଲା ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ବିଶିଷ୍ଟ ସାହିତ୍ୟିକ, ଗବେଷକ ଓ ସୁବକ୍ତା ଡ. ସନ୍ତୋଷ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ କବି ଓ ପ୍ରାବନ୍ଧିକ ଡ. ରବୀନ୍ଦ୍ର କୁମାର ବିହାରୀ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଶାସ୍ତ୍ରୀୟ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ଆଲୋଚକ ଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସଂଗ୍ରାମ କେଶରୀ ଜେନା, ଅର୍ଜୁନ ଚରଣ ପୃଷ୍ଟି, ଅକ୍ଷୟ କୁମାର ଦାଶ, କାହ୍ନୁ ଚରଣ ଦାଶ, ଅଭୟାନନ୍ଦ ସାରଦା, ସୁଶାନ୍ତ କୁମାର ପଣ୍ଡା, ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭାରେ ପରିଷଦର ସଭ୍ୟ ସତ୍ୟାନନ୍ଦ ପ୍ରଧାନ, ସନ୍ତୋଷ କୁମାର ବେହେରା, ସୌଭାଗ୍ୟ ରାଉତ, ଜ୍ଞାନରଞ୍ଜନ ମହାନ୍ତି, ଲକ୍ଷ୍ମଣ ସେଠୀ, ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଏହାକୁ ବିଶିଷ୍ଟ ସାମାଜିକ କର୍ମୀ ସୁନାକର ସାହୁ ଓ ରାଷ୍ଟ୍ରଦୀପ ପ୍ରଚାରକ ତଥା ସଙ୍ଗଠକ ଈଶ୍ୱର ଚନ୍ଦ୍ର ପ୍ରଧାନ ପରିଚାଳନା ଓ ସହଯୋଗ କରିଥିଲେ। ଶେଷରେ ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ମହିଳା ଗୋଷ୍ଠୀଙ୍କ ପ୍ରଦୂଷଣ ଅଧିକାରୀଙ୍କୁ ଅଭିଯୋଗ


ମହିଳା ଗୋଷ୍ଠୀର ସଦସ୍ୟାମାନେ ପ୍ରଦୂଷଣ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**ସୁକିନ୍ଦା ରୋଡ୍ ରେଲୱେ ପ୍ଲଟରେ ପ୍ରଦୂଷଣ**

କଳିଙ୍ଗନଗର, ୧୯।୩ (ଶୁଭାଶିଷ ରାଉତ)

ସୁକିନ୍ଦା ରୋଡ୍ ରେଲୱେ ଷ୍ଟେଶନ ପାର୍ଶ୍ୱବର୍ତ୍ତୀ ନୀଳପଦା ସାହିର ମହିଳାମାନେ ମାତ୍ରାଧିକ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ମଙ୍ଗଳବାର ପ୍ଲଟ ଅନ୍‌ଲୋଡିଂ କାମ ବନ୍ଦ କରିଥିଲେ। ଗୁରୁବାର ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ କଳିଙ୍ଗନଗର ମଦନ ମୋହନ ସାହୁଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ନୀଳପଦା ସାହିର ୩୫ ପରିବାର ରେଲୱେ ପ୍ଲଟକୁ ଲାଗି କି ରହିଥିବାରୁ ସିମେଣ୍ଟ କାରଖାନାକୁ ଯାଉଥିବା କ୍ଲିଙ୍କର ଗୁଣ୍ଡରେ ଗୋଟେ ସପ୍ତାହ ହେଲା ଅତିଷ୍ଠ ହେଲେଣି। ଦିନରାତି ପ୍ରଦୂଷଣ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ଅନ୍‌ଲୋଡିଂ ଓ ଲୋଡିଂ କାମ ପରିବହନ ଚାଲୁଛି। ଏହି ସାହିର ଗଛପତ୍ର, କୂଅ, ପୋଖରୀ ଏପରି କି ଘର ଭିତରେ କ୍ଲିଙ୍କର ଓ କୋଇଲା ଗୁଣ୍ଡ ପଶି ଲୋକମାନେ ଅଣନିଃଶ୍ୱାସୀ ହୋଇ ରୋଗାକ୍ରାନ୍ତ ହେଲେଣି। ଅଭିଯୋଗ ପାଇ ପ୍ରଦୂଷଣ ବୋର୍ଡ ଅଧିକାରୀ ସାହୁ ସପ୍ତାହକ ମଧ୍ୟରେ ଏହି ନୀଳପଦା ସାହିକୁ ଆସି ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନେବା କଥା ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହେଲେ ମହେଶ୍ୱର



ବଡ଼ଚଣା, ୧୯।୩(ଦିଲୀପ କୁମାର ମହାନ୍ତି)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଗୁରୁବାର ମୋର୍ଚ୍ଚା, ରାଜ୍ୟ ଉପସଭାପତି ଭାବେ ମହେଶ୍ୱର ପରିଡ଼ାଙ୍କୁ ନିଯୁକ୍ତି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ସାମଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ଓ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପାଢ଼ୀ ଏବଂ ଭାଜପାର ସମସ୍ତ ନେତୃମଣ୍ଡଳୀଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇଛନ୍ତି। ଚଣ୍ଡିଖୋଲ ଛକରେ ବାଣ ଫୁଟାଇ ମିଠା ବଣ୍ଟନ କାର୍ଯ୍ୟକ୍ରମରେ ଭରତ ଚନ୍ଦ୍ର ମହାପାତ୍ର, ବିଷ୍ଣୁ ଚରଣ ସାମଲ, କିଶୋର ଚନ୍ଦ୍ର ଲେଙ୍କା, କିଶୋର ବାରିକ, ସୁବାସ ଚନ୍ଦ୍ର ତ୍ରିପାଠୀ, ରତିକାନ୍ତ ବେହେରା, ଖଗେଶ୍ୱର ସାହୁ, ଦିଗାମ୍ବର ମଲ୍ଲିକ, ସ୍ମୃତି ରଞ୍ଜନ ପରିଡ଼ା, ହେମନ୍ତ ସ୍ୱାଇଁ, ଦିପୁନା ପଲେଇ, ସୁଧାଂଶୁ ରାଉତ, ଅନିଲ ଦାଶ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟରେ କୃଷି, କୃଷକ ଓ କୃଷିକ୍ଷେତ୍ରର ଉନ୍ନତି ପାଇଁ ଉଦ୍ୟମ ଜାରି ରହିବ ବୋଲି ପରିଡ଼ା ବକ୍ତବ୍ୟରେ କହିଥିଲେ।

# ପାଣିକୋଇଲି ପାଇଁ ଗୌରବ ଆଣିଲେ ଆରାଧ୍ୟ ଆରାଧନା



ପାଣିକୋଇଲି, ୧୯।୩ (ବିକାଶ ଚନ୍ଦ୍ର ମଲ୍ଲିକ)

ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ପାଣିକୋଇଲି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଆରାଧ୍ୟ ଆରାଧନା, ଯାହା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଛି। ସୋତି ଗ୍ରାମରେ ଜନ୍ମିତ ବର୍ତ୍ତମାନ ପାଣିକୋଇଲି ପଥରପଦା ବାସିନ୍ଦା ଦେବବ୍ରତ ମହାପାତ୍ର ଓ ଲୁସି ତ୍ରିପାଠୀଙ୍କ କନିଷ୍ଠା କନ୍ୟା ଆରାଧ୍ୟ ଆରାଧନା ପାଣିକୋଇଲି ଜବାହାର ନବୋଦୟରୁ କୃତିତ୍ୱ ହାସଲ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପାଠ ପଢ଼ି ଟପ୍ପର ହୋଇ ହରିୟାନା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମାଷ୍ଟର ଇନ୍ ଏଜୁକେଶନ ପଢୁଥିଲେ। ସେଠାରେ ଟପ୍ପର ହୋଇ କୃତିତ୍ୱ ହାସଲ କରିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱର୍ଣ୍ଣ ପଦକ ସହ ମାନପତ୍ର ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟ ଚିଫ୍ ଜଷ୍ଟିସ ସୂର୍ଯ୍ୟକାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଖବର ପରେ ଆରାଧ୍ୟଙ୍କୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ ଏହାର ଶ୍ରେୟ ସେ ତାଙ୍କ ମାତାପିତାଙ୍କୁ ଦେଇଛନ୍ତି। ପୁଅଙ୍କଠାରୁ ଝିଅ ବି କୌଣସି ଗୁଣରେ କମ୍ ନୁହନ୍ତି ବୋଲି ସେ ପ୍ରମାଣିତ କରି ଦେଖାଇଛନ୍ତି।

**ଚୋରଦା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

# କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ଚାମ୍ପିୟନ


ଚାମ୍ପିୟନ ଦଳର ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ୟାସନଗର, ୧୯।୩ (ପବିତ୍ର ରଞ୍ଜନ ମହାନ୍ତି)

ମହାବୀର କ୍ଲବ ଆନୁକୂଲ୍ୟରେ ବ୍ୟାସନଗର ଚୋରଦାସ୍ଥିତ କାଳୀ ମେଳଣ ପଡ଼ିଆରେ ୩ ଦିନ ଧରି ରାତ୍ରିକାଳୀନ ୬ଷ୍ଠ ଚୋରଦା ପ୍ରିମିୟର ଲିଗ୍ (ସିପିଏଲ୍) କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ଏହି ଟୁର୍ନାମେଣ୍ଟକୁ ଚୋରଦା ଗ୍ରାମ କମିଟି ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ବ୍ୟାସନଗର ଓ କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ମଧ୍ୟରେ ଫାଇନାଲ ମ୍ୟାଚ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ୮ ଉଇକେଟ ହରାଇ ୧୪୪ରନ କରିଥିଲା। ଜବାବରେ କପିଳେଶ୍ୱର ଷ୍ଟ୍ରାଇକର୍ସ ବ୍ୟାଟିଂ କରି ୧୦ ଓଭରରେ ସମାନ ରନ କରି ମ୍ୟାଚ ଟାଇ ହୋଇଥିଲା। ପରେ ସୁପର ଓଭରରେ ବ୍ୟାଟିଂ କରି କପିଳେଶ୍ୱର ଦଳ ୬ ବଲରେ ୧୯ ରନ କରିଥିଲା। ଜବାବରେ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ ମାତ୍ର ୧ ରନ କରି ପରାଜିତ ହୋଇଥିଲା। କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀ ଚାମ୍ପିୟନ ହୋଇଥିଲା। ଅମ୍ପେୟାର ଭାବେ ଛାୟାକାନ୍ତ ଦ୍ୱିବେଦୀ ଓ ଦୁର୍ଗା ପଟ୍ଟନାୟକ, ସ୍କୋରର ଭାବେ ଅସୀମ ଦାସ, ଲାବଣ୍ୟ ବଳ ଓ ଭାଷ୍ୟକାର ଭାବେ ପ୍ରଶାନ୍ତ ପଟ୍ଟନାୟକ କାର୍ଯ୍ୟ ତୁଲାଇ ଥିଲେ। ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ, ଗ୍ରାମ କମିଟି ସମ୍ପାଦକ ତଥା ଶିଳ୍ପପତି ରବିନାରାୟଣ ପୁହାଣ, ସିଏମ୍‌ସି ଇନ୍‌ଫ୍ରାଟେକ୍ ନିର୍ଦ୍ଦେଶକ ଅନିରୁଦ୍ଧ ମହାନ୍ତି, ବ୍ୟାସନଗର ଟ୍ରକ୍ ମାଲିକ ସଂଘ ସଭାପତି କିଶୋର କୁମାର ରାଉତ, ଗ୍ରାମ କମିଟି ବରିଷ୍ଠ ସଦସ୍ୟ ଗଦାଧର ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ପବିତ୍ର ରଞ୍ଜନ ମହାନ୍ତି, ଅମୂଲ୍ୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍ କପିଳେଶ୍ୱର ଷ୍ଟ୍ରାଇକର୍ସ ଡୁବୁରୀକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିବାବେଳେ ରନର୍ସ ଅପ ଟିମ୍ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସକୁ ୩୦ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶାନ୍ତି ଚ୍ୟାଲେଞ୍ଜର୍ସର ମାଲିକ ଆଲୋକ କୁମାର ମହାନ୍ତି, କପିଳେଶ୍ୱର ଷ୍ଟ୍ରାଇକରର ଜୟନ୍ତ ରାଉତ ଓ ଦୁର୍ଗା ୱାରିୟର୍ସର ମାଲିକ ସତ୍ୟଜିତ ପରିଡ଼ା ଓ ଜେଏସ୍‌ଏଲ୍‌ର ସନ୍ତୋଷ କୁମାରଙ୍କୁ ମୁଖ୍ୟ ଅତିଥି ଦାସ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜକ ମହାବୀର କ୍ଲବର କର୍ମକର୍ତ୍ତା ରାଜକିଶୋର ମଲ୍ଲିକ, ପପିନା ରାଉତ, ରମାକାନ୍ତ ପୁହାଣ, ଦେବେନ୍ଦ୍ର ରାଉତ, ନରହରି ରାଉତ, ବଦ୍ରି ନାରାୟଣ ରାଉତ, ହାପିନ୍ଦ୍ର ବଳ, ରମାକାନ୍ତ ପୁହାଣ, ସାଗର ସ୍ୱାଇଁ, ସଞ୍ଜୟ ସାହୁ, ଉମାକାନ୍ତ ପୁହାଣ, ସୋନୁ ପୁହାଣ ଓ ସୁରେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଡାକ୍ତର, କର୍ମଚାରୀଙ୍କ ଗିରଫ ଦାବି: ମୃତଦେହ ରଖି ରାସ୍ତାରୋକୋ

## ଚିକିତ୍ସାରେ ଅବହେଳା ଯୋଗୁ ଗର୍ଭବତୀଙ୍କ ମୃତ୍ୟୁ ପ୍ରସଙ୍ଗ

- କଟକ-ଜଗତ୍‌ସିଂହପୁର ମୁଖ୍ୟରାସ୍ତାରେ ୨ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା
- ହସ୍ପିଟାଲ ସିଲ୍ କଲା ପ୍ରଶାସନ

ଜଗତ୍‌ସିଂହପୁର, ୧୯।୩
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଦ୍ୱନ୍ଦ ଗ୍ରାମର ଶକ୍ତି ଭୋଳଙ୍କ ଗର୍ଭବତୀ ସ୍ତ୍ରୀ ସୁଶ୍ରୀ ସଙ୍ଗୀତା ସାହୁଙ୍କ ମୃତ୍ୟୁକୁ ନେଇ ଗୁରୁବାର କଟକ-ଜଗତ୍‌ସିଂହପୁର ମୁଖ୍ୟ ରାସ୍ତାର ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରାଯାଇଛି। ଫଳରେ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଗାଡିମୋଟର ଯାତାୟାତରେ ବାଧାପ୍ରାପ୍ତ ହୋଇଛି।

ବୁଧବାର ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ସୁକନ୍ୟା ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତର ଓ କର୍ମଚାରୀଙ୍କ ଚିକିତ୍ସାରେ ଅବହେଳା ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ଏଭଳି ଘଟିଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲରେ ଭଙ୍ଗାରୁଜା କରିଥିଲେ। ସୁଶ୍ରୀ ସଙ୍ଗୀତାଙ୍କ ମୃତଦେହ ଭୁବନେଶ୍ୱରରେ ଥିବାରୁ ପରବର୍ତ୍ତୀ ସମୟରେ ପରିସ୍ଥିତି ସ୍ୱାଭାବିକ ହୋଇଯାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଜଗତ୍‌ସିଂହପୁର ଅଣାଯାଇ ଥିଲା। ଆମ୍ବୁଲାନ୍ସଟି ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିବାବେଳକୁ ମୃତକଙ୍କ ପରିବାର, ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ି ଅଟାକାଇବା ସହ ରାସ୍ତା ମଝିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ।

ଚିକିତ୍ସା କରିଥିବା ଡା. ସୁକାନ୍ତ ଦଳେଇ, ତାଙ୍କ ଶାଳକ କୁହାଯାଉଥିବା ଅନ୍ୟତମ ଡାକ୍ତର ଓ କର୍ମଚାରୀମାନଙ୍କୁ ଗିରଫ ଦାବି କରିଥିଲେ। ଏଥିସହ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହାପରେଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ନିରପେକ୍ଷ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟାନ୍ୟ ଦିଗକୁ ଅନୁଧ୍ୟାନ କରାଗଲା ପରେ ମୃତ୍ୟୁର ପ୍ରକୃତ କାରଣ ଜାଣି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବା ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହାପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ସ୍ଥାନୀୟ ତହସିଲଦାର ଅଜୟ କୁମାର ମହାନ୍ତି, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ପ୍ରମୁଖ ସୁକନ୍ୟା ହସ୍ପିଟାଲରେ ପହଞ୍ଚି ସିଲ୍ କରିଛନ୍ତି।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଏହା ପୂର୍ବରୁ ହସ୍ପିଟାଲରେ ୫ ଜଣ ପ୍ରସୂତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ତହସିଲଦାର ମହାନ୍ତି କହିଛନ୍ତି, ଆଇନଶୃଙ୍ଖଳା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ହସ୍ପିଟାଲ ଆବଶ୍ୟକ ସୁରକ୍ଷା ଓ କାଗଜପତ୍ର କରିଛି କି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।

ଏ ସମ୍ପର୍କରେ ମୃତକଙ୍କ ସ୍ୱାମୀ ଶକ୍ତି ଗଣମାଧ୍ୟମକୁ କହିଛନ୍ତି, ବୁଧବାର ସକାଳ ପ୍ରାୟ ୭ଟା ୨୦ରେ ସେ ଓ ତାଙ୍କ ସ୍ତ୍ରୀ ସୁଶ୍ରୀ ସଙ୍ଗୀତାଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଥିଲେ। ସେତେବେଳେ ହସ୍ପିଟାଲ ପରିଚାଳକ ବସିବାକୁ କହି ଡାକ୍ତରଙ୍କୁ ଡାକିଥିଲେ। ଡ. ଦଳେଇ ପହଞ୍ଚି ସୁଶ୍ରୀ ସଙ୍ଗୀତା ଓ ତାଙ୍କ ପେଟରେ ଥିବା ପିଲା ଅବସ୍ଥା ଭଲ ଥିବାରୁ ସାଧାରଣ ପିଲା ଜନ୍ମ ହେବ ବୋଲି କହିଥିଲେ। ଏହାର ୧୦ ମିନିଟ ପରେ ପୁଣିଥରେ କହିଲେ ପେଟରେ ଛୁଆ ଝାଡା କରିଦେଇଥିବାରୁ ମା' ଯନ୍ତ୍ରଣା ସମ୍ଭାଳି ପାରୁନାହାନ୍ତି। ତେଣୁ ଅସ୍ତ୍ରୋପଚାର କରିଦେଲେ ସବୁ ଠିକ୍ ହୋଇଯିବ। ଏହି ସମୟରେ ସୁଶ୍ରୀ ସଙ୍ଗୀତା କାନ୍ଦୁଥିଲେ ଏବଂ ତାଙ୍କ ମା'ମୁଣ୍ଡ ଆଉଁସୁଥାନ୍ତି। ତା'ପରେ ତାଙ୍କ ମା'ଙ୍କୁ ବିଦା କରିଦେଇ ସ୍ତ୍ରୀ ସୁଶ୍ରୀ ସଙ୍ଗୀତାଙ୍କୁ ଅସ୍ତ୍ରୋପଚାର ଗୃହ (ଓଟି)କୁ ନେଇ ଯାଇଥିଲେ। ଓଟି ଭିତରେ ମା ଟିକେ ଅନେଇଲା ବେଳକୁ ସ୍ତ୍ରୀଙ୍କୁ ଡେରି ଦେଇଥିଲେ। ସେତେବେଳକୁ ସ୍ତ୍ରୀଙ୍କ ମୁହଁ ଓ ପେଟ ଫୁଲି ଯାଇଥିଲା। ସେ କେବଳ ଜଳଜଳ କରି ଅନେଇଥିଲେ। ଏ ଅବସ୍ଥାରେ ଉପସ୍ଥିତ ଜଣେ ନର୍ସ ଧାଇଁ ଆସି କିଏ ସେ କବାଟ ପାଖରେ ଅନେଇଛି କହି ମା'ଙ୍କୁ ଧକ୍କା ମାରି ବାହାର କରି ଦେଇଥିଲେ। କିଛି ସମୟ ପରେ ଡାକ୍ତର କହିଲେ ରୋଗୀଙ୍କ ଅବସ୍ଥା ଗୁରୁତର, କଟକ ନେଇଯାଅ। ସେ କଟକରେ କାହାରିକୁ ଚିହ୍ନି ନ ଥିବା କହି ଲେଖିକି ଦେବାକୁ ଅନୁରୋଧ କରିଥିଲେ। ହେଲେ ଡାକ୍ତର ଅପରାହ୍ନ ୩ଟାରେ ପହଞ୍ଚିବା କହିବାରୁ ସେମାନେ ଡାକ୍ତରଙ୍କୁ ସାଙ୍ଗରେ ନେଇଯିବାକୁ ବାଧ କହିଥିଲେ। ଏହାପରେ ଡାକ୍ତର, ତାଙ୍କ ଶାଳକ ତଥା ସ୍ତ୍ରୀ ରୋଗ ଡାକ୍ତର ଓ ପରିଚାଳକ ମିଶି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନେବାକୁ କହିଥିଲେ। କିନ୍ତୁ ସେଠାରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଉକ୍ତ ହସ୍ପିଟାଲ ଗ୍ରହଣ କରି ନ ଥିଲା ବୋଲି ଶକ୍ତି କୋହଭରା କଣ୍ଠରେ କହିଛନ୍ତି।

# ନବୋଦୟ ପରୀକ୍ଷାରେ ୫ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ରଘୁନାଥପୁର, ୧୯।୩
(ରାଜେନ୍ଦ୍ର ନାରାୟଣ ସିଂହ)

ଚଳିତ ବର୍ଷ ଜବାହର ନବୋଦୟ ବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ରଘୁନାଥପୁର ବ୍ଲକରେ ୫ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବ୍ଲକ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀଙ୍କ ପକ୍ଷରୁ ସୂଚନା ମିଳିଛି। ସେମାନେ ହେଲେ ସୌମ୍ୟାସୁଲଗ୍ନା ପଣ୍ଡା, ଆଶୁତୋଷ ସେଠୀ, ସୀତାଂଶୁ ସାହୁ, ସାଇ ପ୍ରାସାଦ ମହାରଣା ଓ ଜେନା ରାଣୀ ପ୍ରଧାନ। ଏମାନେ ସମସ୍ତେ ଶିକ୍ଷାବର୍ଷ ଆରମ୍ଭରୁ ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସଫଳତା ହାସଲ କରିଥିବା ସମସ୍ତ ଶିକ୍ଷାର୍ଥୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଓଲଟିଲା ଚୋରା ପଥର ବୋଝେଇ ଟ୍ରକ୍

## ଚାଳକ କୋର୍ଟ ଚାଲାଣ

କୁଜଙ୍ଗ, ୧୯।୩ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୋଠିଆସାହିଗଡା ନିକଟ ରାସ୍ତା କଡ଼ରେ ଏକ ବେଆଇନ ପଥର ବୋଝେଇ ଗାଡ଼ି ଓଲଟି ପଡିଛି। ତାହାକୁ ଜବତ କରାଯିବା ସହ ଚାଳକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ନୂଆପାଟଣା ଜେମାଦେଇପୁର ଗାଁର ମନୋଜ ଦଳେଇ (୩୪)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମନୋଜ ନୟାଗଡ଼ ଜିଲା ରଣପୁର ଅଞ୍ଚଳରୁ ଟ୍ରକ୍ (ନଂ.ଓଡି ୨୧ ଏସ୍ ୮୩୩୫)ରେ ବଡ ପଥର ଖଣ୍ଡ ବୋଝେଇ କରିପାରାଦୀପ ଅଭିମୁଖେ ଆସୁଥିଲେ। ମାତ୍ର ବେପରୁଆଭାବେ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଟ୍ରକଟି କୋଠିଆସାହିଗଡା ନିକଟ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର କାଗଜପତ୍ର ଓ ପଥର ପରିବହନ ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ କରିବାରେ ତାହା ବେଆଇନ ବୋଲି ଜଣାପଡ଼ିଥିଲା। ପଥର ପରିବହନ ନିମନ୍ତେ ଟ୍ରାଞ୍ଜିଟ ପାସ ନ ଥିଲା। ଏହାପରେ ପୋଲିସ ମନୋଜଙ୍କୁ ପଚରାଉଚରା କରିବାରେ ପାରାଦୀପର ଜଣେ ବ୍ୟକ୍ତି ଏସବୁ ପଥର ନିୟମିତ ଚୋରାରେ ଆଣି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖନ୍ତି ଓ ପରବର୍ତ୍ତୀ ସମୟରେ ଚଢ଼ାଦରରେ ବିକ୍ରି କରୁଥିବା ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଉତ୍ତୋଳନ ଅଭିଯୋଗରେ ମାମଲା (ନଂ. ୮୬/୨୬) ରୁଜୁ କରାଯାଇଛି।

# ରାସ୍ତା ମଝି ଡିଭାଇଡର ଉପରେ ଓଲଟିଲା କାର୍

ପାଣିକୋଇଲି, ୧୯।୩ ( ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ବୁଧବାର ରାତିରେ ଭାରସାମ୍ୟ ହରାଇ ଏକ କାର ରାସ୍ତା ମଝି ଡିଭାଇଡର ଉପରେ ଓଲଟି ପଡିଥିବା ବେଳେ ଚାଳକ ବର୍ତ୍ତି ଯାଇଛନ୍ତି। ଏକ କାର କଟକରୁ ଯାଜପୁରରୋଡ ଅଭିମୁଖେ ଯାଉଥିବା ବେଳେ ନୂଆପଦା ଛକ ନିକଟରେ ଅନ୍ୟ ଏକ ଗାଡି ସାଇଡ ମାରିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡର ଉପରେ ଚଢି ଓଲଟି ପଡିଥିଲା। ଚାଳକ ଗାଡି ଭିତରେ ଥିବା ବେଳେ ସ୍ଥାନୀୟ ଦୋକାନୀମାନେ ଯାଇ ଗାଡି ମଧ୍ୟରୁ ଚାଳକଙ୍କୁ ବାହାର କରିଥିଲେ। ପରେ ଗାଡିଟିକୁ ସେଠାରୁ ଉଠାଯାଇଥିଲା।

# ସରିଲା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ



ଅନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ମହୋତ୍ସବରେ ମଞ୍ଚାସୀନ ସାଧୁସନ୍ଥ, ଅତିଥିମାନେ।

ରାହାମା, ୧୯।୩ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଶାରଳା ମହାବିଦ୍ୟାଳୟ ରାହାମା କଲେଜ ପଡ଼ିଆରେ, ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ମହୋତ୍ସବ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ମହାନ୍ ଆଧ୍ୟାତ୍ମିକ, ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାରଦାପୀଠ ଶ୍ରୀଙ୍ଗେରୀ କର୍ନାଟକର ଶ୍ରୀମଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ବିଧୁଶେଖର ଭାରତୀ ମହାସ୍ୱାମୀ, ଶ୍ରୀମନ୍ଦିର ଛତିଶ ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସତ୍ୟ ସନାତନ ଧର୍ମ ପ୍ରଚାରକ ଅଧକ୍ଷ ବନ୍ଦେଶ୍ୱର ଧାମର ସ୍ୱାମୀ ମୁକୁନ୍ଦକୃଷ୍ଣ ମହାରାଜ ଓ ଅନୁଷ୍ଠାନର ମାର୍ଗଦର୍ଶକ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବ୍ରହ୍ମଚାରୀ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସମେତ ବହୁ ସାଧୁ ସନ୍ଥ ମହାତ୍ମା, ଜ୍ଞାନୀ ଗୁଣୀ ବିଦ୍ୱାନ ପଣ୍ଡିତ, ପୁରୀ ଶ୍ରୀମନ୍ଦିରର ମୁଖ୍ୟ ସେବାନିଯୋଗୀଙ୍କ ସମେତ ବିଭିନ୍ନ ମଠ ମନ୍ଦିରର ମହନ୍ତ, ସେବାୟତ ଓ ମୁଖ୍ୟପୂଜକ ଭିନ୍ନଭିନ୍ନ ଦିବସରେ ଯୋଗ ଦେଇଥିଲେ। ମଞ୍ଚର ପ୍ରଚ୍ଛଦପଟରେ ନାମାଚାର୍ଯ୍ୟ ବାୟା ବାବା, ବୈକୁଣ୍ଠନାଥ ବ୍ରହ୍ମଚାରୀ, ଅନୁଷ୍ଠାନର ପ୍ରତିଷ୍ଠାତା ତ୍ରିଦଣ୍ଡି ସ୍ୱାମୀ ଭଗବାନ ଦେବଜୀଙ୍କ ଫଟୋଚିତ୍ର ସ୍ଥାପିତ ହୋଇଥିବା ଦେଖିବାକୁ ମିଳିଥିଲା। ମହୋତ୍ସବ ମଣ୍ଡପର ବିଭିନ୍ନ ପ୍ରକୋଷ୍ଠରେ ମହାପ୍ରଭୁଙ୍କ ନୀଳମାଧବ ବେଶ, ଶ୍ରୀ ରଘୁନାଥ ବେଶ, ଗିରିଗୋବର୍ଦ୍ଧନ ବେଶ, ଛପନଭୋଗ ଆଦି ଆକର୍ଷଣୀୟ ସାଜିଥିଲା। ଜଗନ୍ନାଥଙ୍କ ଉପରେ ଆଧାରିତ ନୃତ୍ୟ ସଙ୍ଗୀତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶେଷ ଅତିଥି ଭାବେ ନାଇଜରର କୁଳ ସଚିବ ଅଭୟ କୁମାର ନାୟକ, ପାରାଦୀପ ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ନୃସିଂହ ପୀଠର ମହନ୍ତ ରମାକାନ୍ତ ଦାସ, ମାତାମଠ ଗୋବର୍ଦ୍ଧନପୁର ମହନ୍ତ ଦୟାନିଧି ଦାସ ମହାରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମହୋତ୍ସବ ପରିଚାଳନା କମିଟି ପ୍ରତିଷ୍ଠାତା, ସଂଯୋଜକ ତଥା ସମ୍ପାଦକ ଡ. ସୁନାକର ବେହେରା, ସଭାପତି ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, କାର୍ଯ୍ୟକାରୀ ସଭାପତି ରବିନାରାୟଣ ସାହୁ, ଭିକାରୀ ଚରଣ ସେନାପତି, ପ୍ରହ୍ଲାଦ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାସ, ରାହାମା ପ୍ରେସ କ୍ଲବ ସଭାପତି ମାନସ ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାତିରେ ଘରେ ପଶି ନାବାଳକଙ୍କୁ ଅପହରଣ ଉଦ୍ୟମ

## ବିଞ୍ଝାରପୁରରେ ଆତଙ୍କ, ଠେଙ୍ଗା ଧରି ଗାଁ ଲୋକ ଜଗୁଛନ୍ତି

ସିଂହପୁର, ୧୯।୩ (ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ଥାନା ଅନ୍ତର୍ଗତ ଓଲେଇ ଗ୍ରାମର ଦଳିତ ସାହିରୁ ଜଣେ ୯ ବର୍ଷର ନାବାଳକଙ୍କୁ ବିଳମ୍ବିତ ରାତିରେ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପ୍ରକାଶ ମଲିକ ଓ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିବାବେଳେ କେତେଜଣ ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ପରିବାରର ଶିଶୁପୁତ୍ରଙ୍କୁ ଅପହରଣ କରିବାକୁ ଉଦ୍ୟମ କରୁଥିବା ସମୟରେ ପିଲାଟି ଜୋରରେ ଚିତ୍କାର କରିଥିଲା। ପାଟି ଶୁଣି ପରିବାର ଲୋକେ ଉଠି ପଡ଼ିଥିଲେ। ଫଳରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ଶିଶୁ ଚୋର ରାକେଟ ସକ୍ରିୟ ଥିବା ଆଶଙ୍କାରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ୨ ରାତି ଧରି ଗ୍ରାମବାସୀ ହାତରେ ଠେଙ୍ଗା ଧରି ଗାଁ ଓ ସାହିରେ ପହରା ଦେଉଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ଏପରି ଘଟଣା ପୁଣି ଘଟିବାର ଆଶଙ୍କା ଥିବାରୁ ସେମାନେ ଭୟଭିତ ଅବସ୍ଥାରେ ରହୁଛନ୍ତି। ଏହାକୁ ନେଇ ଗ୍ରାମବାସୀ ପୋଲିସ ପ୍ରଶାସନଙ୍କୁ ଏହି ଅଞ୍ଚଳରେ ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା କରିବା ସହ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି।

# ସାଇକେଲ, ବାଇକ୍ ଚୋରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଯାଜପୁରଟାଉନ, ୧୯।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ପୋଲିସ ସାଇକେଲ ଓ ବାଇକ୍ ଚୋରି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି ଯାଜପୁର କୋର୍ଟକୁ ଚାଲାଣ କରିଛି। ଗତ ୧୩ ତାରିଖରେ ପ୍ରଶାନ୍ତ କୁମାର ସେଠୀ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୦୭/୨୬ରେ ମାମଲା ରୁଜୁ କରିବା ସହ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାର ତଦନ୍ତ ଜାରି ରଖିଥିଲେ। ବାଇକ୍ ଚୋରି ହୋଇଥିବା ସ୍ଥାନରେ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଭଦ୍ରକ ଧୁଷିରିଆ ଥାନା ଶାଳପୁର ଅଞ୍ଚଳର ସଞ୍ଜୀବ କୁମାର ସେନାପତି (୩୨)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ ସାଇକେଲ ଓ ଗୋଟିଏ ବାଇକ୍‌କୁ ଜବତ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସଞ୍ଜୀବ ଦୀର୍ଘ ୯ ବର୍ଷ ହେବ ଯାଜପୁର ଜଗନ୍ନାଥ ମନ୍ଦିର ନିକଟରେ ଭଡ଼ା ଘରେ ରହି ଆସୁଥିଲେ।

# ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ରସୁଲପୁର, ୧୯।୩ (ରଞ୍ଜିତ ରାଉତ)

ରସୁଲପୁର ଓ କୋରେଇ ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମକୁନ୍ଦବିନ୍ଧା ଗାଁରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଉକ୍ତ ଅଗ୍ନିକାଣ୍ଡରେ ୮ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ଘରେ ଥିବା ସୁନାରୁପା ଅଳଙ୍କାର ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅଗ୍ନିବିପନ୍ନ ପରମାନନ୍ଦ ପଣ୍ଡା, ନୃସିଂହ ଚରଣ ପଣ୍ଡା, ନିରଞ୍ଜନ ପଣ୍ଡା, ଆନନ୍ଦ ପଣ୍ଡା, ଗୋବିନ୍ଦ ପଣ୍ଡା, ବାଇଧର ପଣ୍ଡାଙ୍କ ପରିବାର ଅଭିଯୋଗ କରିଛନ୍ତି। ନିଆଁ ଲିଭାଇବାରେ ରସୁଲପୁର ଦମକଳକେନ୍ଦ୍ରରୁ ୪ ଗାଡି ଓ ଯାଜପୁର ଦମକଳକେନ୍ଦ୍ରର ଗୋଟିଏ ଗାଡି ନିୟୋଜିତ ହୋଇଥିଲେ। ନିଆଁର ପ୍ରକୋପର ତୀବ୍ର କାରଣରୁ ତାହାକୁ ଆୟତ କରିବାରେ ଅଗ୍ନିଶମ ବାହିନୀକୁ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା।

# କୁଜଙ୍ଗରେ ଗ୍ୟାସ୍ ସଙ୍କଟ: ଅର୍ଦ୍ଧାଧିକ ହୋଟେଲ , ଚା' ଦୋକାନ ବନ୍ଦ

## ଚା'ର ଅହେତୁକ ମୂଲ୍ୟ ବୃଦ୍ଧି , ଆମିଷ ବ୍ୟବସାୟ ପ୍ରଭାବିତ

କୁଜଙ୍ଗ, ୧୯।୩ (ମନୋଜ ପ୍ରଧାନ)

ଇରାନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଭାରତରେ ଦିନକୁ ଦିନ ଗ୍ୟାସ ସଙ୍କଟ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ କୁଜଙ୍ଗ ବ୍ଲକର ଗ୍ରାମାଞ୍ଚଳ ସହ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ପଡ଼ିଛି। ଗ୍ୟାସ ଭର୍ତ୍ତି ସିଲିଣ୍ଡର ପାଇଁ ରାତି ଦୁଇଟାରୁ ସାଧାରଣ ଲୋକ ଡିପୋ ସମ୍ମୁଖରେ ଲାଇନ୍ ଦେଉଛନ୍ତି। ଅନେକ ଲୋକ ଗ୍ୟାସ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଗ୍ୟାସ ଅଭାବ ଯୋଗୁ ଅନେକ ଛୋଟ ବଡ଼ ହୋଟେଲ , ଜଳଖିଆ ଦୋକାନ ଓ ଚା'ଦୋକାନ ବନ୍ଦ ହୋଇ ଗଲାଣି। ଯେଉଁ କେତେକ ଦୋକାନୀ କୌଣସି ସୂତ୍ରରୁ ଚୋରାରେ ଗ୍ୟାସ ଲିଟର ପିଛା ୨୩୦ରୁ ୨୫୦ ଟଙ୍କା ଦେଇ କିଣୁଛନ୍ତି ସେମାନେ ବାଧ ହୋଇ ଚା'କପର ମୂଲ୍ୟ ବୃଦ୍ଧି କରିଦେଇଛନ୍ତି। ପୂର୍ବରୁ ଯେଉଁ ପୂର୍ଣ୍ଣ ଚା'କପ ର ମୂଲ୍ୟ ୧୦ ଟଙ୍କା ଓ ଅଧା କପ ଚା'ର ମୂଲ୍ୟ ୫ ଟଙ୍କାରେ ବିକ୍ରି ହେଉଥିଲା ତାହା ବର୍ତ୍ତମାନ ୧୫ ଟଙ୍କା ଓ ୮ ଟଙ୍କାରେ ବିକ୍ରି ହେଉଛି। ତଥାପି କ୍ଷତି ସହିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ଗ୍ୟାସ ନ ମିଳିବାରୁ କେତେକ ହୋଟେଲ, ଫାଷ୍ଟଫୁଡ ଦୋକାନ ବନ୍ଦ ହୋଇ ଯାଇଥିବା ବେଳେ ଅନେକ ହୋଟେଲ ଖୁବ୍ କମ ପରିମାଣର ମିଲ କରୁଛନ୍ତି। ଫଳରେ ଚିକେନ ଓ ମାଛ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ଏସମ୍ପର୍କରେ ଚିକେନ ବ୍ୟବସାୟୀ ସମରେନ୍ଦ୍ର ପ୍ରଧାନ କହିଛନ୍ତି, ଗ୍ୟାସ ସଙ୍କଟ ଯୋଗୁ ଅନେକ ହୋଟେଲ ଓ ଫାଷ୍ଟ ଫୁଡ ଦୋକାନ ବନ୍ଦ ହୋଇଯିବାରୁ ତାଙ୍କର ବ୍ୟବସାୟ ଅଧାରୁ ଅଧିକ କମିଯାଇଛି। ଗ୍ୟାସ ସଙ୍କଟ ଉପରେ କୁଜଙ୍ଗ ଯୋଗାଣ ଅଧିକାରୀ ଦୀପକ ପାତ୍ରଙ୍କୁ ପଚାରିବାରେ ବାଲେଶରରୁ ୪/୫ ଦିନ ବ୍ୟବଧାନରେ ଗୋଟିଏ ଗାଡ଼ି ଆସୁଛି। ପୂର୍ବରୁ ଦିନକୁ ୨୦୦ରୁ ୩୦୦ଜଣ ବୁକିଂ କରୁଥିଲେ। ଏବେ ଦୈନିକ ପାଖାପାଖି ହଜାରେ ଲୋକେ ବୁକିଂ କରୁଛନ୍ତି। ଏହାଦ୍ୱାରା ସାମାନ୍ୟ ସମସ୍ୟା ହେଉଛି। କିନ୍ତୁ ୫/୬ ଦିନ ମଧ୍ୟରେ ଏହି ଅବସ୍ଥା ସୁଧୁରିଯିବ।




ଗ୍ୟାସ ଡିପୋରୁ ସିଲିଣ୍ଡର ନେବା ପାଇଁ ଲୋକେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ପାରାଦୀପ ଉଦୟବିହାର କଲୋନୀ: ୧୨ ବର୍ଷ ହେବ ସୀମା ନିର୍ଦ୍ଧାରଣ ହେଉନି

- ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଲୋକେ
- ବଟ ନଦୀରେ ମିଶୁଛି ଆବର୍ଜନା

ପାରାଦୀପ, ୧୯।୩ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳ ମଧ୍ୟରେ ଥିବା ଉଦୟବିହାର କଲୋନିର ସୀମା ନିର୍ଦ୍ଧାରଣ ହୋଇପାରୁନାହିଁ। ଏହାଦ୍ୱାରା ଉକ୍ତ କଲୋନିର ଆବର୍ଜନା ସଫା କରିବା ଓ ଅନ୍ୟ ମୌଳିକ ସୁବିଧା ସେଠାକାର ଲୋକେ ପାଇପାରୁନାହାନ୍ତି। ଫଳରେ ସେଠାରେ ୩ ଲେନରେ ଥିବା ୫୦୦ରୁ ଅଧିକ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କଲୋନିକୁ ପଞ୍ଚାୟତ ସୀମାରୁ ବାହାର କରାଯାଇ ପୌରପାଳିକାରେ ସାମିଲ କରିବା ପାଇଁ ୨୦୧୪ରୁ ସରକାରୀସ୍ତରରେ ପ୍ରୟାସ ଚାଲିଛି। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଏନେଇ ସରକାରୀ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ପାରାଦୀପ ପୌରପାଳିକା ସୀମା ମଧ୍ୟରେ ଉଦୟବିହାର ରହିଥିଲେ ହେଁ ତାହା ନୂଆଗଡ଼ ପଞ୍ଚାୟତ ଅଧୀନରେ ରହିଛି। ଭୌଗୋଳିକ ଭାବେ ଉକ୍ତ କଲୋନି ହେଉଛି କଟକ-ପାରାଦୀପ ମୁଖ୍ୟ ରାସ୍ତା ପାଖ। ପଞ୍ଚାୟତ ଓ ଉଦୟବିହାର ମଝିରେ ରହିଛି ତାଳଦଣ୍ଡା କେନାଲ। କଲୋନିର ଦକ୍ଷିଣ ପାର୍ଶ୍ୱରେ ରହିଛି ବଟ ନଦୀ। ଉଦୟବିହାର ଜନବସତି ୨୦୦୯/୧୦ ରୁ ହୋଇଛି। ପାରାଦୀପ ବନ୍ଦର କର୍ମଚାରୀମାନେ ଅବସର ପରେ ସେଠାରେ ଜାଗା କିଣି



ବଟ ନଦୀରେ ଆବର୍ଜନା ଜମିଛି।

ଘରବାଡ଼ି କରି ରହିଛନ୍ତି। ସେମାନଙ୍କ ଭୋଟର ପରିଚୟପତ୍ରଠାରୁ ଆରମ୍ଭ କରି ଆଧାର କାର୍ଡ, ରାଶନ କାର୍ଡ ଓ ଅନ୍ୟ ପରିଚୟପତ୍ର ପାରାଦୀପ ପୌରପାଳିକା ମଧ୍ୟରେ ରହିଛି। ମାତ୍ର କଲୋନିଟି ନୂଆଗଡ଼ ପଞ୍ଚାୟତ ଅଧୀନରେ ଥିବାରୁ ପୌରପାଳିକା ସେଠାରେ ମୌଳିକ ସୁବିଧା ଯୋଗାଇ ପାରୁନାହିଁ। ନୂଆଗଡ ପଞ୍ଚାୟତରେ ଭୋଟର ହୋଇ ନ ଥିବାରୁ ପଞ୍ଚାୟତ ତରଫରୁ ସେମାନଙ୍କୁ ସୁବିଧା ମିଳୁନାହିଁ। ଉକ୍ତ ଉଦୟବିହାର ମଧ୍ୟରେ ଥିବା ୩ଟି ଲେନକୁ ପୌରାଞ୍ଚଳରେ ସାମିଲ କରିବା ପାଇଁ ସେଠାକାର ବାସିନ୍ଦାମାନେ ୨୦୧୪ରୁ ଦାବି କରି ଆସୁଛନ୍ତି। ଏପରି କି ପାରାଦୀପ ପୌର ପରିଷଦ ତାଙ୍କ କାଉନ୍‌ସିଲ ବୈଠକରେ ସାମିଲ କରିବା ପାଇଁ ୨୦୧୪ରୁ ସାଧାରଣ ସଭାରେ ପାରିତ ହୋଇସାରିଛି। ୨୦୧୮ରେ ସୀମା ନିର୍ଦ୍ଧାରଣ ପାଇଁ ପ୍ରଶାସନିକ ଉଦ୍ୟମ ହୋଇଥିଲା। ସେତେବେଳେ କେତେକ ଅଞ୍ଚଳକୁ ନେଇ ନୂଆଗଡ ଲୋକ ହାଇକୋର୍ଟରେ ଆବେଦନ କରିବା ଫଳରେ ତାହା ପୁଣି ବିଳମ୍ବ ହୋଇଥିଲା। ଏହି ଘଟଣାକୁ ନେଇ ଉଦୟବିହାର ବାସିନ୍ଦା ତଥା ପରିବେଶବିତ୍ ପ୍ରଭାତ କୁମାର ସ୍ୱାଇଁ ୨୦୨୫ରେ ଏକାଧିକ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଉପରେ ୨୦୨୬ ମାର୍ଚ୍ଚ ୭ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଡିଓଙ୍କ ନିକଟରେ ଲିଖିତ ଭାବେ (ଚିଠି ନଂ. ୧୧୦୦) ଜଣାଯାଇଛି ଯେ, ଉଦୟବିହାର ବସ୍ତିର ଲାଇଟ ରାସ୍ତା ପରିମଳ ବ୍ୟବସ୍ଥା ଉପରେ ସମସ୍ୟା ରହିଛି। ଏହି କଲୋନିକୁ ୨୦୨୫ ମେ' ୨୧ରେ ପଞ୍ଚାୟତ ଅଧିବେଶନ ଅନୁଯାୟୀ ପାରାଦୀପ ପୌର ପରିଷଦକୁ ହସ୍ତାନ୍ତର କରାଯାଇଛି ବୋଲି ଜଗତ୍‌ସିଂହପୁର ଜିଲାପାଳଙ୍କୁ ଅବଗତ କରାଯାଇଛି। ପଞ୍ଚାୟତ ପାଇଁ ଯେତିକି ଅର୍ଥ ସରକାରୀ ଭାବେ ମିଳୁଛି ସେଥିରେ ଉଦୟବିହାରକୁ ସେବା ଯୋଗାଇବା ସମ୍ଭବ ନୁହେଁ। ଏଭଳି ଚିଠି ୨୦୨୩ ଅଗଷ୍ଟ ୨୩ରେ ତତ୍କାଳୀନ ଅତିରିକ୍ତ ଜିଲାପାଳ ଉଦୟବିହାର ବାସିନ୍ଦାଙ୍କ ଅଭିଯୋଗ ଉପରେ ମଧ୍ୟ ଦେଇଥିଲେ। ଅପରପକ୍ଷେ କଲୋନିର ଆବର୍ଜନା ନିକଟ ବଟ ନଦୀ ପଠାରେ ପଡ଼ିବା ଦ୍ୱାରା ନଦୀ ପୋତି ହେବାରେ ଲାଗିଛି। ତାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଅଭିଯୋଗ ହେବାରୁ ସେ ମଧ୍ୟ ନଦୀ ସଫା କରିବା ପାଇଁ ପରାମର୍ଶ ଦେଉଛନ୍ତି। କିନ୍ତୁ ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ ତାହା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ।

ଘଟଣା ସମ୍ପର୍କରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କୁ ପଚାରିଲେ ଏ ପ୍ରସଙ୍ଗରେ ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରାଯାଇଛି। ପାରାଦୀପ ପୌର ପରିଷଦରେ ଉଦୟବିହାରକୁ ସାମିଲ କରି ମୌଳିକ ସୁବିଧା ଯୋଗାଇ ଦେବାପାଇଁ ଲିଖିତ ଭାବେ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ପାରାଦୀପ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କୁହନ୍ତି, ଉକ୍ତ ଆବେଦନ ଉପରିସ୍ଥ ଅଧିକାରୀଙ୍କ ପାଖରେ ରହିଛି। ସେଠାରୁ କ୍ଲିୟରାନ୍ସ ଆସିଲେ ପୌର ପରିଷଦ ପରବର୍ତ୍ତୀ ପଦକ୍ଷେପ ନେବ ଏବଂ ମୌଳିକ ସୁବିଧା ଯୋଗାଇ ଦିଆଯିବ। ସେ ପର୍ଯ୍ୟନ୍ତ କଲୋନିର ଆବର୍ଜନା ଉଠାଇବା ପାଇଁ ଏକ କମ୍ପାନୀ ମାଧ୍ୟମରେ ଉଦ୍ୟମ କରାଯାଇଛି।

**ଛାତ୍ରୀଙ୍କୁ ଅସଦାଚରଣ ନେଇ ଉତ୍ତେଜନା: ଶିକ୍ଷକଙ୍କୁ ଅଟକ ରଖି ପଚରାଉଚୁରା**

ନୟାଗଡ଼,(ଲୋକନାଥ ମିଶ୍ର): ଓଡଗାଁ ଥାନା ବାଉଁଶଗାଡିଆ ଅଞ୍ଚଳର ଏକ ଉପ୍ରା ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ ଦେଖାଇବାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀ ଜଣକ ଶିକ୍ଷକଙ୍କର ପ୍ରେମ ନିବଦେନ ସମ୍ପର୍କରେ ଘରେ ଜଣାଇବା ପରେ ସ୍ଥାନୀୟ ଅଞ୍ଚଳର ଲୋକ ଶିକ୍ଷକଙ୍କୁ ସ୍କୁଲରୁ ଆଣି ପଚରାଉଚୁରା କରିଥିଲେ। ଏହା ପରେ ସ୍କୁଲରେ ପାଠ ପଢ଼ା ବନ୍ଦ ହୋଇ ଯାଇଥିଲା। ଗାଁରେ ପାଟିତୁଣ୍ଡ ଲାଗି ରହିଥିଲା।



# ଫ୍ଲେକ୍ସ, ବ୍ୟାନର ପ୍ରସ୍ତୁତି ପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଅଭିଯୋଗ

## ଜରୁରିକାଳୀନ ବିଭାଗର କାର୍ଯ୍ୟଦକ୍ଷତା ପରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ନୟାଗଡ,୧୯।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଜରୁରୀକାଳୀନ ବିଭାଗରେ ଫ୍ଲେକ୍ସ ଓ ବ୍ୟାନର ପ୍ରସ୍ତୁତି ପାଇଁ ଟେଣ୍ଡର କରାଯିବା ବଦଳରେ କୋଟେସନ ଆହ୍ୱାନ କରାଯିବା ପରେ ସମ୍ପୃକ୍ତ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ଜରୁରୀକାଳୀନ ବିଭାଗରେ ଚାଲିଥିବା ଅନିୟମିତତା କାର୍ଯ୍ୟର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ କିଛି ଫ୍ଲେକ୍ସ ଓ ବ୍ୟାନର ବ୍ୟବସାୟୀ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇଥିବା ଜଣାପଡିଛି।

ସୂଚନା ଅନୁସାରେ ଗତ ୭ ତାରିଖରେ ଜରୁରୀକାଳୀନ ବିଭାଗର ଚିଠି ନଂ ୪୮୪/୨୬ରେ ଫ୍ଲେକ୍ସ ଓ ବ୍ୟାନର ପ୍ରସ୍ତୁତି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଉକ୍ତ କୋଟେସନରେ ୨୮ଟି ୧୦ରେ ୮ଫୁଟର ଫ୍ଲେକ୍ସ, ୨୦ଟି ୮ରେ ୬ ଫୁଟର ଫ୍ଲେକ୍ସ, ୧୮ଟି ୬ରେ ୪ ଫୁଟର ଫ୍ଲେକ୍ସ, ୧ଟି ଗ୍ଲସି ସାମ୍ପୁଲ କପି ପ୍ରସ୍ତୁତ କରିବାକୁ କୁହାଯାଇଛି। ଉକ୍ତ କାର୍ଯ୍ୟର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। କୋଟେସନଟି କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଲଗାଯାଇ କାଢ଼ି ଦିଆଗଲା ନାଁ ଆଦୌ ଲଗାଯାଇ ନାହିଁ ତାହା ଜଣାପଡିନି। ତେବେ କୋଟେସନ ସମ୍ପର୍କରେ ନୟାଗଡ଼ ସହରର କୌଣସି ସଂସ୍ଥା ଜାଣିପାରି ନ ଥିବାବେଳେ ତାରିଣୀ ଆର୍ଟସ ନାମକ ଏକ ସଂସ୍ଥା ଏକୁଟିଆ କୋଟେସନ ପକାଇ କାର୍ଯ୍ୟାଦେଶ ପାଇଥିବା କୁହାଯାଉଛି। ଦୁଇ ଜଣ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଖଣ୍ଡପଡା ଅଞ୍ଚଳର ଜଣେ ପିଇଓ ସମ୍ପୃକ୍ତ ଅନିୟମିତତା କରିଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ପିଇଓଙ୍କ ବେନାମି ମାଲିକନାରେ ତାରିଣୀ ପ୍ରିଂଟସ୍ କାମ କରୁଥିବା ଅଭିଯୋଗ ରହିଛି। ନୟାଗଡ଼ ଜିଲାର ବିଭିନ୍ନ କାର୍ଯ୍ୟାଳୟରୁ ଫ୍ଲେକ୍ସ ଓ ବ୍ୟାନର ପ୍ରସ୍ତୁତି ପାଇଁ ଟେଣ୍ଡର କରାଯିବା ବଦଳରେ କୋଟେସନ ଆହ୍ୱାନ କରାଯାଉଛି। କରିତ୍ କର୍ମା ପିଇଓଙ୍କର ଏଭଳି କାରନାମା ପରେ ଫ୍ଲେକ୍ସ ଓ ବ୍ୟାନର ଘୋଟାଲାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଉଠିଛି। ଘଟଣା ସମ୍ପର୍କରେ ପଚାରିବା ପାଇଁ ଜରୁରୀକାଳୀନ ଅଧିକାରୀ ତାପ୍ତି ରାଜଙ୍କର ୯୪୩୮୫୮୧୫୯୮ ନମ୍ବରୁ ଫୋନ କରାଯାଇଥିଲା। ହେଲେ ଉଠାଇ ହାଲୋ ହାଲୋ କହି କାଟି ଦେଇଥିଲେ। ପରେ କିଛି ନ କହି ଏଡାଇ ଯାଇଥିଲେ।

# ବରୁଣେଇ ସମର ସ୍ୱାସ୍ ଟି -୨୦ କ୍ରିକେଟ: ବରୁଣେଇ ବିଜୟୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ଖଣ୍ଡପଡ଼ା,୧୯।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ବରୁଣେଇ ସମର ସ୍ୱାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବୁଧବାର ଆୟୋଜିତ ପ୍ରଥମ ବାର୍ଷିକ ଟି -୨୦ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ବରୁଣେଇ(ବି) କ୍ରିକେଟ କ୍ଲବ ମର୍ଦ୍ଦରାଜପୁର କ୍ରିକେଟ ଦଳକୁ ୫୫ ରନରେ ପରାସ୍ତ କରି ବିଜୟୀ ହୋଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଖେଳର ୨ୟ ଦିବସରେ ବରୁଣେଇ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଜବାବରେ ମର୍ଦ୍ଦରାଜପୁର ଦଳ ସମସ୍ତ ଓଭର ଏବଂ ଉଇକେଟ ହରାଇ ମାତ୍ର ୫୮ ରନ କରି ପରାଜିତ ହୋଇଥିଲା। ତାରେଶ୍ୱର ଦଳେଇ ଓ ସାଗର ସାହୁ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ମାଧବ ଚନ୍ଦ୍ର ସାହୁ ଓ ଶତ୍ରୁଘ୍ନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜକ ଦିବେଶ କୁମାର ବେହେରା ପରିଚାଳନା କରିଥିଲେ।

# ଜିଲା ପାଠାଗାର ଅବ୍ୟବସ୍ଥା ଦେଖି ଜିଲାପାଳ ଖପ୍ପା

## ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରି ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ



ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ବୁଝାଉଛନ୍ତି।

ନୟାଗଡ଼,୧୯।୩(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରରେ ଜିଲା ପାଠାଗାର ଅଧ୍ୟୟନରେ ନାନା ପ୍ରକାରର ଅବ୍ୟବସ୍ଥା ଦେଖି ଜିଲାପାଳ ମଧୁମିତା ରଥ ଗୁରୁବାର କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଏହାର ସମାଧାନ କରିବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ଅନ୍ୟପକ୍ଷେ ଆଗକୁ ଯେପରି ଏଭଳି ଅଭିଯୋଗ ନ ଆସେ ସେଥିପ୍ରତି ତାଗିଦ୍ କରଥିଲେ। ସୂଚନା ଅନୁସାରେ ଜିଲା ପାଠାଗାରରେ ଏସି ଅଚଳ ଥିବାବେଳେ ଫ୍ୟାନ ବୁଲୁ ନ ଥିଲା। ସେହିଭଳି ଶୌଚାଳୟ ଅପରିଷ୍କାର ଥିବାବେଳେ ନାନା ଅସୁବିଧାକୁ ସମାଧାନ କରାଯାଉ ନ ଥିଲା। ଏନେଇ ପାଠାଗାରକୁ ଅଧ୍ୟୟନ କରିବାକୁ ଆସୁଥିବା କେତେକ ଯୁବତୀ ଯୁବକ ଜିଲାପାଳଙ୍କ ନିକଟରେ ଗୁରୁବାର ଫେରାଦ୍ ହୋଇଥିଲେ। ଅଭିଯୋଗ ଶୁଣି ଜିଲାପାଳ ନିଜେ ପରିଦର୍ଶନରେ ଆସିବା ସହ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଡକାଇଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବିଦ୍ୟାଳୟ କର୍ତ୍ତୃପକ୍ଷ

ଖଣ୍ଡପଡା,୧୯।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ଜଣ ଛାତ୍ରୀ ଛାତ୍ର ୦୨୬-୨୭ ବର୍ଷ ପାଇଁ ୬ଷ୍ଠ ଶ୍ରେଣୀ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ଅନ୍ୟୁଷ କୁମାର ସାହୁ, ଶୁଭଙ୍କର ରଣା ଓ ଛାତ୍ରୀ ଅଞ୍ଜଳି ଦଳେଇ ପ୍ରମୁଖ କୃତକାର୍ଯ୍ୟ ହୋଇ ଶିକ୍ଷାନୁଷ୍ଠାନ ପାଇଁ ଗର୍ବ ଆଣିଥିବାରୁ ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁମା, ଗୁରୁଜୀ ଓ ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସଭାପତି ପ୍ରଦୀପ କୁମାର କର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ସହ ଅଭିନନ୍ଦନ ଜଣାଇଛନ୍ତି।



କୃତୀ ଛାତ୍ରୀଛାତ୍ର।

# ମା’ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରା କରାଯାଉଛି।

ଶରଣକୁଳ,୧୯।୩(ଦୀପକ କର)

ଶରଣକୁଳ ପଞ୍ଚାୟତ ଭିକାରୀପଡ଼ା ଶାସନରେ ପ୍ରତିଷ୍ଠିତ ମା’ ତାରିଣୀଙ୍କ ପୀଠରେ ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ମହାଯଜ୍ଞ ଚୈତ୍ରମାସ ଶୁକ୍ଳପକ୍ଷ ଗୁରୁବାରଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୁରୁବାର ଗ୍ରାମର ଶତାଧିକ ମହିଳା ପୁରୁଷମାନେ କୁସୁମୀ ନଦୀରୁ ଅଭିମନ୍ତ୍ରିତ ଜଳକୁ କଳସ ଶୋଭାଯାତ୍ରାରେ ଆଣି ଗ୍ରାମ ପରିକ୍ରମା କରି ଲଡୁବାବା ମନ୍ଦିରରେ ଆଶୀର୍ବାଦ ନେଇ ଯଜ୍ଞପୀଠରେ ସ୍ଥାପନ କରିଥିଲେ। ପରେ ଯଜ୍ଞରେ ସ୍ଥାନୀୟ ବ୍ରାହ୍ମଣ ଶାସନର ନୈଷ୍ଠିକ ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କରି ଅଗ୍ନି ସ୍ଥାପନ ପୂର୍ବକ ଆହୁତି ପ୍ରଦାନ କରିଥିଲେ। ଶନିବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହେବ। ନିକଟସ୍ଥ ଗ୍ରାମରୁ ନାମସଂକୀର୍ତ୍ତନ ଦଳ ନାମ ଗାନ କରିଥିବା ବେଳେ ପ୍ରତ୍ୟେକ ଦିନ ସମୂହ ପ୍ରସାଦ ସେବନ ସହ ପୌରାଣିକ ଗୀତିନାଟ୍ୟ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ବହୁ ସଂଖ୍ୟାରେ ମହିଳା ପୁରୁଷ ଯଜ୍ଞସ୍ଥଳରେ ଉପସ୍ଥିତ ହୋଇ ମା’ ତାରିଣୀଙ୍କ ଆଶୀର୍ବାଦ ନେବା ସହ ପ୍ରସାଦ ସେବନ କରିଛନ୍ତି। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭିକାରିପଡ଼ାର ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି।

# କୁମ୍ଭାରପଡ଼ା ଗ୍ରାମରେ ୧୪ ଦୋଳଯାତ୍ରା ଉଦ୍‌ଯାପିତ

ଖଣ୍ଡପଡ଼ା,୧୯।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଗ୍ରାମ ଯାତ୍ରା ପଡିଆରେ ୧୪ଦୋଳ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଏ ଅବସରରେ ପ୍ରଭୁ ଲଦୁକେଶ୍ୱର୍ ଦେବ, ଶ୍ରୀ ଚନ୍ଦ୍ର ଶେଖର ଦେବ, ଶ୍ରୀ ମଦନ ମୋହନ ଦେବଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନ ଯୋଗେ ଯାତ୍ରା ପଡ଼ିଆକୁ ବାଜା ରୋଷଣୀ ସହ ଏକ ପାଟପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ମଙ୍ଗଳ ବାର ଠାକୁରଙ୍କୁ ମହାରୁଦ୍ରାଭିଷେକ କରାଯାଇ ଗ୍ରାମ ପରିକ୍ରମା ଅବସରରେ ପ୍ରତ୍ୟେକ ବ୍ୟକ୍ତି ବାସ ଗୃହ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ସହ ବିଗ୍ରହମାନଙ୍କୁ ଭୋଗ ଲାଗି କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ୧୪ ଦୋଳ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଭଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯାତ୍ରା ପଡିଆରେ ବିଗ୍ରହମାନଙ୍କର ମେଳଣ ପର୍ବକୁ ଉପଭୋଗ କରିବା ନିମନ୍ତେ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ଯାତ୍ରା କମିଟି, ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଦୋଳ ବିମାନ।

# ଶ୍ରୀରାମ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମୋତ୍ସବ, ନବାହ୍ନ ପାରାୟଣ



କଳସ ସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଉଛି।

ଭାପୁର,୧୯।୩(ପ୍ରଭାତ ବରାଡ)

ଶ୍ରୀରାମଙ୍କ ଜନ୍ମୋତ୍ସବ ତଥା ରାମ ନବମୀ ଉପଲକ୍ଷେ ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ର ଶ୍ରୀରାମ ମନ୍ଦିରରେ ବୁଧବାରଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପୀ ରାମ ଜନ୍ମୋତ୍ସୋବ ନବାହ୍ନ ପାରାୟଣ ଓ ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ମନ୍ଦିରର ପ୍ରତିଷ୍ଠାତା ବେଣୁଧର ପ୍ରଧାନଙ୍କଠାରୁ ଜଣାପଡିଛି। ଏହି ଅବସରରେ ବୁଧବାର ଅଧିବାସ, କଳସ ଶୋଭାଯାତ୍ରା ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ମନୋଜ କୁମାର ପ୍ରଧାନ, ମାନସ କୁମାର ବେହେରା ଓ କାହ୍ନୁଚରଣ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବୁଧବାର ପ୍ରାତଃ ସମୟରେ ୫ଶହ ମାନସିକଧାରୀ ପୁରୁଷ ଓ ମହିଳା କରବର ମହାନଦୀ ଘାଟରୁ କଳସ ଶୋଭାଯାତ୍ରା ଆସି ଫତେଗଡ ଗ୍ରାମ ପରିକ୍ରମା କରି ଶ୍ରୀରାମ ମନ୍ଦିର ଯଜ୍ଞ ମଣ୍ଡପ ନିକଟରେ କଳସ ସ୍ଥାପନ କରିଥିଲେ।

ପ୍ରଥମ ଦିବସରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ ଆଦି ପୂଜାବିଧି କରାଯାଇଛି। କର୍ତ୍ତା ଭାବରେ ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଓ କର୍ତ୍ତୀ ଭାବେ ପ୍ରେମଲତା ଖୁଣ୍ଟିଆ ସହଯୋଗ କରିଥିଲେ। ସନ୍ଧ୍ୟାରେ ଲୋକପ୍ରିୟ ପ୍ରବଚକ ପଣ୍ଡିତ ସତ୍ୟ ଚୈତନ୍ୟ ଦାସ ଓ ତାଙ୍କର ସାଥି ମାନଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପୂର୍ବାହ୍ନରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ସହିତ ସନ୍ଧ୍ୟାରେ ଓଡ଼ିଶାର ଲୋକପ୍ରିୟ ଓ ପ୍ରତିଷ୍ଠିତ ପ୍ରବକ୍ତାମାନଙ୍କ ଦ୍ୱାରା ପ୍ରଭୁଙ୍କ ଉଦ୍ଦେଶ୍ୟରେ ବାଣୀ ସେବା ସମର୍ପିତ ହେବ। ପବିତ୍ର ଶ୍ରୀରାମ ନବମୀ ଦିନ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ‘ମର୍ଯ୍ୟାଦା’ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ୨୮ ତାରିଖରେ କ୍ଷେତ୍ରର ଆଦ୍ୟ ଦେବତା ପ୍ରଭୁ ଗିରି ଗୋବର୍ଦ୍ଧନଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ଶ୍ରଦ୍ଧାଳୁ ମାନଙ୍କ ପାଇଁ ଶ୍ରୀରାମ ସେବା ପରିଷଦ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବା ତଳୁ ମନ୍ଦିର ଉପରକୁ ଭକ୍ତମାନେ ମାଗଣାରେ ଯିବାପାଇଁ ଗାଡ଼ିର ବ୍ୟବସ୍ଥା ସହ ଘୋଳଦହି ପାନୀୟ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ନବବର୍ଷ ପାଳନ

ନୂଆଗାଁ, ୧୯।୩(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନୂଆଗାଁ ଖଣ୍ଡ ତରଫରୁ ଗୁରବାର ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପଡିଆଠାରେ ରାଷ୍ଟ୍ରୀୟ ନବ ବର୍ଷ ,ତଥା ବର୍ଷ ପ୍ରତିପଦା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ହିନ୍ଦୁ ସଂସ୍କୃତି ,ପରମ୍ପରା ଐତିହ୍ୟକୁ ସମ୍ମାନ ଜଣାଇଥାଏ। ସେହି କ୍ରମରେ ଓଡ଼ିଆ ରାଷ୍ଟ୍ରୀୟ ନବ ବର୍ଷ ପାଳନ କରିବା ସହ ପ୍ରତିପଦା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ପଶ୍ଚିମ ପ୍ରାନ୍ତ ପୂର୍ଣ୍ଣକାଳୀନ ସ୍ୱଦେଶୀ ଜାଗରଣ ମଞ୍ଚ ଅଭୟ ପ୍ରସାଦ ଜେନା ଯୋଗଦେଇ ଚୈତ୍ର ମାସ ଶୁକ୍ଳ ପ୍ରତିପଦା ହିଁ ଆମର ନବ ବର୍ଷ ,ଆଜି ଦିନରୁ ହିଁ ବ୍ରହ୍ମାଙ୍କ କାଳ ଗଣନା ହୋଇଥିଲା, ଚୈତ୍ର ନବରାତ୍ର ପ୍ରାରମ୍ଭ,ଶ୍ରୀରାମଙ୍କ ରାଜ୍ୟାଭିଷେକ, ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ସଂଘ ସଂସ୍ଥାପକ ଡକ୍ଟର୍ ଜିଙ୍କ ଜୟନ୍ତୀ ବୋଲି କହିଥିଲେ। ଏହା ସହିତ କେବଳ ଆଧ୍ୟାତ୍ମିକ ନୁହେଁ, ପ୍ରକୃତି ଦୃଷ୍ଟିରୁ ବସନ୍ତର ଆଗମନ, ବୃକ୍ଷ ଲତାରେ ନୂତନ ପତ୍ର ସୃଷ୍ଟି ହୋଇଥାଏ। ତେଣୁ ଉକ୍ତ ଦିନ ପ୍ରତିଟି ହିନ୍ଦୁ ଓଡ଼ିଆ ଘରେ ପୂର୍ଣ୍ଣକୁମ୍ଭ, ଧୂପ ,ଦ୍ୱୀପ ଓ ଜାଳି ଭଗବାନଙ୍କ ପୂଜାର୍ଚ୍ଚନା କରିବା, ମନ୍ଦିର ଦର୍ଶନ ସହ ନବବର୍ଷ ପାଳନ କରନ୍ତୁ ବୋଲି ଖଣ୍ଡ କାର୍ଯ୍ୟବାହ ଅଜୟ ପରିଡ଼ା କହିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରାଇଥିଲେ। କାର୍ଯ୍ୟକ୍ରମରେ ସହ ଜିଲା ବୌଦ୍ଧିକ ପ୍ରମୁଖ ସଞ୍ଜୟ କୁମାର ବେହେରାଙ୍କ ସହ ସ୍ୱୟଂସେବକମାନେ ଗଣବେଶରେ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ୧୦୮ ଦୀପଦାନ



ଦୀପଦାନ କରାଯାଉଛି।

ରଣପୁର, ୧୯।୩:(ସୁକାନ୍ତ କିଶୋର ଡାକୁଆ)

ରଣପୁର ଜଗନ୍ନାଥ ସେନା ତରଫରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ରାଷ୍ଟ୍ରର ମଙ୍ଗଳ କାମନା କରି ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୧୦୮ ଦୀପ ଦାନ ସହିତ ଗୀତଗୋବିନ୍ଦ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସେନାର ସଦସ୍ୟମାନଙ୍କ ସହ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୩ ପିକ୍‌ଅପ୍ ଭ୍ୟାନ୍ ସହ ୨୧ ଗୋରୁ ଜବତ

ଗଣିଆ, ୧୯।୩
(ସନ୍ତୋଷ କୁମାର ପ୍ରଧାନ)

**ଜଣେ କୋର୍ଟ ଚାଲାଣ, ୪ଫେରାର**

ଗଣିଆ ପୋଲିସ ଗୁରୁବାର ୩ ପିକ୍‌ଅପ୍ ଭ୍ୟାନ ସହିତ ୨୧ ଗୋରୁଙ୍କୁ ଉଦ୍ଧାର କରିଛି। ସୁଚନା ଅନୁସାରେ ବୁଧବାର ବିଳମ୍ବିତ ରାତିରେ ରାସଙ୍ଗ ପଞ୍ଚାୟତ ଡଙ୍କାରିସାହିଠାରେ ଗୋରୁ ଚାଲାଣ ହେଉଥିବା ଖବର ପାଇ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ନେତୃତ୍ୱରେ ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କ ସମେତ ଗଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ୨ଗୋଟି ପିକ୍‌ଅପ୍ ଭ୍ୟାନରେ ଗୋରୁ ଭର୍ତ୍ତି କରାଯାଉଥିଲା। ପୋଲିସ ଗାଡି ଦେଖି ଲୋଡ କରୁଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରି ନେଇ ଗଣିଆ ଥାନାକୁ ଆଣିଥିଲେ। ତେବେ ଘଟଣାସ୍ଥଳରୁ ୨୧ ଗୋରୁ ସମେତ ୨ଗୋଟି ପିକ୍‌ଅପ୍ ଭ୍ୟାନ ଓ ଗୋଟିଏ ବୋଲେରୋ ଜବତ କରି ଗଣିଆ ଥାନାକୁ ଆଣିଥିଲେ। ଜବତ ହୋଇଥିବା ଗୋରୁଙ୍କୁ ଖଣ୍ଡପଡା ଥାନା ଅନ୍ତର୍ଗତ ସିଙ୍ଗିବା ଗୋଶାଳାରେ ଛାଡି ଥିବା ସହିତ ଗିରଫ କରିଥିବା ସୁଶାନ୍ତ କୁମାର ପଣ୍ଡାଙ୍କୁ ଥାନାରେ ଅଧିକ ପଚରା ଉଚୁରା କରାଯିବା ପରେ ନଂ.୩୭/୨୬ରେ ଏକ ମାମଲା ରୁଜୁ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫେରାରଥିବା ଅନ୍ୟ ୪ଜଣଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଛତ୍ରିଆ କହିଛନ୍ତି।



ଗିରଫ ଅଭିଯୁକ୍ତ।

# ୮୭ ପ୍ରତିଶତ ଭୂତଳ ଜଳ ବ୍ୟବହାର ହୋଇସାରିଲାଣି

## ଭୂତଳ ଜଳର ସ୍ଥିତି ଚିନ୍ତାଜନକ ଥିବାରୁ ଉଦ୍‌ବେଗ

ନୟାଗଡ଼,୧୯।୩(ଲୋକନାଥ ମିଶ୍ର)

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ଜିଲା ପାଇଁ ଭୂତଳ ଜଳ ଉପରେ ଏକ ଦିବସୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। କର୍ମଶାଳାକୁ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରୀୟ ଭୂତଳ ଜଳ ବିଭାଗର ବୈଜ୍ଞାନିକ ସୁମିତ୍ରା ସରକାର, ମୌସୁମୀ ସାହୁ, ସଞ୍ଜୟ ନାୟକ, ଆଡମିନ୍ ଜିତେନ୍ଦ୍ର ନାୟକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦ୍ର ପରିଡା ଯୋଗ ଦେଇଥିଲେ। ଜିଲାର ଭୂତଳ ଜଳସ୍ଥିତିର ସମ୍ପୂର୍ଣ୍ଣ ଦୃଶ୍ୟପଟକୁ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଭୁବନେଶ୍ୱର ବୈଜ୍ଞାନିକମାନେ ଆଲୋଚନା କରି କହିଥିଲେ ଜିଲାରେ ଆଜି ପର୍ଯ୍ୟନ୍ତ ୮୭ ପ୍ରତିଶତ ଜଳ ବ୍ୟବହାର ହୋଇ ସାରିଛି। ଏଣୁ ଭୂତଳ ଜଳର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ କହିଥିଲେ। ଅପରପକ୍ଷେ ଭୂତଳ ଜଳ କିପରି ବୃଦ୍ଧି କରାଯିବ ଓ ଏହାର କିପରି ସଦୁପଯୋଗ କରାଯିବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ସୂଚନା ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ବିନା ଫିʼରେ ନାମଲେଖାଇବେ ଗରିବ ପିଲା: ଡିଇଇ

## ଘରୋଇ ସ୍କୁଲରେ ୨୫% ସ୍ଥାନ ସଂରକ୍ଷଣ ମାମଲା

### ପୂର୍ବରୁ ୧୦ ହଜାର ଟଙ୍କା ଲେଖାଏ ଆଦାୟ ହୋଇଛି, କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ

ଯାଜପୁର,୧୯।୩
(ହର୍ଷବର୍ଦ୍ଧନ ବେହେରା)

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ୨୦୦୯ର ଧାରା ୧୨(୧)(ସି)ରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲଗୁଡିକର ୨୫ ପ୍ରତିଶତ ସିଟ୍‌ରେ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ହୋଇଛି। ଏହିକ୍ରମରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୧୬।୩।୨୦୨୬ରେ ପ୍ରଥମ ପର୍ଯ୍ୟାୟ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇଛି। ଏହାପରେ ଭୁବନେଶ୍ୱର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଆସନ୍ତା ୩୧ ତାରିଖ ସୁଦ୍ଧା ବିନା କୌଣସି ଫି, ପରୀକ୍ଷା, ଅତିରିକ୍ତ କାଗଜପତ୍ରରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ସୂଚିତ କରି ନାମ ଲେଖାଇବାକୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ପୂର୍ବରୁ ଗରିବ ପିଲାମାନଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏ ଅସୁଲି ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏଯାଏ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବାରୁ ଏବେ ଉକ୍ତ ନିର୍ଦ୍ଦେଶ ଠିକ ଭାବେ କାର୍ଯ୍ୟକାରୀ ହେବା ନେଇ ସଂଶୟ ସୃଷ୍ଟି କରିଛି।

ଡିଇଇ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି ଯେ, ପାରଦର୍ଶୀ ପୋର୍ଟାଲରେ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଘରୋଇ ସ୍କୁଲଗୁଡ଼ିକରେ ନାମ ଲେଖାଇବାକୁ କେନ୍ଦ୍ରୀୟ ଅନ୍‌ଲାଇନ ଲଟେରି ମାଧ୍ୟମରେ ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଭୁବନେଶ୍ୱରର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ତାଲିକା ସମ୍ପୃକ୍ତ ବିଇଓ ଏବଂ ଡିଇଓଙ୍କ ବିଭାଗୀୟ ଅନ୍‌ଲାଇନରେ ଉପଲବ୍ଧ କରାଯାଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ଏବଂ ସେହି ଛାତ୍ରୀଛାତ୍ରଙ୍କ କାଗଜପତ୍ର ସମ୍ପୃକ୍ତ ସ୍କୁଲ୍ ସହିତ ଶେୟାର କରିବାକୁ ପରାମର୍ଶ ଦିଆଯାଇଛି। ଏହିକ୍ରମରେ ମନୋନୀତ ତାଲିକା ଅନୁଯାୟୀ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ନାମଲେଖା ପାଇଁ ଚୟନ ଛାତ୍ରୀଛାତ୍ରଙ୍କୁ ସୂଚିତ କରିବେ।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାରେ ମନୋନୀତ ଗରିବ ପିଲାମାନଙ୍କଠାରୁ ନାମଲେଖା ବାବଦକୁ କେତେକ ସ୍କୁଲ କର୍ତ୍ତୃପକ୍ଷ ୧୦ ହଜାର ଟଙ୍କା ଲେଖାଏ ଆଦାୟ କରି ଆସୁଛନ୍ତି। ଏପରିକି ପରୀକ୍ଷା ଫିʼ ବାବଦକୁ ୫,୨୦୦ ଟଙ୍କା ଦେବାକୁ ବାଧ କରୁଛନ୍ତି। ଏହିକ୍ରମରେ ଯାଜପୁର ରୋଡ୍‌ର ଜଣେ ଅଭିଭାବକ ୧୬।୨।୨୦୨୬ରେ ଡିଇଇର ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଡିଇଇ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ୧୮।୨।୨୦୨୬ରେ ଯାଜପୁର ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଆବଶ୍ୟକ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବହୁ ଗରିବ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଅଭାବରୁ ନିଜର ପ୍ରତିଭାକୁ ହରାଇ ବସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ସେନା କର୍ମଚାରୀମାନଙ୍କ ପିଲାଙ୍କୁ କେନ୍ଦ୍ରୀୟ, ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ସ୍ୱତନ୍ତ୍ର ସ୍ଥାନ ମିଳୁଛି। ଏମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକ ବିଭିନ୍ନ ସ୍ଥାନରେ ରହିଛି। ହେଲେ ଗରିବ ମେଧାବୀ, ଯାହାଙ୍କ ପିତାମାତା ଚାକିରି କରିନାହାନ୍ତି, ସେମାନଙ୍କୁ କେବଳ ସରକାରୀ ବିଦ୍ୟାଳୟ ସାହା ଭରସା। ରାଜ୍ୟ ସରକାର ଆର୍‌ଟିଇ ଅଧୀନରେ ୨୫ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲଗୁଡିକରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏଥିରେ ଗରିବ ପିଲାମାନଙ୍କ ପାଇଁ ନାମଲେଖା, ପରୀକ୍ଷା ଫିʼ ଇତ୍ୟାଦି ବାବଦକୁ ଯେତେ ଖର୍ଚ୍ଚ ହେବ ତାହା ସରକାର ବହନ କରୁଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୁନୀଲ



@ ଶଶିକାନ୍ତ



@ ଦେବେଶ



@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳା ବ୍ଲକ୍ ପକ୍ଷରୁ ଯଯାତି ପଥ ମହୋତ୍ସବ ସମାବେଶ



ଯଯାତି ପଥ ମହୋତ୍ସବ ପାଇଁ ସମାବେଶରେ କଳା ପ୍ରଦର୍ଶନ କରିଥିବା କୁନି କଳାକାରଙ୍କ ସହ ଅତିଥିଗଣ।

ଧର୍ମଶାଳା, ୧୯।୩ (ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଯଯାତି ପଥ ମହୋତ୍ସବ ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଏକ ସମାବେଶ ବିଡିଓ ଜ୍ୟୋତିର୍ମୟ କରଙ୍କ ଅଧ୍ୟକ୍ଷତାରେ ଗୁରୁବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯାଜପୁର ଜିଲାପାଳ ଅମ୍ବର କୁମାର କର, ଉପଜିଲାପାଳ ତାପସ କୁମାର ଦେଉରୀ, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ସାମାଜିକ କର୍ମୀ ମିନତି ସାହୁ, ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱ ବିଜୟନୀ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ଧର୍ମଶାଳା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସୁଧୀର କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଧର୍ମଶାଳା ବିଇଓ ଅଭୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଯଯାତି ପଥ ମହୋତ୍ସବ ଆସନ୍ତା ୨୦ ତାରିଖରେ ଆରମ୍ଭ ହୋଇ ୨୪ରେ ଉଦ୍‌ଯାପନ ହେବ। ମହୋତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ସୁଭଦ୍ରା ଶକ୍ତି ମିଶନର ମହିଳାମାନେ ଅନ୍ତର୍ନିହିତ କଳା ପ୍ରଦର୍ଶନ କରିବା ସହ ଖେଟି, ମୁରୁଜ ପକାଇ ସ୍ୱାଗତ ଜଣାଇଥିଲେ। ଧର୍ମଶାଳା ପବ୍ଲିକ ସ୍କୁଲ, ସୁଭଦ୍ରପୁର ଇପିଏସ୍, ବାଲିଗରି ୟୁଜିଏମ୍‌ଇ, ଅଚ୍ୟୁତପୁର ଦାମୋଦର ବିଦ୍ୟାପୀଠ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, କଲର୍ କ୍ଲାଉଡ୍ ପବ୍ଲିକ ସ୍କୁଲ, ଜାଭିୟର ସ୍କୁଲ, ଜାରକା ୟୁପିଏସ୍ ଓ ଚୋରମୁହାଁ ୟୁପିଏସ୍‌ର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏସ୍. କେ. ସାମସୁଦ୍ଦିନ୍ ପରିଚାଳନା କରିଥିଲେ।

# ମଣ୍ଡିରେ ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୧୯।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ମଣ୍ଡିରେ ଧାନ ନ ଉଠିବା, ଟୋକନ ସମସ୍ୟା ଓ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀ ଧାନ ଦେଇନପାରି ବହୁ ଅସୁବିଧାରେ ଅଛନ୍ତି। ସପ୍ତାହକ ପରେ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦକରି ଦିଆଯିବ। ବହୁ ଚାଷୀ ଅମଳ ଖରିଫ ଧାନ ବିକ୍ରି କରି ନ ପାରି ଅସନ୍ତୋଷ ତେଜିଛି। ଯାହାକୁ ନେଇ ଯୁବ ଭାରତ କୃଷକ ସଂଘ ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଧାନ ଉଠାଣରେ ବିଳମ୍ବ ଓ ମଣ୍ଡିରେ ଅସୁବିଧା ପାଇଁ ଚାଷୀମାନଙ୍କର ସମସ୍ୟା ସମାଧାନ ନେଇ ବୁଧବାର ଦାବିପତ୍ର ଦେଇଛନ୍ତି। ଯୁବ ଭାରତ କୃଷକ ସଂଘ କେନ୍ଦ୍ରୀୟ ସଭାପତି ପ୍ରଭାକର ନାୟକଙ୍କ ଉପସ୍ଥିତିରେ ବୁଧବାର ଜିଲା କମିଟି ସଭାପତି କିଶୋର ମିଶ୍ର ଓ ପଟ୍ଟାମୁଣ୍ଡାଇ ବ୍ଲକ କମିଟି କର୍ଯ୍ୟକାରୀ ସଭାପତି ଅଜିତ ରାଉତଙ୍କ ସମେତ ଚାଷୀମାନେ ଜିଲାପାଳଙ୍କୁ ଭେଟି ଶ୍ୟାମସୁନ୍ଦରପୁର ସେବାସମବାୟ ସମିତି ଅବ୍ୟବସ୍ଥା ଓ ଅଫିସ୍ ସମ୍ମୁଖରେ ଚାଲିଥିବ ଧାରଣା ସମ୍ପର୍କରେ ଅବଗତ କରାଇଥିଲେ। ଧାରଣା ସମୟରେ ସମ୍ପାଦକ ଗୁଣ୍ଡାଗିରି ବିରୋଧର କାର୍ଯ୍ୟାନୁଷ୍ଠାନ କରାଯିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ, ୧୯।୩
(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ବୈକୁଣ୍ଠନାଥ ବରାଳଙ୍କ ସାନଝିଅ ସ୍ୱପ୍ନାଶ୍ରୀ (୨୪) ନିଜ ଘରେ ପଙ୍ଖାରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ଢେଙ୍କାନାଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବିଏସ୍‌ସି ନର୍ସିଂ ପଢୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସ୍ୱପ୍ନାଶ୍ରୀ ଦୁଇ ମହଲା କୋଠାକୁ ଯାଇ ଘର ଭିତର କବାଟ ବନ୍ଦ କରି ଫ୍ୟାନରେ ଝୁଲି ପଡ଼ିଥିଲେ। ତେବେ ସେ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଆସି ଦେଖନ୍ତି ତ କବାଟ ଭିତରୁ ବନ୍ଦ ରହିଛି। ଯେତେ ଡାକିଲେ ନ ଶୁଣିବାରୁ ପରିବାର ଲୋକେ କବାଟ ଭାଙ୍ଗି ଦେଖିବା ବେଳକୁ ସେ ଫ୍ୟାନରେ ଝୁଲି ପଡ଼ିଛନ୍ତି। ପରେ ପରିବାର ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଥାନାକୁ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତେବେ ସ୍ୱପ୍ନାଶ୍ରୀ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ଜଣାପଡ଼ିନାହିଁ। ତାଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗ୍ରୀଷ୍ମ ପାଇଁ ସମୀକ୍ଷା ବୈଠକ ମହାକାଳପଡ଼ାର ୧୬୯୪୪ ଜଣଙ୍କ ପାଇଁ ୬ ଟ୍ରାକ୍ଟର ଟ୍ୟାଙ୍କ

କେନ୍ଦ୍ରାପଡା, ୧୯।୩ (ଜଗନ୍ନାଥ ଧଳ)

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଜଳସଙ୍କଟ ସମସ୍ୟାକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ରାପଡା ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଜିଲାପାଳ ରଘୁରାମ ଆର ଆୟର ପାଣିଟାଙ୍କି, ଜଳଛତ୍ର, ନାଳ ଓ କେନାଲରେ ଆବଶ୍ୟକସ୍ଥଳେ ପାଣି ଛାଡିବାକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ଖରାରେ ବାହାରିବା ପୂର୍ବରୁ ପାଣି ବୋତଲ ସାଥିରେ ନେବାକୁ ସଚେତନ କରାଇବା, ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା, ଯାତ୍ରୀ ପରିବହନ, ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ଜିଲାର ବିଭିନ୍ନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶ୍ରମିକ ବର୍ଗଙ୍କ ପାଇଁ ବ୍ୟବସ୍ଥା ସହ ପ୍ରତ୍ୟେକ ଚିକିତ୍ସାଳୟରେ ଆବଶ୍ୟକ ଔଷଧ ଏବଂ ଓଆରଏସ୍ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅଂଶୁଘାତଜନିତ ମୃତ୍ୟୁ କ୍ଷେତ୍ରରେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ମିଳିତ ଅନୁଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଏଠାରେ ପ୍ରକାଶ କରିଛନ୍ତି। ଏଥିସହ ସମୀକ୍ଷା ବୈଠକରେ ଜିଲାର ଉପାନ୍ତରେ ଥିବା ମହାକାଳପଡା ବ୍ଲକ ଅଞ୍ଚଳର ଭୂତଳ ଜଳ ଲୁଣିଆ ଥିବାରୁ ପାନୀୟ ଜଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ଯୋଜନା କରିଥିଲେ। ପାନୀୟ ଓ ରନ୍ଧନ ପାଇଁ ନଦୀରୁ ୨ଟି ମୋବାଇଲ ୱାଟର ଟ୍ରିଟ୍‌ମେଣ୍ଟ ୟୁନିଟ ମାଧ୍ୟମରେ ପରିଶୋଧନ ବ୍ୟବସ୍ଥା ହୋଇଥିବା ଏଠାରେ ସୂଚନା ମିଳିଥିଲା। ଏହି ପରିଶୋଧିତ ଜଳକୁ ୬ଟି ଟ୍ରାକ୍ଟର ଟ୍ୟାଙ୍କର ମାଧ୍ୟମରେ ପ୍ରାୟ ୧୬୯୪୪ ଜଣଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା।

ସେହିପରି ଜିଲାର ୧୭,୮୦୭ ଟ୍ୟୁବ୍‌ୱେଲ ସଜଡା ହୋଇଥିବା ଓ ୪୨୫ ପାଇପ ୱାଟର ସର୍ଭିସ, ୬୫ ସୋଲାର ପାଇପ ୱାଟର ସର୍ଭିସ, ୧୮୭ ଡୁଆଲ ପମ୍ପ ୟୁନିଟକୁ ଯାଞ୍ଚ କରାଯାଇଥିବା ବିଭାଗୀୟ ଅଧିକାରୀ ଜଣାଇଥିଲେ। ଏହି ଜିଲାର ୩୦ ଜଳ ସଙ୍କଟ ସ୍ଥାନ ଚିହ୍ନଟ ହୋଇଥିବାରୁ ଏହାର ନିରାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ଜିଲାପାଳ ଆୟର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ପୁନର୍ବାସ ପକ୍ଷରୁ ଇଣ୍ଟର୍ନଶିପ୍ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୯।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ମାଧପୁରସ୍ଥିତ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ଉଚ୍ଚ ଶିକ୍ଷା ବର୍ଗର ଶିକ୍ଷାର୍ଥୀଙ୍କୁ ଇଣ୍ଟର୍ନଶିପ୍ ପ୍ରଶିକ୍ଷଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅନୁଷ୍ଠାନର ଶିଶୁ ଥେରାପି କେନ୍ଦ୍ର ପରିସରରେ ଦିଆଯାଉଥିବା ଏହି ପ୍ରଶିକ୍ଷଣରେ ତୁଳସୀ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ୩୦ ଛାତ୍ରୀ ରହିଛନ୍ତି। ଶିକ୍ଷାବିତ ତପନ କୁମାର ବଳ ଓ ବ୍ରହ୍ମାନନ୍ଦ ସେଠୀ, ବୈଷୟିକ ଅଧିକାରୀ କେଦାରନାଥ ବାରିକ ଏଥିରେ ପ୍ରଶିକ୍ଷକ ଅଛନ୍ତି। ଆୟୋଜକ ପୁର୍ନବାସ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ କହିଛନ୍ତି, ଶିକ୍ଷାର୍ଥୀଙ୍କ ଭବିଷ୍ୟତ କର୍ମପଥକୁ ଧ୍ୟେୟ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରଣୟନ ହୋଇଛି। ଏହି ଶିକ୍ଷାନୀତିରେ ଯୁକ୍ତ ୩ ଶ୍ରେଣିର ଶିକ୍ଷାର୍ଥୀଙ୍କୁ ଏକ ୧୨୦ ଘଣ୍ଟାର ଇଣ୍ଟର୍ନଶିପ୍ ପ୍ରଶିକ୍ଷଣ ଦିଆଯାଉଛି। ମହାବିଦ୍ୟାଳୟସ୍ତରରୁ ଶିକ୍ଷାର୍ଥୀମାନେ ବିଭିନ୍ନ ଶିଳ୍ପ ଓ ସାମାଜିକ ପ୍ରତିଷ୍ଠାନରୁ ଏକ ବାସ୍ତବମୁଖୀ ଶିକ୍ଷା ଗ୍ରହଣ କରିପାରିବେ। ଫଳରେ ଆଗାମୀ ସମୟରେ ଶିକ୍ଷାର୍ଥୀମାନେ ଏହାର ସଦୁପଯୋଗ କରିପାରିବେ। ପ୍ରଶିକ୍ଷଣ ଶିବିରରେ ଭିନ୍ନକ୍ଷମତା ଓ ଏହାର ସଂକ୍ଷିପ୍ତ ବହୁ ଆୟାମୀ ଅବରୋଧ ସମ୍ପର୍କିତ ଏକ ସଚେତନତାମୂଳକ ବିଷୟରେ ପ୍ରଶିକ୍ଷଣ ଦିଆଯାଉଥିବା ପୁନର୍ବାସ ମୁଖ୍ୟ ଉପଦେଷ୍ଟା ରାଉତରାୟ ସୂଚନା ଦେଇଛନ୍ତି।

# ନିମ୍ନମାନର ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ବିରୋଧ

## ୧୨ ନମ୍ବର ଆଦିବାସୀ ମୌଜା ନଦୀ ଘେରିବନ୍ଧ

ମହାକାଳପଡ଼ା, ୧୯।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଖରିନାସି ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ୧୨ନମ୍ବର ମୌଜାକୁ ସାମୁଦ୍ରିକ ଝଡ଼ବାତ୍ୟା ସୁନାମି ଭୂକମ୍ପ ପ୍ରବଣରୁ ସୁରକ୍ଷା ପାଇଁ ବହୁ ଟଙ୍କା ବ୍ୟୟରେ ନଦୀ ତଟବନ୍ଧ ବିଭାଗ ପକ୍ଷରୁ ସୁଉଚ୍ଚ ମାଟିବନ୍ଧ ପାର୍ଶ୍ୱରେ ପଥର ସ୍ତର ନିର୍ମାଣ ହେଉଛି । ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମବାସୀ ଏହାର ଦୃଢ଼ ପ୍ରତିବାଦ କରିଥିବା କୁହାଯାଉଛି।

ସୂଚନା ଅନୁସାରେ ଗ୍ରାମର ନଦୀଘାଟ କୂଳଠାରୁ ୨ କି.ମି.ରୁ ଅଧିକ ଦୂର ଦ୍ୱିତୀୟ କ୍ରିକ୍ ପର୍ଯ୍ୟନ୍ତ ସୁଉଚ୍ଚ ମାଟି ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପଥର ବନ୍ଧ ତିଆରି ନ କରି ମୋରମ ଛିଞ୍ଚି କାମ ସାରିଦେବା ପାଇଁ ଉଦ୍ୟମ ହେଉଛି। ଗୁରୁବାର ପୂର୍ବାହ୍ନରେ ଗ୍ରାମବାସୀ କାର୍ଯ୍ୟ ଦୁଇ ଥର ବନ୍ଦ କରି ବିରୋଧ କରିଥିଲେ। ଫଳରେ ନିର୍ମାଣ କାମ କିଛି ସମୟ ପାଇଁ ବନ୍ଦ ରହିଥିଲା। ତେବେ କାର୍ଯ୍ୟ ତଦାରଖ ପାଇଁ କ୍ଷେତ୍ର ପରିଦର୍ଶନ ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଓ ଠିକାଦାରଙ୍କ ସୁପରଭାଇଜରଙ୍କ ମନମାନିରେ ନିର୍ମାଣ କାର୍ଯ୍ୟ ଚାଲୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଠିକ୍ ଢଙ୍ଗରେ ଘେରିବନ୍ଧ ନିର୍ମାଣ କରିବା ପାଇଁ ଗ୍ରାମର ଦୀନବନ୍ଧୁ ମୁର୍ମୁ , ଲକ୍ଷ୍ମଣ ହେମ୍ବ୍ରମ, ମଣ୍ଟୁ ହେମ୍ବ୍ରମ, ରୋହିତ କିସ୍କୁ , ଚନ୍ଦ୍ରକାନ୍ତ ହାଁସଦା , ବିଜୟ ହେମ୍ବ୍ରମ , ଖୁଣ୍ଟିଆ ହେମ୍ବ୍ରମ, ଦୁଲାରୀ ହାଁସଦା , ହେମନ୍ତ ମାରାଣ୍ଡି, ରତିକାନ୍ତ ମାରାଣ୍ଡି ଓ ରତନ ହାଁସଦାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଳି ନଦୀତଟ ବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ବାରନମ୍ବର ଗ୍ରାମ ସଂଲଗ୍ନ ନଦୀ ଘେରି ବନ୍ଧ ।

# ମାଣ୍ଡୁକା ପାହାଡ଼ ଲିଜ୍ ନିୟମରେ ଅନିୟମିତତା

## ଏନ୍‌ଜିଟିରେ ମାମଲା: ପ୍ରଶାସନ ପକ୍ଷରୁ ତଦନ୍ତ

ଚଣ୍ଡିଖୋଲ,୧୯।୩ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ମାଣ୍ଡୁକା ପାହାଡ଼ ଖନନ ସମୟରେ ଲିଜ୍‌ଧାରୀ କୌଣସି ନିୟମ ପାଳନ କରିନାହାନ୍ତି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ସଞ୍ଜୀବ କୁମାର ସାମଲ ଓ କୃଷ୍ଣଚନ୍ଦ୍ର ସାହୁଙ୍କ ପକ୍ଷରୁ କୋଲକାତାସ୍ଥିତ ଗ୍ରୀନ୍ ଟ୍ରିବ୍ୟୁନାଲ ଇଷ୍ଟର୍ନ ଜୋନ ବେଞ୍ଚରେ ନଂ. ୨୧୬/୨୦୨୫ରେ ହୋଇଥିବା ମାମଲାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶକ୍ରମେ ଫେବୃୟାରୀ ୧୭ରେ ତଦନ୍ତ କରାଯାଇଥିଲା। ଏହି ତଦନ୍ତ ସମୟରେ ଲିଜ୍‌ଧାରୀ ସେଠାରେ କେତେ ପରିମାଣର ମୋରମ ଉତ୍ତୋଳନ କରୁଛନ୍ତି, ଏହାର ଦୈନିକ ହିସାବ ପାଇଁ ସୂଚନା ଫଳକ ମରାଯିବାର ନିୟମ ଥିଲାବେଳେ ତାହା ସେଠାରେ ନ ଥିଲା। କ୍ୟାମେରା ଲଗାଯିବାର ନିୟମ ଥିଲାବେଳେ ତାହା ଲଗାଯାଇ ନ ଥିଲା। ଯେଉଁ ସ୍ଥାନ ମୋରମ ଖନନ ପାଇଁ ପ୍ରଶାସନ ପକ୍ଷରୁ ଦିଆଯାଇଛି, ତାହାର ପରିସୀମାରେ କୌଣସି ବାଡ଼ ଦିଆଯାଇ ନ ଥିଲା। ମୋରମ ବଦଳରେ ଖଣ୍ଡୋଲାଇଟ ପଥର ଓ ବଡ଼ ବଡ଼ ପଥର ସେଠାରେ ଗଚ୍ଛିତ ରହିଥିଲା। ବହୁ ଗଭୀର ଖନନ କରାଯାଇଛି। ପଶୁପକ୍ଷୀମାନଙ୍କ ପାଇଁ ଏହା ବିପଦପୂର୍ଣ୍ଣ ସ୍ଥାନ ଅଟେ। ଲିଜ୍ ଏରିଆ ବାହାରେ ଚାରାରୋପଣର ନିୟମ ରହିଥିଲା ବେଳେ ଏହା କରାଯାଇନାହିଁ। ପରିବେଶ ପ୍ରଦୂଷଣ ପ୍ରତି ଧ୍ୟାନ ଦିଆଯାଇନାହିଁ। ବ୍ୟାପକ ଧୂଳି ଉଡ଼ିବା ସହିତ ରାସ୍ତାରେ ପାଣି ସିଞ୍ଚନ କରାଯାଇନାହିଁ। ଯେଉଁ ରାସ୍ତାରେ ମୋରମ ଭାରିଯାନରେ ଚାଲାଣ କରାଯିବ, ସେଥିପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ଆବଶ୍ୟକତା ଥିଲାବେଳେ ମାଣ୍ଡୁକା ପଳାଶବଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ନିକଟ ଦେଇ ମୋରମ ବୋଝେଇ ଭାରିଯାନ ଯାତାୟାତ କରୁଥିଲା। ତେବେ ତଦନ୍ତ ଦିନ କୌଣସି ମେଶିନ ଲଗାଇ ଖନନ କରାଯାଇନାହିଁ ବୋଲି ତଦନ୍ତକାରୀ ଟିମ୍ ଗ୍ରୀନ୍ ଟ୍ରିବ୍ୟୁନାଲ ନିକଟରେ ଜଣାଇଛନ୍ତି।

ସୂଚନା ଅନୁଯାୟୀ ମାଣ୍ଡୁକା ପାହାଡ଼ର ୧୨ ଏକର ସ୍ଥାନକୁ ହର ପ୍ରସାଦ ସେନାପତିଙ୍କ ନାମରେ ୨୦୨୧ ଜୁନ ୩୦ରେ ୫ ବର୍ଷିଆ ଲିଜ୍ ଆକାରରେ ଦିଆଯାଇଥିଲା। ଆସନ୍ତା ଜୁନ ୩୦ରେ ଏହାର ଲିଜ୍ ଅବଧି ଶେଷ ହେବ। ବିଭିନ୍ନ ସମୟରେ ବେଆଇନ ଖନନ ନେଇ ଅଭିଯୋଗ ହେବା ପରେ ଖଣି ବିଭାଗ, ପୋଲିସ, ବନ ବିଭାଗ ଓ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଯାଜପୁର ଜିଲାପାଳ ଅମ୍ବର କୁମାର କର ଏ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ନିକଟରେ ସତ୍ୟପାଠ ଜରିଆରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ଫେବୃଆରୀ ୧୭ରେ ଯାଜପୁରର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜୁନିଅର ଖଣି ଅଧିକାରୀ ଝସକେତନ ସେଠୀ, ପରିବେଶ ବିଜ୍ଞାନୀ ଏମ୍.ଆର୍. ପ୍ରସାଦ ଓ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ କଳିଙ୍ଗ ନଗରର ମଦନ ମୋହନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଗ୍ରୀନ୍ ଟ୍ରିବ୍ୟୁନାଲ ବେଞ୍ଚକୁ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ଖୁବ୍‌ଶୀଘ୍ର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପକ୍ଷରୁ ଏହି ପାହାଡ଼ ଖନନ ହୋଇପାରିବ କି ନାହିଁ ସେ ସମ୍ପର୍କରେ ସୂଚନା ମିଳିବ।



# ସାଇବର ଠକେଇ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ସମେତ ୩ ଗିରଫ

**ନୟାଗଡ଼,୧୯।୩(ଲୋକନାଥ ମିଶ୍ର)**

ଅପରେଶନ ସାଇବର କବଚ ଜରିଆରେ ନୟାଗଡ଼ ସାଇବର ଥାନା ପୋଲିସ ଠକେଇ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗାଁର ସୋନୁ ନିଗମ ବିଶ୍ୱାଳ(୨୨) ଓ ଶଙ୍କର ଚୌଧୁରୀ (୨୪), ଓଡଗାଁ ଆଦର୍ଶ ଥାନା ରଙ୍ଗଣୀପାଟଣାର ରମେଶ ଡାକୁଆ(୨୪)ଙ୍କୁ ବିହାରରୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କଠାରୁ ୧୯ ଲକ୍ଷ ୩୨ ହଜାର ୫୪୪ ଟଙ୍କା, ୨୨ ପାସ୍‌ବୁକ୍, ୩ ଚେକ୍ ବୁକ୍, ୧୨ ଏଟିଏମ୍ ଓ ଡେବିଟ କାର୍ଡ, ୯ ଆଧାର କାର୍ଡ, ଭୋଟର କାର୍ଡ ଓ ପାନ୍ କାର୍ଡ, ଗୋଟିଏ ଲାପ୍‌ଟପ୍, ଗୋଟିଏ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ସ୍କାନର ଜବତ କରିଛି।


ଖବରଦାତା ସମ୍ମିଳନୀରେ ପୋଲିସ ଠକେଇ ସମ୍ପର୍କରେ ସୂଚନା ଦେଉଛି।

- ୧୯.୩୨ ଲକ୍ଷ ଟଙ୍କା, ଏଟିଏମ୍, ଡେବିଟ୍ କାର୍ଡ ଜବତ
- ୩୫୭ ଛାୟା ଆକାଉଣ୍ଟଧାରୀଙ୍କୁ ନୋଟିସ୍
- ଲୋଭ ଦେଖାଇ ଖୋଲାଯାଇଥିଲା ଆକାଉଣ୍ଟ

ସେହିପରି ନୟାଗଡ଼ ଜିଲାର ୩୫୭ ଜଣ ମ୍ୟୁଲ(ଛାୟା) ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରି ନୋଟିସ୍ ପଠାଇଛି। ଅନ୍ୟପକ୍ଷେ ଅନ୍ୟର ଆକାଉଣ୍ଟକୁ ଭଡା ସୂତ୍ରରେ ନେଇ ଅଥବା କମିଶନ ଦେଇ ଓ ଲୋଭ ଦେଖାଇ ଛାୟା ଆକାଉଣ୍ଟ ଖୋଲି ସମ୍ପୃକ୍ତ ଛାୟା ଆକାଉଣ୍ଟରେ ସାଇବର ଠକେଇ ଚାଲିଥିଲା ବୋଲି ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ଗୁରୁବାର ସାଇବର ଥାନା ପରିସରରେ ଖବରଦାତା ସମ୍ମିଳନୀ କରାଇ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ ପୋଲିସ ଅପରେଶନ ସାଇବର କବଚ ଜରିଆରେ ଠକେଇଗୁଡ଼ିକର ତଦନ୍ତ କରୁଥିଲା। ତଦନ୍ତ ସମୟରେ ୨୩୨୭ ମ୍ୟୁଲ(ଛାୟା) ଆକାଉଣ୍ଟ ତଦନ୍ତ ପରିସରଭୁକ୍ତ ହୋଇଥିଲା। ସମ୍ପୃକ୍ତ ଆକାଉଣ୍ଟଗୁଡ଼ିକୁ ପୋଲିସ ଯାଞ୍ଚ କରିଥିଲା। ସେହିଭଳି ୧୫୨ଟି ଚେକ୍ ଉଠାଣ ଓ ୨୪୫୭ ଏଟିଏମ୍‌ରୁ ଟଙ୍କା ଉଠାଣକୁ ଅନୁରୂପ ଭାବେ ତଦନ୍ତ ପରିସରଭୁକ୍ତ କରିଥିଲା। ସାଇବର ଠକେଇ ଘଟଣାରେ ପୋଲିସ ଜିଲାର ଫତେଗଡ, ଶରଣକୁଳ, ନୟାଗଡ ସଦର, ନୂଆଗାଁ, ଗଣିଆ, ନୟାଗଡ଼ ଟାଉନ, ରଣପୁର, ଇଟାମାଟି, ଚାନ୍ଦପୁର, ଖଣ୍ଡପଡା ଓ ନୟାଗଡ଼ ସାଇବର ଥାନାରେ ୧୬ଟି ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷେ ଅନ୍ୟର ଆକାଉଣ୍ଟକୁ ଭଡା ସୂତ୍ରେ ନେଇ ଅଥବା କମିଶନ ଦେଇ ଓ ଲୋଭ ଦେଖାଇ ଛାୟା ଆକାଉଣ୍ଟ ଖୋଲି ସମ୍ପୃକ୍ତ ଆକାଉଣ୍ଟରେ ସାଇବର ଠକେଇ ଚାଲିଥିଲା ବୋଲି ଜଣାପଡିବା ପରେ ପୋଲିସ ୩୫୭ ଆକାଉଣ୍ଟଧାରୀଙ୍କୁ ନୋଟିସ୍ ଜାରି କରିଥିଲା। ପୂରା ଘଟଣାରେ ତଦନ୍ତ ସମୟରେ ୬ ଅଭିଯୁକ୍ତ ସାମିଲ ଥିବା ଜଣାପଡିଥିଲା। ସେମାନଙ୍କ ମଧ୍ୟରୁ ଶରଣକୁଳ ଥାନା ପୋଲିସ କଜଳାଇପଲ୍ଲୀ ନିକଟସ୍ଥ ବଧିସାହିର ସୁନୀଲ କୁମାର ସାହୁ(୨୩) ଓ ବଡପୁଟର ଚରଣ ନାୟକ(୩୫), ଓଡଗାଁ ଥାନା ଘଷାଦେଇପୁର ଗାଁର ଶ୍ରୀଧର ନାହାକ(୪୪)ଙ୍କୁ ନଂ.୨୯/୨୬, ୨୧।୨।୨୬ରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇଥିଲା। ପରେ ସ୍କ୍ୱାଡ ପକ୍ଷରୁ ବିହାରରେ ଚଢ଼ାଉ କରାଯାଇ ସାଇବର ଠକେଇ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗାଁର ସୋନୁ ନିଗମ ବିଶ୍ୱାଳ ଓ ଶଙ୍କର ଚୌଧୁରୀ, ଓଡଗାଁ ଆଦର୍ଶ ଥାନା ରଙ୍ଗଣୀପାଟଣା ଗାଁର ରମେଶ ଡାକୁଆଙ୍କୁ ନଂ.୪୫୬/୨୮।୧୧।୨୫ରେ ଗିରଫ କରିଥିଲା। ସୋନୁ ସାଇବର ଠକେଇ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଥିଲେ। ସେ ନୟାଗଡ଼ ଓ ଆଖପାଖ ଜିଲାରେ ନେଟ୍‌ୱର୍କ କରି ଠକେଇ କରି ଚାଲିଥିଲେ। ଜବତ ଟଙ୍କା ତାମିଲନାଡୁ ପରି ବିଭିନ୍ନ ରାଜ୍ୟରୁ ଠକେଇ ହୋଇଥିବା ଜଣାପଡିଛି। ସେହିପରି ସୋନୁ ଓ ଶଙ୍କରଙ୍କ ନାଁରେ ଶରଣକୁଳ ଥାନାରେ ନଂ.୧୩/୨୫ରେ ହତ୍ୟା ମାମଲା ରହିଛି।

ଏସ୍‌ପି କହିଥିଲେ ଓଟିପି କାହାରିକୁ ଦିଅନ୍ତୁ ନାହିଁ। ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ କି ଶେୟାର କରନ୍ତୁ ନାହିଁ, ଆର୍ଥିକ ଲୋଭ ପାଇଁ ଅନ୍ୟମାନଙ୍କ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବାକୁ କେବେ ବି ଅନୁମତି ଦିଅନ୍ତୁ ନାହିଁ। ସନ୍ଦେହ, କ୍ଷତିକାରକ କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଲେ ପୋଲିସ କିମ୍ବା ସାଇବର ହେଲ୍ପ ଲାଇନ୍ ନମ୍ବର ୧୯୩୦କୁ ଯୋଗାଯୋଗ କରି ଅଭିଯୋଗ ପଞ୍ଜୀକରଣ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତି ଓ ସାଇବର ଥାନା ପୋଲିସ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁନିଲ


@ ଶଶିକାନ୍ତ


@ ଦେବେଶ


@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆଗାଁ ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ କ୍ୟାମ୍ପ ଉଦ୍‌ଘାଟିତ



**ନୂଆଗାଁ, ୧୯।୩(ଧନେଶ୍ୱର ସାହୁ)**

**ଏନ୍‌ଏସଏସ କ୍ୟାମ୍ପ ଦ୍ୱାରା ସୁସମ୍ପର୍କ ସୃଷ୍ଟି ହୁଏ**

ନୟାଗଡ଼ ଜିଲା ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜ ତରଫରୁ ଗୁରବାର ଜାତୀୟ ସେବା ସଂସ୍ଥା ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୭ ଦିନଧରି ଚାଲିବାକୁ ଥିବା ବେଳେ ପ୍ରତ୍ୟେକ ଦିନ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ କାର୍ଯ୍ୟାଳୟ ପରିସରକୁ ସଫାସୁତରା, ଚାରାରୋପଣ ଏବଂ ସଚେତନତା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜର ୩ ବର୍ଷର ସମୁଦାୟ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ନୂଆଗାଁ ପଞ୍ଚାୟତ ଆମ୍ବଝରୀ ଗ୍ରାମରେ ଆୟୋଜିତ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ବିଶେଷ ଭାବେ ରକ୍ତଦାନ ଉପରେ ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଉତ୍ସବରେ ବିଡିଓ ଡ. ଅମୃତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କ୍ୟାମ୍ପ ଦ୍ୱାରା ଲୋକମାନଙ୍କର ସେବା କରିବାର ସୁଯୋଗ ମିଳିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୁଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ବିଶ୍ୱଜିତ ଖଣ୍ଡୁଆଳ, ଧନେଶ୍ୱର ସାହୁ, ଏନ୍‌ଏସ୍‌ଏସ ୱିଙ୍ଗ ପୋଗ୍ରାମ ସଂଯୋଜିକା ଦେବକୀ ସାହୁ, ଅଧ୍ୟାପକ ଦିଗମ୍ବର ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର ଏବଂ ଆମ୍ବଝରୀ ଗ୍ରାମର ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତେ ମିଳିମିଶି ଗ୍ରାମ ପରିମଳ ରଖିବା ସହ ଗ୍ରାମ ବିକାଶରେ ସହଯୋଗ କରିବା ପାଇଁ ବିଡ଼ିଓ ରାଉଳ ପରାମର୍ଶ ଦେଇଥିଲେ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ବାପ, ପୁଅ ଗୁରୁତର

**ଘରୁ ଲୁଟ ଉଦ୍ୟମ ବିଫଳ**

**ନୟାଗଡ଼/ଖଣ୍ଡପଡ଼ା ୧୯।୩ (ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଥାନା କିଆଝର ପଞ୍ଚାୟତ ଗୋଛାବାରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ଘରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଲୁଟପାଟ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ପରିବାରବର୍ଗଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇ ଯାଇଥିବା ଜଣାଯାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପୁଅ ଗୁରୁତର ହୋଇ ନୟାଗଡ଼ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ଘଟଣାରୁ ପ୍ରକାଶ, ବୁଧବାର ବିଳମ୍ବିତ ରାତିରେ ୪ ରୁ ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଘରୁ ଲୁଟପାଟ କରିବା ଉଦ୍ଦେଶ୍ୟରେ ପୂର୍ଣ୍ଣଚନ୍ଦ୍ରଙ୍କ ଘର ପଛ କବାଟ ଓ ଲୁହା ଗ୍ରିଲ ତାଲା ଭାଙ୍ଗି ପ୍ରବେଶ କରିବାକୁ ଚେଷ୍ଟା କରିବା ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସେମାନଙ୍କୁ ଦେଖି ପାଟି କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘରେ ପଶିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ମା' ଙ୍କ ପାଟି ଶୁଣି ବଡ଼ ପୁଅ ସୁଧାଂଶୁ ମୋହନ (୩୬) ସେଠାରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ର ସହାୟତାରେ ହଠାତ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ପରେ ଦୁର୍ବୃତ୍ତମାନେ ମିଳିତ ହୋଇ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପ ଓ ପୁଅ ଉଭୟଙ୍କୁ ସ୍ଥାନୀୟ ବାସିନ୍ଦା ବାସଗୃହ ଉଦ୍ଧାର କରି ନିକଟସ୍ଥ ନୂଆଗଡିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ନୟାଗଡ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଖବରପାଇ ଖଣ୍ଡପଡ଼ା ଥାନାଧିକାରୀ କୃତ୍ତିବାସ ହରିଚନ୍ଦନ, ନୂଆ ଗଡିଆସାହି ଫାଣ୍ଡି ଅଧିକାରୀ ଶଙ୍କର ପାଢ଼ୀ ପହଞ୍ଚି ଘଟଣାର ଖୋଳତାଡ ଆରମ୍ଭ କରିଥିବା ବେଳେ ଗୁରୁବାର ଅପରାହ୍ନରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଥିବା ଜଣାପଡିଛି। ବାସଗୃହରୁ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ ଧାରୁଆ ଅସ୍ତ୍ରକୁ ପୁଲିସ ଜବତ କରିଥିବା ଜଣାଯାଇଛି। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି।



ଗୁରୁତର ବାପ ପୁଅ।

# ନକଲି ଏଟିଏମ ଧରାଇ ଉଠାଇନେଲେ ୨୦ ହଜାର

**ନୟାଗଡ,୧୯।୩(ଲୋକନାଥ ମିଶ୍ର)**

ନୟାଗଡ଼ ସହର ମୁଖ୍ୟ ବଜାର ଉପରେ ନକଲି ଏଟିମଏ ଧରାଇ ଜଣେ ବ୍ୟକ୍ତିଙ୍କୁ ଠକ ଅସଲି ଏଟିଏମ ଯୋଗେ ୨୦ ହଜାର ଟଙ୍କା ଉଠାଇ ନେବା ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି। ଟଙ୍କା ନ ଉଠାଇ ୨୦ ହଜାର କଟିଯିବା ପରେ ଠକେଇ ସମ୍ପର୍କରେ ଜାଣି ପାରି ନୂଆଗାଁ ଥାନା ବଡଗୋଠ ମହୀପୁର ଗାଁର ସୁବାସ ଚନ୍ଦ୍ର ବେହେରା ଆକାଉଣ୍ଟ ରହିଥିବା ବ୍ୟାଙ୍କକୁ ଯାଇ ଏଟିଏମକୁ ଲକ କରାଇଛନ୍ତି। ସୁବାସଙ୍କ ସୂଚନା ଅନୁସାରେ ନୟାଗଡ଼ ଗୋଲେଇ ଟ୍ରାଫିକ ଛକ ନିକଟସ୍ଥ ଏଟିଏମରୁ ଗୁରୁବାର ଅପରାହ୍ନରେ ଟଙ୍କା ଉଠାଇବାକୁ ଯାଇଥିଲେ। ଏଟିଏମ ଗହଳି ଥିବାବେଳେ ତାଙ୍କ ଟଙ୍କା ଉଠି ପାରି ନ ଥିଲା। ସେ ଫେରୁଥିବାବେଳେ ନିକଟରେ ଥିବା ଜଣେ ବ୍ୟକ୍ତି ଏଟିଏମ ଅପରେଟିଂ ଭୁଲ କରିଲ ଦର୍ଶାଇ ଏଟିଏମ ମାଗି ବଦଳାଇ ଦେଇଥିଲେ। ଏଟିଏମ ବଦଳିବା ନେଇ ସୁବାସ ଜାଣି ନ ପାରି ଘରକୁ ଫେରୁଥିଲେ। ଅନ୍ୟପକ୍ଷେ ଟଙ୍କା ଉଠାଣ ସମୟରେ ପିନ ନମ୍ବର ବୋଧହୁଏ ଠକ ଦେଖି ମନେ ରଖି ଦେଇଥିଲେ। ସୁବାସ ଚାଲି ଯିବା ପରେ ଅଜଣା ବ୍ୟକ୍ତି ୧୦ ହଜାର ଲେଖାଏ ୨୦ ହଜାର ଉଠାଇ ନେଇଥିଲେ। ଏଟିଏମରେ ୬୨ ହଜାର ଟଙ୍କା ଥବାବେଳେ ଟଙ୍କା ଉଠାଣ ଦେଖି ସୁବାସ ଭୟଭିତ ହୋଇ ବ୍ୟାଙ୍କକୁ ଯାଇ ଅଭିଯୋଗ କରି ଏଟିଏମ ଲକ କରି ଦେଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ।

# କୃଷକ ମୋର୍ଚ୍ଚା ଜିଲା ସଭାପତି ହେଲେ ସଞ୍ଜୟ

**ନୟାଗଡ,୧୯।୩(ଲୋକନାଥ ମିଶ୍ର)**

ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାବେ ସଞ୍ଜୟ କୁମାର ନାୟକ ଗୁରୁବାର ନିଯୁକ୍ତି ପାଇଛନ୍ତି। ସଞ୍ଜୟଙ୍କର ଘର ନୟାଗଡ଼ ବ୍ଲକ ବାଲୁଗାଁରେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ କୃଷକ ମୋର୍ଚ୍ଚାର ରାଜ୍ୟ ପଦଧିକାରୀ, ଗଣମାଧ୍ୟମ ସଯୋଜକ, ସାମାଜିକ ଗଣମାଧ୍ୟମ ସଯୋଜକ, ୩୩ ଜିଲା ସଭାପତିଙ୍କ ନାଁ ଘୋଷଣା କରିଛନ୍ତି। ଏଥିରେ କୃଷକ ମୋର୍ଚ୍ଚାର ଜିଲା ସଭାପତି ଭାବେ ସଞ୍ଜୟଙ୍କର ନାଁ ରହିଛି।



# ବେଆଇନ ଗୋରୁ ଚାଲାଣ, ୩୦ ଗୋରୁ ଜବତ


ଜବତ ଗୋରୁ ବୋଝେଇ ଗାଡି।

**ଭାପୁର,୧୯।୩ (ପ୍ରଭାତ ବରାଡ)**

ଫତେଗଡ ଥାନା ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ ବେଳେ ଗାଡି ଜବତ ସହ ୩୦ ଗୋରୁ ଉଦ୍ଧାର ହୋଇଛି। ଫତେଗଡ ହିନ୍ଦୁ ଜାଗରଣ ଯୁବକ ସଂଘର ସଦସ୍ୟ ପିଣ୍ଟୁ ତ୍ରିପାଠୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବିଳମ୍ବିତ ରାତ୍ରିରେ ଗୋଟିଏ ଆଇଚର ଗାଡ଼ି ଫତେଗଡଠାରୁ କଳାପଥର ୪୮ ନଂ ରାଜ୍ୟ ରାଜପଥ ରାସ୍ତାରେ ଦ୍ରୁତଗତିରେ ଯାଇଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଆଇଚର ପିଛା କରି ଗାଡିକୁ ଅଟକାଇ ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁଙ୍କୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଗାଡି ଭିତରୁ ୩୦ ଗୋରୁ ଉଦ୍ଧାର କରି ବନମାଳୀପୁର ପଞ୍ଚାୟତ ବସନ୍ତପୁର ଗ୍ରାମରେ ଥିବା ଗୋଶାଳାରେ ଛାଡିଥିଲେ। ଫତେଗଡ ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ସମୁଦ୍ରର ନୀଳ ଲହରୀରେ ହଜିଗଲା ପ୍ରେମ କାହାଣୀ

**ନୟାଗଡ଼,୧୯।୩(ଲୋକନାଥ ମିଶ୍ର)**

ନାଟ୍ୟଧାରା ପକ୍ଷରୁ ନୟାଗଡ଼ ଅଡିଟୋରୀୟମ ପରିସରରେ ଆୟୋଜିତ ୬ଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୫ମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଇନ୍ଦ୍ରଜାଲ'। ସମୁଦ୍ରକୂଳର ଏକ କ୍ଷୁଦ୍ର ମତ୍ସ୍ୟଜୀବୀ ପଲ୍ଲୀରୁ ରୁଷିଆର ବରଫାବୃତ ସହର ପର୍ଯ୍ୟନ୍ତ ବ୍ୟାପିଥିଲା ରୋମାଞ୍ଚଭରା ପ୍ରେମ ପ୍ରଣୟ ନାଟକ। ବିଶିଷ୍ଟ ନାଟ୍ୟକାର ଦୀପିକା ଦାସଙ୍କ ଦ୍ୱାରା ରଚିତ ଏହି ନାଟକକୁ ନିପୁଣତାର ସହ ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବାନନ୍ଦ ନାୟକ (ସୋନୀ)। ଗୋପାଳପୁରର ଜଣେ ସାଧାରଣ ଟୁରିଷ୍ଟ ଗାଇଡ 'ଶ୍ରୀନୁ' ଏବଂ ରୁଷିଆରୁ ଉଚ୍ଚତର ଗବେଷଣା ଶେଷ କରି ଫେରିଥିବା ତା'ର ପିଲାଦିନର ସାଥୀ 'ଲୀନା'କୁ କେନ୍ଦ୍ର କରି ନାଟକ ଗତିଶୀଳ। ଲିନା ରଷିଆରୁ ଗବେଷଣା କାର୍ଯ୍ୟରେ ଗାଁକୁ ଆସି ଶ୍ରୀନୁ ସହ ଭେଟ ହୁଏ। ସତେଜ ହୋଇଯାଏ ପିଲା ଦିନର ସମ୍ପର୍କ। ପରେ ପରେ ପିଲାଦିନର ସେହି ନିଷ୍ପାପ ସମ୍ପର୍କ ପ୍ରେମର ରୂପ ନେଇଥିବାବେଳେ ପ୍ରତିବନ୍ଧକ ସାଜିଛନ୍ତି ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ଭେଙ୍କଟେଶ। ପ୍ରେମ କାହାଣୀରେ ଆସିଛି ଭିନ୍ନ ମୋଡ଼। ସମୁଦ୍ର ଗର୍ଭରେ ମିଳୁଥିବା ଏକ ବିରଳ ସାମୁଦ୍ରିକ ଗୁଳ୍ମ 'ଇନ୍ଦ୍ରଜାଲ'କୁ ନେଇ ରହିଥିବା ଆଞ୍ଚଳିକ ବିଶ୍ୱାସକୁ ସତରେ ପରିଣତ ପାଇଁ ଶ୍ରୀନୁ ଉଦ୍ୟମ କରେ। ନିଜର ମନସ୍କାମନା ପୂର୍ଣ୍ଣ କରିବା ପାଇଁ ସାମୁଦ୍ରିକ ଗୁଳ୍ମ 'ଇନ୍ଦ୍ରଜାଲ' ପରି ଦୁର୍ଲଭ ଉପହାରକୁ ଅତି ପ୍ରିୟଜନଙ୍କୁ ପ୍ରଦାନ କରାଯାଏ। ନିଜ ଭଲପାଇବାର ସତ୍ୟତା ପ୍ରମାଣ କରିବାକୁ ଯାଇ ଶ୍ରୀନୁ ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼କୁ ଖାତିର ନ କରି ସମୁଦ୍ର ମଝିକୁ ଡେଇଁପଡ଼େ। ହେଲେ ଶ୍ରୀନୁ ଆଉ ଫେରେନା। ସେପଟେ ପ୍ରେମିକା ଲୀନାର ଅସରନ୍ତି ଅପେକ୍ଷା ଏବଂ "ସମୁଦ୍ର ଯାହା ନିଏ, ତାହା ଫେରାଇ ଦିଏ"ର ବିଶ୍ୱାସରେ ସେ ଚାହିଁ ରହିଛି ଶ୍ରୀନୁର ପଥକୁ। ଏହି ଦୃଢ଼ ବିଶ୍ୱାସ ହିଁ ନାଟକକୁ ଏକ ଚରମ ସୀମାରେ ପହଞ୍ଚାଇଥିଲା।


ନାଟକର ଏକ ଦୃଶ୍ୟ।

ନାଟକଟିରେ ଅଭିନୟ କରୁଥିବା ପ୍ରତ୍ୟେକ କଳାକାର ନିଜର ଚମତ୍କାର ଅଭିନୟ ମାଧ୍ୟମରେ ଚରିତ୍ରଗୁଡ଼ିକୁ ଜୀବନ୍ତ କରିଥିଲେ। ଅଭିନୟ ମାଧ୍ୟମରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିବା କଳାକାରମାନେ ହେଲେ ଶ୍ରୀନୁ ଭୂମିକାରେ ପ୍ରଦୀପ, ଲୀନା ଭୂମିକାରେ ସୌମ୍ୟା ତଥା ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ସୂର୍ଯ୍ୟ (ନରସିଂହ), ବବୁଲୁ (ରାମୁଲୁ), ରିତମ (ଭେଙ୍କଟେଶ), ସନ୍ତୋଷ (ଇନ୍ସପେକ୍ଟର), ପ୍ରଭାତ (କନଷ୍ଟେବଲ), ବିବେକ (ବିଟୀ) ଏବଂ ଚନ୍ଦ୍ରଶେଖର (ରାବି) ପ୍ରମୁଖ। ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ଶକ୍ତି ମିଶ୍ରଙ୍କ ସଙ୍ଗୀତ ନାଟକକୁ ଏକ ଭିନ୍ନ ଉଚ୍ଚତାକୁ ନେଇଥିଲା। ଶୁଭଙ୍କର ଓ କାଜୋଲ ରାନୀଙ୍କ ସୂକ୍ଷ୍ମ ଆଲୋକ ସମ୍ପାଦନା ଦୃଶ୍ୟଗୁଡ଼ିକୁ ବେଶ ପ୍ରଭାବଶାଳୀ କରିଥିବାବେଳେ, ରାହୁଲଙ୍କ କଳାତ୍ମକ ମଞ୍ଚ ସଜ୍ଜା ଦର୍ଶକଙ୍କ ମନରେ ଗୋପାଳପୁର ବେଳାଭୂମିର ଭ୍ରମ ସୃଷ୍ଟି କରିବାରେ ସଫଳ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦାନ କରିଥିବା ବେଳେ ନାଟକର ଲେଖକ ଦିପିକା ଦାସ ଏବଂ ସହ ନିର୍ଦ୍ଦେଶକ ପ୍ରଦୀପ ପାଇକରାୟଙ୍କୁ ନାଟ୍ୟଧାରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ ଏବଂ ନିର୍ଦ୍ଦେଶକ ଡ.ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୋରେଇ ବିଇଓ ଅଫିସ୍‌ରେ ୫.୫୬ କୋଟି ଟଙ୍କା ଆତ୍ମସାତ୍ ଘଟଣା

# ପୁଅ ପରେ ମା'ବାପା ଗିରଫ

ଯାଜପୁର/କଟକ,୧୯।୩ (ହର୍ଷବର୍ଦ୍ଧନ ବେହେରା/କାର୍ତ୍ତିକ ସାହୁ)

ଯାଜପୁର ଜିଲା କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ୫.୫୬ କୋଟି ଟଙ୍କା ଆତ୍ମସାତ୍ ଘଟଣାରେ ଦିନକ ତଳେ ଗିରଫ ବ୍ୟାଙ୍କ ଅଧିକାରୀଙ୍କ ମା'ବାପାଙ୍କୁ ଓଡ଼ିଶା ଭିଜିଲାନ୍ସ ଗୁରୁବାର ଭଦ୍ରକସ୍ଥିତ ଏକ ହୋଟେଲରୁ ଗିରଫ କରିଛି। ସେମାନେ ହେଲେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ଗୀତାରାଣୀ ମହାନ୍ତି। ଏହାପୂର୍ବରୁ ବୁଧବାର ପ୍ରଦୀପଙ୍କ ପୁଅ ତଥା ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଭଦ୍ରକ ଶାଖାର ମୁଖ୍ୟ ମାତୃପ୍ରସାଦ ମହାନ୍ତିଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଉଭୟ ସ୍ୱାମୀସ୍ତ୍ରୀ ଫେରାର ହୋଇ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ସେମାନେ ଶେଷ ଥର ପାଇଁ କୋଲକାତାରେ ଲୁଚି ରହିଥିବା ସନ୍ଦେହ କରାଯାଇଥିଲା। ତେଣୁ ଓଡ଼ିଶା ଭିଜିଲାନ୍ସର ଏକ ଦଳ କୋଲକାତାର ସନ୍ଦିଗ୍ଧ ଆଡ୍ଡାଗୁଡ଼ିକରେ ଚଢ଼ାଉ କରିଥିଲା। ତେବେ ସେମାନେ ସେଠାରେ ଅସୁରକ୍ଷିତ ମନେ କରି କୋଲକାତା ଛାଡ଼ିବାକୁ ମନସ୍ଥ କରିଥିଲେ। ଏହାପରେ ଉଭୟ ସ୍ୱାମୀସ୍ତ୍ରୀ ବୁଧବାର ରାତିରେ କୋଲକାତା ଛାଡ଼ି ଭଦ୍ରକର ଚରମ୍ପାସ୍ଥିତ ଏକ ହୋଟେଲରେ ଲୁଚି ରହିଥିଲେ। ସେଠାରେ ଗୁରୁବାର ଭୋର ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ଏହି ମାମଲାରେ ପଚରାଉଚରା କରାଯାଉଛି। ଆତ୍ମସାତ୍ ହୋଇଥିବା ଅର୍ଥ ପ୍ରଦୀପ ମହାନ୍ତି, ତାଙ୍କ ସ୍ତ୍ରୀ ଗୀତାରାଣୀ ଓ ପୁଅ ମାତୃପ୍ରସାଦ ମହାନ୍ତି ଏବଂ ଅନ୍ୟମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ

### ଭିଜିଲାନ୍ସ ଚଢ଼ାଉ, ତନାଘନା ଜାରି

ସ୍ଥାନାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୋରେଇ ବିଇଓଙ୍କ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତି ପାଇଥିଲେ। ପେନସନଭୋଗୀ ଶିକ୍ଷକମାନଙ୍କ ବିଲ୍ ପ୍ରସ୍ତୁତ କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏଥିରେ ସେ ଅନିୟମିତତା କରି ୧୩ ଜଣ ଶିକ୍ଷକଙ୍କୁ ନିୟମିତ ଦର୍ଶାଇ ସେମାନଙ୍କ ନାମରେ ମାସିକ ପେନ୍‌ସନ୍ ବିଲ୍ ପ୍ରସ୍ତୁତ କରୁଥିଲେ। ଏଭଳି ଅନିୟମିତତା ଉପରେ ସମ୍ପୃକ୍ତ କୋରେଇ ବିଇଓ କିଭଳି ମଞ୍ଜୁର କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପ୍ରଦୀପଙ୍କ ଏହି ଅନିୟମିତତା ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟରେ ଧରାପଡ଼ିଥିଲା। ଉକ୍ତ ରିପୋର୍ଟ ଉପରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସଚିବ ଏନ.ତିରୁମାଲା ନାଏକ ୨୩।୨।୨୦୨୬ରେ ଯାଜପୁର ଜିଲାପାଳଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ୫।୩।୨୦୨୬ରେ ଜିଲା ଶିକ୍ଷାଧିକାରୀ (ଡିଇଓ) ୧୨ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମରେ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ବର୍ତ୍ତମାନର ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ ଜଣ ପୂର୍ବତନ ବିଇଓ ସୁଶାନ୍ତ କୁମାର ଶତପଥୀ, ସୁମତୀ କୁମାରୀ ସାହୁ ଓ ଜଗବନ୍ଧୁ ଶତପଥୀ, ପୂର୍ବତନ ଜୁନିୟର ଆସିଷ୍ଟାଣ୍ଟ ବିଷ୍ଣୁପ୍ରସାଦ ଦାସ, ରମେଶଚନ୍ଦ୍ର ବଳ, ରାମଚନ୍ଦ୍ର ସାହୁ, ପୂର୍ବକୋଟ ୟୁଜିଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ମାତୃପ୍ରସାଦ ମହାନ୍ତି, ଗୀତାରାଣୀ ମହାନ୍ତି, ଦିଲୀପ କୁମାର ମହାପାତ୍ର ଓ ମୋନାଲିସା ପାଣିଙ୍କ ନାମ ରହିଛି। ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୯ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ ଶିକ୍ଷକତା କରୁଥିବା ଦର୍ଶାଇ ୪୮୦ ଥର ଟଙ୍କା ଉଠାଣ କରାଯାଇଛି। ଆଉ ଏହିସବୁ ଟଙ୍କା ପୂର୍ବକୋଟ ୟୁଜିଏମ୍‌ଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି ଏବଂ ସ୍ତ୍ରୀ ଗୀତାରାଣୀ ମହାନ୍ତିଙ୍କ ସମେତ ତାଙ୍କ ଘରେ ଆୟା ଭାବେ କାର୍ଯ୍ୟ କରୁଥିବା ମୋନାଲିସା ପାଣି ଏବଂ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବେତନ ବିଭାଗରେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ମହାନ୍ତିଙ୍କ ଆକାଉଣ୍ଟକୁ ଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଧରିବାକୁ ପ୍ରୟାସ ଚାଲିଥିବା ସୂଚନା ମିଳିଛି।

# ଅଭିଯୁକ୍ତ କଟକରୁ ଗିରଫ

## ଆର୍‌ଆଇଙ୍କୁ ଅଫିସରୁ ଘୋଷାରି ମାଡ଼ ଘଟଣା

ଚାନ୍ଦବାଲି,୧୯।୩ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ସାରଣା ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କୁ ଅଫିସରୁ ଘୋଷାରି ମାଡ଼ ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଗୁରୁବାର କଟକରୁ ବାଂଶଡ଼ା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଭୂଇଁବୃତ୍ତି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସୁବାସ ଦାସ। ଏନେଇ ମାମଲା (ନଂ.୮୬/୨୬) ରୁଜୁ ହୋଇଥିବା ବେଳେ ସୁବାସଙ୍କୁ କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ଅପରାହ୍ଣରେ ସୁବାସ ତାଙ୍କର ଜଣେ ସମ୍ପର୍କୀୟଙ୍କ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଆର୍‌ଆଇ ଅଫିସକୁ ଯାଇଥିଲେ। କିଛି ବେଆଇନ କାର୍ଯ୍ୟ କରିବାକୁ ଆର୍‌ଆଇ ତାପସ ରଞ୍ଜନ ଜେନାଙ୍କୁ ସେ ବାଧ୍ୟ କରିଥିଲେ। ଆର୍‌ଆଇ ମନା କରିବାରୁ ସୁବାସ ତାଙ୍କୁ ଅଫିସରୁ ଘୋଷାରି ମାଡ଼ ମାରିଥିଲେ। ଏନେଇ ଆର୍‌ଆଇ ଜେନାଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରି ଥାନାଧିକାରୀ ଏସ୍‌କେ ହାଫିଜ୍ ତଦନ୍ତଭାର ନେଇଥିଲେ। ଏହି ଘଟଣାରେ ଆଉ କେହିସମ୍ପୃକ୍ତ ଅଛନ୍ତିକି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

# ୩୬ ଲକ୍ଷ ଠକେଇ, ୨ ଗିରଫ

ଆନନ୍ଦପୁର,୧୯।୩ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଶାଳପଡ଼ାଠାରେ ଘଟିଥିବା ଏକ ଘରୋଇ ଫାଇନାନ୍ସ କମ୍ପାନୀ ନାମରେ ଲୋନ୍ ହଡ଼ପ ଅଭିଯୋଗରେ ଘସିପୁରା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭାରତ ଫାଇନାନ୍ସ କମ୍ପାନୀର ପୂର୍ବତନ ଶାଖା ପରିଚାଳକ ଭଦ୍ରକ ଜିଲାର ପବିତ୍ର ମୋହନ ଦାସ ଓ ନନ୍ଦିପଦା ଥାନା ଅଞ୍ଚଳର ସୁନୀଲ ଜେନା। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆନନ୍ଦପୁର ଏସ୍‌ଡିପିଓ କମଲ ପଣ୍ଡା ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ଦ୍ୱୟ ୧୫୭ ଜଣଙ୍କ କାଗଜପତ୍ର ସଂଗ୍ରହ କରି ସେମାନଙ୍କ ନାମରେ ଲୋନ୍ ଉଠାଇ ନିଜେ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଗିରଫ ଭୟରେ ଅଭିଯୁକ୍ତମାନେ କେତେକ ଲୋକଙ୍କ ଲୋନ ଅର୍ଥକୁ ପରିଶୋଧ କରିଥିବା ବେଳେ ୪୬ ଜଣଙ୍କ ଲୋନ ଅର୍ଥ ପ୍ରାୟ ୩୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଭାରତ ଫାଇନାନ୍ସ ଲିମିଟେଡ୍ କମ୍ପାନୀର ଘସିପୁରା ଥାନା ଶାଳପଡ଼ା ଶାଖା ପରିଚାଳକ ଦେବାଶିଷ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୫୭/୨୬) ରୁଜୁ ହୋଇଥିଲା। ଘଟଣାରେ ତଦନ୍ତ କରି ପୋଲିସ ପୂର୍ବରୁ ନନ୍ଦିପଦା ଥାନା ଅଧୀନରୁ ସୁନୀଲଙ୍କୁ ଗିରଫ କରିଥିଲା। ବୁଧବାର କମ୍ପାନୀର ପୂର୍ବତନ ଶାଖା ପରିଚାଳକ ପବିତ୍ର ମୋହନଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟଚାଲାଣ କରି ତଦନ୍ତ ଚଳାଇଛି।

# ମେଡିକାଲରୁ ଡିସ୍‌ଚାର୍ଜ ପରେ ଜେଲ ଫେରିଲେ ବିକ୍ରମ

ବ୍ରହ୍ମପୁର,୧୯।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଗୁରୁବାର ଏମ୍‌କେସିଜି ମେଡିକାଲରୁ ଡିସଚାର୍ଜ ହେବା ପରେ ବ୍ରହ୍ମପୁର ଜେଲ ଫେରିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ପୁଣି ଜେଲ ପଠାଇ ଦିଆଯାଇଛି। ଗଲ୍ ବ୍ଲାଡରରେ ଷ୍ଟୋନ ଯୋଗୁ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ଚିକିତ୍ସା ପରେ ଜେଲ ପଠାଇ ଦିଆଯାଇଥିଲା। ଗତ ୧୦ ତାରିଖରେ ଅଧିକ ଯନ୍ତ୍ରଣା ହେବାରୁ କୋର୍ଟ ନିର୍ଦ୍ଦେଶ ପରେ ପୁଣି ତାଙ୍କୁ ଏମକେସିଜି ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ବିକ୍ରମ ଅସ୍ତ୍ରୋପଚାର ପାଇଁ ସମ୍ମତିପତ୍ର ଦେଇଥିଲେ। ସ୍ୱତନ୍ତ୍ର ଡାକ୍ତର ଟିମ ତାଙ୍କର ଚିକିତ୍ସା କରିଥିଲେ। ଡାଇବେଟିସ ନିୟନ୍ତ୍ରଣରେ ନ ଥିବାରୁ ତାଙ୍କର ଅସ୍ତ୍ରୋପଚାର ହୋଇପାରି ନ ଥିଲା। ସବୁ ନିୟନ୍ତ୍ରଣକୁ ଆସିବା ପରେ ବିକ୍ରମ ଅସ୍ତ୍ରୋପଚାର ପାଇଁ ମନା କରିଥିଲେ ବୋଲି ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି। ପୂର୍ବାପେକ୍ଷା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ଡିସଚାର୍ଜ କରାଯାଇଛି ଏବଂ ନିୟମିତ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଛି। ସମୟ ବ୍ୟବଧାନରେ ତାଙ୍କର ଚିକିତ୍ସା କରିବା ପାଇଁ ପରାମର୍ଶ ଦିଆଯାଇଥିବା କହିଛନ୍ତି ଅଧୀକ୍ଷକ ପ୍ରଫେସର ଡା. ଶତପଥୀ କହିଛନ୍ତି। ଅନ୍ୟତମ ଅଭିଯୁକ୍ତ ବିଜେଡି କର୍ପୋରେଟର ମଳୟ ବିଷୋୟୀ ମଧ୍ୟ ଦୀର୍ଘଦିନ ଧରି ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପୂର୍ବରୁ ଡିସଚାର୍ଜ କରାଯାଇଛି। ଏବେ ଏମ୍‌କେସିଜିରେ କେବଳ ଅଭିଯୁକ୍ତ ବିଜେଡି ନେତା ମଦନ ଦଳେଇ ଚିକିତ୍ସାଧୀନ ଅଛନ୍ତି। ମଦନଙ୍କ ଗୋଡ଼ରେ ରଡ ପଡିଥିବାବେଳେ ତାହା ଡିସ ଲୋକେସନ ହୋଇଯାଇଥିଲା। କୋର୍ଟ ନିର୍ଦ୍ଦେଶ ପ୍ରକାରେ ସ୍ୱତନ୍ତ୍ର ଡାକ୍ତର ଟିମ ତାଙ୍କର ଚିକିତ୍ସା କରିଥିଲେ ଏବଂ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର ପାଇଁ ମଦନ ସମ୍ମତି ଦେବାରୁ ତାଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ପୀତବାସ ହତ୍ୟା ଘଟଣାରେ ୧୬ ଜଣ ଗିରଫ ହୋଇଥିବାବେଳେ ଜଣେ ଜାମିନ୍‌ରେ ମୁକୁଳିଛନ୍ତି। ଆସନ୍ତା ୨୫ ତାରିଖରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ହେବ।

# ୭୨୭ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ମୋହନା,୧୯।୩(ମନ୍ମଥ ମିଶ୍ର)

ଗଜପତି ଜିଲାରୁ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ବିପୁଳ ପରିମାଣର ଗଞ୍ଜେଇକୁ ଅଡ଼ବା ପୋଲିସ ଜବତ କରିଛି।

ଖାରିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋହନାଗୁଡ଼ା ଓ ଗୁରୁଝୁଲି ଗ୍ରାମ ପଞ୍ଚାୟତର ରାଜପୁର ଗାଁ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖା ଯାଇଥିବା ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଡ଼ବା ପୋଲିସ ସଦଳବଳ ସେଠାରେ ଚଢାଉ କରି ଉକ୍ତ ଗଞ୍ଜେଇ ଜବତ କରିଥିଲା। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଜବତ



ଜବତ ଗଞ୍ଜେଇ।

ଗଞ୍ଜେଇର ପରିମାଣ ୭୨୭ କେଜିରୁ ଊର୍ଦ୍ଧ୍ୱ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ନଂ.୬୧/୨୬ ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଗଞ୍ଜେଇ ଚାଲାଣ ପାଇଁ ଗଚ୍ଛିତ ରଖିଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

# ଅବକାରୀ ଚଢ଼ାଉ, ୮ ଗିରଫ

ଝାରସୁଗୁଡ଼ା,୧୯।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ତରଫରୁ ଭୁଲିଆଟିକ୍ରା, ବନ୍ଧରପଡ଼ା, ସରବେଣ୍ଡା ଅଞ୍ଚଳରେ ଚଢ଼ାଉ କରାଯାଇ ୨୨୦ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ଭୁଲିଆଟିକ୍ରା ଅଞ୍ଚଳର କ୍ରୀଷ୍ଟା ଏକ୍କା, ବନ୍ଧରପଡ଼ା ଅଞ୍ଚଳର ପ୍ରେମା କିଷାନ ଓ ସରବେଣ୍ଡା ଅଞ୍ଚଳର ସୁବାସିନୀ ଓରାମଙ୍କୁ ଗିରଫ କରାଯାଇଛି। ସେହିପରି ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ କୁକୁରଜଙ୍ଘା ଓ ହରେକୃଷ୍ଣପୁର ଅଞ୍ଚଳରେ ଚଢ଼ାଉ କରାଯାଇ ୨୮ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ କୁକୁରଜଙ୍ଘା ଗ୍ରାମର ଈଶ୍ୱର ସାହୁ ଓ ହରେକୃଷ୍ଣପୁର ଗ୍ରାମର ମହେଶ ଭୋଇଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଲଇକେରା ଅବକାରୀ ବିଭାଗ ପକ୍ଷରୁ ନାଏକଡ଼ିହି, କେନ୍ଦଡିହି ଓ ତିଲେଇମାଲ ଅଞ୍ଚଳରେ ଚଢ଼ାଉ କରାଯାଇ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ନାଏକଡିହି ଗ୍ରାମର ରୀନା ଓରାମ, କେନ୍ଦଡିହି ଗ୍ରାମର ବୀରସେନ କିଷାନ ଓ ତିଲେଇମାଲ ଗ୍ରାମର ସଞ୍ଜୟ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୮ଟି ମାମଲା ରୁଜୁ ହୋଇଛି।

# ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବୁଗୁଡ଼ା,୧୯।୩(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ପୋଚାଲୁଣ୍ଡି ଗ୍ରାମରେ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୋଚାଲୁଣ୍ଡି ଗ୍ରାମର ମନୋଜ କୁମାର ଜେନା(୩୬)। ମନୋଜ ଲୁହା ଚେନ୍‌ରେ ସ୍ତ୍ରୀ ସୁନିତାଙ୍କ ବେକ ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ସୁନିତାଙ୍କ ବାପା ବୁଗୁଡ଼ା ଥାନା ଆଦିପୁର ଗ୍ରାମର ନାରାୟଣ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୨୪/୨୬ରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍ ଲକ୍ ଚେନ୍‌କୁ ଜବତ କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

୫ ବର୍ଷ ତଳେ ସୁନିତା ଓ ମନୋଜଙ୍କ ବାହାଘର ବୈଦିକ ରୀତିନୀତିରେ ହୋଇଥିଲା। ବାହାଘର ସମୟରେ ଯୌତୁକ ବାବଦକୁ ସୁନା ଅଳଙ୍କାର, ବାଇକ୍ ଓ ବିଭିନ୍ନ ଆସବାବପତ୍ର ସହ ୧ ଲକ୍ଷ ୩୫ ହଜାର ଟଙ୍କା ଦିଆଯାଇଥିଲା। ବିବାହ ପରେ ପୁଣି ୫ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ଚାପ ପଡିଥିଲେ ମଧ୍ୟ ସୁନିତାଙ୍କ ବାପା ଅସହାୟତା ପ୍ରକାଶ କରିଥିଲେ। ଏହାପରେ ସୁନିତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ବୁଧବାର ରାତିରେ ମନୋଜ ତାଙ୍କ ଶ୍ୱଶୁର ନାରାୟଣଙ୍କୁ ସୁନିତାଙ୍କ ମୃତ୍ୟୁ ଖବର ଜଣାଇଥିଲେ। ନାରାୟଣ ଝିଅର ଶାଶୁଘରେ ପହଞ୍ଚି ସୁନିତାଙ୍କ ବେକରେ ଦାଗ ଦେଖିବାକୁ ପାଇଥିଲେ। ଝିଅକୁ କୌଣସି ଚେନ୍ କିମ୍ବା ଦଉଡ଼ିରେ ତଣ୍ଟି ଚିପି ହତ୍ୟା କରାଯାଇଥିବାର ସନ୍ଦେହ କରି ନାରାୟଣ ବାଲିପଦର ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡ୍ଡୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ସ୍ୱାମୀ ମନୋଜଙ୍କୁ ଗିରଫ କରିବା ସହିତ ସେ ହତ୍ୟା କରି ଫୋପାଡ଼ି ଦେଇଥିବା ବାଇକ୍ ଚେନଟିକୁ ଜବତ କରିଥିଲେ।

# ସ୍କୁଟି ନମ୍ବର ଲଗାଇ ଚଲାଉଥିଲେ ପିକ୍‌ଅପ୍ ଭ୍ୟାନ୍

### ଯାଞ୍ଚ ବେଳେ ଧରାପଡ଼ିଲା

ନୀଳଗିରି, ୧୯।୩(ପ୍ରଶାନ୍ତ ବିଶ୍ୱାଳ)

ସ୍କୁଟି ନମ୍ବର ପ୍ଲେଟ୍ ଲଗାଇ ଚଲାଉଥିଲେ ପିକଅପ୍ ଗାଡ଼ି। ଆଉ କାଗଜ ପତ୍ର ଯାଞ୍ଚ ପରେ ଏଭଳି ତଥ୍ୟ ଏବେ ସାମ୍ନାକୁ ଆସିଛି। ଗୁରୁବାର ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ଗାଡ଼ି କାଗଜପତ୍ର ଯାଞ୍ଚ କରିବା ପାଇଁ ଏକ ଟିମ୍ ପହଞ୍ଚିଥିଲା। ସେହି ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଏକ ପିକଅପ୍ ଗାଡ଼ି ଯାଉଥିଲା। ଏହି ଗାଡ଼ିର (ନଂ. ଓଡ଼ି୦୧ଏଏ-୬୯୫୮)ଟିକୁ ଦେଖି ପରିବହନ ବିଭାଗ ଅଧିକାରୀଙ୍କ ମନରେ ସନ୍ଦେହ ହେବାରୁ ଗାଡ଼ିର ନମ୍ବର୍ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଗାଡ଼ିଟିରେ ଯେଉଁ ନମ୍ବର





ଜବତ ପିକଅପ୍ ଗାଡ଼ି।

ଲାଗିଥିଲା ସେ ଏକ ସ୍କୁଟି ନମ୍ବର ବୋଲି ଜଣାପଡ଼ିଥିଲା। ତେବେ ଗାଡ଼ିର ମାଲିକ ସ୍କୁଟି ନମ୍ବର ଲଗାଇ ଗାଡ଼ି କାହିଁକି ଚଲାଉଥିଲେ ତାହା ଜାଣିବା ପାଇଁ ଉକ୍ତ ପିକଅପ୍ ଗାଡ଼ିର ଫିଟନେସ୍ ଓ ଇନ୍‌ସ୍ୟୁରାନ୍ସ ମଧ୍ୟ ଯାଞ୍ଚ କରିଥିଲେ ଅଧିକାରୀ। ହେଲେ ଗାଡ଼ିର କୌଣସି କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ପରେ ଗାଡ଼ିକୁ ନୀଳଗିରି ଥାନାକୁ ଆଣି ପରିବହନ କନିଷ୍ଠ ଅଧିକାରୀ ଦେବସ୍ମିତା ନାୟକ ଜିମା ଦେଇଥିଲେ। ତେବେ ଗାଡ଼ି ମାଲିକ ଟୋଲ ଟ୍ୟାକ୍ସ ଫାଙ୍କିବା କିମ୍ବା କୌଣସି ଚୋରା କାରବାରରେ ଏହାକୁ ବ୍ୟବହାର କରିବା ପାଇଁ ଏମିତି କରିଥାଇପାରନ୍ତି ବୋଲି ପରିବହନ ବିଭାଗ ଅନୁମାନ କରୁଛି।

# ଜାଲ୍ ଚେକ୍ ମାଧ୍ୟମରେ ୯.୫୬କୋଟି ଠକେଇ

ଭୁବନେଶ୍ୱର,୧୯।୩ (ତ୍ରିନାଥ ମହାନ୍ତି)

- ଛତିଶଗଡ଼ରୁ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ
- ପ୍ରଥମେ ମୟୂରଭଞ୍ଜ ଭଞ୍ଜପୁର ପୋଲିସ ଷ୍ଟେଶନରେ ହୋଇଥିଲା ଅଭିଯୋଗ

ଜାଲ୍ ଚେକ୍ ମାଧ୍ୟମରେ ୯.୫୬କୋଟି ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଛତିଶଗଡ଼ରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରଜେଶ ମିଶ୍ର। ସେ ମିଶ୍ର ଏଣ୍ଟରପ୍ରାଇଜେସ୍ ଏବଂ ମହାକାଳ କନ୍‌ଷ୍ଟ୍ରକ୍‌ଶନ ସଂସ୍ଥାର ମାଲିକ। ଛତିଶଗଡ଼ସ୍ଥିତ ଘରୁ ତାଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ଏଠାରେ ପଚରାଉଚରା କରାଯିବା ପରେ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି।



ବ୍ରଜେଶ ମିଶ୍ର

ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦାର ମୁଖ୍ୟ ପରିଚାଳିକା ସୁଜାତା କାନୁନ୍‌ଗୋଙ୍କ ଅଭିଯୋଗ ଆଧାରରେ ୨୦୨୪ ଏପ୍ରିଲରେ ଇଓଡବ୍ଲ୍ୟୁରେ ଏକ ମାମଲା(ନଂ-୫/୨୪) ରୁଜୁ କରାଯାଇଥିଲା। ୨୦୨୪ ଏପ୍ରିଲ ୧୦ରୁ ଏପ୍ରିଲ ୧୮ତାରିଖ ମଧ୍ୟରେ ଚାରୋଟି ଚେକ୍ ଦେଇ ମୟୂରଭଞ୍ଜ ଜିଲା ପରିଷଦର ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍ଏଫ୍)ର ଆକାଉଣ୍ଟରୁ ଅର୍ଥ ହରିଲୁଟ କରାଯାଇଥିଲା। ଆକାଉଣ୍ଟରୁ ୯ କୋଟି ୫୬ ଲକ୍ଷ ୭୬ହଜାର ୬୦୦ ଟଙ୍କା ବେଆଇନ ଭାବେ ଅନ୍ୟ ଆକାଉଣ୍ଟକୁ ନିଆଯାଇଥିଲା। ଡିଏମ୍ଏଫ୍ ଟ୍ରଷ୍ଟ ନାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଶାଖାରେ କୋଟି କୋଟି ଟଙ୍କା ଥିବା ଅଭିଯୁକ୍ତ ଜାଣିଥିଲେ। ଅଭିଯୁକ୍ତମାନେ ଏଥିଲାଗି ଜାଲ୍ ଚେକ୍ ପ୍ରସ୍ତୁତ କରି ବ୍ୟାଙ୍କରୁ ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ଟଙ୍କା ଲୁଟି ନେଇଥିଲେ। ଟଙ୍କା ଦୁଇଟି ଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ପରିଚାଳିତ ପିଟି କନ୍‌ଷ୍ଟ୍ରକଶନ୍ ଆଣ୍ଡ ସପ୍ଲାୟର ଏବଂ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କରେ ଏସ୍‌କେ ଏଣ୍ଟରପ୍ରାଇଜେସ ନାମରେ ପରିଚାଳିତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ପରେ ପିଟି କନଷ୍ଟ୍ରକ୍ସନ ଆଣ୍ଡ ସପ୍ଲାୟର ଏବଂ ଏସ୍‌କେ ଏଣ୍ଟରପ୍ରାଇଜେସ ଆକାଉଣ୍ଟରୁ ଅନେକ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ମାମଲା ହେବା ପରେ ଟଙ୍କା ଯାଇଥିବା ୩୩ଟି ଆକାଉଣ୍ଟରେ ପଡ଼ି ରହିଥିବା ୧୩ଲକ୍ଷ ୫୬ ହଜାର ୯୪୮ ଟଙ୍କାକୁ ଫ୍ରିଜ୍ କରାଯାଇଥିଲା।

**Office of the Project Administrator, ITDA, Th.Rampur at Bhawanipatna**

e-procurement notice

Letter No : 614 / Date : 18.03.2026

**No.19001/92/2526** : The Project Administrator, ITDA, Thuamul Rampur at Bhawanipatna invites percentage rate of BIDS through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : **02.**
2. Nature of work : **Civil construction**
3. BID identification No. : **ITDA,THR-05/2025-26**
4. Date and Time of availability of Bid document in portal : **From 11.00 A.M. of 20.03.2026 to 31.03.2026 up to 5.00 PM for online biding.**
5. Last date & time for receipt of BIDS in portal : **31.03.2026 up-to 5.00 P.M.**
6. BIDs received online shall be opened on : **02.04.2026 at 11.00 A.M.**
7. Name and address of the officer : **Project Administrator, ITDA, Th.Rampur at Bhawanipatna**

Sd./- Project Administrator, ITDA, Th.Rampur, Bhawanipatna

OIPR-19001/19449/1/25-26/0006

**INSTITUTE OF MATHEMATICS AND APPLICATIONS**
ANDHARUA, BHUBANESWAR, ODISHA-751029
(Under Science & Technology Department, Govt. of Odisha) www.iomaorissa.ac.in

ADVERTISEMENT FOR REGISTRAR POST

**No.IMA/100/319/2026** **Dated:19/03/2026**

**No.28001/6/2526:** Applications in prescribed format are invited from the eligible Indian nationals for the Post of Registrar on the deputation basis. For details of the Post, eligibility criteria, qualifications, experience, scale of pay, application format etc., please visit the website ***https://iomaorissa.ac.in.***

| Sl.No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is **10/04/2026.**

OIPR-28001/28010/1/25-26/0001 **Sd./- REGISTRAR**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.4001/78/2526

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No.File No.:IDCO/HO-P&C/A-10823/04/2026/V-1 7412 Dated:16/03/2026

NOTICE INVITING TENDER THROUGH e-Procurement

**Name of the Work:** Construction of 11 KV OH Line (2.72 CKM), UG Line (0.075 Km), 1x250 KVA DSS, 2x500 KVA DSS & LT Line for providing power supply to different units at Ramdaspur I.E., Cuttack.

**Estimated Cost put to tender: Rs.1,66,89,300.00**

**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ES-T/E-46/2025-26 | 17:00 hours of dt.24.03.2026 | 17:00 hours of dt.15.04.2026 |

Further details can be seen from the e-Procurement Portal, **www.Tendersodisha.gov.in.** and Corrigendum if any will be published in newspapers and can only be seen in the **e-Procurement portal** as well as in **IDCO website.**

**Sd./-Chief General Manager (P&C) IDCO, Bhubaneswar**

OIPR-4001/4075/1/25-26/0025

**OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA**

OHPC ISO 9001-14001 18001 Certified

DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No.UIHEP-59/2025-26, DATE 19.03.2026

**No.32001/222/2526:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Manufacturers or its Channel Partners/ Authorized dealers for supply of the following materials/ providing services as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply of 03 Nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda | 7,080/- (inclusive of GST) | 13,517/- | From 30.03.2026 to 13.04.2026 upto 12.00 Hrs. | 13.04.2026 (upto 13:00 Hrs) | 13.04.2026 at 16:30 Hrs. |

For details of the tender documents, terms and conditions please visit our website **www.ohpcltd.com**

OIPR-32001/32136/1/25-26/0048 **Sd./- C&P Head, UIHEP, Mukhiguda**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR DISTRICT PROGRAMME MANAGEMENT UNIT (DPMU), NATIONAL HEALTH MISSION (NHM)**

NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ

WALK-IN-INTERIVEW

**Advt. No. 963** **Date: 18.03.2026**

No. 10001/128/2526: Walk-in-Interview will be conducted as scheduled below for filling of the following posts under National Health Mission of Jagatsinghpur district.

| Sl. No. | Name of the Programme/Activities as per NHM PIP | Name of the Post | Vacancy | Monthly Remuneration (In Rupees) + P1 | Date of Registration/ Interview |
|---|---|---|---|---|---|
| 1 | District Early Intervention Centre (DEIC) | Pediatrician, DEIC | 1 | Rs.86,116/- + P1 | 24.03.2026 |
| 2 | Special Newborn Care Unit (SNCU) | Medical Officer | 1 | Rs.68,893/- + P1 | 24.03.2026 |
| 3 | Urban PHC, Paradeep | Medical Officer | 1 | Rs.68,892/- + P1 | 24.03.2026 |
| 4 | Urban PHC, Jagatsinghpur | Medical Officer | 1 | Rs.68,892/- + P1 | 24.03.2026 |
| 5 | Urban Ayushman Arogya Mandir (UAAM), Jagatsinghpur | Medical Officer | 1 | Rs.57,409/- + P1 | 24.03.2026 |

**Venue: Office of the CDM & PHO-cum-DMD, Jagatsinghpur**

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagment. Canvassing in any form will render the candidate disqualified for the position and no undertaking will be entertained. Details of qualification, Experience of post along with application form can be downloaded from the district website: **www.jagatsinghpur.odisha.gov.in**. The registration time for the Walk-in-Interview will be from 10.00 A.M. to 11.00 A.M. The candidates are requested to visit the district website on regular interval till completion of recruitment/ empanelment process. The undersigned reserves the right to cancel any or all the application without assigning any reason or communication thereof.

OIPR-10001/10043/1/25-26/0004 **Sd./- CDM & PHO-cum-DMD, Jagatsinghpur**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: **5239/ଭୁ.ଉ.କ., ଭୁବନେଶ୍ୱର** ତା: **11.03.2026**ରିଖ

SRC-105/88

**ସୂଚନା।**

No. 13001/700/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. S-5/506କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୨୭୪/ଏ.ଏଲ୍. ତା୦୮।୦୬।୨୦୦୧ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁରେନ୍ଦ୍ର ମହାପାତ୍ର, ପିତା: ସ୍ୱର୍ଗତ ବୃନ୍ଦାବନ ମହାପାତ୍ର, ଗ୍ରାମ/ପୋଷ୍ଟ/ଥାନା: ଆନନ୍ଦପୁର, ଜିଲ୍ଲା: କେଉଁଝର, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି। ଆବଣ୍ଟନଗ୍ରାହୀ ସୁରେନ୍ଦ୍ର ମହାପାତ୍ର ଗତ ତା୧୨।୦୧।୨୦୨୫ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death Certificate Registration No. 1491/2005 dated 30.01.2025).

Legal heir Certificate Misc. Case No. E-LHC/2025/156772 Dated: 25.07.2025 ଅନୁଯାୟୀ ସୁରେନ୍ଦ୍ର ମହାପାତ୍ରଙ୍କର ଉତ୍ତରାଧିକାରୀ (୧) ବିଦ୍ୟୁତ୍‌ପ୍ରଭା ମହାପାତ୍ର (ସ୍ତ୍ରୀ), (୨) ତାରିଣୀ ପ୍ରସାଦ ମହାପାତ୍ର (ପୁତ୍ର) ଓ (୩) ଦେବ ପ୍ରସାଦ ମହାପାତ୍ର (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/25-26/0049

# ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ରକୁ ଗୁରୁତ୍ୱ

## ସିଆଇଆଇ ଓଏମ୍‌ସିଇ ୨୦୨୬ ଉଦ୍‌ଘାଟିତ




ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ସିଆଇଆଇ ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ଗୁରୁବାର ଆରମ୍ଭ ହୋଇଛି। ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସିଆଇଆଇ ଟ୍ରେଡ୍ ଫେୟାର କାଉନସିଲ ଅଧକ୍ଷ ବି. ଥିଆଗରଜନ ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଅଧକ୍ଷ ଅନିଲ କୁମାର ସିଂ ପ୍ରମୁଖ ମଧ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଏହି ୩ ଦିନିଆ ଏକ୍ସପୋ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରିବା, ସହଭାଗିତା ବିକଶିତ କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପର ପ୍ରମୁଖ ହିତାଧିକାରୀମାନଙ୍କୁ ଏକତ୍ରିତ କରିଛି। ମୁଖ୍ୟ ଅତିଥି ହେମନ୍ତ ଶର୍ମା ଶିଳ୍ପ ବିକାଶ ଓ ନିବେଶ ପାଇଁ ଏକ ସମାବେଶୀ ଇକୋସିଷ୍ଟମ ଗଠନ କରିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ରେଖାଙ୍କିତ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ରାଉଣ୍ଡ ଟେବୁଲ ବୈଠକ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ପ୍ରମୁଖ ଆହ୍ୱାନ, ନୀତିଗତ ସମର୍ଥନ, ବୈଷୟିକ ଗ୍ରହଣୀୟତା ଏବଂ ଅଞ୍ଚଳରେ ଖଣି ଓ ନିର୍ମାଣ ଉପକରଣ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ସୁଯୋଗଗୁଡିକ ଉପରେ ଏକ ଗଠନମୂଳକ ଆଲୋଚନା ଲାଗି ଏକ ଉଚ୍ଚସ୍ତରୀୟ ଆଲୋଚନା ଭାବେ କାର୍ଯ୍ୟ କରିଛି। ଓଏମ୍‌ସିଇ ୨୦୨୬ରେ ୧୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଛନ୍ତି ଏବଂ ୧୦,୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକଙ୍କୁ ଏହା ଆକର୍ଷିତ କରିଛି। ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରୁ ଅଗ୍ରଣୀ ସଂସ୍ଥାଗୁଡିକର ଉପକରଣ, ଟେକ୍ନୋଲୋଜି ଓ ସମାଧାନଗୁଡିକର ଏକ ବିସ୍ତୃତ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି କାର୍ଯ୍ୟକ୍ରମ ବି୨ବି ଓ ବି୨ଜି ବୈଠକ, ବୈଷୟିକ ଅଧିବେଶନ ଓ ନେଟ୍‌ୱର୍କିଂ ସୁଯୋଗ ସହିତ ପରବର୍ତ୍ତୀ ୨ ଦିନ ପାଇଁ ଜାରି ରହିବ, ଯାହା ଏହି କ୍ଷେତ୍ରରେ ସହଭାଗିତା, ଉଦ୍‌ଭାବନ ଓ ନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଲକ୍ଷ୍ୟ ରଖିଛି।

## ବଢୁଛି ଡ୍ରାଏ ଫ୍ରୁଟସ୍ ଦର

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ରୋଷେଇଘର ଓ ବ୍ୟବସାୟ ଉପରେ ପଡ଼ିବା ଆରମ୍ଭ ହୋଇଛି। ରାଜଧାନୀ ଦିଲ୍ଲୀରେ ଡ୍ରାଇ ଫ୍ରୁଟ୍ସର ମୂଲ୍ୟ ୨୦ରୁ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସପ୍ଲାଇ ବାଧାପ୍ରାପ୍ତ ହେବାରୁ ବଜାରରେ ଅନିଶ୍ଚୟତା ବଢ଼ିଛି, ଯାହାର ସିଧାସଳଖ ପ୍ରଭାବ ଉପଭୋକ୍ତାଙ୍କ ପକେଟ ଉପରେ ପଡୁଛି। କାଜୁକୁ ବାଦ୍ ଦେଲେ ଅଧିକାଂଶ ଡ୍ରାଇ ଫ୍ରୁଟ୍ସ ପଶ୍ଚିମ ଏସିଆରୁ ଆସେ। ଇଦ୍ ନିକଟବର୍ତ୍ତୀ ହେବାରୁ ଡେଟସ୍‌ର ଚାହିଦା ବଢ଼ିଛି, ମାତ୍ର ଷ୍ଟକ୍ ସୀମିତ ରହିଛି। ବ୍ୟବସାୟୀମାନେ ପୁରୁଣା ଷ୍ଟକ୍ ସାହାଯ୍ୟରେ ଚଳୁଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରିର ଚେୟାରମ୍ୟାନ ବୃଜେଶ ଗୋୟଲ ଚେତାବନୀ ଦେଇଛନ୍ତି, ଯୁଦ୍ଧ ଦୀର୍ଘକାଳୀନ ହେଲେ ଲମ୍ବା ହେଲେ ଦିଲ୍ଲୀର ପ୍ରାୟ ୫୦୦୦ କୋଟି ଟଙ୍କାର ବ୍ୟବସାୟ ପ୍ରଭାବିତ ହେବ। ଇରାନରୁ ଆସୁଥିବା ପିସ୍ତା, ଆଳୁବୁଖାରା, କିସ୍‌ମିସ୍, ଖଜୁରି ଆଦିର ଦାମ ୩୦-୪୦% ବଢ଼ିଛି। ଏହାର ପ୍ରଭାବ ଔଷଧ ଉପରେ ମଧ ପଡ଼ିଛି। ପ୍ୟାରାସିଟାମଲ ଦାମ ୪୭% ବଢ଼ିଛି। ଫାର୍ମା ସେକ୍ଟର ଚାପରେ ରହିଛି। ଦିଲ୍ଲୀରେ ପ୍ରାୟ ୫୦ ହଜାର ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ୨୦-୩୦% ବନ୍ଦହେବା ଆଶଙ୍କା ରହିଛି।

## ୟୁବିଆଇ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ଏମ୍ପାଓ୍ୱର ହର ଆଣ୍ଡ୍ ପାୱର ହିମ୍' ଥିମ୍ ଅନ୍ତର୍ଗତ ସମାଜ କଲ୍ୟାଣ ପାଇଁ ଦୁଇଟି ଅର୍ଥପୂର୍ଣ୍ଣ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲେଙ୍ଗାପେଣ୍ଠସ୍ଥିତ 'ସଖା ଓଲ୍ଡ ଏଜ୍ ହୋମ୍'ରେ ଥିବା ଅନ୍ତେବାସୀଙ୍କ ପାଇଁ ୫ ବେଡ୍ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ , ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ସଖା ଓଲ୍ଡ ଏଜ୍ ହୋମ୍‌ର ସେକ୍ରେଟାରି କବିତା ମହାପାତ୍ର ଉପସ୍ଥିତ ଥିଲେ। ସାଇ ସ୍କୁଲ ବସୁନ୍ଧରା, ଗଡିରାଉତପାଟଣାଠାରେ ଅନୁଷ୍ଠିତ ହୋଇଥବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଅନାଥ ଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍, ନୋଟ୍ ବୁକ୍ ଏବଂ ଷ୍ଟେସନେରି ସାମଗ୍ରୀ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ସାଇସ୍କୁଲ ବସୁନ୍ଧରାର ସେକ୍ରେଟାରି ଡ. ସ୍ନିଗ୍ଧା ବିଶ୍ୱାଳ, କୋଅର୍ଡିନେଟର ବିଧୁ ଭୂଷଣ ମହାନ୍ତି ଏବଂ ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ହରପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟଆଲୁକ୍କାସ୍‌ର ସୀମିତ ସମୟ ଅଫର ଘୋଷଣା

Joyalukkas

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଅଗ୍ରଣୀ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ସୀମିତ ସମୟର ଅଫର ଘୋଷଣା କରିଛି। ଏହିଅଫର ମାର୍ଚ୍ଚ ୧୮ରୁ ୨୨ ମାର୍ଚ୍ଚପର୍ଯ୍ୟନ୍ତ ଜୟଆଲୁକ୍କାସ ଶୋ'ରୁମ୍‌ଗୁଡ଼ିକରେ ଉପଲବ୍ଧ ରହିବ। ଗ୍ରାହକମାନେ ସମସ୍ତ ଜୁଏଲେରି କଲେକ୍ସନରେ ସୁବିସ୍ତୃତ ରେଞ୍ଜରେ ମେକିଂ ଚାର୍ଜ ଉପରେ ସିଧା ୪୦% ରିହାତି ପାଇପାରିବେ। ପାରମ୍ପରିକ ଡିଜାଇନରୁ ଆଧୁନିକ ଡିଜାଇନ ଅଳଙ୍କାର ଗ୍ରାହକ ପାଇପାରିବେ। ଅନ୍ୟପଟେ ଜୟଆଲୁକ୍କାସ୍ ୧୮ ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ମାତ୍ର ଗ୍ରାହକମାନେ ତାଙ୍କର ଭବିଷ୍ୟତ କ୍ରୟ ପାଇଁ ଯୋଜନା କରୁଥିବା ଲୋକମାନଙ୍କ ପାଇଁ ଏକ ଏକ୍ସକ୍ଲୁସିଭ ଆଡଭାନ୍ସ ବୁକିଂ ଅଫର ଆରମ୍ଭ କରୁଛି। ଗ୍ରାହକମାନେ କେବଳ ୧୦% ପୂର୍ବ ରାଶି ଦେଇ ବର୍ତ୍ତମାନ ସୁନା ଦରକୁ ମେ ୨ ପର୍ଯ୍ୟନ୍ତ ସୁରକ୍ଷିତ କରିପାରିବେ। ଜୟଆଲୁକ୍କାସ୍‌ର ଚେୟାରମ୍ୟାନ ଏବଂ ମ୍ୟାନେଜିଂ ଡାଇରେକ୍ଟର ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଏହା ଅଳଙ୍କାର କ୍ରୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ, କାରଣ ଅନେକ ଗ୍ରାହକ ବିବାହ, ବିଶେଷ ଅବସର ଏବଂ ଦୀର୍ଘକାଳୀନ ନିବେଶ ପାଇଁ ପୂର୍ବରୁ ଯୋଜନା କରନ୍ତି ।

## ସି.ଭି. ରମଣ ପଲିଟେକ୍ନିକ୍‌ର ୭ ଦିନିଆ ଶିବିର



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ସି.ଭି. ରମଣ ପଲିଟେକ୍ନିକ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍, ସିଏଚ୍‌ଏସ୍‌ଇ ଏନ୍‌ଏସ୍‌ଏସ୍ ବ୍ୟୁରୋ ଅଧୀନରେ ନପୁଟ ଗ୍ରାମରେ ୭ଦିନିଆ ବିଶେଷ ଶିବିର ଅନୁଷ୍ଠିତ ହୋଇଯାଇଛି। ସି .ଭି. ରମଣ ପଲିଟେକ୍ନିକ୍ ଅଧକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଏହି ଶିବିରର ଉଦ୍‌ଘାଟନକରି ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ନିଷ୍ଠାର ସହ କାମ କରିବାକୁ ପ୍ରେରିତ କରିଥିଲେ । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସଲମାନ ଖାନ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ମୋଟ ୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ଅଧ୍ୟାପକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶିବିର ସମୟରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ । ଏଥିରେ ପଞ୍ଚାୟତ କାର୍ଯ୍ୟାଳୟ, ନୀଳକଣ୍ଠ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ଗ୍ରାମ ମନ୍ଦିର ପରିସରରେ ପରିଚ୍ଛନ୍ନତା ଅଭିଯାନ ପରିଚାଳିତ ହୋଇଥିଲା । ଏହା ସହ ଓଡ଼ିଶା ରାଇଟ ଟୁ ପବ୍ଲିକ୍ ସର୍ଭିସେସ୍ ଆକ୍ଟ ବିଷୟରେ ଶିକ୍ଷାର୍ଥୀ ଏବଂ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ବେଟି ବଚାଓ ବେଟି ପଢାଓ ଏବଂ ତମାଖୁକୁ ନା ବିଷୟରେ ସଚେତନତା ରାଲି ଆୟୋଜନ କରିଥିଲେ। ଏହା ବ୍ୟତୀତ ସାକ୍ଷରତା ସର୍ଭେ, ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ନିଃଶୁଳ୍କ ଆଖି ପରୀକ୍ଷା ଶିବିର ଏବଂ ସାଧାରଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ମାନପତ୍ର ଦିଆଯାଇଥିଲା ।

## ସୁନା ମୂଲ୍ୟ ୭ ହଜାର କମିଲା

### ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ହ୍ରାସ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଭାରତୀୟ ବଜାରରେ ଗୁରୁବାର ସୁନା ଓ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ବା 'କ୍ରାସ' ଦେଖିବାକୁ ମିଳିଛି। ବିଶ୍ୱ ବଜାରରେ କମୋଡିଟି ବିକ୍ରିର ଚାପ ଏବଂ ଆମେରିକୀୟ ଡଲାରର ମଜଭୁତ ସ୍ଥିତି ଯୋଗୁ ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ଏବଂ ସୁନା ୧୦ ଗ୍ରାମ୍ ପିଛା ୭,୦୦୦ ଟଙ୍କା ହ୍ରାସ ପାଇଛି।

ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ ଅନୁଯାୟୀ, ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୭ ପ୍ରତିଶତ ହ୍ରାସ ପାଇ ୨,୩୮,୭୦୦ ଟଙ୍କାରେ ପହଞ୍ଚିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଜାନୁଆରୀ ୨୯ ତାରିଖରେ ଥିବା ୪,୦୪,୫୦୦ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରରୁ ରୁପା ଏବେ ସୁଦ୍ଧା ୪୧ ପ୍ରତିଶତ ଶସ୍ତା ହୋଇସାରିଛି। ସେହିପରି ୯୯.୯% ଶୁଦ୍ଧତା ବିଶିଷ୍ଟ ସୁନା ୭,୦୦୦ ଟଙ୍କା କମି ପ୍ରତି ୧୦ ଗ୍ରାମ୍ ୧,୫୩,୩୦୦ ଟଙ୍କା ହୋଇଛି। ସୁନା ମଧ ଏହାର ସର୍ବୋଚ୍ଚ ସ୍ତର (୧,୮୩,୦୦୦ ଟଙ୍କା)ରୁ ପ୍ରାୟ ୧୬.୨୩% ତଳକୁ ଖସି ଆସିଛି।

ଏଲ୍‌କେପି ସିକ୍ୟୁରିଟିଜ୍ ବିଶେଷଜ୍ଞ ଯତୀନ ତ୍ରିବେଦୀଙ୍କ କହିବାନୁଯାୟୀ, ବିଶ୍ୱସ୍ତରୀୟ ଅର୍ଥନୈତିକ କାରଣ ଏବଂ ଆମେରିକାର ଫେଡେରାଲ ରିଜର୍ଭର କଡ଼ା ନୀତି ଯୋଗୁ ନିବେଶକମାନେ ସୁନା, ରୁପା ବିକ୍ରି କରିବା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରତି ଆଉନ୍ସ ପିଛା ୪,୭୦୦ ଆମେରିକୀୟ ଡଲାରରୁ ତଳକୁ ଖସି ଆସିଛି, ଯାହା ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୩୦୦ ଡଲାରର ହ୍ରାସ ଘଟିଛି। ହଠାତ୍ ଦର ହ୍ରାସ ପାଇବା ଫଳରେ ସାଧାରଣ ଗ୍ରାହକ ଓ ଅଳଙ୍କାର କ୍ରେତାମାନେ ଆଶ୍ୱସ୍ତି ପାଇଥିବା ବେଳେ ନିବେଶକମାନେ ସତର୍କ ହୋଇଯାଇଛନ୍ତି। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ବଜାରରେ ବର୍ତ୍ତମାନ ଅସ୍ଥିରତା ଲାଗି ରହିବ, ତେଣୁ ନିବେଶ ପୂର୍ବରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

## ଓଡିଏମ୍‌ରେ 'ପିତୃ-ମାତୃ ପୂଜନ ଦିବସ'



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱରର ଶିଶୁବିହାର ପଟିଆସ୍ଥିତ ମୂଲ୍ୟବୋଧିକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୭ତମ ପ୍ରତିଷ୍ଠା ଦିବସକୁ 'ପିତୃ-ମାତୃପୂଜନ ଦିବସ' ଭାବରେ ପାଳନ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରତିଷ୍ଠାତା ଡ. ମୀନକେତନଙ୍କ ତତ୍ତ୍ୱାବଧାନରେ ଓଡିଏମ୍‌ର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାର୍ଥୀମାନଙ୍କ ଭିତରେ ପାରିବାରିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ପିତାମାତାଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ୱରଚିତ କବିତାଗୁଡ଼ିକୁ ନେଇ ଏକ ଇ-ମାଗାଜିନ୍ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ୫୧ କୁଣ୍ଡଳୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ଡ. ମୀନକେତନ ତାଙ୍କ ଭାଷଣରେ ପିତାମାତା ଜୀବନ୍ତ ଦେବତା, ତାଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ଜ୍ଞାନ କରିବା ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଡ.ଜ୍ୟୋତ୍ସ୍ନା ମହାପାତ୍ର, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାଉଡ଼ିଆ ଓ କଟକୁଲା ଗ୍ରାମକୁ ବୀମାଗ୍ରାମ ପୁରସ୍କାର

କୁଜଙ୍ଗ,୧୯।୩(ମନୋଜ ପ୍ରଧାନ)

ପାରାଦୀପ ଶାଖା ଜୀବନ ବୀମା ନିଗମ ପକ୍ଷରୁ କୁଜଙ୍ଗ ବ୍ଲକ୍‌ରେ ବୁଧବାର ବୀମା ଗ୍ରାମ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାରାଦୀପ ଶାଖା ପ୍ରବନ୍ଧକ ବିଶ୍ୱରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ବୀମା ନିଗମର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତକରି ଏହି ସଂସ୍ଥା ଲୋକମାନଙ୍କର ଜୀବନ ସାଥୀ ହୋଇ ପାରିଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ କଟକ ଡିଭିଜନର ପ୍ରଶାସନିକ ଅଧିକାରୀ ଜ୍ୟୋତିର୍ମୟ ରଥ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ ରଶ୍ମିରଞ୍ଜନ ପ୍ରଧାନ, କୋଠି ସରପଞ୍ଚ ଲକ୍ଷ୍ମୀଧର ସାହୁ, ନିରାକାର ରାଉତ ପ୍ରମୁଖ ଯୋଗଦେଇ ଏଲ୍‌ଆଇସି କିପରି ଜନସାଧାରଣଙ୍କ ସବୁ ସମୟର




ଅନ୍ତରଙ୍ଗ ବନ୍ଧୁ ହୋଇପାରିଛି ପ୍ରକାଶ କରିଥିଲେ। ଏହି ଅବସରରେ କଟକୁଲା ଓ ନାଉଡ଼ିଆ ଗ୍ରାମକୁ ଯଥାକ୍ରମେ ୧ ଲକ୍ଷ ଓ ୭୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକୁଲା ଗ୍ରାମ ପକ୍ଷରୁ ସଭାପତି ତ୍ରିଲୋଚନ ସ୍ୱାଇଁ, ଗୀତାଞ୍ଜଳୀ ବିଶ୍ୱାଳ, ସବିତା ପ୍ରଧାନ, ଅନନ୍ତ ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ପ୍ରହ୍ଲାଦ ପଲାଇ, ସ୍ନେହପ୍ରଭା ସ୍ୱାଇଁ, ଶର୍ମିଷ୍ଠା ସେବାଇଁ ଓ ନାଉଡ଼ିଆ ପକ୍ଷରୁ ସଭାପତି ମାନସ ସ୍ୱାଇଁ, ସମ୍ପାଦକ ପ୍ରିୟତମା ନାୟକ, ଏଲିନା ଖଣ୍ଡୁଆଳ, ଚୈତନ୍ୟ ବେହେରା, ହରେକୃଷ୍ଣ ନାୟକ, ସୁଭୟ ମହାନ୍ତି, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ଦାସ ମଞ୍ଚ ସଂଯୋଜନା କରିଥିଲେ। ସୁମନ୍ତ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବୁଦ୍ଧଦେବ ଦାସ,କାବୁ ରଣା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ୩ ଷ୍ଟେଶନରେ ଟ୍ରେନ୍‌ଗୁଡ଼ିକର ପରୀକ୍ଷାମୂଳକ ରହଣି

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଦୀର୍ଘଦିନର ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତକରିବା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ହରିଶ୍ଚନ୍ଦ୍ରପୁରମ ପିଏଚ୍, ମନ୍ଦାସା ରୋଡ୍ ଏବଂ ପାତପଟନମ ରେଳ ଷ୍ଟେଶନରେ ପରୀକ୍ଷାମୂଳକ ଭାବରେ କିଛି ଯାତ୍ରୀବାହୀ ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନଗୁଡିକର ରହଣି ପାଇଁ ଅନୁମୋଦନ କରିଛି। ଏହି ଅତିରିକ୍ତ ରହଣିଗୁଡ଼ିକ ନିକଟବର୍ତ୍ତୀ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧା ଏବଂ ସୁଗମ୍ୟତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ୨୦ ଠାରୁ କାର୍ଯ୍ୟକାରୀ ଏହି ରହଣି କାର୍ଯ୍ୟକାରୀ ହେବ। ୫୮୫୦୬ ବିଶାଖାପାଟଣା ଗୁଣପୁର ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସକାଳ ୮ଟା ୩୩ ରେ ପହଞ୍ଚିବ ଏବଂ ସକାଳ ୮ଟା ୩୪ରେ ପ୍ରସ୍ଥାନ କରିବ। ସେହିପରି ଫେରିବା ଦିଗରେ ଟ୍ରେନ୍ ନମ୍ବର ୫୮୫୦୫ ଗୁଣପୁର- ବିଶାଖାପାଟଣା ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସନ୍ଧ୍ୟା ୫ଟା ୧୮ରେ ପହଞ୍ଚିବ ଏବଂ ସନ୍ଧ୍ୟା ୫ଟା ୧୯ରେ ଛାଡ଼ିବ। ୧୮୫୨୬ ବିଶାଖାପାଟଣା - ବ୍ରହ୍ମପୁର ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସନ୍ଧ୍ୟା ୭ଟା ୩ରେ ପହଞ୍ଚିବ ଏବଂ ୭ଟା ୪ରେ ଛାଡ଼ିବ। ଫେରିବା ଦିଗରେ ୧୮୫୨୫ ବ୍ରହ୍ମପୁର ବିଶାଖାପାଟଣା ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସକାଳ ୧୦ଟା ୩୮ରେ ପହଞ୍ଚିବ ଏବଂ ୧୦ଟା ୩୯ରେ ଛାଡ଼ିବ। ୧୮୧୧୭ ରାଉରକେଲା ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ୧୧ଟା ୫୧ରେ ପାତପଟନମରେ ପହଞ୍ଚିବ ଏବଂ ୧୧ଟା ୫୨ରେ ଛାଡ଼ିବ। ଫେରିବା ଦିଗରେ ୧୮୧୧୮ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ପାତପଟନମରେ ସନ୍ଧ୍ୟା ୫ଟା ୧୨ ପହଞ୍ଚିବ ଏବଂ ୫ଟା ୧୩ରେ ଛାଡ଼ିବ।

## ଗ୍ରୀସ୍‌ରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳି

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳିମାନେ ଗ୍ରୀସ୍‌ର ଏଥେନ୍ସରେ ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ୍ରୋପୋଲିସ୍ ଅନ୍ତର୍ଜାତୀୟ ଉଷୁ ଓପନ ଟୁର୍ଣ୍ଣାମେଣ୍ଟରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ହଷ୍ଟେଲର ୨ଜଣ ପ୍ରତିଭାବାନ୍ ଖେଳାଳି ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଅଣ୍ଡର-୧୪ ବର୍ଷ ବାଳିକା ୩୯ କିଲୋଗ୍ରାମ ବର୍ଗରେ ପ୍ରତିଯୋଗିତା କରିଥିବା ସବିନୀ ମୁଣ୍ଡା ଫାଇନାଲରେ ଫ୍ରାନ୍ସର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତକରି ସ୍ୱର୍ଣ୍ଣପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ତାଙ୍କର ନିଷ୍ଠା, ଅନୁଶାସନ ଓ ହଷ୍ଟେଲରେ ପ୍ରାପ୍ତ ଉଚ୍ଚମାନର ତାଲିମର ପରିଚୟ ଦେଉଛି। ସିନିୟର ମହିଳା ୪୮ କିଲୋଗ୍ରାମ ବର୍ଗରେ ମଞ୍ଜୁ ମୁଣ୍ଡା ପ୍ରଶଂସନୀୟ ଦକ୍ଷତା ଓ ଦୃଢ଼ତା ପ୍ରଦର୍ଶନ କରି ଫାଇନାଲରେ ଗ୍ରିସର ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ କଠିନ ଲଢ଼େଇ ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ହଷ୍ଟେଲର ଅନ୍ତର୍ଜାତୀୟ ଖ୍ୟାତିକୁ ଆହୁରି ବଢ଼ାଇଛି। ନବୀନ ଜିନ୍ଦାଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ଗ୍ରାମାଞ୍ଚଳ ଓ ଅଣସଂରକ୍ଷିତ ବର୍ଗର ଯୁବତୀଯୁବକଙ୍କୁ କ୍ରୀଡ଼ା ପ୍ରତିଭା ବିକାଶରେ ନିୟୁକ୍ତ। ଓଡ଼ିଶାର ଆଦିବାସୀ ପ୍ରଧାନ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ଅବସ୍ଥିତ ଏହି ହଷ୍ଟେଲରେ ପ୍ରାୟ ୬୦ ଜଣ ପ୍ରତିଭାବାନ୍ ଖେଳାଳିଙ୍କୁ ସିବିଏସ୍‌ଇ ଆଧାରିତ ଶିକ୍ଷା ସହିତ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା ଯୋଗାଇ ଦିଆଯାଉଛି।



## ଯୋଡ଼ିହେଲେ ଏୟାରଟେଲର ୪୪.୦୬ ଲକ୍ଷ, ଜିଓର ୨୪.୩୭ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭାରତୀୟ ଟେଲିକମ୍ ନିୟନ୍ତ୍ରକ (ଟ୍ରାଇ) ଦ୍ୱାରା ପ୍ରକାଶିତ ଜାନୁଆରୀ ୨୦୨୬ର ମାସିକ ତଥ୍ୟ ଅନୁଯାୟୀ, ଭାରତୀ ଏୟାରଟେଲ ଜାନୁଆରୀରେ ୪୪.୦୬ ଲକ୍ଷ ବେତାର ଗ୍ରାହକ ଯୋଡ଼ି ବଡ଼ ଲାଭ ହାସଲ କରିଛି। ଅନ୍ୟପଟେ ରିଲାଏନ୍ସ ଜିଓ ୨୪.୩୭ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଜିଓର ମୋଟ ୱାୟାରଲେସ୍ ଗ୍ରାହକ ସଂଖ୍ୟା ୪୯.୧୪ କୋଟିରେ ପହଞ୍ଚିଛି। ଏୟାରଟେଲ ଡିସେମ୍ବର ୨୦୨୫ରେ ୪୬.୩୩ କୋଟି ଗ୍ରାହକଠାରୁ ବଢ଼ି ଜାନୁଆରୀରେ ୪୬.୭୭ କୋଟିରେ ପହଞ୍ଚିଛି। ଭୋଡାଫୋନ ଆଇଡିଆ ୪.୧୧ ଲକ୍ଷ ଗ୍ରାହକ ହରାଇଛି, ଫଳରେ ତାହାର ୱାୟାରଲେସ୍ ଗ୍ରାହକ ସଂଖ୍ୟା ୧୯.୯ କୋଟିକୁ ଖସିଛି।

## ରାୟଗଡ଼ା ଡିଭିଜନ ନିରୀକ୍ଷଣକଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂଘଲଙ୍କ ସହ ରାୟଗଡ଼ା ଡିଭିଜନର ନିରୀକ୍ଷଣ କରିଛନ୍ତି। ଏହି ସମୟରେ ରାୟଗଡ଼ାରେ ଚାଲିଥିବା ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟଗୁଡିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡ଼ା-ସିଙ୍ଗାପୁର ରୋଡ୍-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେଶନ ୟାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟଗୁଡିକର ଫୁଙ୍କୱାଲ ଏକ ବିସ୍ତୃତ ଯାଞ୍ଚ କରିଥିଲେ। ସେ ଟ୍ରାକ୍ ସ୍ଥିତି, ସିଗ୍‌ନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା



ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ରାୟଗଡ଼ା ରେଳ ଷ୍ଟେଶନକୁ ମଧ ପରିଦର୍ଶନ କରି ଯାତ୍ରୀ ସୁବିଧାଗୁଡିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ରେଳ ଅଧିକାରୀମାନଙ୍କ ସହ ଆଲୋଚନାକରି ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡାକଡି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**ଡା. ଦୁର୍ଗାମାଧବ ଶତପଥୀ ହେଲେ ନୂଆ ଡିଏମ୍‌ଇଟି**

ଭୁବନେଶ୍ୱର, (ବନ୍ଦନା ସେଠୀ): ଡା. ଦୁର୍ଗାମାଧବ ଶତପଥୀ ନୂତନ ଡିଏମ୍‌ଇଟି (ଡାଇରେକ୍ଟରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ) ଭାବେ ନିଯୁକ୍ତି ପାଇଛନ୍ତି। ସେ ଏମ୍‌କେସିଜି ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଉଥିଲେ। ଅପରପକ୍ଷେ ପୂର୍ବରୁ ଡିଏମ୍‌ଇଟି ଥିବା ଡା. ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍‌ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।



# ପ୍ରସାଦ ଡାଲମାରେ ମଲାସାପ

## ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନାରେ ଭିଡ଼



ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଲୋକମାନେ ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭିଡ଼ ଜମାଇଛନ୍ତି।

ପଟ୍ଟାମୁଣ୍ଡାଇ, ୧୯।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁରେ ଭାଗବତ ସପ୍ତାହ ଚାଲିଥିଲା। ବୁଧବାର ରାତିରେ ୪୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ପରଷା ଯାଇଥିଲା। ମାତ୍ର ପ୍ରସାଦ ଦେବା ସମୟରେ ଡାଲମା ହଣ୍ଡାରେ ଏକ ବିଷଧର ସାପ ପଡିଥିବା ଦେଖିବାକୁ ମିଳିଥିଲା। ସେତେବେଳକୁ ଅନେକ ଲୋକ ଡାଲମା ଖାଇ ସାରିଥିଲେ। ଏ କଥା ପ୍ରଚାରିତ ହେବା ପରେ ଲୋକଙ୍କ ଭିତରେ ଭାଳେଣି ପଡିଥିଲା। ଭୟରେ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିଥିବା ନେଇ ମେଡିକାଲ ଅଫିସର ନିରାକାର ପରିଡା କହିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ଚିକିତ୍ସା ପରେ ଗୁରୁବାର ସକାଳୁ ଏକ ଡାକ୍ତରୀ ଦଳ ପୌର ପରିଷଦର ୧୦ ନମ୍ବର ୱାର୍ଡ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ସମସ୍ତେ ସୁସ୍ଥ ଥିବା ସେ କହିଛନ୍ତି। ଜଣେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଚିତି, ରଣା, ବୋଡା ଓ ଝିଟିପିଟି ଚମଡା ବା କାତିରେ ବିଷ ଥାଏ। ସେହି ସାପ ଖାଦ୍ୟରେ ପଡିବା ମାତ୍ରେ ବିଷାକ୍ତ ହୋଇଯାଏ, ଯାହା ଶରୀରକୁ ହାନି ପହଞ୍ଚାଏ। ମାତ୍ର ଅନ୍ୟ ସାପ ରାଗିଲେ ଏକ ତରଳ ବିଷ ନିର୍ଗତ ହୁଏ। ଚୋଟ ମାରିଲେ ବିଷ ଶରୀରରେ ପ୍ରବେଶ କରି କ୍ଷତି ଘଟାଇଥାଏ। ସାଧାରଣତଃ ରନ୍ଧା ହୋଇଥିବା ବିଷାକ୍ତ ସାପ ଖାଇବାକୁ ନିରାପଦ ବୋଲି ବିବେଚନା କରାଯାଏ। କାରଣ ରନ୍ଧା ହେଲେ ପାକସ୍ଥଳୀ ଏସିଡ୍ ଦ୍ୱାରା ବିଷ(ପ୍ରୋଟିନ୍) ନଷ୍ଟ ହୋଇଯାଏ। ତଥାପି ଯଦି ପାଟି, ଗଳା କିମ୍ବା ପେଟରେ କୌଣସି ଘା କିମ୍ବା କ୍ଷତ ଥାଏ, ତେବେ ବିଷ ରକ୍ତ ପ୍ରବାହରେ ମିଶି ମାରାତ୍ମକ ହୋଇପାରେ। ସାପର ବିଷ ଗ୍ରନ୍ଥି ଦ୍ୱାରା ଉତ୍ପାଦିତ ହୁଏ ଏବଂ ସାପର ମୁଣ୍ଡ ପଛପଟ ଆଖି ପଛରେ ଥିବା ଆଲଭିଓଲିରେ ସଂରକ୍ଷିତ ହୁଏ। ବିଷ କେବଳ ଏହି ସ୍ଥାନରେ ରହିଥାଏ। ବିଷ ସାପର ଶିରା ମାଧ୍ୟମରେ କିମ୍ବା ତାର ମାଂସପେଶୀ (ମାଂସ) ମାଧ୍ୟମରେ ପ୍ରବାହିତ ହୁଏ ନାହିଁ। ଯଦି ସାପ ମୁଣ୍ଡ କାଟି ଦିଆଯାଏ ତେବେ ଏହା ଖାଇବା ପାଇଁ ନିରାପଦ ହେବ। ଯଦି ମୁଣ୍ଡକୁ ଖାଇବେ ଏହା କ୍ଷତିକାରକ ବୋଲି ସେ କହିଛନ୍ତି।

# ପିତୁ କାରଖାନାରେ ଅଗ୍ନିକାଣ୍ଡ



ପିତୁ କାରଖାନାରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀ ପ୍ରୟାସ କରୁଛନ୍ତି।

ସମ୍ବଲପୁର, ୧୯।୩ (ପ୍ରମୋଦ ବହିଦାର)

ସମ୍ବଲପୁର ସହର ଉପକଣ୍ଠ ସଦର ଥାନା ଅନ୍ତର୍ଗତ ଜୟନ୍ତପୁରଠାରେ ଥିବା 'ଅଗ୍ରୱାଲ ରସାୟନ' ନାମକ ଏକ ପିତୁ କାରଖାନାରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନାର ବହୁ ସମ୍ପତ୍ତି ନଷ୍ଟ ହୋଇଛି। କାରଖାନାର ଏକ ସାମ୍ପଲ ଭାଲ୍‌ଭରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗରମ ପିତୁ ଉଚ୍ଛୁଳି ବାହାରେ ପଡ଼ିଥିଲା। ଏହା ସଂସ୍ପର୍ଶରେ ଆସି ନିକଟରେ ଥିବା ଅନ୍ୟ ଦହନଶୀଳ ସାମଗ୍ରୀ ଓ ଫର୍ନେସ୍ ଅଏଲ୍‌ରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ବ୍ୟାପିଯାଇ ସମଗ୍ର ଅଞ୍ଚଳ କଳାଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। କାରଖାନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ସମ୍ବଲପୁର ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ରାଉଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ ସମ୍ବଲପୁରର ଦୁଇଟି ଦମକଳ ଗାଡ଼ି ସହ ମାନେଶ୍ୱର ଅଗ୍ନିଶମ କେନ୍ଦ୍ର ଓ ଫାୟାର ଷ୍ଟ୍ରାଇକିଂ ଫୋର୍ସ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପିତୁ ଓ ତେଲଜନିତ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବାହିନୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ମାତ୍ର ଅଗ୍ନିଶମ ବାହିନୀ 'ଫୋମ୍ ମେକାନିଜମ୍'ର ଉପଯୋଗରେ ପ୍ରାୟ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିପାରିଥିଲେ ବୋଲି ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ରାଉଳ କହିଛନ୍ତି। ତେବେ କାରଖାନା ନାମରେ ବୈଧ ଅଗ୍ନିଶମ ସାର୍ଟିଫିକେଟ୍(ଏଫ୍‌ଏସ୍‌ସି) ନ ଥିବାରୁ ବିଭାଗ ପକ୍ଷରୁ ପୂର୍ବରୁ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି। ତେବେ କାରଖାନା ପ୍ରବନ୍ଧକ ମାନସ ଦେହୁରୀ ଏଫ୍‌ଏସ୍‌ସି ଥିବା କହିଛନ୍ତି।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

ପାପଡ଼ାହାଣ୍ଡି, ୧୯।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଖର୍କିଆଗୁଡ଼ା ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ସଂଗ୍ରାମ ଯାନୀ। ସୂଚନାନୁଯାୟୀ ଖର୍କିଆଗୁଡ଼ା ଗ୍ରାମର ସଂଗ୍ରାମ ଛେଳି ଚୋରାଇବା ପାଇ ଗାଁ ନିକଟସ୍ଥ ଖାଲି ପଡ଼ିଆକୁ ଯାଇଥିଲେ। ଛେଳି ଚରାଇବା ସମୟରେ ମହୁମାଛି ହଠାତ ଆତର୍କିତ ଆକ୍ରମଣ କରିଥିଲେ। ସଂଗ୍ରାମ ପାଟି କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଡାବୁଗାଁ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

# ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ(ସିପିଇଟି) ପାଇଁ ଆବେଦନ ସମୟ ସୀମା ବୃଦ୍ଧି କରାଯାଇଛି। ଆଗ୍ରହୀ ଛାତ୍ରୀଛାତ୍ର ମାର୍ଚ୍ଚ ୨୨ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ପୂର୍ବରୁ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଲାଗି ମାର୍ଚ୍ଚ ୧୮ ଶେଷ ତାରିଖ ରହିଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନ ସମୟସୀମା ବୃଦ୍ଧି କରାଯାଇଛି ବୋଲି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ଛାତ୍ରୀଛାତ୍ରଙ୍କୁ ସିପିଇଟି ଦେବାକୁ ପଡ଼ିବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ କରାଯାଇ ଠିକ ସମୟରେ ପରୀକ୍ଷା ସହ ଫଳାଫଳ ଘୋଷଣା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ବସ୍-ବୁଲେଟ ଧକ୍କା, ୩ ସାଙ୍ଗ ମୃତ

ବ୍ରହ୍ମପୁର, ୧୯।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ପାଟପଲ୍ଲୀ ଛକ ନିକଟ ବୁଲାଣି ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ସରକାରୀ ବସ୍ ଓ ବୁଲେଟ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାଣିଆକାଠି ଗ୍ରାମର ଶଙ୍କର ଗୌଡ଼(୨୨), ଟିଲୁ ଗୌଡ଼ (୨୦) ଓ ସିଲୁ ମୁଳି (୨୧)। ୩ ସାଙ୍ଗ ନମ୍ବରବିହୀନ ଏକ ବୁଲେଟ୍‌ରେ ଫେରୁଥିବା ବେଳେ ସରକାରୀ ବସ (ନଂ. ଓଡି ଏଟି ୯୫୧୫) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ବୁଲେଟ ଆରୋହୀ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ ଓ ବୁଲେଟ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବସ ଚାଳକଙ୍କୁ ଅଟକ ରଖି ଜେରା କରାଯାଉଥିବା ଥାନାଧିକାରୀ ସୁନୀଲ ପ୍ରଧାନ ସୂଚନା ଦେଇଛନ୍ତି।

# ଜଗତ୍‌ସିଂହପୁରରେ ନର୍ସିଂ କଲେଜ ପ୍ରତିଷ୍ଠା ଦାବିକଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ବର୍ତ୍ତମାନ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଚାହିଦା ବଢ଼ିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଜିଲାରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସେ ଚିଠି ଲେଖିଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ, କ୍ଲିନିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ତାଲିମପ୍ରାପ୍ତ ନର୍ସଙ୍କର ଆବଶ୍ୟକତା ରହିଛି। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦକ୍ଷ ଓ ସେବା ମନୋବୃତ୍ତି ରଖୁଥିବା ପେସାଦାର ନର୍ସ ପ୍ରସ୍ତୁତ କରିଥାଏ ନର୍ସିଂ କଲେଜ। ଏହା ରୋଗୀଙ୍କର ଠିକ୍ ଭାବେ ଯତ୍ନ ନେବା ଓ ଡାକ୍ତରଙ୍କୁ ସହାୟତା କରିବା ନେଇ ପ୍ରଶିକ୍ଷଣ ଦେଇଥାଏ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହ ହସ୍ପିଟାଲ ଉପରୁ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ। ଜଗତ୍‌ସିଂହପୁରରେ ଜନସଂଖ୍ୟା ବଢୁଥିବା ବେଳେ ବର୍ଦ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ନର୍ସିଂ କଲେଜର ଆବଶ୍ୟକତା ରହିଛି। ଦୀର୍ଘଦିନ ଧରି ଜଗତ୍‌ସିଂହପୁର ଜିଲାବାସୀ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ତେଣୁ ଜିଲାବାସୀଙ୍କ ଶିକ୍ଷାଗତ ଆଶା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ବିଚାର କରି ଏଦିଗରେ ଯଥାଶୀଘ୍ର ହସ୍ତକ୍ଷେପ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

## ଶନିବାର ପାଳନ ହେବ ଇଦ୍

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ଇସ୍‌ଲାମର ସବୁଠାରୁ ପବିତ୍ର ଓ ଆନନ୍ଦଦାୟକ ପର୍ବ 'ଇଦ୍ ଉଲ୍ ଫିତର' ପାଇଁ ସାରା ବିଶ୍ୱରେ ଉତ୍ସବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ରମ୍‌ଜାନ ମାସର ଶେଷ ଦିନ। ହେଲେ ଗୁରୁବାର ରାଜ୍ୟର କୌଣସି ସ୍ଥାନରେ ଚନ୍ଦ୍ର ଦେଖାଯାଇ ନ ଥିବାରୁ ଶୁକ୍ରବାର ପରିବର୍ତ୍ତେ ଶନିବାର ଇଦ୍ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଭୁବନେଶ୍ୱର ୟୁନିଟ୍-୪ ଜାମା ମସ୍‌ଜିଦ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଭୋଟର ତାଲିକା ସଂଶୋଧନରେ ଅବହେଳା: ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଜିଲା ନିର୍ବାଚନ ଅଧିକାରୀ ତଥା ବିଏମ୍‌ସି କମିଶନର ଚଞ୍ଚଳ ରାଣା ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଧାରା ୩୨(୧) ଆଧାରରେ ଚନ୍ଦ୍ରଶେଖରପୁର ଫେଜ-୨ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଶ୍ମି ସାହୁଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ସେ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତ୍ତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି।

# ଟ୍ରକକୁ ଧକ୍କା ଦେଇ ଡିଭାଇଡରରେ ପିଟି ହେଲା ଆଳୁ ବୋଝେଇ ଟ୍ରକ, ୨ ମୃତ



ଦୁର୍ଘଟଣାଗ୍ରସ୍ତ ଆଳୁ ବୋଝେଇ ଟ୍ରକ।

ସୋର, ୧୯।୩ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ତଳନଗର ପୋଲ ଉପରେ ଏକ ଆଳୁ ବୋଝେଇ ଟ୍ରକ ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇ ଡିଭାଇଡର ପିଟି ହୋଇଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗୁରବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ଏହି ଆଳୁ ବୋଝେଇ ଟ୍ରକ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ତଳନଗର ନିକଟରେ ଧକ୍କା ଦେବା ପରେ ଟ୍ରକ ଚାଳକ ଓ ହେଲପର ଆଳୁବସ୍ତା ସହ ପୋଲ ତଳକୁ ଖସି ଚାପିହୋଇ ରହିଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୀର୍ଘସମୟ ପରେ ଉଭୟଙ୍କୁ ଉଦ୍ଧାର କରି ସୋର ଆଣିଥିଲେ। ସେଠାରେ ଡାକ୍ତର ଟ୍ରକ ଚାଳକ କାଲୁ ରାୟ ଓ ହେଲପର ପ୍ରସନ୍ନଜିତ ସିଂଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଉଭୟ ମୃତକଙ୍କ ପରିବାର ଲୋକେ ପହଞ୍ଚି ନ ଥିବାରୁ ଶବ ବ୍ୟବଚ୍ଛେଦ ନ ହୋଇ ସଂରକ୍ଷଣ ଗୃହରେ ରଖାଯାଇଛି।

## ଅବଶିଷ୍ଟାଂଶ

### କାତାର ଏଲ୍‌ଏନ୍‌ଜି ପ୍ଲାଣ୍ଟ ...

ଇରାନର ଆକ୍ରମଣ ପରେ ହୋଇଥିବା କ୍ଷୟକ୍ଷତିକୁ ଏନର୍ଜି ଫାର୍ମ ସେଲ୍ ଆକଳନ କରୁଛି। କାତାର ଏନର୍ଜୀ ସହ ସେଲ୍ ମିଳିତ ଭାବେ ପିଅର୍ଲ ଜିଟିଏଲ୍ ଏବଂ ରାସ୍ ଲାଫାନ ସହରରେ ଥିବା ଗ୍ୟାସ୍ ପ୍ଲାଣ୍ଟର କ୍ଷତିକୁ ଅନୁଧ୍ୟାନ କରୁଛି।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଛନ୍ତି। ସେ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ କ୍ରୋଧରେ ଇସ୍ରାଏଲ୍ ହିଂସ୍ର ଭାବରେ ସାଉଥ୍ ପାର୍ସ ଫାସିଲିଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣ ସହ କାତାରର କୌଣସି ସମ୍ପର୍କ ନାହିଁ। ଏହା ସତ୍ତ୍ୱେ ତେହରାନ୍ ଏହାର ବିଭିନ୍ନ ତୈଳ ଓ ଗ୍ୟାସ୍ ପ୍ଲାଣ୍ଟ ଉପରେ ଆକ୍ରମଣ କରିଛି। ଇରାନ ଏଭଳି କାର୍ଯ୍ୟ ଜାରି ରଖିଲେ ଏହାର ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ ଆହୁରି ଜୋର୍‌ଦାର ଆକ୍ରମଣ ହେବ ବୋଲି ଟ୍ରମ୍ପ କହିଛନ୍ତି।

ମଧ୍ୟପ୍ରାଚ୍ୟର ପ୍ରମୁଖ ଶକ୍ତି ଉତ୍ପାଦନକାରୀ ଅଞ୍ଚଳ ଏବଂ ଜଳପଥରେ ଭୟଙ୍କର ଯୁଦ୍ଧ ଲାଗିରହିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧିକୁ ନେଇ ୟୁରୋପୀୟ ସଂଘ (ଇୟୁ)ର ନେତାମାନେ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅବରୋଧ ହୋଇଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୈନ୍ୟ ପଠାଇବା ପାଇଁ ପୂର୍ବରୁ ଟ୍ରମ୍ପ କରିଥିବା ଅନୁରୋଧକୁ ଅଧିକାଂଶ ଇୟୁ ନେତା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଯୁଦ୍ଧ ଯୋଗୁ ନୂଆ ଶରଣାର୍ଥୀ ସଙ୍କଟ ସୃଷ୍ଟି ହେବାକୁ ଯାଉଥିବା ୟୁରୋପ ଆଶଙ୍କା ପ୍ରକଟ କରିଛି। ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକର ୨୭ ଜଣ ନେତାଙ୍କ ବୈଠକ ପୂର୍ବରୁ ଶକ୍ତି ସଙ୍କଟକୁ ନେଇ ବେଲ୍‌ଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡେ ୱେଭର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୁଦ୍ଧ ପୂର୍ବରୁ ତୈଳ ଦର ଅଧିକ ରହିଥିବାବେଳେ ଏବେ ତାହା ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଏହା ସମସ୍ତଙ୍କୁ ବହୁ ଅସୁବିଧାରେ ପକାଇବ ବୋଲି ସେ କହିଛନ୍ତି। ଇନ୍ଧନ ସମସ୍ୟାର ସମାଧାନ ପାଇଁ କେତେକ ପଦକ୍ଷେପ ନେବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ଏହା ଉପରେ ଆଲୋଚନା ପାଇଁ ୟୁରୋପୀୟ କମିଶନ ନେତାମାନଙ୍କୁ କହିଛନ୍ତି। ପବିତ୍ର ରମ୍‌ଜାନ ମାସରେ ମଧ୍ୟପ୍ରାଚ୍ୟରେ ଇଦ୍ ପାଳନ ହେବାକୁ ଯାଉଥିବାବେଳେ ଯୁଦ୍ଧବିରତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଆହ୍ୱାନ ଦେଇଛନ୍ତି।

ଯୁଦ୍ଧ ଯୋଗୁ ଭାରତକୁ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ କାତାର ଗ୍ୟାସ୍ ପ୍ଲାଣ୍ଟ ଉପରେ ଆକ୍ରମଣ ଭାରତ ପାଇଁ ଆହୁରି ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଫ୍ରାନ୍ସ ରାଷ୍ଟ୍ରପତି ମାକରଁ, ଓମାନ୍ ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍ ଏବଂ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଯୁଦ୍ଧ ବନ୍ଦ କରିବା ସହ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ମୁକ୍ତ ଓ ନିରାପଦ ଜାହାଜ ଚଳାଚଳର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଉତ୍ତେଜନା ବନ୍ଦ କରି ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଆଲୋଚନା ଓ କୂଟନୈତିକ ସ୍ତରରେ ଉଦ୍ୟମକୁ ପ୍ରାଥମିକତା ଦେବା ଉପରେ ସବୁ ନେତା ସହମତ ହୋଇଥିବା ମୋଦି କହିଛନ୍ତି।

### 'ଶକ୍ତି ତଥ୍ୟ' ଏବେ ...

ବ୍ୟାରେଲ ପିଛା ପ୍ରାୟ ୧୧୫ ଆମେରିକୀୟ ଡଲାର ଅତିକ୍ରମ କରିଛି। ଯୁଦ୍ଧ ବନ୍ଦ ହେବା ଏବଂ ତୈଳ ଓ ଗ୍ୟାସ୍ ପରିବହନ ସ୍ୱାଭାବିକ ହେବାରେ ଅନିଶ୍ଚିତତା ରହିଥିବାରୁ ବିଶାଳ ଉପଭୋକ୍ତା ବଜାର ଭାରତ ପାଇଁ ଚିନ୍ତା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ତୈଳ ଓ ଗ୍ୟାସ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବା 'ଶକ୍ତି ତଥ୍ୟ'କୁ ଏବେ 'ରାଷ୍ଟ୍ରୀୟ ସୁରକ୍ଷା' ବର୍ଗରେ ସାମିଲ କରାଯାଇଛି। ତଦନୁଯାୟୀ ଏଣିକି ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ଓ ଘରୋଇ କମ୍ପାନୀ ସେମାନଙ୍କର ପ୍ରତିଦିନର ବ୍ୟବସାୟିକ କାର୍ଯ୍ୟକଳାପ ସରକାରଙ୍କୁ ଜଣାଇବାକୁ ବାଧ୍ୟ। ଏହାଦ୍ୱାରା ସରକାର ଷ୍ଟକ୍ ବିଷୟରେ ସବୁକଥା ଜାଣି ତଦନୁଯାୟୀ ପଦକ୍ଷେପ ନେଇପାରିବେ।

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ଯେଉଁଭଳି ଭାବେ ଗ୍ୟାସ୍ ଏବଂ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି, ତାହାକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶର ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଏକ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଶକ୍ତି ତଥ୍ୟକୁ ରାଷ୍ଟ୍ରୀୟ ସୁରକ୍ଷାର ମାନ୍ୟତା ଦିଆଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ନିୟୋଜିତ ଥିବା ରିଫାଇନର୍ସ, ଏଲ୍‌ଏନ୍‌ଜି ଇମ୍ପୋର୍ଟର୍ସ, ପାଇପ୍‌ଲାଇନ୍ ଅପରେଟର୍ସ ଆଦି ସରକାରୀ ଏବଂ ଘରୋଇ କମ୍ପାନୀ ନିଜର ପ୍ରତିଦିନର ତଥ୍ୟ ସରକାରଙ୍କୁ ଦେବାକୁ ବାଧ୍ୟ। ଏଥିରେ ସେମାନଙ୍କର ଉତ୍ପାଦନ, ଆମଦାନୀ, ଷ୍ଟକ୍ ଏବଂ ବ୍ୟବହାରର ସବିଶେଷ ବିବରଣୀ ରହିବ। ସରକାର 'ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍' (ପିପିଏସି)କୁ ଏହି ସମସ୍ତ ତଥ୍ୟ ସଂଗ୍ରହ ଓ ବିଶ୍ଲେଷଣ କରିବାକୁ ଦାୟିତ୍ୱ ଦେଇଛନ୍ତି।

କମ୍ପାନୀଗୁଡ଼ିକ ପୂର୍ବରୁ ଅନେକ ତଥ୍ୟକୁ 'ବ୍ୟବସାୟିକ ଗୋପନୀୟତା' କହି ପ୍ରକାଶ କରୁ ନ ଥିଲେ। ମାତ୍ର ସରକାରଙ୍କ ଏହି ନୂଆ ନିର୍ଦ୍ଦେଶ 'ପେଟ୍ରୋଲିୟମ୍ ଆଣ୍ଡ୍ ନାଚୁରାଲ ଗ୍ୟାସ୍ ଅର୍ଡର-୨୦୨୬' ସେହି ସବୁ ପୁରୁଣା ଚୁକ୍ତିକୁ ରଦ୍ଦ କରିଦେଇଛି। କୌଣସି କମ୍ପାନୀ ତଥ୍ୟ ଦେବାକୁ ମନା କରିପାରିବେ ନାହିଁ। ଭାରତ ୮୮% ଅଶୋଧିତ ତୈଳ ଏବଂ ୫୦% ପ୍ରାକୃତିକ ଗ୍ୟାସ୍ ପାଇଁ ବିଦେଶ ଉପରେ ନିର୍ଭର କରେ। ଯୁଦ୍ଧ ଯୋଗୁ ହର୍ମୁଜ ପ୍ରଣାଳୀ ଦେଇ ଯୋଗାଣ ପ୍ରାୟତଃ ବନ୍ଦ ହୋଇଥିବାରୁ ଭାରତର ଏଲ୍‌ପିଜି ଏବଂ ଅନ୍ୟାନ୍ୟ ଗ୍ୟାସ ଯୋଗାଣରେ ବଡ଼ ଅଭାବ ଦେଖାଦେଇଛି। ବିକଳ୍ପ ଭାବେ ତୈଳ ପାଇଁ ଭାରତ ରୁଷିଆ, ଆମେରିକା, ପଶ୍ଚିମ ଆଫ୍ରିକା ଏବଂ ଲାଟିନ ଆମେରିକା ଉପରେ ନିର୍ଭର କରୁଥିଲେ ମଧ୍ୟ ଗ୍ୟାସ୍ କ୍ଷେତ୍ରରେ ଏବେ ବି ସମସ୍ୟା ରହିଛି। ଏଭଳିସ୍ଥଳେ ଏକ 'ରିଏଲ୍-ଟାଇମ୍ ଡାଟା ଫ୍ରେମ୍‌ୱର୍କ' ରହୁ ବୋଲି ଭାରତ ସରକାର ଚାହୁଁଛନ୍ତି। ଯଦ୍ୱାରା ଯୋଗାଣ ବନ୍ଦ ହେଲେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ। ବିଶେଷକରି ଶକ୍ତି, ସାର, ଘରୋଇ ଏଲ୍‌ପିଜି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇପାରିବ। ଦେଶରେ କେତେ ଷ୍ଟକ୍ ଅଛି, ତାହା ସରକାରଙ୍କୁ ଠିକ୍ ଭାବେ ଜଣାପଡ଼ିବ। ଏହି ପଦକ୍ଷେପ ଦ୍ୱାରା ଭାରତର ଏନର୍ଜି ସିକ୍ୟୁରିଟି ବା ଶକ୍ତି ସୁରକ୍ଷା ମଜଭୁତ ହେବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ଚାଇନା ଭଳି ଭାରତ ଏପର୍ଯ୍ୟନ୍ତ ରପ୍ତାନି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ନାହିଁ। କିନ୍ତୁ ଶକ୍ତି ତଥ୍ୟ ଆଧାରରେ ସରକାର ଭବିଷ୍ୟତରେ 'ଟାର୍ଗେଟେଡ୍ ଇଣ୍ଟରଭେନଶନ' ବା ଲକ୍ଷ୍ୟଭିତ୍ତିକ ହସ୍ତକ୍ଷେପ କରିପାରିବେ। ରପ୍ତାନି କଟକଣା ଲାଗିଲେ, ବିଶ୍ୱର ସବୁଠାରୁ ବଡ଼ ରିଫାଇନିଂ କମ୍ପ୍ଲେକ୍ସ ଚଳାଉଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଉପରେ ଏହାର ବଡ଼ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି।

### ଜଙ୍ଗଲରେ କଲେଜ ...

ସେମାନଙ୍କଠାରୁ ପ୍ରାୟ ୭ହଜାର ଟଙ୍କା ଖର୍ଚ୍ଚ କରି କାମାକ୍ଷାନଗରରୁ ଢେଙ୍କାନାଳ ଓ ଢେଙ୍କାନାଳରୁ କଟକ ପଠାଯାଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ମହାପ୍ରୟାଣ ଯୋଜନାରେ ଗାଡ଼ି ଥିବାବେଳେ ମଧ୍ୟ ଏହାର ସୁବିଧା ପାଇବାରୁ ଛାତ୍ରୀଙ୍କ ପରିବାରକୁ ବଞ୍ଚିତ କରାଯାଇଛି।

ସୂଚନା ଅନୁସାରେ, ଅଙ୍କିତାଙ୍କ ଘର ଭୁବନ ଥାନା ମାର୍ଥାପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଅଜା ଘରେ ରହି କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ସେ ବୁଧବାର ପରୀକ୍ଷା ଦେବା ପାଇଁ କଲେଜ ଯାଇଥିଲେ। ପରୀକ୍ଷା ସରିବା ପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ସକାଳେ ଅଙ୍କିତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଢେଙ୍କାନାଳ ଏସ୍‌ପି ଅଭିନବ ସୋନ୍‌କର, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲିକ, ଡଗ୍ ସ୍କ୍ୱାଡ୍ ଏବଂ ଜିଲା ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାର ଓ ସମ୍ପର୍କୀୟ ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଫାଶୀଦଣ୍ଡ ଦେବା ପାଇଁ ଦାବି କରିଛନ୍ତି। କାମାକ୍ଷାନଗର ପୋଲିସ ବିଏନ୍‌ଏସ୍ ଦଫା ୧୦୩(୧)ରେ ଏକ ମାମଲା(ନଂ. ୧୯୧/୨୬) ରୁଜୁ କରିଛି। ଢେଙ୍କାନାଳ ଏସ୍‌ପି ସୋନ୍‌କର କହିଛନ୍ତି, ପୋଲିସ ତରଫରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର କହିଛନ୍ତି, ଯେହେତୁ ଏହା ଏକ ଜଟିଳ ମାମଲା, ତେଣୁ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କାମାକ୍ଷାନଗର କିମ୍ବା ଢେଙ୍କାନାଳରେ ହୋଇପାରିବ ନାହିଁ। ଆମ ଡାକ୍ତରଙ୍କ ଉପସ୍ଥିତିରେ କଟକସ୍ଥିତ ଫୋରେନ୍‌ସିକ୍ ମେଡିସିନ ଟକ୍ସିକୋଲୋଜି(ଏଫ୍‌ଏମ୍‌ଟି)ରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଯଦି ମୃତ ଛାତ୍ରୀଙ୍କ ପରିବାର କଟକ ଯିବା ପାଇଁ କୌଣସି ଆମ୍ବୁଲାନ୍ସକୁ ନିଜ ପକ୍ଷରୁ ଦେୟ ପ୍ରଦାନ କରିଛନ୍ତି, ତେବେ ଆମକୁ ଜଣାଇଲେ ଆମେ ତାଙ୍କୁ ଉକ୍ତ ଦେୟ ଫେରସ୍ତ କରିବୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ବାଦ୍‌ପଡ଼ିଲା

**ନୂଆଦିଲ୍ଲୀ, ୧୯।୩**

ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନି ୱିଙ୍ଗରଙ୍କ ଦ୍ୱାରା ୨୦୨୩ ନଭେମ୍ବର ୨୩ରେ ଲଞ୍ଚ୍ କରାଯାଇଥିବା ଏଆଇଏଫ୍‌ଏଫ୍ ଟ୍ୟାଲେଣ୍ଟ ଏକାଡେମୀ, ଓଡ଼ିଶା ଏହାର ନିଜସ୍ୱ ନିୟମାବଳୀର ଧାରା ୯.୧ର ଉଲ୍ଲଂଘନ କରିଛି। ଫଳତଃ ଏହାକୁ ୧୮ବର୍ଷରୁ କମ୍ ଏଲିଟ୍ ୟୁଥ୍ ଲିଗ୍‌ରେ ଅଂଶଗ୍ରହଣରୁ ବାରଣ କରାଯାଇଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ଏହି ପ୍ରିମିୟର ଟ୍ୟାଲେଣ୍ଟ ଏକାଡେମୀ ଖେଳାଳିମାନଙ୍କ ବୟସ ଜାଲିଆତି କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ଏହି ଅଭିଯୋଗ ମିନର୍ଭା ପଞ୍ଜାବ ଏକାଡେମୀ ତରଫରୁ କରାଯାଇଥିଲା। ଏଆଇଏଫ୍‌ଏଫ୍‌ର ୪ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଅଭିଯୋଗର ବିଚାର କରିଥିଲା। ମିନର୍ଭାର ଅଭିଯୋଗ ଥିଲା ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଦ୍ୱାରା ମନୋନୀତ ଦଳରେ ୫ଜଣରୁ ଅଧିକ ଖେଳାଳି ଥିଲେ, ଯେଉଁମାନେ ୧୬ ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟ (ବୋନ୍ ଡେନ୍‌ସିଟି ଟେଷ୍ଟ)ରେ ବିଫଳ ହୋଇଥିଲେ। ୨୦୨୫ ସେପ୍ଟେମ୍ବର ୧୮ରେ କ୍ଲବଗୁଡ଼ିକ ନିକଟକୁ ଏକ ସର୍କୁଲାର ପଠାଯାଇଥିଲା। ଏଥିରେ ଉଲ୍ଲେଖଥିଲା ଟିଡବ୍ଲ୍ୟୁ୩ ଟେଷ୍ଟରେ ଯଦି କୌଣସି ଖେଳାଳିଙ୍କ ବୟସ ୧୬.୨ରୁ ଅଧିକ ଥିବା ଦେଖାଯାଏ ତେବେ ସେ ୧୬ ବର୍ଷରୁ କମ୍ କାଟେଗୋରୀରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ୧୬ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟରେ ବିଫଳ ହୋଇଥିବା ୩ଜଣ ଖେଳାଳିଙ୍କୁ ଏକ ୧୮ବର୍ଷରୁ କମ୍ ଦଳରେ ସାମିଲ କରାଯାଇଥାଇପାରେ।


ଫିଫାର ଚିଫ୍ ଅଫ୍ ଗ୍ଲୋବାଲ ଫୁଟ୍‌ବଲ ଡେଭଲପମେଣ୍ଟଆର୍ସେନି ୱିଙ୍ଗର ଏବଂ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ।

### ୧୮ ବର୍ଷରୁ କମ୍ ୟୁଥ୍ ଲିଗ୍

# ଆସନ୍ତାବର୍ଷ ଅକ୍ଟୋବରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ ଆସନ୍ତାବର୍ଷ ଅକ୍ଟୋବର ୨୯ରୁ ନଭେମ୍ବର ୪ ମାଲ୍‌ଟା ଓ ଗୋଜୋରେ ହେବ। ଉଦ୍‌ଘାଟନୀ ଉତ୍ସବ ଅକ୍ଟୋବର ୨୯ରେ, ଏହାପଛକୁ ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ୬ଦିନ ଆକ୍‌ଶନରେ ଭରପୂର କ୍ରୀଡ଼ା କାର୍ଯ୍ୟକ୍ରମ ହେବ। ୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ସୁଇମିଂ ଓ ପାରା ସୁଇମିଂ, ଆଥ୍‌ଲେଟିକ୍ସ ଓ ପାରା ଆଥ୍‌ଲେଟିକ୍ସ, ନେଟବଲ୍, ସେଲିଂ ସ୍କ୍ୱାଶ, ଟ୍ରାଇଥଲନ, ୱାଟର ପୋଲୋ ଏବଂ ୱେଟ୍‌ଲିଫ୍ଟିଂ। ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେଲିଂ ଓ ୱାଟରପୋଲୋକୁ ପ୍ରଥମଥର ସାମିଲ କରାଯାଇଛି। ଏଥିରେ ୭୪ ରାଜ୍ୟଗୋଷ୍ଠୀ ଦେଶ ଅଞ୍ଚଳର ୧୪ରୁ ୧୮ ବର୍ଷ ବୟସବର୍ଗର ପ୍ରାୟ ୧,୨୦୦ ଆଥ୍‌ଲେଟ ଭାଗ ନେବେ ବୋଲି ଆଶା କରାଯାଉଛି। ଗେମ୍ ପାଇଁ ବଛାଯାଇଥିବା ଭେନ୍ୟୁଗୁଡ଼ିକ ମଧ୍ୟରେ ରହିଛି କୋଟୋନେରା ଇନ୍‌ଡୋର ପୁଲ୍, ଟାଲ୍‌କ୍ରୋକ୍ ନ୍ୟାଶନାଲ ପୁଲ୍, ମାର୍ସ ଆଥ୍‌ଲେଟିକ୍ସ ଷ୍ଟାଡିୟମ, ମାର୍ସା ସ୍ପୋର୍ଟ୍ସ ସେଣ୍ଟର, ମେଲିହା ବେ' ଗୋଜୋ ଇନ୍‌ଡୋର ସ୍ପୋର୍ଟ୍ସ ପ୍ୟାଭିଲିଅନ ଓ ମାର୍ସାଲ ଫର୍ନ ବେ'।

# ଫିଲିପାଇନ୍ସକୁ ମହିଳା ବିଶ୍ୱକପ୍ ଯୋଗ୍ୟତା

**ଗୋଲ୍ଡକୋଷ୍ଟ, ୧୯।୩ (ଏପି)**

ମହିଳା ଏସିଆନ କପ୍ ପ୍ଲେ-ଅଫ୍‌ରେ ଉଜ୍‌ବେକିସ୍ତାନକୁ ୨-୦ ଗୋଲ୍‌ରେ ପରାସ୍ତ କରିବା ପରେ ଫିଲିପାଇନ୍ସ ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆଞ୍ଜେଲା ବିୟର୍ଡ ଓ ଜାକ୍‌ଲିନ ସାୱିକି ୬ ମିନିଟ ବ୍ୟବଧାନରେ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରି ଫିଲିପାଇନ୍ସକୁ ବିଜୟୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ଫିଲିପାଇନ୍ସ ୯ ଥର ଗୋଲ୍ ଦେବାର ସୁଯୋଗ ପାଇଥିଲା, ମାତ୍ର ତନ୍ମଧ୍ୟରୁ ଗୋଟିଏ ହେଲେ କାର୍ଯ୍ୟକାରୀ କରିପାରି ନ ଥିଲା। ମଧ୍ୟାନ୍ତର ପରେ ଖେଳର ୨ମିନିଟ୍ ପରେ ଗୋଲ୍ ସ୍କୋର କରି ସାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୨୦୨୭ରେ ମହିଳା ବିଶ୍ୱକପ୍ ବ୍ରାଜିଲରେ ଅନୁଷ୍ଠିତ ହେବ। ଏହି ମହାଦେଶୀୟ ଚାମ୍ପିୟନଶିପ୍‌ରୁ ୬ଟି ଦଳ ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ଅଷ୍ଟ୍ରେଲିଆ, ଜାପାନ, ଚାଇନା ଓ ଦକ୍ଷିଣ କୋରିଆ କ୍ୱାର୍ଟରଫାଇନାଲ ବିଜେତା ହିସାବରେ ପୂର୍ବରୁ ବିଶ୍ୱକପ୍‌ରେ ସେମାନଙ୍କ ପକ୍କା କରିସାରିଛନ୍ତି। କ୍ୱାର୍ଟରଫାଇନାଲରେ ପରାଜିତ ଦଳଗୁଡ଼ିକ ଅନ୍ୟ ଦୁଇଟି ସ୍ଥାନ ପାଇଁ ପ୍ଲେଅଫ୍ ଖେଳିବା ଲାଗି ଗୋଲ୍ଡକୋଷ୍ଟକୁ ଭେନ୍ୟୁ ଭାବେ ବଛାଯାଇଥିଲା।

# ଏଲ୍‌ଏଲ୍‌ସିସି କପ୍: କ୍ୱାର୍ଟରରେ ପ୍ରଗତି, ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର, ୧୯।୩ (ଅନାଦି କର)**

ସ୍ଥାନୀୟ ଆଇଆରସି ଭିଲେଜରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ ଏଲ୍‌ଏଲ୍‌ସିସି କପ୍ ଟୁର୍ନାମେଣ୍ଟରେ ଗୁରୁବାର ପ୍ରଗତି ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଗତି ୭ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇଥିବା ବେଳେ ସହିଦ ସ୍ପୋର୍ଟିଂ ୭ ଉଇକେଟରେ ବିବିସିଏକୁ ପରାସ୍ତ କରିଛି।

ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ୨୫ ଓଭରରେ ୭ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ପଟ୍ଟନାୟକ ୭୬ ରନ କରିଥିବା ବେଳେ ପ୍ରଗତି ସ୍ପୋର୍ଟିଂ ପାଇଁ ଶ୍ରୀରାମ ପ୍ରଧାନ ୩ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ୬୮ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ନମନ ଶତପଥିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଜାଗୃତି କ୍ରିକେଟ କ୍ଲବର କୋଚ୍ କ୍ଷୀରୋଦ ବେହେରା ଓ ଆଇନଜୀବୀ କାଜଲ ରାଉତ ତାଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ସହିଦ ସ୍ପୋର୍ଟିଂ ପକ୍ଷରୁ ଆର୍ଯ୍ୟ ମୋରେ ୪ ଓ ଜୟପ୍ରକାଶ ନାଥ ୩ ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୩.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପାଇଁ ମୋରେ ୪୨ ଓ ଅଧିନାୟକ ସୂରଜ ଦଳ ୪୪ ରନ କରି ଅପରାଜିତ ଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୋରେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଏ ବଂଶୀଧର ପାତ୍ର**
ହାତୀଶାଳସାହି, ଦେବଗଡ଼
ଆବିର୍ଭାବ- ୦୩।୦୫।୧୯୭୬
ତିରୋଧାନ- ୨୦।୦୩।୨୦୨୪
ତୁମେ ଆମମାନଙ୍କୁ ଅଚାନକ ଛାଡ଼ି ଚାଲିଗଲ। ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସବୁଦିନ ପାଇଁ ମନେ ରହିବ। ତୁମ ଅନୁପସ୍ଥିତି ଆମ୍ଭମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଦୁଃଖ ଏବଂ ଯନ୍ତ୍ରଣା ଦେଉଛି। ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମେ ଯେଉଁଠି ବି ଥାଅ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ:- ପତ୍ନୀ- ଗୀତାଞ୍ଜଳି, ପୁଅ- ଚିନ୍ମୟ, ଝିଅ- ସ୍ମିତାରାଣୀ
ଧ-୩୬୯୫

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ତ୍ରିଲୋଚନ ସାହୁ**
ପ୍ଲଟ୍ ନଂ.୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୦୯।୦୩।୨୦୨୬ (ସୋମବାର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୭୬୧୦୦

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଜଗନ୍ନାଥ ଖୁଣ୍ଟିଆ**
ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫
ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନା- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୩



# Classified Everyday
0674-2580101, 9692975378


REAL ESTATE
SALE

Land near Balasore Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316. D-75866

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880. D-101

DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-248

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25




All types of physiotherapy and massage contact 9556924059 / 7656969134. D-3668

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## AFFIDAVIT

By virtue of an affidavit sworn before the Notary Public, Bhubaneswar, Odisha dated- 18.03.2026, I, Sasmita Dash, W/o.- Late Chandra Sekhar Dash, Flat No.- 3R/6, M.I. Colony, Unit- 9 Flat, P.O.- Bhoinagar, P.S.-Saheednagar, Dist.- Khordha, Odisha, PIN-751022 declare that after the marriage my surname got changed from "Satapathy" to "Dash". Both name Sasmita Satapathy & Sasmita Dash is one and same. Hence, I shall be known as Sasmita Dash for all purpose. D-3693

By virtue of an affidavit sworn before Notary Public, Rayagada, dated 16.03.2026, I, LAKSHMI KURSIKA, resident AT- PANGILI, P.O.- KANDHA KHATIPADU, P.S.- K.SINGPUR, Dist.- Rayagada, PIN- 765016 declare that I have changed the name of my daughter from ISHANI HIKAKA to ESWARI KURSIKA. Henceforth, he shall be known as ESWARI KURSIKA for all purposes.
LAKSHMI KURSIKA
D-3694

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit dtd.- 19.03.2026 sworn before Executive Magistrate, Bhadrak, I, Swapna Barik, W/o.- Khageswar Barik, Vill.- Edadei, P.O.- Kaupur, P.S.- Bhadrak (R), Dist.- Bhadrak, Odisha, PIN- 756113 declare that I have an LIC policy bearing No. 589506941. Where my name is mentioned Rukmani Barik. I further declare that Swapna Barik and Rukmani Barik, W/o.- Khageswar Barik same and one person. D-3692

By virtue of an affidavit in the court of the Executive Magistrate, Bhubaneswar vide affidavit No. 101/ Date- 11.03.2026, I, Rabi Narayan Dash of At/P.O.- Mukhiguda, P.S.- Jaipatna, Dist.-Kalahandi changed my minor daughter's name from "Megha Dash" to "Meghna Rani Dash". Henceforth, she shall be known as Meghna Rani Dash for all furture purposes. D-3690

I, Sanjaya Behera, S/o.- Purandar Behera, Vill.- Nizigarh Dhundinali, P.O./P.S.- Hindol, Dist.- Dhenkanal, Odisha-759022 solemnly declare that my minor son's name has changed from SAMMYASINDHUBEHERA to SOUMYASINDHU BEHERA, dtd. 17.03.2026 before Executive Magistrate, Hindol.
Sanjaya Behera
D-3688

By virtue of an affidavit sworn before Executive Magistrate, Gudari, affidavit No.-129, dtd.- 18.03.2026, I, Sri LANGA DINDIRIGUDAKA, S/o.- Kalia Dindirigudaka, At- Grahibandha, P.O.- Siriguda, P.S.- Gudari, Dist.- Rayagada, Odisha declare that I have changed the name of my daughter from Kaberi Dindirigudaka to TARA DINDIRIGUDAKA. Henceforth, she shall be known as TARA DINDIRIGUDAKA for all purposes.
Langa Dindirigudaka
D-3689

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

**In the Court of the Additional Commissioner, Settlement & Consolidation, Bargarh**
**Settlement Revision Case No. 925 of 2025**

Dileswar Khamari, S/o.- Aniruddha Khamari .........Petitioner

Vrs.

Trupti Sahu, D/o.- Debendra Naik and others .........Opp. Parties

To,

1. Trupti Sahu, D/o.- Debendra Naik, R/o.- Patharla, P.S./Tahasil- Patnagarh, Dist.- Balangir, 2. Dipti @ Padmalaya Sahu, D/o.- Debendra Naik, R/o.- Kushanpuri, P.S./Tahasil- Bhatli, Dist.- Bargarh, 3. Eeti @ Rukmini Padhan, D/o.- Debendra Naik, R/o.-Bhalupali, P.S./Tahasil- Attabira, Dist.- Bargarh, 4. Asha @ Aseswari Naik, D/o.- Debendra Naik, R/o.- Padhanpali, P.S./Tahasil- Bheden, Dist.- Bargarh, 5. Shashanka Sekhar Dash, 6. Subhendu Kumar Dash, Both are S/o.- Kamal Lochan Dash, R/o.- LIC Colony, Motijharan, Sambalpur, P.S./Tahasil/Dist.- Sambalpur ......O.P

NOTICE THROUGH PAPER PUBLICATION
U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against the above O.Ps for recording of the case land mentioned below on the strength of Regd. Sale Deed bearing No. 10191500662 Dated 16.11.2015 and an interim RSD bearing No. 1402 Dated 14.06.1989. The petitioner has filed a separate prayer petition U/O 5 Rule 20 of the C.P.C stating the reason therein. Hence this newspaper publication. The case land consists Hal Plot No.- 6652 Area-Ac.1.29 dec under Hal Khata No.-151 of Mouza-Kumbhari, PS/Tah.-Barpali, Dist.- Bargarh.

Hence, the O.Ps are directed to appear in this Court in person or through Advocate on 24.04.2026 at 08:30 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 17th March, 2026

Sd./- ADDL. COMMISSIONER
SETTLEMENT & CONSOLIDATION,
BARGARH
D-3691

# ସଞ୍ଜୁଙ୍କ ସ୍ୱପ୍ନ

ଚଳିତ ବର୍ଷ ଭାରତୀୟ ଦଳର ଟି୨୦ ବିଶ୍ୱକପ୍ ସଫଳତାରେ ସଞ୍ଜୁ ସାମ୍ସନଙ୍କ ଅବଦାନ ଯେଉଁଭଳି ଥିଲା, ତାହା ପ୍ରତ୍ୟେକ ବ୍ୟାଟରଙ୍କ ଲାଗି ସ୍ୱପ୍ନ। ଟୁର୍ନାମେଣ୍ଟରେ ୩ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଅତ୍ୟଧିକ ଚାପ ପରିସ୍ଥିତିରେ ସେ ୩ଥର ୧୯୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍‌ରେଟ୍‌ରେ ୮୦ରୁ ଊର୍ଦ୍ଧ୍ୱ ରନ କରିଥିଲେ। ମାତ୍ର ୫ ମ୍ୟାଚ୍ ଖେଳି ସାମ୍ସନ ୩୨୧ ରନ କରି ବିଶ୍ୱକପ୍‌ରେ ତୃତୀୟ ସର୍ବାଧିକ ସ୍କୋରର ହୋଇଥିଲେ। ଏହା ତାଙ୍କୁ ନିର୍ବିବାଦୀୟ ଭାବେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପରିଗଣିତ କରିଥିଲା। ଟି୨୦ ଫର୍ମାଟରେ ଅତ୍ୟଧିକ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିବା କଷ୍ଟକର। ଏହାସତ୍ତ୍ୱେ ବିଶ୍ୱକପ୍‌ର ନକ୍‌ଆଉଟ୍ ମ୍ୟାଚ୍‌ରେ ଲଗାତର ମ୍ୟାଚ୍ ବିଜୟୀ ଇନିଂସ ଖେଳି ନିଜର ଦକ୍ଷତାକୁ ସେ ପରିପ୍ରକାଶ କରିଛନ୍ତି। ସାମ୍ସନଙ୍କୁ ଭାଗ୍ୟ ସହାୟ ହୋଇଥିବା କଥାକୁ ଅସ୍ୱୀକାର କରିହେବନି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇନିଂସ ଆରମ୍ଭରୁ ତାଙ୍କୁ ଜୀବନଦାନ ମିଳିଥିଲା। ସେହିପରି ଦକ୍ଷିଣ ଆଫ୍ରିକାଠାରୁ ସୁପର-୮ ପର୍ଯ୍ୟାୟରେ ଭାରତର ପରାଜୟ ପରେ ଟିମ୍ ମ୍ୟାନେଜମେଣ୍ଟ ସଞ୍ଜୁଙ୍କୁ ପୁଣି ଓପନର ଭାବେ ଖେଳାଇବାକୁ ନିଷ୍ପତ୍ତି ନେଇଥିଲା। ସେ ଉଚ୍ଚ ଅଭିଳାଷ ଓ ନିୟନ୍ତ୍ରଣ ସହିତ ଖେଳିଥିଲେ, ଯାହାକି ତାଙ୍କ ପ୍ରଦର୍ଶନରେ ପ୍ରତିଫଳିତ ହୋଇଛି।

ବିଶ୍ୱକପ୍ ପୂର୍ବରୁ ସଞ୍ଜୁଙ୍କ କ୍ୟାରିୟରର କାହାଣୀ କିଛି ଭିନ୍ନ ଥିଲା। ୨୦୧୫ରେ ପଦାର୍ପଣ କରିଥିବା ସଞ୍ଜୁଙ୍କୁ ତାଙ୍କର ପ୍ରଥମ ୫ ମ୍ୟାଚ୍ ଖେଳିବା ପାଇଁ ୬ ବର୍ଷ ଲାଗିଥିଲା। ଟି୨୦ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ପାଇଁ ୧୪ ମ୍ୟାଚ୍ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୨ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ଅର୍ଦ୍ଧଶତକ କରିଥିଲେ। କିନ୍ତୁ ସୁଯୋଗର ଅଭାବ ଓ ବ୍ୟାଟିଂ ପୋଜିଶନକୁ ନେଇ ଅସ୍ପଷ୍ଟତା ଯୋଗୁ ସେ ସ୍ଥିର ପ୍ରଦର୍ଶନ କରିପାରି ନ ଥିଲେ। ୨୦୨୪ ଟି୨୦ ବିଶ୍ୱକପ୍ ମଧ୍ୟରେ ସେ ମାତ୍ର ୧୧ଟି ମ୍ୟାଚ୍ ଖେଳି ୧୭.୫୩ ଆଭରେଜରେ ୧୨୩ ରନ କରିଥିଲେ।

୨୦୨୪ ଟି୨୦ ବିଶ୍ୱକପ୍ ସଫଳତା ପରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ଏବଂ ଲଗାତର ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ବଳରେ ସାମ୍ସନ ପୁଣି ଥରେ ଜାତୀୟ ଦଳକୁ ଫେରିଥିଲେ। ତାଙ୍କୁ ନୂଆ କୋଚ୍ ଗୌତମ ଗମ୍ଭୀର ଖୁବ୍ ସମର୍ଥନ ଦେଇଥିଲେ। ୩ ମ୍ୟାଚ୍ ପରେ ସେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ କରିଥିଲେ। ପରବର୍ତ୍ତୀ ୪ ମ୍ୟାଚ୍‌ରେ ଆହୁରି ୨ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପ୍ରଥମ ବ୍ୟାଟର ଭାବେ ଗୋଟିଏ ବର୍ଷରେ ୩ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିଲେ। ହେଲେ ୨୦୨୫ରେ ସେ ଫର୍ମ ହରାଇଥିଲେ। ଏଥିଯୋଗୁ ଏସିଆ କପ୍ ଲାଗି ଶୁବମନ ଗିଲ୍‌ଙ୍କୁ ଦଳର ଉପ ଅଧିନାୟକ କରାଯାଇଥିଲା। ସାମ୍ସନଙ୍କ ବ୍ୟାଟିଂ ପୋଜିଶନରେ ପରିବର୍ତ୍ତନ କରାଯିବା ସହ ଗିଲ୍‌ଙ୍କୁ ଓପନିଂ କରିବାକୁ ଦିଆଯାଇଥିଲା। ପରେ ଟିମ୍ ମ୍ୟାନେଜମେଣ୍ଟ ଜିତେଶ ଶର୍ମାଙ୍କୁ ସୁଯୋଗ ଦେବାରୁ ସାମ୍ସନ ନିଜର ସ୍ଥାନ ହରାଇଥିଲେ। ମାତ୍ର ଗିଲ୍ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ଦଳ ପୁଣି ଥରେ ସାମ୍ସନଙ୍କୁ ସୁଯୋଗ ଦେଇଥିଲା। ହେଲେ ସାମ୍ସନ ସଂଘର୍ଷ କରିବାରୁ ଇଶାନ କିଶନଙ୍କୁ ଦୁଇ ବର୍ଷର ବ୍ୟବଧାନରେ ଦଳକୁ ଫେରିବାକୁ ସୁଯୋଗ ମିଳିଯାଇଥିଲା।

ଗତ ବିଶ୍ୱକପ୍‌ରେ ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଞ୍ଜୁଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା। ମାତ୍ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଅଭିଷେକ ଶର୍ମା ପେଟ ସଂକ୍ରମଣ କାରଣରୁ ଉପଲବ୍ଧ ନ ଥିବାରୁ ସଞ୍ଜୁଙ୍କୁ ସୁଯୋଗ ମିଳିଥିଲା। ସେ ଏହି ମ୍ୟାଚ୍‌ରେ ୮ ବଲରେ ୧ ଚୌକା ଓ ୩ ଛକା ସହିତ ୨୨ ରନ କରିଥିଲେ। ଅଭିଷେକ ସୁସ୍ଥ ହେବାରୁ ପାକିସ୍ତାନ ଓ ନେଦରଲାଣ୍ଡ୍ସ ବିପକ୍ଷ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଖେଳିଥିଲେ। ଏଥିଯୋଗୁ ସଞ୍ଜୁ ବାଦ୍ ପଡ଼ିଥିଲେ। ଲିଗ୍ ପର୍ଯ୍ୟାୟରେ ୪ ମ୍ୟାଚ୍‌ରୁ ତାଙ୍କୁ କେବଳ ଥରେ ସୁଯୋଗ ମିଳିଥିଲା। କିନ୍ତୁ ସୁପର-୮ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ସଞ୍ଜୁଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଦଳର ଟପ୍ ଅର୍ଡରରେ ୩ ବାମହାତୀ ବ୍ୟାଟର ଥିବାରୁ ପ୍ରତିପକ୍ଷ ଦଳ ପାୱାରପ୍ଲେରେ ଅଫ୍ ସ୍ପିନରଙ୍କୁ ବ୍ୟବହାର କରୁଥିଲେ। ଏହି ଧାରାକୁ ଭାଙ୍ଗିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ କମ୍ବିନେଶନରେ ପରିବର୍ତ୍ତନ କରିଥିଲେ। ଟପ୍ ଅର୍ଡରରେ ଡାହାଣହାତୀ ବ୍ୟାଟରଙ୍କ ଆବଶ୍ୟକତା ଥିବାରୁ ସଞ୍ଜୁଙ୍କୁ ପୁଣି ଥରେ ଓପନିଂ କରିବାକୁ ସୁଯୋଗ ଦିଆଯାଇଥିଲା। ସେ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ୧୫ ବଲରେ ୧ ଚୌକା ଓ ୨ ଛକା ସହିତ ୨୪ ରନ କରିଥିଲେ। ସେମିଫାଇନାଲକୁ ଉନ୍ନୀତ ହେବା ପାଇଁ ଭାରତକୁ ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ନିହାତି ବିଜୟ ଆବଶ୍ୟକ ଥିଲା। ଏହି ଭର୍ଚୁଆଲ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଘରୋଇ ଭାରତୀୟ ଦଳ ଆଗରେ ୧୯୬ ରନର ଏକ ବଡ଼ ସ୍କୋର ଛିଡ଼ା କରିଥିଲା। ଭାରତୀୟ ଦଳର ଅନ୍ୟ ବ୍ୟାଟରମାନେ ଦ୍ରୁତ ଗତିରେ ରନ କରିବାକୁ ସଂଘର୍ଷ କରୁଥିବା ବେଳେ ସଞ୍ଜୁ କ୍ରିଜ୍‌କୁ ଠିକ୍‌ଭାବେ ପଢ଼ିପାରିଥିଲେ। ଫଳରେ ଦକ୍ଷତାର ଉପଯୋଗ କରି ପ୍ରତ୍ୟେକ ଓଭରରେ ବଡ଼ ବଡ଼ ଶଟ୍ ଖେଳିଥିଲେ। ମ୍ୟାଚ୍‌ରେ ସେ ୫୦ ବଲରେ ଅପରାଜିତ ୯୭ ରନର ଇନିଂସ ଖେଳି ଦଳକୁ ଜିତାଇଥିଲେ। ତାଙ୍କର ଏହି ଇନିଂସରେ ୧୨ ଚୌକା ଓ ୪ ଛକା ସାମିଲ ଥିଲା। ଏଭଳି ପ୍ରଦର୍ଶନ ଲାଗି ପ୍ଲେୟର ଅଫ୍ ମ୍ୟାଚ୍ ଭାବେ ତାଙ୍କୁ ଚୟନ କରାଯାଇଥିଲା। ସେହିଭଳି ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ତାଙ୍କୁ ଆରମ୍ଭରୁ ଜୀବନ ଦାନ ମିଳିଥିଲା, ଯାହାର ସେ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ଜୋଫ୍ରା ଆର୍ଚର, ସାମ କୁରାନ, ଆଦିଲ ରଶିଦଙ୍କୁ ନେଇ ଗଠିତ ବୋଲିଂ ଲାଇନ୍‌ଅପ୍‌କୁ ଛିନ୍ନଭିନ୍ନ କରିଦେଇଥିଲେ। ସେ ୪୨ ବଲରେ ୮ ଚୌକା ଓ ୭ ଛକା ମାରି ୮୯ ରନ କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସେ ଇଶାନ କିଶନ, ଶିବମ ଦୁବେଙ୍କ ସହ ଭଲ ପାର୍ଟନରଶିପ୍ ମଧ୍ୟ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହାପରେ ମାର୍ଚ୍ଚ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଭାରତର ଟପ୍-୩ ବ୍ୟାଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସାମ୍ସନ ୪୬ ବଲରେ ୫ ଚୌକା ଓ ୮ ଛକା ସହିତ ସର୍ବାଧିକ ୮୯ ରନ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ଭାରତ ଖୁବ୍ ସହଜରେ ବିଶ୍ୱକପ୍ ଜିତିଥିଲା ଏବଂ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଏଥିସହିତ ସେ ଟି୨୦ ବିଶ୍ୱକପ୍‌ରେ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ଭାରତର ଏହି ବିଜୟ ସହ ତାଙ୍କର ପିଲାଦିନର ସ୍ୱପ୍ନ ସାକାର ହୋଇଥିଲା। ସେ ହୋଇଥିଲେ ମ୍ୟାଚ ବିଜେତା।

–ଅନାଦି କର


ସଞ୍ଜୁ ସାମସନ

**ଟି୨୦ ବିଶ୍ୱକପ୍ ପରଠାରୁ ଏ ପର୍ଯ୍ୟନ୍ତ କ୍ରିକେଟ ଜଗତରେ ଯେଉଁ ଖେଳାଳି ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି ସେ ହେଉଛନ୍ତି ସଞ୍ଜୁ ସାମ୍ସନ। କ୍ୟାରିୟର ଆରମ୍ଭରେ ସଂଘର୍ଷ, ପ୍ରଦର୍ଶନରେ ଅସ୍ଥିରତା ଯୋଗୁ ଉତ୍ଥାନ ପତନ ଦେଇ ଆଗକୁ ବଢ଼ିଥିବା ସଞ୍ଜୁଙ୍କୁ ଏବେ ଭାଗ୍ୟ ସାଥ୍ ଦେଇଛି। ଟିମ୍ ଇଣ୍ଡିଆରେ ଟପ୍ ଅର୍ଡର ଖେଳାଳିଙ୍କ ଅସୁସ୍ଥତାଜନିତ କାରଣରୁ ସୁଯୋଗ ପାଇଥିବା ସଞ୍ଜୁ ଏହାର ଭରପୂର ସଦୁପଯୋଗ କରି ଭାରତକୁ ତୃତୀୟଥର ଲାଗି ଟ୍ରଫି ଜିତାଇବାରେ ବଡ଼ ଭୂମିକା ତୁଲାଇଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ସହ ସେ ଘରୋଇ ମାଟିରେ ଟ୍ରଫି ଜିତିବାରେ ଭାରତର ସ୍ୱପ୍ନକୁ ମଧ୍ୟ ସାକାର କରିଛନ୍ତି। ଏବେ ସମସ୍ତଙ୍କ ମୁହଁରେ ସଞ୍ଜୁଙ୍କ ପ୍ରଶଂସା..**


ସ୍ତ୍ରୀ ଚାରୁଲତା ରମେଶଙ୍କ ସହ ସଞ୍ଜୁ ସାମସନ

## 'ଅଦ୍ଭୁତ ଅନୁଭବ ହେଉଛି'

ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ସମ୍ପର୍କରେ ସଞ୍ଜୁ କହିଥିଲେ, ଏହା ସ୍ୱପ୍ନ ଭଳି ଲାଗୁଛି। ଏଭଳି ପ୍ରଦର୍ଶନ କରିପାରିଥିବାରୁ ମୁଁ କୃତଜ୍ଞ। ଏକ ଅଦ୍ଭୁତ ଅନୁଭବ ହେଉଛି। ମୁଁ ସବୁବେଳେ ଏଭଳି ହିଁ ଖେଳିବାକୁ ଚାହୁଁଥିଲି। ଗତ ୨୦୨୪ରେ ବିଶ୍ୱକପ୍ ବିଜୟୀ ଦଳ ସହ ମୁଁ ଥିଲି। ହେଲେ ମୋତେ ସୁଯୋଗ ମିଳି ନ ଥିଲା। ରୋହିତ ଓ କୋହଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ଚାପ ସ୍ଥିତିରେ କେଉଁ ଭଳି ଖେଳିବାକୁ ହୁଏ, ଶିକ୍ଷା କରିଥିଲି। ମୁଁ ନିଜ ବ୍ୟାଟିଂ ଉପରେ କାମ କରିବା ଜାରି ରଖିଥିଲି। ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ସିରିଜ୍ ବେଳେ ମୁଁ ଭାଙ୍ଗିପଡ଼ିଥିଲି। ମୋ ସ୍ୱପ୍ନ ଚୂନା ହୋଇସାରିଥିଲା। କିନ୍ତୁ ମୋ ପାଇଁ ଭଗବାନଙ୍କ ଯୋଜନା କିଛି ଅଲଗା ଥିଲା। ମୋତେ ହଠାତ୍ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁଯୋଗ ମିଳିଲା ଏବଂ ମୋତେ ଯାହା କରିବା କଥା ମୁଁ କରିଥିଲି।


ନିର୍ମଳ କୁମାର ମିଶ୍ର

# ଅବିସ୍ମରଣୀୟ

**ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଅନେକ ଦୃଷ୍ଟିକୋଣରୁ ଅବିସ୍ମରଣୀୟ ହୋଇଛି। ୩ ଥର ଟାଇଟଲ ଜିତି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳର ମାନ୍ୟତା ପାଇଥିବାବେଳେ ଘରୋଇ ପରିବେଶରେ ପ୍ରଥମଥର ଟାଇଟଲ ବିଜୟର ସ୍ୱାଦ ଚାଖିଛି। ବ୍ୟକ୍ତିଗତ ଭାବେ ମଧ୍ୟ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ଖେଳାଳି...**

ତୃତୀୟ ଥର ପାଇଁ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇ ଇତିହାସ ରଚିଛି ଟିମ୍ ଇଣ୍ଡିଆ। ଅନେକ କାରଣରୁ ଏହି ବିଶ୍ୱକପ୍ ଭାରତ ପାଇଁ ଅବିସ୍ମରଣୀୟ ହୋଇଛି। ତିନି ବର୍ଷ ମଧ୍ୟରେ ଜିତିଛି ଚତୁର୍ଥ ଆଇସିସି ଟ୍ରଫି। ଘରୋଇ ପରିବେଶରେ ପ୍ରଥମଥର ଟି୨୦ ବିଶ୍ୱକପ୍ ଜିତି ପ୍ରତିଯୋଗିତା ଇତିହାସରେ ଏକ ନୂଆ ଧାରା ଆରମ୍ଭ କରିଛି। ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା ଭାରତ। ୨୦୨୫ରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ହୋଇଥିଲା ଏକଦିବସୀୟ ମହିଳା ବିଶ୍ୱକପ୍ ଚାମ୍ପିୟନ। ଏବେ ୨୦୨୬ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ନିଜସ୍ୱ ମାଟିରେ ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରି ଭାରତ ନିଜ ଦକ୍ଷତା ଦେଖାଇଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ପ୍ରଥମ ଟି୨୦ ବିଶ୍ୱକପ୍ ଜିତିଥିଲା। ଇତିମଧ୍ୟରେ ମୋଟ ଉପରେ ୮ଟି ଆଇସିସି ଟ୍ରଫି ଜିତି ନିଜର ଦମ୍ ଦେଖାଇଛି ଭାରତ। ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଭାରତ ଏଥର ପ୍ରତିଯୋଗିତାର ଆୟୋଜକ ରହିଥିଲା। ମାତ୍ର ପାକିସ୍ତାନ ସହିତ ରାଜନୈତିକ ଶତ୍ରୁତା ଯୋଗୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହାକୁ ଆୟୋଜନ କରିଥିଲେ।

ଗ୍ରୁପ୍-'ଏ'ରେ ସ୍ଥାନ ପାଇଥିବା ଭାରତ ସୁପର-୮କୁ ଯିବା ପ୍ରାୟ ନିଶ୍ଚିତ ଥିଲା। ମାତ୍ର ଗ୍ରୁପ୍ ପର୍ଯ୍ୟାୟରେ ଆଇସିସିର ସହଯୋଗୀ ଦେଶର ଦଳଗୁଡିକ ଚମତ୍କାର ଖେଳ ପ୍ରଦର୍ଶନ କରି ବଡ ବଡ ଟିମ୍‌କୁ ଅସୁବିଧାରେ ପକାଇ ଥିବାର ଦେଖାଯାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆମର ପ୍ରଦର୍ଶନ ସେତେ ଉଚ୍ଚକୋଟୀର ରହି ନ ଥିଲା। ୟୁଏସ୍‌ଏକୁ ମାତ୍ର ୨୯ ଓ ନେଦରଲାଣ୍ଡ୍ସକୁ ୧୭ରନ୍‌ରେ ହରାଇଥିଲା। ନାମ୍ବିଆକୁ ୯୩ ରନ୍‌ରେ ଏବଂ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଆମେ ୬୧ରନ୍‌ରେ ହରାଇବା ଦଳର ମନୋବଳ ବଢ଼ାଇଥିଲା। ଯଦିବା ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିଲା ତେବେ ବିଶ୍ୱର ଅନେକ ପୂର୍ବତନ ଖେଳାଳି ଆମର ଦକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଇଥିଲେ। ନୂଆ ରଣନୀତି ଓ ବ୍ୟାପକ ପରୀକ୍ଷାନିରୀକ୍ଷା ମାଧ୍ୟମରେ ବ୍ୟାଟିଂ ଶକ୍ତିକୁ ନେଇ ଭାରତ ମ୍ୟାଚ ଖେଳିଥିଲା। ୟୁଏସ୍‌ଏ ବିପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୮୪, ନାମ୍ବିଆ ବିପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ଏବଂ ୨ଟି ଉଇକେଟ, ନେଦରଲାଣ୍ଡ୍ସ ବିପକ୍ଷରେ ଶିଭମ ଦୁବେଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଏବଂ ପାକିସ୍ତାନ ବିପକ୍ଷରେ ଇଶାନ କିଶନଙ୍କ ଦ୍ରୁତ ୭୭ରନ୍ ଭାରତ ପାଇଁ ସୁପର -୮ ପର୍ଯ୍ୟାୟ ବାଟ କଢାଇଥିଲା।

ସୁପର-୮ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ୭୬ରନରେ ପରାଜିତ ହେବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟକୁ ଅନେକ କିଛି ଭାବିବାକୁ ବାଧ କରିଥିଲା। ନେଟ୍ ରନରେଟ୍ ଦୁର୍ବଳ ରହିଥିବାରୁ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ବଡ଼ ବିଜୟ ଚ୍ୟାଲେଞ୍ଜ ଆଣିଥିଲା। ତେବେ ଜିମ୍ବାୱେ ବିପକ୍ଷରେ ୭୨ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟରେ ବିଜୟ ଭାରତକୁ ସେମିଫାଇନାଲରେ ପହଞ୍ଚାଇ ଦେଇଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବୃହତ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ ମାତ୍ର ୭ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସଞ୍ଜୁ ସାମ୍ସନ ଚମତ୍କାର ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଯଶପ୍ରୀତ ବୁମରାଙ୍କ ଚମତ୍କାରୀ ସ୍ପେଲ୍ ମଧ୍ୟ ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ସଞ୍ଜୁଙ୍କ ଦମ୍‌ଦାର ବ୍ୟାଟିଂ ଏବଂ ବୁମ୍‌ରାଙ୍କ ୧୫ ରନରେ ୪ ଉଇକେଟ ହାସଲ ଭାରତକୁ ଘରୋଇ ମାଟିରେ ଟ୍ରଫି ଜିତାଇବାରେ ବିଶେଷ ସହାୟକ ହୋଇଥିଲା। ୯୬ ରନରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ହୋଇଥିଲା ଟିମ୍ ଇଣ୍ଡିଆ।

ଟୁର୍ନାମେଣ୍ଟରେ ଭାରତୀୟ ବ୍ୟାଟର୍ସମାନେ ୯ଟି ମ୍ୟାଚରେ ମୋଟ ୧୭୩୯ ରନ୍ ସ୍କୋର କରିଥିଲେ। ଏକ ଟୁର୍ନାମେଣ୍ଟରେ ୧୭ଶହ ରନ ଅତିକ୍ରମ କରିବାରେ ପ୍ରଥମ ଦଳ ହୋଇଥିଲା ଭାରତ। ୯ ମ୍ୟାଚରେ ଭାରତୀୟ ବ୍ୟାଟର୍ସମାନେ ୧୦୬ ଛକା ମାରିଥିଲେ। ଗୋଟିଏ ସଂସ୍କରଣରେ ଏହା ମଧ୍ୟ ଏକ ରେକର୍ଡ। ପ୍ରତିଯୋଗିତାରେ ୪ଥର ମଧ୍ୟ ଦୁଇ ଶହରୁ ଅଧିକ ରନ ଏବଂ ୩ଥର ଦୁଇଶହ ପଚାଶରୁ ଅଧିକ ରନ ସଂଗ୍ରହ ହୋଇଥିଲା। ଭାରତ ପକ୍ଷରୁ ଯଦିଓ କେହି ଶତକ ହାସଲ କରି ନ ଥିଲେ ତେବେ ଗୋଟିଏ ସଂସ୍କରଣରେ ୭ଟି ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। ପାକିସ୍ତାନର ଶାହିବଜାଦା ଫରହାନ ଏକାକୀ ୨ଟି ଶତକ ହାସଲ କରିଥିଲେ। ଭାରତର ଷ୍ଟାର ଓପନର ସଞ୍ଜୁ ସାମ୍ସନ ୩ଟି ଅର୍ଦ୍ଧଶତକୀୟ ଇନିଂସ ମାଧ୍ୟମରେ ୩୨୧ରନ ସଂଗ୍ରହ କରିଥିଲେ। ସେ ୩ ଥର ଶତକର ନିକଟତର ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ରେକର୍ଡ ଅପେକ୍ଷା ଦଳର ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ତାଙ୍କ ପାଇଁ ଥିଲା ଯଥାର୍ଥ ଉପହାର। ପେସ୍ ବୋଲର ଯଶପ୍ରୀତ ବୁମରା ଭାରତ ପକ୍ଷରୁ ସର୍ବାଧିକ ୧୪ଟି ଉଇକେଟ ନେଇଥିଲେ। ଫାଇନାଲରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ମଧ୍ୟ ହୋଇଥିଲେ। ଭାରତ ଫାଇନାଲର ପାୱାର ପ୍ଲେ ୬ ଓଭରରେ ୯୨ରନ ସ୍କୋର କରି ଆଉ ଏକ ରେକର୍ଡର ଅଧିକାରୀ ହୋଇଥିଲା। ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଜିମ୍ବାୱେ ବିପକ୍ଷ ସୁପର ୮ ମ୍ୟାଚରେ ଗୋଟିଏ ଇନିଂସରେ ୧୭ଟି ଛକା ମାରି ଭାରତ ରେକର୍ଡ କରିଥିଲା।

ପ୍ରତ୍ୟେକ ଦୃଷ୍ଟି କୋଣରୁ ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ୨୦୨୪ ବିଶ୍ୱକପ୍‌ଠାରୁ ଭାରତ ଏହି ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆସୁଛି। ହ୍ୱାଇଟ ବଲ ଫର୍ମାଟରେ ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ରୂପେ ୫୨ଟି ମ୍ୟାଚରୁ ୪୨ଟିରେ ବିଜୟୀ ହୋଇଥିବାବେଳେ ୮ଟିରେ ପରାଜିତ ହୋଇଛନ୍ତି। ଏହା ମଧ୍ୟ ଏକ ରେକର୍ଡ।


ଟି୨୦ ବିଶ୍ୱକପ ବିଜୟୀ ଭାରତୀୟ ଦଳ

## ଗାର୍ଲ ଫ୍ରେଣ୍ଡ

ଝାଡ଼ଖଣ୍ଡ ଦି ସାଭଏ ହୋଟେଲକୁ
ଭେନ୍ୟୁ ପାଇଁ ନେଇ ଭଡା
ଟିମ୍ ଇଣ୍ଡିଆର କୁଲଦୀପ ଯାଦବଙ୍କ
ବାନ୍ଧବୀ ବଂଶୀକା ଚଢା
ପଢିଲେ ମ୍ୟାରେଜ ପଢା
ହ୍ୟାପି ମ୍ୟାରେଜ ଲାଇଫ କଟାନ୍ତୁ ଦମ୍ପତି
ୱିସ ଦିଅ ତାଳି ବାଡା।



ଧର୍ମ ପତ୍ନୀ ଛାଡି ନିଜ ଗର୍ଲଫ୍ରେଣ୍ଡକୁ
ପଡିଆରେ କରି ଗେଲ
ମହାନ ତ୍ରିରଙ୍ଗା ପତାକାକୁ ନେଇ
ପାଣ୍ଡ୍ୟା ହେଲା କଲବଲ
ପାଶ୍ଚାତ୍ୟକୁ କରି ଫଲୋ
ଆଜିକାଲି ସ୍ୱାମୀ ଗର୍ଲଫ୍ରେଣ୍ଡ ସଙ୍ଗେ
ଚାଟିଂ, ଡେଟିଂ କରେ ଭଲ।

ସଫଳତା ପାଇଁ ସୂର୍ଯ୍ୟ କୁମାର ସ୍ତ୍ରୀ
ଦେଭିଶାଙ୍କୁ ଦେଲା ଶ୍ରେୟ
ଗୋଡ଼ ହାତ ଚଳୁଥିଲେ ଗର୍ଲଫ୍ରେଣ୍ଡ
ଡେଲି ପଚାରିବା ଥୟ
ରଖ ଫ୍ୟୁଚରକୁ ଲୟ
ପରିଣତ ବୟସର ସାଥୀ ପାଇଁ
ଏବେ କର ଜୟ ଜୟ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ Bhubaneswar, Friday, March 20/ 2026



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ମିଟର ଦୌଡ଼ରେ ଅଂଶଗ୍ରହଣ ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶାର ଜୟନ୍ତୀ ବେହେରା (ଡାହାଣରୁ ତୃତୀୟ)। ଫଟୋ: ବିକାଶ ନାୟକ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୫ ପଦକ

**ଜାତୀୟ ପାରା ଆଥଲେଟିକ୍ସ**

**ଭୁବନେଶ୍ୱର,୧୯।୩(ଅନାଦି କର)**

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିନ ଓଡ଼ିଶାର ପାରା ଆଥଲେଟ୍ସମାନେ ୫ ପଦକ ଜିତିଛନ୍ତି। ଏହି ତାଲିକାରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ରହିଛି।

ଓଡ଼ିଶା ପାଇଁ ଜୟନ୍ତୀ ବେହେରା ଓ ଜାନକୀ ଓରାମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ୧୦୦ ମି. ଟି୪୭ ଇଭେଣ୍ଟରେ ୧୩.୧୭ ସେକେଣ୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ୧୦୦ ମି. ଟି୧୨ କାଟେଗୋରୀରେ ଜାନକୀ ଓରାମ ୧୩.୮୧ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପୁରୁଷ ଜାଭେଲିନ ଥ୍ରୋ ଏଫ୍୪୬ ଇଭେଣ୍ଟରେ ରଞ୍ଜିତ ଚଣ୍ଡ ୫୫.୫୫ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ ଅକ୍ତିଆର କରିଛନ୍ତି। ପୁରୁଷ ୧୦୦ ମିଟର ଟି୫୩ ଇଭେଣ୍ଟରେ କମଳାକାନ୍ତ ନାୟକ ୨୦.୮୯ ସେ. ଟାଇମିଂ ସହ ବ୍ରୋଞ୍ଜ ପଦକ ହାତେଇଛନ୍ତି। ମହିଳା ୧୦୦ ମି. ଟି୩୩ ଇଭେଣ୍ଟରେ କବିତା ପ୍ରବାହୁଏ ୧୬.୦୫ ସେ. ଟାଇମିଂ ସହ ରୌପ୍ୟ ପଦକ ଅର୍ଜନ କରିଛନ୍ତି।



କବିତା ପ୍ରବାହୁଏ ଓ ଜାନକୀ ଓରାମ।

# କଳିଙ୍ଗରେ ହେବ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ

**ନୂଆଦିଲ୍ଲୀ,୧୯।୩(ପି.ଟି.)**

ଆସନ୍ତା ୨୦୨୮ରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଗୁରୁବାର ଭାରତକୁ ଆୟୋଜନ ଅଧିକାର ଦିଆଯାଇଛି। ପୋଲାଣ୍ଡର ତୋରୁନଠାରେ ବସିଥିବା କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତକୁ ୨୦୨୮ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ଅଧିକାର ଦିଆଯାଇଥିବା ଡବ୍ଲ୍ୟୁଏ ଉପସଭାପତି ଆଦିଲ ସୁମରିୱାଲା କହିଛନ୍ତି।

ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ଲାଗି ଚଳିତ ବର୍ଷ ଏଏଫ୍‌ଆଇ(ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ବିଡ୍ ଦାଖଲ କରାଯାଇଥିଲା। ୱାର୍ଲ୍ଡ ଆଥ୍‌ଲେଟିକ୍ସର ଏକ ଦୁଇ ଜଣିଆ ଦଳ ଗତ ଜାନୁଆରୀରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଥିବା ଷ୍ଟେଟ୍-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲା। ସେହିଭଳି ସୁମରିୱାଲାଙ୍କ ସହ ଡବ୍ଲ୍ୟୁଏ କାଉନ୍‌ସିଲ ସଦସ୍ୟ, ଏଏଫ୍‌ଆଇର ପୂର୍ବତନ ସଭାପତି ଏବଂ ଓଡ଼ିଶା ସରକାରଙ୍କ ଜଣେ ଅଧିକାରୀ ପୋଲାଣ୍ଡ ଗସ୍ତ କରିଥିଲେ। ଏଥିପୂର୍ବରୁ ନ୍ୟୁଜିଲାଣ୍ଡ ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲା। ଏ ସମ୍ପର୍କରେ ଏଏଫ୍‌ଆଇର ପୂର୍ବତନ ସମ୍ପାଦକ ରବୀନ୍ଦର ଚୌଧାରୀ କହିଛନ୍ତି, ଭାରତ ଆୟୋଜନ ଦୌଡ଼ରେ ଥିବାରୁ ଆମକୁ ଆୟୋଜକ ସହର ବାଛିବା ନିଷ୍ପତ୍ତିରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ପରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିବା ଘୋଷଣା କରାଯାଇଥିଲା। ଏହା ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଆଥଲେଟ୍‌ଙ୍କ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ଦର୍ଶାଉଛି।

ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ମୁଖ୍ୟତଃ ୨୬ଟି ଇଭେଣ୍ଟ ଅନୁଷ୍ଠିତ ହୁଏ। ୩ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ୧୩ଟି ଲେଖାଏ ଇଭେଣ୍ଟ ହେବ। ପୋଲାଣ୍ଡରେ ହେବାକୁ ଥିବା ଚଳିତ ସଂସ୍କରଣରେ ପ୍ରଥମ ଥର ପାଇଁ ୪X୪୦୦ ମି. ମିକ୍ସଡ୍ ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସାମିଲ ଥିବା ୧୩ଟି ଇଭେଣ୍ଟ ହେଲା ୬୦ମି., ୪୦୦ ମି., ୮୦୦ ମି., ୧୫୦୦ ମି., ୩୦୦୦ ମି., ୬୦ ମି. ହର୍ଡଲ୍, ୪X୪୦୦ ମି. ରିଲେ, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ହେପ୍ଟାଥଲନ (ମହିଳାଙ୍କ ପାଇଁ ପେଣ୍ଟାଥଲନ)।

୨୦୨୪ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ଷ୍ଟେଟ-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମଠାରେ ୨୦୨୮ ଏସିଆନ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାର ଯୋଜନା ରହିଛି। ଏଥିଲାଗି ଏସିଆନ ଆଥ୍‌ଲେଟିକ୍ସ ଆସୋସିଏଶନ (ଏଏଏ)ର ଦୁଇ ଜଣିଆ ପ୍ରତିନିଧି ଦଳ ଗତ ମାସରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ଆସନ୍ତା ୨୪ ଓ ୨୫ରେ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଇନ୍‌ଡୋର ଆଥ୍‌ଲେଟିକ୍ସ କେନ୍ଦ୍ରରେ ୨୦୦ ମିଟର ସିନ୍ଥେଟିକ୍ ଟ୍ରାକ, ୮୦ ମିଟର ସହିତ ୨୦ ମି. ରନିଂ ଟ୍ରାକ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ, ଶଟ ପୁଟ୍ ଇଭେଣ୍ଟ ଲାଗି ନିର୍ଦ୍ଦିଷ୍ଟ ଅଞ୍ଚଳ ରହିଛି।



# ଆୟର୍ଲାଣ୍ଡରେ ଟି୨୦ ସିରିଜ ଖେଳିବ ଭାରତ

**ନୂଆଦିଲ୍ଲୀ,୧୯।୩**

ବିଶ୍ୱ ଚାମ୍ପିୟନ ଭାରତ, ଇଂଲଣ୍ଡରେ ଧଳା ବଲ ସିରିଜ୍ ଖେଳିବା ପୂର୍ବରୁ ଆସନ୍ତା ଜୁନରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ଆୟର୍ଲାଣ୍ଡର ଡାଇରେକ୍ଟର ଅଫ୍ ହାଇ ପରଫମାନ୍ସ ଗ୍ରାହାମ ୱେଷ୍ଟ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ଏହାପରେ ପଲ ଷ୍ଟର୍ଲିଙ୍ଗ ଆୟର୍ଲାଣ୍ଡ ଟି୨୦ ଦଳର ଅଧିନାୟକ ପଦରୁ ଓହରି ଯାଉଥିବା ସେ ଘୋଷଣା କରିଛନ୍ତି। ଆଗାମୀ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜ ଜୁନ ୨୦ ତାରିଖରେ ଶେଷ ହେବ। ଏହାପରେ ଭାରତ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଇଂଲଣ୍ଡ ଟୁର କରିବ। ଏହି ଟୁରରେ ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ସାମିଲ ରହିଛି। ଭାରତ ଗତ ୭ ବର୍ଷମଧ୍ୟରେ ଚତୁର୍ଥଥର ପାଇଁ ୨୦୨୩, ୨୦୨୨ ଓ ୨୦୧୮ରେ ଆୟର୍ଲାଣ୍ଡ ଟୁର କରିବାକୁ ଯାଉଛି। ୨୦୨୮ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଷ୍ଟର୍ଲିଂଙ୍ଗ ଟି୨୦ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଏଥିଯୋଗୁ ଦଳକୁ ନୂଆ ଅଧିନାୟକ ଓ ନୂଆ ଷ୍ଟ୍ରାଟେଜୀ ଦରକାର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଷ୍ଟର୍ଲିଙ୍ଗ ଦଳର ନେତୃତ୍ୱ ଛାଡ଼ିଛନ୍ତି। ହେଲେ ସେ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେବା ଜାରି ରଖିବେ।

# ମୁନି ଦିଲ୍ଲୀର ଫିଲ୍ଡିଂ କୋଚ୍

**ମୁମ୍ବାଇ,୧୯।୩:** ଆୟର୍ଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଜନ ମୁନିଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରିଛି। ତାଙ୍କ ପୂର୍ବରୁ ଆଷ୍ଟନ ରୌକ୍ସ ଓ ଜ୍ଞାନେଶ୍ୱରନ ରାଓ ଏହି ଦାୟିତ୍ୱରେ ଥିଲେ। ୪୪ ବର୍ଷୀୟ ମୁନି ମୁଖ୍ୟ କୋଚ୍ ହେମଙ୍ଗ ବଦାନୀଙ୍କ ନେତୃତ୍ୱରେ ଓ ବୋଲିଂ କୋଚ୍ ମୁନାଫ ପଟେଲ ଓ ବ୍ୟାଟିଂ କୋଚ୍ ଇଆନ ବେଲଙ୍କ ସହ କାର୍ଯ୍ୟ କରିବେ। ୪୪ ବର୍ଷୀୟ ମୁନି ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଓ ଆଫଗାନିସ୍ତାନ ଭଳି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।

# ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ**





ଅନୁରାଗ ଷଡ଼ଙ୍ଗୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖମ୍ରି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ ଷ୍ଟୋର୍ଟିଂକୁ ୮୭ ରନରେ ହରାଇ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୪୦ ଓଭରରେ ୭ ଉଇକେଟ ହରାଇ ୨୬୦ ରନ କରିଥିଲା। ଶତକ ହାସଲକାରୀ ଅନୁରାଗ ଷଡ଼ଙ୍ଗୀ ୯୭ ବଲରୁ ୧୦୮ ରନ ସ୍କୋର କରିଥିଲେ। ହିମାଂଶୁ ବିସ୍ୱ ୫୧ ଓ ରମଣୀ ଜେନା ୪୫ ରନ କରିଥିଲେ। ବିପକ୍ଷ ବୋଲର ଏସ୍‌କେ ନକିବ ଓ ରିତେଶ ପ୍ରିୟରଞ୍ଜନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ଷ୍ଟୋର୍ଟିଂ ୨୮.୩ ଓଭରରେ ୧୭୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଦ୍ୟାଧର ବେହେରା ୩୫ ଓ ଦେବାଶିଷ ସାମନ୍ତରାୟ ୩୨ ରନ କରିଥିଲେ। ବିଜୟୀ ଦଳର ସାଇ ପ୍ରିୟାଂଶ ପଟ୍ଟନାୟକ ୪ଟି ଏବଂ ଚନ୍ଦ୍ରାଂଶୁ, ପ୍ରତୀପ ଓ ଅଭିନବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବନ୍ଧନ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ନିଯୁକ୍ତ

**ୱାର୍ଲ୍ଡ ସ୍କ୍ୱାଶ ପ୍ରିମିୟର**

ନୂଆଦିଲ୍ଲୀ, ୧୯।୩ (ପି.ଟି.): ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏକ ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଘୋଷାଲ ଭାରତର ଏକମାତ୍ର ପୁରୁଷ ଖେଳାଳି ଭାବେ ପିଏସ୍‌ଏ (ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ) ୱାର୍ଲ୍ଡ ର‍୍ୟାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିପାରିଛନ୍ତି। ସେ ୧୧ଟି ଟାଇଟଲ, ଏସିଆନ ଗେମ୍ସ ପଦକ ଜିତିପାରିଛନ୍ତି। ସେ ଆଗୁରି ମଧ୍ୟ ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ (ପିଏସ୍‌ଏ) ପୁରୁଷ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶ (ଡବ୍ଲ୍ୟୁପିଏସ୍)ସ୍ପୋର୍ଟ୍ସ କମିଶନର ଭାବେ ଘୋଷାଲ ଲିଗ୍‌ର ସମ୍ପୂର୍ଣ୍ଣ ଖେଳ ଢାଞ୍ଚା ପ୍ରସ୍ତୁତ କରିବା ସହ ତାହାର ଦେଖାଚାହାଁ କରିବେ। ଏହାଛଡ଼ା ସେ ଖେଳାଳି ଯୋଗ୍ୟତା ପଥ ଏବଂ ଖେଳ ପରିଚାଳନା ମାନଦଣ୍ଡ ପ୍ରସ୍ତୁତ କରିବେ। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶର ଉଦ୍‌ଘାଟନୀ ସଂସ୍କରଣ ଅଗଷ୍ଟ ମାସରେ ହେବ। ଡବ୍ଲ୍ୟୁପିଏସ୍ ହେଉଛି ଏକ ଏଲିଟ୍ ପ୍ରଫେଶନାଲ ପ୍ରତିଯୋଗିତା। ଏଥିରେ ମଲ୍ଟି ମୋଡାଲ ଏଆଇ ବ୍ୟବହାର କରାଯାଉଛି। ଲିଗ୍‌ରେ ଗ୍ରିଡ୍ ଖେଳାଳି ଓ ୮ଏଲିଟ୍ ପ୍ରଫେଶନାଲ ସମେତ ୨୪ ଖେଳାଳି ଭାଗ ନେବେ।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ